# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁନ୍ ୫/୨୦୧୯ (୨୦ ପୃଷ୍ଠା) | Bhubaneswar, Wednesday, June 5/2019 | ★★★★★★

୪୫ଶ ଭାଗ ୧୯୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## କୋଣ୍ଟା ସେମିଫାଇନାଲରେ
ଦୀର୍ଘ ୩୭ ବର୍ଷ ବ୍ୟବଧାନରେ ଜୋହାନା କୋଣ୍ଟା ବ୍ରିଟିଶ ମହିଳା ଖେଳାଳି ଭାବେ ଫ୍ରେଞ୍ଚ ଓପନ ଟେନିସ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

୧୯

୦୮

## ‘ସୂର୍ଯ୍ୟବଂଶୀ’ରେ ଅକ୍ଷୟ କୁମାରଙ୍କ ଷ୍ଟଣ୍ଟ୍
ବଲିଉଡ୍ ଷ୍ଟାର ଅକ୍ଷୟ କୁମାର ବର୍ତ୍ତମାନ ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକ୍‌ରେ ‘ସୂର୍ଯ୍ୟବଂଶୀ’ରେ ଷ୍ଟଣ୍ଟ୍ ଶୁଟିଂରେ ବ୍ୟସ୍ତ ।



ଅରୁଣ ସାହୁ ହେଲେ ତ୍ରିନିଦାଦ୍, ଟବାଗୋରେ ଭାରତର ରାଷ୍ଟ୍ରଦୂତ





ମୃତ୍ୟୁଞ୍ଜୟ ମହାପାତ୍ର ଆଇଏମ୍‌ଡି ମୁଖ୍ୟ

୩

ଆଇସିସି ବିଶ୍ୱକପ୍: ଭାରତର ଅଭିଯାନ ଆଜିଠାରୁ

୧୯

**ଆଜିର ସମ୍ପାଦକୀୟ**

### ଭୁଶୁଡ଼ିଲା ମେଣ୍ଟ

**ଆଜିର ମନ୍ତବ୍ୟ**

“ଜେଡିୟୁ ଅଧ୍ୟକ୍ଷ ନୀତୀଶ କୁମାର ବିରୋଧୀ ମହାମେଣ୍ଟକୁ ଫେରିଲେ କିଛି ଆପତ୍ତି ନାହିଁ।
-ରାବ୍ରୀ ଦେବୀ, ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ


04.06.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 104 | 163 | 173 |
| CTC | 104 | 163 | 173 |
| DKL | 102 | 161 | 171 |
| BDK | 102 | 161 | 171 |
| BLS | 102 | 161 | 171 |
| ANG | 102 | 161 | 171 |

*Conditions Apply

Eggs Retail Price- 39/-Dozen
Issued in the Interest of Consumers


# ଘାତକ ହେଉଛି ସହରାଞ୍ଚଳ ପ୍ରଦୂଷଣ

- ଉଦ୍‌ବେଗ ପ୍ରକାଶ କଲେ ଏନ୍‌ଜିଟି
- ଦୀର୍ଘ ମିଆଦୀ ଯୋଜନା କରିବାକୁ ନିର୍ଦ୍ଦେଶ
- ପ୍ରଦୂଷଣ ବଳୟରେ ୬ ସହର
- ଭୁବନେଶ୍ୱର ଆଗରେ
- ରୋକିବାକୁ ପ୍ରସ୍ତୁତ ହେଲା ଆକ୍ସନ ପ୍ଲାନ



ଭୁବନେଶ୍ୱର, ୪।୬(ବ୍ୟୁରୋ)

ବଡ଼ ବଡ଼ ସହରରେ ଏବେ ନିଃଶ୍ୱାସ ପ୍ରଶ୍ୱାସ ନେବା ପ୍ରାଣଘାତକ ହେଲାଣି। ସହରାଞ୍ଚଳରେ ଆଉ ବିଶୁଦ୍ଧ ବାୟୁ ଟିକେ ମିଳିବ ନାହିଁ। ହୁ ହୁ ହୋଇ ବୃଦ୍ଧି ପାଉଥିବା ମୋଟର ଯାନ ବ୍ୟବହାର ଶ୍ୱାସ ରୁଦ୍ଧି ଦେଲାଭଳି ପରିସ୍ଥିତି ସୃଷ୍ଟି କଲାଣି। ନିକଟରେ ରାଜଧାନୀ ଦିଲ୍ଲୀରେ ଅତ୍ୟଧିକ ବାୟୁ ପ୍ରଦୂଷଣକୁ ନେଇ ସମଗ୍ର ଦେଶରେ ଚର୍ଚ୍ଚା ହୋଇଥିଲା। କେବଳ ଦିଲ୍ଲୀ ନୁହେଁ ଦେଶର ୧୦୨ଟି ସହର ପ୍ରଦୂଷଣର ବିଷାକ୍ତ ବଳୟ ମଧ୍ୟକୁ ଚାଲି ଯାଇଛି। ଓଡ଼ିଶାର କେତେକ ସହର ମଧ୍ୟ ଏଥିରୁ ବାଦ ପଡ଼ି ନାହାନ୍ତି। ଯାନବାହନ, ଶିଳ୍ପାଞ୍ଚଳ, କଠିନ ବର୍ଜ୍ୟବସ୍ତୁ ପୋଡ଼ିବା ପରେ ସେଥିରୁ ନିର୍ଗତ ଧୂଆଁ ଯୋଗୁ ସହରାଞ୍ଚଳରେ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଉଛି। ରାଜ୍ୟର ଭୁବନେଶ୍ୱର ସମେତ କଟକ, ଅନୁଗୋଳ, ତାଳଚେର, ବାଲେଶ୍ୱର ଏବଂ ରାଉରକେଲା ଆଦି ୬ଟି ସହର ପ୍ରଦୂଷଣ ଜ୍ୱାଳାରେ ଛଟ ପଟ ହେଉଛି। ସେଣ୍ଟର ଫର ସାଇନ୍ସ ଆଣ୍ଡ ଏନଭାଇରନ୍‌ମେଣ୍ଟ ଦ୍ୱାରା କରାଯାଇଥିବା ସର୍ଭେରୁ ଏଭଳି ତଥ୍ୟ ପଦାକୁ ଆସିଛି।

ସମଗ୍ର ଦେଶରେ ସହରାଞ୍ଚଳର ପରିବେଶକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର କିମ୍ବା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼(ଏସ୍‌ପିସିବି) ଏ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେଉ ନ ଥିବାରୁ ଗୋଟିଏ ପରେ ଗୋଟିଏ ସହର ପ୍ରଦୂଷଣ ବଳୟ ଭିତରକୁ ଚାଲି ଯାଉଛି। ସାଧାରଣତଃ ବାୟୁରେ ୧୦ମାଇକ୍ରନରୁ କମ୍ ଧୂଳିକଣା ଓ ପ୍ରଦୂଷିତ ଦ୍ରବ୍ୟ ରହିବା କଥା। ମାତ୍ର ଏହି ସହରାଞ୍ଚଳଗୁଡ଼ିକରେ ଯଥେଷ୍ଟ ଅଧିକ ରହିଛି। ସୂଚନାନୁଯାୟୀ ଭୁବନେଶ୍ୱରରେ ବାୟୁ ପ୍ରଦୂଷଣ ହାର ୩୬% ଅଧିକ ଥିବାବେଳେ ଅନୁଗୋଳ ୨୮, କଟକ ୨୭, ରାଉରକେଲା ୪୧ ଏବଂ ତାଳଚେର ୪୫ % ରହିଛି। ☞ପୃଷ୍ଠା–୧୬

## ଅଙ୍ଗାରକାମ୍ଳଠାରୁ ୩୪ ଗୁଣ ଖରାପ ପ୍ରଭାବ ପକାଇଛି ମିଥେନ

କଟକ ଅଫିସ,୪।୬

ପ୍ରାକୃତିକ ବିବର୍ତ୍ତନ ଓ ପରିବେଶ ଅସନ୍ତୁଳନ ଏବେ ଜୀବଜଗତ ପ୍ରତି ଭୟଙ୍କର ବିପଦକୁ ଆମନ୍ତ୍ରଣ କରୁଛି। ସମ୍ପ୍ରତି ଫନୀକୁ ଦେଖିଲେ ଏହି ବାତ୍ୟା ଅନେକ ବାଲି ଓ ବାଲିକଣା ବୋହି ଆଣିଛି। ଏହି ବାଲିକଣାରେ ଅଙ୍ଗାରକାମ୍ଳ, ମିଥେନ ଭଳି ମାରାତ୍ମକ ପଦାର୍ଥ ଭରି ରହିଛି, ଯାହା ଜୀବଜଗତ ପାଇଁ ଅଭୂତ କ୍ଷତି ପହଞ୍ଚାଉଛି ବୋଲି ପରିବେଶ ବିଜ୍ଞାନୀମାନେ ଆକଳନ କରିଛନ୍ତି। ଜାତୀୟ ଧାନ ଗବେଷଣା କେନ୍ଦ୍ରର ପ୍ରାକ୍ତନ ପ୍ରଧାନ ବୈଜ୍ଞାନିକ ଡ. ସଂଗ୍ରାମ କେଶରୀ ନାୟକ କୁହନ୍ତି, ସମ୍ପ୍ରତି ବିଶ୍ୱରେ ୯୨ ପ୍ରତିଶତ ଲୋକ ସୁସ୍ଥ ବାୟୁ ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରିକି ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ବିଶ୍ୱ ଅର୍ଥନୀତିକୁ ପ୍ରତିବର୍ଷ ୫ ଟ୍ରିଲିୟନ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଗୃହପାଳିତ ପଶୁ ଯଥା ଛେଳି, ମେଣ୍ଢା, ଗାଈ ଓ ମଇଁଷି ଆଦି ପ୍ରାଣୀ ଖାଦ୍ୟ ପାଚନକ୍ରିୟା ସମୟରେ ସେଥିରୁ ମିଥେନ ନିର୍ଗତ ହୋଇଥାଏ। ଏହାବାଦ ଧାନକ୍ଷେତରୁ ମଧ୍ୟ ମିଥେନ ବାହାରୁଥିବାବେଳେ ତାହା ସବୁଜ ବଳୟ ଜରିଆରେ ପରିବେଶକୁ ପ୍ରଭାବିତ କରୁଛି। ଗତ ୧୦୦ ବର୍ଷ ମଧ୍ୟରେ ଅଙ୍ଗାରକାମ୍ଳଠାରୁ ମିଥେନ ୩୪ ଗୁଣ ଭୟଙ୍କର ଖରାପ ପ୍ରଭାବ ବାୟୁମଣ୍ଡଳ ଉପରେ ପକାଇଛି। ସମ୍ପ୍ରତି ସମଗ୍ର ବିଶ୍ୱର ୧୯୩ ଦେଶ ମଧ୍ୟରୁ ୧୬୬ ଦେଶ ସହରାଞ୍ଚଳ ଆବର୍ଜନା ଓ ଶସ୍ୟ କ୍ଷେତକୁ ପୋଡୁଛନ୍ତି। ଫଳରେ ଏଥିରୁ ମିଥେନ ନିର୍ଗତ ହୋଇ ବାୟୁମଣ୍ଡଳକୁ ପ୍ରଦୂଷିତ କରୁଛି। ଏହିସବୁ ଆବର୍ଜନା କିମ୍ବା ଧାନ କ୍ଷେତ (ନଡ଼ା)କୁ ପୋଡ଼ିବା ଅନୁଚିତ। ☞ପୃଷ୍ଠା–୧୬

**ବିଷ ବଳୟରେ ବାୟୁମଣ୍ଡଳ**
- ଫନୀ ଦ୍ୱାରା ପ୍ରଦୂଷିତ ହୋଇଛି ବାୟୁମଣ୍ଡଳ
- ବିଶ୍ୱର ୯୨% ଲୋକ ସୁସ୍ଥ ବାୟୁ ପାଇବାରୁ ବଞ୍ଚିତ
- ବାୟୁ ପ୍ରଦୂଷଣ ରୋକିବାକୁ ପ୍ରତିବର୍ଷ ୫ ଟ୍ରିଲିୟନ ଟଙ୍କା ଖର୍ଚ୍ଚ ହେଉଛି

■ ବଦଳିବ ଜମ୍ମୁ-କଶ୍ମୀର ନିର୍ବାଚନୀ ମାନଚିତ୍ର

# ସୀମା ପୁନଃ ନିର୍ଦ୍ଧାରଣ ପାଇଁ ଶାହଙ୍କ ମନ୍ତ୍ରଣା

- ସ୍ୱରାଷ୍ଟ୍ରମନ୍ତ୍ରୀ- ରାଜ୍ୟପାଳଙ୍କ ରୁଦ୍ଧଦ୍ୱାର ବୈଠକ
- ଜମ୍ମୁ ଅଞ୍ଚଳକୁ ମିଳିବ ଅଧିକ ପ୍ରତିନିଧିତ୍ୱ
- ହିନ୍ଦୁ ମୁଖ୍ୟମନ୍ତ୍ରୀ ନିଯୁକ୍ତି ପାଇଁ ପରିଷ୍କାର ହେବ ପଥ

ନୂଆଦିଲ୍ଲୀ, ୪।୬ (ଆଇଏଏନ୍‌ଏସ୍)

ରାଷ୍ଟ୍ରପତି ଶାସନ ଅଧୀନରେ ଥିବା ଜମ୍ମୁ-କଶ୍ମୀରରେ ଆରମ୍ଭ ହୋଇଛି କେନ୍ଦ୍ରର ଦ୍ୱିତୀୟ ପାଳି ମୋଦି ସରକାରଙ୍କ ନୂଆ ପ୍ରୟୋଗ। ଉପତ୍ୟକାର ପୁନଃ ସୀମା ନିର୍ଦ୍ଧାରଣ ଲାଗି ଚାଲିଛି ମନ୍ତ୍ରଣା। ଗଢ଼ାହେବ ନୂଆ ଡିଲିମିଟେଶନ୍ କମିଶନ। ଜମ୍ମୁକୁ ମିଳିବ ଅଧିକ ପ୍ରତିନିଧିତ୍ୱ ଓ ରାଜ୍ୟରେ ହିନ୍ଦୁ ମୁଖ୍ୟମନ୍ତ୍ରୀ ନିଯୁକ୍ତି ପାଇଁ ପରିଷ୍କାର ହେବ ପଥ। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ, ଜମ୍ମୁ-କଶ୍ମୀର ରାଜ୍ୟପାଳ ସତ୍ୟପାଲ ସିଂ ଏବଂ ଗୋଇନ୍ଦା ବ୍ୟୁରୋ (ଆଇବି) ମୁଖ୍ୟ ରାଜୀବ ଜୈନ ଏଥିଲାଗି ବିଚାରବିମର୍ଶ କରିଥିବା ଜଣାପଡ଼ିଛି। ☞ପୃଷ୍ଠା–୧୬

## ଭୁବନେଶ୍ୱର କ୍ଲବ ସୁଇମିଂ ପୁଲ୍‌ରେ ବୁଡ଼ି ଯୁବକ ମୃତ

ଭୁବନେଶ୍ୱର, ୪।୬(ବ୍ୟୁରୋ)

କ୍ୟାପିଟାଲ ଥାନା ଅନ୍ତର୍ଗତ ଭୁବନେଶ୍ୱର କ୍ଲବ୍‌ରେ ମଙ୍ଗଳବାର ସକାଳେ ଏକ ଦୁଃଖଦ ଘଟଣା ଘଟିଛି। କ୍ଲବ୍‌ର ସୁଇମିଂ ପୁଲ୍‌ରେ ପହଁରା ଶିଖୁଥିବାବେଳେ ଜଣେ ଯୁବକ ବୁଡିଯାଇଛନ୍ତି। ମୃତ ଯୁବକ ହେଲେ ଖଣ୍ଡଗିରି ଡୁମୁଡୁମା ଅଞ୍ଚଳର ସନ୍ଦିପ ସାହୁ(୧୮)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ସୁଇମିଂପୁଲ୍ ଦାୟିତ୍ୱରେ ଥିବା ଟ୍ରେନରଙ୍କୁ ☞ପୃଷ୍ଠା–୯




# !!! ADMISSION OPEN !!!

## We are Proud of our Toppers



**ISHITA** 95% 12th CBSE Board Exam. - 2019



**AKANKHYA** 96% 10th CBSE Board Exam. - 2019



**SASHANKA** 539 +2 CHSE BOARD Exam. - 2019

## TSG Gurukul *The Best Residential School*

- Excellent faculties • Tutorial • IIT-JEE(M & A), NEET (Medical), CPT & Clat Coaching in collaboration with national organisation of repute.
- Special care for weaker students • State-of-the-art infrastructure & spreaded over in 5 acres of land. • Separate hostel for Boys & Girls • Doting care-takers for teen agers. • In-house medical facilities
- Veg & Non-veg food. • Homely atmosphere & 24 × 7 Security
- Moral teaching, Spoken English, Personality development.
- The entire campus is under CC TV Surveillance.
- Dance, Music, Gym, Yoga, various sports, Horse riding and life skill programmes etc.

## TSG gurukul REGULAR PROGRAMME

**CBSE affiliated**
LKG to XII(Sc. & Com.)
*(With integrated Medical, Engineering / CPT, CLAT Coaching)*

**CHSE affiliated**
Std. 6th to +2 (Sc. & Com.)
*(With integrated Medical, Engineering / CPT, CLAT Coaching)*

**Utkal University affiliated**
+3 Sc. & Com. (Hons.)

**B.Sc. Nursing** - 50 Seats

**BPT (Physiotherapy)** - 40 Seats

## ADMISSION — Exclusive offer for Meritorious Students

| | | |
|---|---|---|
| XI (Sc. & Com.) | CBSE/ICSE 10th 96%- & above | Rs. 1,20,000/- |
| +2 (Sc. & Com.) | BSE 10th 86% & above | Rs. 1,00,000/- |
| +3 (Sc. & Com.) | CHSE +2 Sc. 76% & above | Rs. 1,00,000/- |
| | CHSE +2 Com. 66% & above | Rs. 1,00,000/- |

(Which includes annually Hostel, Fooding + School Fee + Tution + Integrated Coaching Fees)

## Sai Saburi Nursing & Health Science College



Puranpadhan, Balakati, BBSR



The Paramedics Programme are collaborated with Sai Saburi Hospital Pvt. Ltd.
A 100-Beded Multi-speciality Hospital

## 2019-20 upcoming Paramedic Programme

**Graduate Programme :**

- B.Sc. Optometry
- B.Sc. Medical Lab Technology
- B.Sc. Medical Imaging Technology
- B.Sc. in Emergency Medicine
- B.Sc. in Anesthesia Technology

Eligibility : +2 Science

**Certificate Course :**

- Ophthalmic Assistant
- Surgical Assistant
- OT Technicians, Neuro Technician
- ECG Technicians, EEG Technicians
- EMG Technicians, Ward Technician
- First Aid & Other Certificate Courses

Eligibility : 10th Pass



## TSG GROUP OF INSTITUTIONS

Campus : 444, Gothapatna, Malipada, Khandagiri, Bhubaneswar, E.mail ID : tsggurukul@gmail.com,
Website : netsgurukul.com, Contact : 9438782020 / 9040090653 / 9777441650/8249316216
Town Bus No. - 30 in frequently coming from Railway Station-Via-Fire Station - Via-Sum Hospital to our TSG Gurukul Campus



FREE CRASH COURSE For Best Result

କୌଣସି କାରଣରୁ ଦଶମ କିମ୍ବା ଦ୍ୱାଦଶ ପରୀକ୍ଷାରୁ ବଞ୍ଚିତ/ଅକୃତକାର୍ଯ୍ୟ ହୋଇଛନ୍ତି କି ?

## JOIN & APPEAR - 2019-20

**International Educational Board Certificates Approved by Ministry of HRD, Govt. of India.**

**For 9th, 10th, 11th & 12th(Sc./Com./Arts)**

at par with CBSE/All State Boards equivalent

Final Exam. in month of March - 2020 / on demand. Exam. June - 2020

City Office : Plot No. 116-A, Surya Nagar, Near Governor house, Near NEXA Show room, Bhubaneswar, Ph. No. : 9438782020 / 9040090653

## EXAMINATION NOTICE — For the Session - 2018 - 19

## NORTHWEST ACCREDITATION COMMISSION(NWAC), USA

### JUNE - 2019 on Demand Exam. Schedule

**THEORY EXAMINATION SCHEDULE FOR GRADE 10(SECONDARY) : SESSION 2018-19**

| DAY & DATE | SUBJECT CODE | SUB. NAME |
|---|---|---|
| 7th June 2019 | (PE1003) | Phy. Edu. |
| 8th June 2019 | (EN1001) | English |
| 10th June 2019 | (ES1002) | (Env. Studies) |
| 11th June 2019 | (SC1005) | Science |
| 12th June 2019 | (SS1006) | Social Science |
| 13th June 2019 | (ME1004) | Mathematics |
| 14th June 2019 | | All Regional Languages |

Exam. time : 10.30AM – 01.30PM

**PRACTICAL & VIVA EXAMINATION SCHEDULE**

| | | |
|---|---|---|
| 9th June 2019 | (PPE1003) | Physical Education |
| | (PSC1005) | Science |

Exam. time : 10.30AM – 01.30PM

**THEORY EXAMINATION SCHEDULE FOR HIGH SCHOOL DIPLOMA(SR. SECONDARY) : SESSION 2018-19 (SCIENCE)**

| DAY & DATE | SUBJECT CODE | SUBJECT NAME |
|---|---|---|
| 7th June 2019 | (ES1202) | Envi. Studies |
| | (EN1201) | English |
| 8th June 2019 | (PE1203) | Phy. Education |
| | | All Regional Languages |
| 10th June 2019 | (PH1204) | Physics |
| 11th June 2019 | (CH1205) | Chemistry |
| 12th June 2019 | (BI1206) | Biology |
| 13th June 2019 | (ME1207) | Mathematics |
| 14th June 2019 | (CS1214) | Comp. Science |

**THEORY EXAMINATION SCHEDULE FOR HIGH SCHOOL DIPLOMA(SR. SECONDARY) : SESSION 2018-19 (COMMERCE)**

| DAY & DATE | SUBJECT CODE | SUBJECT NAME |
|---|---|---|
| 7th June 2019 | (ES1202) | Envi. Studies |
| | (EN1201) | English |
| 8th June 2019 | (PE1203) | Phy. Education |
| | | All Regional Languages |
| 10th June 2019 | (EC1208) | Economics |
| 11th June 2019 | (BS1209) | B. Studies |
| 12th June 2019 | (BS1210) | Accountancy |
| 13th June 2019 | (ME1207) | Mathematics |
| 14th June 2019 | (CS1214) | Comp. Science |

Exam. time : 10.30AM – 01.30PM, 02.00PM - 05.00 PM

**PRACTICAL & VIVA EXAMINATION SCHEDULE : 9th June 2019(Sunday)**

PE1003 - Physical Education, PPH1204 - Physics, PBI1206 - Biology, PCH1205 - Chemistry, PCS1214 - Computer Science, PHS1215 - Home Science




# ଓଡ଼ିଆ ଆଇଏଫ୍‌ଏସ୍ ଅଫିସର ତ୍ରିନିଦାଦ୍, ଟବାଗୋରେ ଭାରତର ରାଷ୍ଟ୍ରଦୂତ

**ନୂଆଦିଲ୍ଲୀ,୪।୬**



ଭାରତୀୟ ବୈଦେଶିକ ସେବା (ଆଇଏଫ୍‌ଏସ୍)ର ବରିଷ୍ଠ ଅଧିକାରୀ ତଥା ଓଡ଼ିଆ ଅଫିସର ଅରୁଣ ସାହୁ ତ୍ରିନିଦାଦ୍, ଟବାଗୋରେ ଭାରତର ରାଷ୍ଟ୍ରଦୂତଭାବେ ମଙ୍ଗଳବାର ନିଯୁକ୍ତି ପାଇଛନ୍ତି। ଜଣେ ବରିଷ୍ଠ କୂଟନୀତିଜ୍ଞ, ଲେଖକ ଓ କଥାକାରଭାବେ ପରିଚିତ ୧୯୯୬ ବ୍ୟାଚ୍ ଆଇଏଫ୍‌ଏସ୍ ଅଫିସର ସାହୁ ଏବେ କାନାଡ଼ାରେ ଭାରତର ଡେପୁଟି ହାଇକମିଶନର ଭାବେ କାର୍ଯ୍ୟ କରୁଛନ୍ତି। ପୂର୍ବରୁ ସେ ବହିର୍ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଓ ଆଇସିସିଆର୍‌ର ଉପମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି। ଜଣେ କୂଟନୀତିଜ୍ଞ ଭାବେ ବେଜିଂ, ଲଣ୍ଡନ ଓ ତେହେରାନ୍‌ରେ ସେ ଭାରତୀୟ ଦୂତାବାସରେ କାର୍ଯ୍ୟ କରିଛନ୍ତି। ପ୍ରଖ୍ୟାତ ଓଡ଼ିଆ କବି ବନମାଳୀ ସାହୁ ଓ ସରୋଜିନୀ ସାହୁଙ୍କ ପରିବାରରେ ଜନ୍ମଗ୍ରହଣ କରିଥିବା ଅରୁଣ ଦେବଗଡ଼ ଜିଲାର ପ୍ରଥମ ସର୍ବଭାରତୀୟ ସେବା ଅଧିକାରୀ। ଜଣେ ଭଲ ଲେଖକଭାବେ ମଧ୍ୟ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। 'ଆକାଶର ଲୁହ', 'ଚିରାମଲାଟ'ଭଳି ତାଙ୍କର ଅନେକ କ୍ଷୁଦ୍ର ଗଳ୍ପ ଓଡ଼ିଆ ପାଠକଙ୍କ ମନ ଛୁଇଁପାରିଛି। ମୁଁ ଯେଉଁଠି ଥାଏନା କାହିଁକି ଓଡ଼ିଶା ଓ ଓଡ଼ିଶାର ଲୋକ ମୋ ହୃଦୟରେ ରହିଥିବେ ବୋଲି ସେ କହିଛନ୍ତି।

# ମୃତ୍ୟୁଞ୍ଜୟ ମହାପାତ୍ର ଆଇଏମ୍‌ଡି ମୁଖ୍ୟ

**ନୂଆଦିଲ୍ଲୀ,୪।୬**



ବୈଜ୍ଞାନିକ ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ମଙ୍ଗଳବାର ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି)ର ମୁଖ୍ୟ (ମହାନିର୍ଦ୍ଦେଶକ) ଭାବେ ନିଯୁକ୍ତି ମିଳିଛି। ଏନେଇ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ସେ ୫ ବର୍ଷ ଲାଗି ଏହି ଗୁରୁଦାୟିତ୍ୱରେ ରହିବେ। ଆସନ୍ତା ଅଗଷ୍ଟ ୧ କିମ୍ବା ତା'ପରେ ସେ ପଦଭାର ଗ୍ରହଣ କରିବେ ବୋଲି ଜଣାପଡ଼ିଛି। ଏବେ ସେ ଏହି ବିଭାଗର ଏଡିଜି ଭାବେ କାର୍ଯ୍ୟ କରୁଛନ୍ତି। ମହାପାତ୍ରଙ୍କ ଘର ଭଦ୍ରକ ଜିଲାରେ। ପଦାର୍ଥବିଜ୍ଞାନରେ ସ୍ନାତକୋତ୍ତର ଶେଷ କରିବାପରେ ସେ ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂଗଠନ(ଡିଆରଡିଓ)ରେ ଯୋଗଦେଇଥିଲେ। ଫାଇଲିନ୍, ତିତ୍‌ଲି, ଲୁହ୍ବନା ଆଦି ବାତ୍ୟାର ପଥ ନିର୍ଣ୍ଣୟ କରିବା ଦିଗରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ଶ୍ରଦ୍ଧାରେ 'ସାଇକ୍ଲୋନ୍ ମ୍ୟାନ୍ ଅଫ୍ ଇଣ୍ଡିଆ' ବୋଲି ଡକାଯାଇଥାଏ।

# ଆୟୁଷ୍ମାନ ଯୋଜନା: ଆଭିମୁଖ୍ୟ ପରିବର୍ତ୍ତନ କରିପାରନ୍ତି ରାଜ୍ୟ ସରକାର

**ଭୁବନେଶ୍ୱର,୪।୬(ବ୍ୟୁରୋ)**

ଭାରତ ସରକାରଙ୍କ ଆୟୁଷ୍ମାନ ଯୋଜନାକୁ ନେଇ ରାଜ୍ୟ ସରକାର ନିଜ ପୂର୍ବ ଆଭିମୁଖ୍ୟ ବଦଳାଇବା ଆରମ୍ଭ କରିଛନ୍ତି। ରାଜ୍ୟ ସରକାର ନିଜସ୍ୱ ଯୋଜନା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ସହ ସଂଯୋଗୀକରଣ ପାଇଁ ପ୍ରାଥମିକ ଆଲୋଚନା ହୋଇଛି। ହେଲେ କୌଣସି ଚୂଡାନ୍ତ ନିଷ୍ପତ୍ତି ନିଆଯାଇ ନାହିଁ। ଆୟୁଷ୍ମାନ ଯୋଜନାର କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଇନ୍ଦୁଭୂଷଣ ଏବଂ କେନ୍ଦ୍ରୀୟ ଟିମ୍ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସହ ସଚିବାଳୟରେ ମଙ୍ଗଳବାର ଏ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ରାଜ୍ୟ ପକ୍ଷରୁ ବିଏସ୍‌କେୱାଇର ସବିଶେଷ ବିବରଣୀ ରଖାଯିବା ସହ କେନ୍ଦ୍ରୀୟ ଯୋଜନା ଲାଗୁ କରିବା ପୂର୍ବରୁ କେତେକ ସର୍ତ୍ତ ରଖାଯାଇଛି। ଅନ୍ୟପଟେ ରାଜ୍ୟ ସହ ଆଲୋଚନାକୁ ସକାରାତ୍ମକ କହିବା ସହିତ ଦୁଇଟି ଯୋଜନାର ମିଶ୍ରଣ ନେଇ ଇନ୍ଦୁଭୂଷଣ ଦୃଢ଼ ଆଶା ପୋଷଣ କରିଛନ୍ତି।

ଆୟୁଷ୍ମାନ ଯୋଜନା ଓ ବିଏସ୍‌କେୱାଇ ଉଭୟ ବହୁମୁଖୀ ପ୍ରାଥମିକ ସ୍ୱାସ୍ଥ୍ୟ ସେବାର ଅଙ୍ଗ। ରାଜ୍ୟରେ ପ୍ରଦାନ କରାଯାଉଥିବା ସାର୍ବଜନୀନ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ଜନସାଧାରଣଙ୍କ ପାଇଁ ଜାତୀୟ ସ୍ୱାସ୍ଥ୍ୟ ସଂସ୍ଥା(ଏନ୍‌ଏଚ୍‌ଏ) ଆୟୁଷ୍ମାନ ଯୋଜନା ଲାଗୁ କରିବା ନେଇ ବିଚାର କରୁ ବୋଲି ମୁଖ୍ୟ ଶାସନ ସଚିବ ପାଢ଼ୀ ଗତ ମେ ୩୧ରେ ସିଇଓ ଇନ୍ଦୁଭୂଷଣଙ୍କୁ ଚିଠି ଲେଖି ଜଣାଇଥିଲେ। ଏହା ପୂର୍ବରୁ କେନ୍ଦ୍ର ପକ୍ଷରୁ ମଧ୍ୟ ଯୋଜନା ଲାଗି ନିଷ୍ପତ୍ତି ନେବା ପାଇଁ ରାଜ୍ୟକୁ ଅନୁରୋଧ କରାଯାଇଥିଲା। ତେଣୁ ରାଜ୍ୟ ସରକାର କେତେକ କ୍ଷେତ୍ରରେ ଆୟୁଷ୍ମାନ ଯୋଜନା ଲାଗୁ ନେଇ ସମ୍ମତ ପ୍ରକାଶ କରିପାରନ୍ତି ବୋଲି ଚିଠିରେ ସଙ୍କେତ ଦିଆଯାଇଥିଲା। ରାଜ୍ୟ ପ୍ରଥମେ ଏହି ଯୋଜନାକୁ ଲାଗୁ କରିବା ନେଇ ଅସହମତି ପ୍ରକାଶ କରୁଥିଲା। ହେଲେ ଏବେ ନିଜର ଆଭିମୁଖ୍ୟ କୋହଳ କରିଥିବାରୁ ଏନ୍‌ଏଚ୍‌ଏ ତୁରନ୍ତ ଆଲୋଚନା ପାଇଁ ଓଡ଼ିଶା ଗସ୍ତ କରିଛି। କେନ୍ଦ୍ରୀୟ ଟିମ୍ ସହ ଆଲୋଚନା ପରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ କହିଛନ୍ତି ଯେ, ରାଜ୍ୟରେ ବିଏସ୍‌କେୱାଇ ଯୋଜନା ଜାରି ରହିଛି। ଏହା ଏକ ଫଳପ୍ରଦ ଯୋଜନା। କେନ୍ଦ୍ରୀୟ ଟିମ୍ କେତେକ ପରିବର୍ତ୍ତନ ଓ ନୂଆ ସର୍ତ୍ତ ଆୟୁଷ୍ମାନ ଯୋଜନା ଲାଗୁ ନେଇ ପ୍ରସ୍ତାବ ରଖିଛନ୍ତି। ରାଜ୍ୟ ପକ୍ଷରୁ ନିଜସ୍ୱ ଯୋଜନା ବିଷୟରେ ସିଇଓଙ୍କୁ ଅବଗତ କରାଯାଇଛି। ଏଯାଏ କୌଣସି ନିଷ୍ପତ୍ତି ହୋଇନାହିଁ, ଆଲୋଚନା ପ୍ରାଥମିକ ସ୍ତରରେ ରହିଛି। ପୂର୍ଣ୍ଣ ସହମତି ନେଇ ଆହୁରି ଦୁଇରୁ ତିନି ପର୍ଯ୍ୟାୟ ଆଲୋଚନାର ଆବଶ୍ୟକତା ଥିବା ମୁଖ୍ୟ ଶାସନ ସଚିବ କହିଛନ୍ତି। ସେହିପରି ଆୟୁଷ୍ମାନ ସିଇଓ ଇନ୍ଦୁଭୂଷଣ କହିଛନ୍ତି ଯେ, ଆୟୁଷ୍ମାନ ଯୋଜନା ଦେଶବ୍ୟାପୀ ଏକ ଫଳପ୍ରଦ ଯୋଜନା। ଏହା ଦ୍ୱାରା ଓଡ଼ିଶା ଲାଭବାନ ହୋଇ ପାରିବ। ଏହା ଜାତୀୟସ୍ତରୀୟ ଯୋଜନା ହୋଇଥିବାରୁ ଦେଶର ସାଧାରଣ ନାଗରିକ ସବୁ ସ୍ଥାନରେ ଏହାର ସୁଫଳ ପାଇପାରିବ। ଓଡ଼ିଶାରେ ଏକ ଭଲ ସ୍ୱାସ୍ଥ୍ୟ ଯୋଜନା ଜାରି ରହିଛି। ଏହି ଯୋଜନା ସହ କେନ୍ଦ୍ରୀୟ ଯୋଜନାର ଏକତ୍ରୀକରଣ ନେଇ ପଦକ୍ଷେପ ନିଆଯାଉଛି। ପ୍ରାରମ୍ଭିକ ଆଲୋଚନା ସକାରାତ୍ମକ ରହିଛି। ତେଣୁ ରାଜ୍ୟ ସରକାର ରାଜି ହୋଇଯାଇପାରନ୍ତି ବୋଲି ଇନ୍ଦୁଭୂଷଣ କହିଛନ୍ତି।

## ଏନ୍‌ଏଚ୍‌ଏ-ମୁଖ୍ୟ ଶାସନ ସଚିବଙ୍କ ଆଲୋଚନା

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ ଇନ୍ଦୁଭୂଷଣ

**ଭୁବନେଶ୍ୱର, ୪।୬(ବ୍ୟୁରୋ)**



ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସହ ଆୟୁଷ୍ମାନ ଭାରତ ଯୋଜନାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଇନ୍ଦୁଭୂଷଣ ଆଲୋଚନା କରୁଛନ୍ତି।

କେନ୍ଦ୍ର ସରକାରଙ୍କ 'ଆୟୁଷ୍ମାନ ଭାରତ' ଯୋଜନାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଇନ୍ଦୁଭୂଷଣଙ୍କ ନେତୃତ୍ୱରେ ୫ଜଣିଆ ପ୍ରତିନିଧି ଦଳ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କ ସହିତ ଆଲୋଚନା କରିଛନ୍ତି। ସଚିବାଳୟଠାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା।

ଆଲୋଚନା ପରେ ମନ୍ତ୍ରୀ କହିଛନ୍ତି, ଆମ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦେଶର ସବୁଠାରୁ ଭଲ ଯୋଜନା। ଆୟୁଷ୍ମାନ ଭାରତ ଯୋଜନା ସଂକ୍ରାନ୍ତରେ କେନ୍ଦ୍ରୀୟ ପ୍ରତିନିଧି ଦଳ ସହ ପ୍ରାଥମିକ ପର୍ଯ୍ୟାୟ ଆଲୋଚନା ହେଲା। ସେମାନେ ବିଧିବଦ୍ଧ ଭାବେ ପ୍ରସ୍ତାବ ଦେବାପରେ ଆମେ ତାହାର ତର୍ଜମା କରିବୁ। ଆମ ରାଜ୍ୟ ଯଦି ବିଶେଷ ଭାବେ ଉପକୃତ ହୋଇପାରିବ ବୋଲି ଅନୁଭବ କରିବୁ, ତାହା ହେଲେ ବିଚାର କରାଯାଇପାରେ। ସେ କହିଲେ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୭୦ ଲକ୍ଷ ପରିବାର ଉପକୃତ ହେଉଛନ୍ତି। ୨୦୧୮ ଡିସେମ୍ବର ମାସରୁ ବନ୍ଦ ହୋଇଯାଇଥିବା କେନ୍ଦ୍ର ସରକାରଙ୍କ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନାର ୪୪ ଲକ୍ଷ ହିତାଧିକାରୀ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ରାଜ୍ୟ ଓ ରାଜ୍ୟ ବାହାରର ୨୧୮ ଘରୋଇ ଡାକ୍ତରଖାନାରେ ମଧ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଚିକିତ୍ସା ସେବା ଉପଲବ୍ଧ କରାଯାଇଛି। ଏହି ଆଲୋଚନା ସମୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା, କେନ୍ଦ୍ରର ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଅପରାଜିତା



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଆଲୋଚନା କରୁଛନ୍ତି।

**ଭୁବନେଶ୍ୱର, ୪।୬(ବ୍ୟୁରୋ)**

ଭୁବନେଶ୍ୱର ଭାଜପା ଏମ୍‌ପି ଅପରାଜିତା ଷଡଙ୍ଗୀ ପୁଣିଥରେ ନୂଆ ଅନ୍ଦାଜରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ନିର୍ବାଚନ ପୂର୍ବରୁ ନିଜ ଲୋକ ସଭା ନିର୍ବାଚନମଣ୍ଡଳିର ତୃଣମୂଳସ୍ତରକୁ ଯାଇ ଲୋକମାନଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପଟେ ଲୋକମାନେ ମଧ୍ୟ ଅପରାଜିତଙ୍କ ଉପରେ ଆସ୍ଥା ପ୍ରକଟ କରି ତାଙ୍କୁ ବିଜୟୀ କରିଥିଲେ। ବର୍ତ୍ତମାନ ଅପରାଜିତା ଲୋକମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା ଲାଗି ଗୋଟିଏ ପାଦ ଆଗକୁ ବଢ଼ାଇଛନ୍ତି। ମଙ୍ଗଳବାର ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସଚିବାଳୟଠାରେ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ଯାହା ଆବଶ୍ୟକ ପଡିବ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏମ୍‌ପିଭାବେ ସମସ୍ତ ସହଯୋଗ କରିବେ ବୋଲି ସେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି। ସେହିପରି ଲୋକମାନଙ୍କୁ ସମସ୍ୟା ଦୂର କରିବା ସକାଶେ ରାଜ୍ୟ ସରକାର ମଧ୍ୟ ସବୁ ପ୍ରକାର ସାହାଯ୍ୟ କରିବାକୁ ଅପରାଜିତା ମୁଖ୍ୟମନ୍ତ୍ରୀଙ୍କ ସହଯୋଗ କାମନା କରିଛନ୍ତି।

ଅପରାଜିତା ରାଜ୍ୟ ସରକାରଙ୍କୁ ସମାଲୋଚନା କରି ଆନ୍ଦୋଳନ, ଖବରଦାତା ସମ୍ମିଳନୀ ଡାକି ସମୟ ନଷ୍ଟ କରିବା ମୁଡ୍‌ରେ ନ ଥିବା ଆଲୋଚନା ହେଉଛି। ଦଳୀୟ ନେତାମାନେ ଅପରାଜିତା ଏବଂ ମୁଖ୍ୟମନ୍ତ୍ରୀଙ୍କ ଭେଟଘାଟକୁ ଏତେଟା ଗ୍ରହଣ କରୁ ନ ଥିବା ଶୁଣିବାକୁ ମିଳୁଛି। ତଥାପି ସେସବୁ ଦିଗରେ ଚିନ୍ତା ନ କରି ନିଜ ପ୍ରଥମ ରାଜନୈତିକ ସଫଳତା ପରେ ବର୍ତ୍ତମାନ ସେ ଭିନ୍ନ ଅନ୍ଦାଜରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ନିର୍ବାଚନ ପରେ ଦିଲ୍ଲୀରୁ ଫେରି ଅପରାଜିତା ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତ ଥିଲା। ନିର୍ବାଚନରେ ଜିତିବା ପରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନ ଥିଲି। ତାଙ୍କୁ ଭେଟି ଅଭିନନ୍ଦନ ଜଣାଇଲି। ମୁଖ୍ୟମନ୍ତ୍ରୀଙ୍କ ସହ ସୁନ୍ଦର ଏବଂ ସାକାରତ୍ମକ ଆଲୋଚନା ହୋଇଛି। ଏମ୍‌ପି ଭାବେ ଯାହା ସହଯୋଗ ଦରକାର ପଡିବ କରିବି ବୋଲି କହିଛି। ବିକାଶର ଦଳ ନ ଥାଏ, ପରସ୍ପର ସହ ମିଶି କାର୍ଯ୍ୟ କରିବୁ ବୋଲି ଅପରାଜିତା କହିଛନ୍ତି।

## ସୋରଡ଼ା ଉପ କାରାଗାରର ବିଚାରାଧୀନ କଏଦୀ ମୃତ

**ବ୍ରହ୍ମପୁର ଅଫିସ,୪।୬**

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଥିବା ଜଣେ ବିଚାରାଧୀନ କଏଦୀଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ମୃତକ ହେଲେ ଆସିକା ଥାନା ପାକଲାପଲି ଗ୍ରାମର ଚକା ଓରଫ ଚକାନୟନ ନାହାକ (୨୫)। ମୃତଦେହ ପୋଲିସ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ.୨୯୧/୧୯)ରୁଜୁ କରିଛି। ଚକାଙ୍କ ଖାଦ୍ୟନଳୀରେ ସମସ୍ୟା ଥିଲା। ଗତ ୩୦ ତାରିଖରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ୧ରେ ଚକାଙ୍କ ଅସ୍ତ୍ରୋପଚାର କରାଯାଇଥିଲା। ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି। ସେ ସୋରଡ଼ା ଉପକାରାଗାରରେ ବିଚାରାଧୀନ କଏଦୀ ଭାବେ ଥିଲେ।

# ୨୦୧୯-୨୦ ବଜେଟ: ମତାମତ ଲୋଡ଼ିଲା ଅର୍ଥ ବିଭାଗ

**ଭୁବନେଶ୍ୱର, ୪।୬(ବ୍ୟୁରୋ)**

- ସମ୍ବଳ ଆମ ପାଇଁ ଚାଲେଞ୍ଜ ହେବ: ଅର୍ଥମନ୍ତ୍ରୀ
- ଖଣି ରାଜସ୍ୱ ବଢ଼ିଛି
- ଜୁନ୍ ୪ରୁ ୧୫ ସୁଦ୍ଧା ମତାମତ ଦେବାକୁ ଆହ୍ୱାନ

୨୦୧୯-୨୦ ଆର୍ଥିକ ବର୍ଷ ଲାଗି ବଜେଟ ପ୍ରସ୍ତୁତ କାର୍ଯ୍ୟ ଆରମ୍ଭ ହୋଇଛି। ଏ ନେଇ ଅର୍ଥ ବିଭାଗ ପକ୍ଷରୁ ଜନସାଧାରଣଙ୍କଠାରୁ ମତାମତ ସଂଗ୍ରହ କରିବାକୁ ନିଷ୍ପତ୍ତି ନିଆଯାଇଛି। ଜନସାଧାରଣଙ୍କ ମତ ଆଧାରରେ ବଜେଟ୍‌ର ରୂପରେଖ ପ୍ରସ୍ତୁତ ହେବ ବୋଲି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି। ସେ କହିଛନ୍ତି ଯେ, ଅର୍ଥ ବିଭାଗ ଜନସାଧାରଣ, ବିଭିନ୍ନ ସଂଗଠନ, ସ୍ୱେଚ୍ଛାସେବୀ ସଂସ୍ଥା, ପୂର୍ବତନ ଅର୍ଥମନ୍ତ୍ରୀ, ଅର୍ଥ ବିଶେଷଜ୍ଞଙ୍କଠାରୁ ମତାମତ ନେଇ ବଜେଟ୍ ପ୍ରସ୍ତୁତ କରି ଆସୁଛନ୍ତି। ଏଥିରେ ଜନସାଧାରଣଙ୍କର ସହଭାଗିତା ରହୁଛି। ଜୁନ ୪ଠାରୁ ୧୫ ତାରିଖ ମଧ୍ୟରେ ମତାମତ ଦେବାଲାଗି ଅର୍ଥବିଭାଗ ପକ୍ଷରୁ ଆହ୍ୱାନ କରାଯାଇଛି। ଅର୍ଥବିଭାଗର ଏକ ସ୍ୱତନ୍ତ୍ର ୱେବ୍ ପୋର୍ଟାଲ- budget.odisha.gov.in, E-mail: odisha.budget@gov.in ମାଧ୍ୟମରେ ମତାମତ ସଂଗ୍ରହ କରାଯିବ। ଏହାଛଡ଼ା (+୯୧)୯୪୩୮୧୬୧୧୧୧ ନମ୍ବରକୁ ଏସ୍‌ଏମ୍‌ଏସ୍ ଏବଂ ହ୍ୱାଟସ୍‌ଆପ୍ ମାଧ୍ୟମରେ ମତାମତ ପଠାଇବାକୁ ମନ୍ତ୍ରୀ ସୂଚନା ଦେଇଛନ୍ତି।

ଚଳିତବର୍ଷ ସାଧାରଣ ନିର୍ବାଚନ ଥିବାରୁ ରାଜ୍ୟ ସରକାର ଗତ ମାର୍ଚ୍ଚରେ ୪ମାସିଆ କାମଚଳା ବଜେଟ୍ ବିଧାନସଭାରେ ଅନୁମୋଦନ କରିଥିଲେ। ଆସନ୍ତା ଜୁଲାଇ ୩୧ ସୁଦ୍ଧା ଏହାର ଅବଧି ଶେଷ ହେଉଛି। ଏହି ସମୟ ପୂର୍ବରୁ ୨୦୧୯-୨୦କୁ ପୂର୍ଣ୍ଣାଙ୍ଗ ବଜେଟ ପ୍ରସ୍ତୁତ କରାଯିବ ବୋଲି ଅର୍ଥ ସଚିବ ଅଶୋକ ମୀନା କହିଛନ୍ତି। ଗତ ମେ ୩ରେ ବାତ୍ୟା 'ଫନୀ' କଟକ, ପୁରୀ ଓ ଖୋର୍ଦ୍ଧା ଜିଲାରେ ବ୍ୟାପକ କ୍ଷତି ଘଟାଇଛି। ଏଥିପାଇଁ ମଧ୍ୟ ଆସନ୍ତା ବଜେଟ୍‌ରେ ବ୍ୟୟ କରିବାକୁ ପଡ଼ିବ। ରାଜକୋଷ ଉପରେ ଏହାର ଅତିରିକ୍ତ ଭାର ପଡ଼ିବ। ୨୦୧୮-୧୯ରେ ମୋଟ୍ ଘରୋଇ ଉତ୍ପାଦ(ଜିଏସ୍‌ଡିପି) ୮.୩୫ ପ୍ରତିଶତ ରହିଛି। ଗତ ୫ ବର୍ଷ ମଧ୍ୟରେ ରାଜ୍ୟ ସରକାର ୨୬ହଜାର କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ହରାଇଛନ୍ତି। ଖର୍ଚ୍ଚ ତୁଲାଇବା ସହ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ନେଇ ଯଥେଷ୍ଟ ସମ୍ବଳର ଆବଶ୍ୟକତା ରହିଛି। ସେଥିପାଇଁ ରାଜ୍ୟ ସରକାର ନିଜସ୍ୱ ଆୟ ବୃଦ୍ଧି କରିବା ପାଇଁ ଉଦ୍ୟମ କରୁଛନ୍ତି। ତେବେ ଅତିରିକ୍ତ ଟିକସ ଲଗାଇବା ପାଇଁ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ଖଣି ରାଜସ୍ୱ ଆଶାନୁରୂପ ହୋଇଛି। ଗତ ଏପ୍ରିଲ୍‌ରୁ ଜୁନ୍ ୪ ଯାଏ ଖଣିରୁ ୧୯୯୩ କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇଛି। ଋଣ ଭାର ଅଧିକ ନାହିଁ। ଖର୍ଚ୍ଚ କମାଇବା ଯୋଗୁ ୨୦୧୯ ମାର୍ଚ୍ଚ ସୁଦ୍ଧା ରାଜ୍ୟର ଋଣଭାର ୯୨ହଜାର କୋଟି ଟଙ୍କା ପରିବର୍ତ୍ତେ ୮୭ ହଜାର କୋଟିରେ ରହିଛି। ବଜେଟ୍ ନିୟମ ଅନୁଯାୟୀ ମୋଟ୍ ଘରୋଇ ଉତ୍ପାଦର ୨୫ ପ୍ରତିଶତ ଋଣ ଆକାରରେ ଅଣାଯାଇପାରିବ। ଓଡ଼ିଶା ଏହାଠାରୁ ଯଥେଷ୍ଟ ତଳେ ରହିଛି। ରାଜ୍ୟ ସରକାର ପକ୍ଷରୁ ଜିଏସ୍‌ଡିପିର ୧୮ ପ୍ରତିଶତ ଋଣ କରାଯାଇଛି। ଗତବର୍ଷ ବଜେଟ୍‌ର ଶତପ୍ରତିଶତ ଖର୍ଚ୍ଚ କରାଯାଇଛି ବୋଲି ସଚିବ କହିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ସୋହମ୍ ପରିବାରବର୍ଗ


ଆଦିତ୍ୟ ପରିବାରବର୍ଗ


କାଜଲ୍ ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


■ ସହରାଞ୍ଚଳ ପାନୀୟଜଳ ପ୍ରକଳ୍ପ ସମୀକ୍ଷା

# ଡିସେମ୍ବର ସୁଦ୍ଧା ୮ଲକ୍ଷ ପୌରାଞ୍ଚଳ ପରିବାରକୁ ବିଶୁଦ୍ଧ ଜଳ

**ଭୁବନେଶ୍ୱର, ୪।୬(ବ୍ୟୁରୋ)**

ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ରାଜ୍ୟର ୧୧୪ ପୌରାଞ୍ଚଳର ୮ ଲକ୍ଷରୁ ଊର୍ଦ୍ଧ୍ୱ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିରେ ୭୦ଲକ୍ଷରୁ ଅଧିକ ଲୋକ ଉପକୃତ ହେବେ ବୋଲି ପଞ୍ଚାୟତିରାଜ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ନୂତନ ଦାୟିତ୍ୱ ଗ୍ରହଣ କରିବା ପରେ ମନ୍ତ୍ରୀ ଜେନା ମଙ୍ଗଳବାର ସହରାଞ୍ଚଳ ପାନୀୟ ଜଳ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିଛନ୍ତି। ସମୀକ୍ଷାରୁ ମିଳିଥିବା ସୂଚନାନୁସାରେ, ସହରାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ୭୯୩ ପ୍ରକଳ୍ପ ହାତକୁ ନିଆଯାଇଥିବାବେଳେ ୬୪୨ଟି ସମ୍ପୂର୍ଣ୍ଣ ହୋଇଛି। ବାକି ପ୍ରକଳ୍ପଗୁଡ଼ିକ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ହେବାକୁ ଯାଉଛି। ଯୋଗାଇ ଦିଆଯାଉଥିବା ପାଣିର ଗୁଣବତ୍ତା ପରୀକ୍ଷା କରିବା ନିମନ୍ତେ ପିପିପି ମୋଡ଼ରେ ୯ଟି ପରୀକ୍ଷାଗାର ସ୍ଥାପନ କରାଯାଇଛି। ୨୦୧୩ରେ ପ୍ରସ୍ତୁତ ଓଡିଶା ରାଜ୍ୟ ସହରାଞ୍ଚଳ ପାନୀୟ ଜଳ ନୀତି ଅନୁଯାୟୀ, ୨୦୨୬ ସୁଦ୍ଧା ଏହି ଲକ୍ଷ୍ୟଧାର୍ଯ୍ୟ ପୂରଣ ହେବାର ଥିଲା। ହେଲେ ବିଭାଗ ତରଫରୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ୟମ କରାଯାଇ ୨୦୧୯ ଡିସେମ୍ବର ସୁଦ୍ଧା ଏହା ପୂରଣ ହେବାକୁ ଯାଉଛି। ପ୍ରାକୃତିକ ବିପର୍ଯ୍ୟୟ ହେଉ କିମ୍ବା କୌଣସି କାରଣରୁ ପାନୀୟଜଳ ପ୍ରକଳ୍ପକୁ ବିଦ୍ୟୁତ ସରବରାହ ବ୍ୟାହତ ହେଉଥିବାରୁ ନିରବଚ୍ଛିନ୍ନ ପାନୀୟ ଜଳ ଯୋଗାଣ ବଜାୟ ରଖିବା ପାଇଁ ପ୍ରାୟ ୧୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ଜେନେରେଟର ବ୍ୟବସ୍ଥା କରାଯିବ। ବର୍ତ୍ତମାନ ସହରାଞ୍ଚଳରେ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ଉନ୍ନତିକରଣ ନିମନ୍ତେ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଉଥିବା ସୂଚନା ମିଳିଛି। ସଚିବାଳୟରେ ଅନୁଷ୍ଠିତ ଉକ୍ତ ବୈଠକରେ ଗୃହ ନିର୍ମାଣ ଓ ନଗରଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି.ମାଥିଭାଥନନ୍ଙ୍କ ସମେତ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

■ ମାଓବାଦୀ ମୁକାବିଲା ପାଇଁ ସମୀକ୍ଷା ବୈଠକ

# ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିଷ୍ପତ୍ତି

**ଭବାନୀପାଟଣା, ୪।୬(ଡି.ଏନ.ଏ.)**


ଭବାନୀପଟଣାସ୍ଥିତ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ମାଓବାଦୀ ମୁକାବିଲା ପାଇଁ ସମୀକ୍ଷା ଚାଲିଛି।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ମଙ୍ଗଳବାର ମାଓବାଦୀ ମୁକାବିଲା ପାଇଁ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି, ରାୟଗଡା, କନ୍ଧମାଳ ଓ ନବରଙ୍ଗପୁର ଜିଲାରେ ମାଓବାଦୀଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଯୋଗୁ ଏହାର ମୁକାବିଲା ପାଇଁ ଏହି ସମୀକ୍ଷା ବୈଠକରେ ଆଲୋଚନା କରାଯାଇଛି।

ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଅପରେଶନ୍) ଆର୍‌ପି କୋଚେ, କଳାହାଣ୍ଡି ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ହିମାଂଶୁ ଲାଲ, ରାୟଗଡା, କନ୍ଧମାଳ, ନବରଙ୍ଗପୁର ଜିଲାର ଏସ୍‌ପିମାନେ ବୈଠକରେ ଯୋଗଦେଇଥିଲେ। ଏଥିସହିତ ସିଆରପିଏଫ୍, କମାଣ୍ଡାଣ୍ଟ ମଧ୍ୟ ଯୋଗଦେଇଥିଲେ। ମାଓବାଦୀଙ୍କ ଗତିବିଧି ଉପରେ ଆଲୋଚନା କରାଯିବା ସହ ସେମାନଙ୍କ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ସହ ମାଓବାଦୀ ଦମନ ପାଇଁ ଆଲୋଚନା ହୋଇଥିଲା। ଏହି ସବୁ ଜିଲାରେ ମାଓବାଦୀଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ସହ ସେମାନେ ବିକାଶମୂଳକ କାର୍ଯ୍ୟ କରାଇ ନ ଦେବା ପରିତାପର ବିଷୟ। ମାଓବାଦୀମାନେ ନିଜର ସ୍ଥିତି ଜାହିର କରିବା ପାଇଁ ଯାନବାହନ ପୋଡି, ପ୍ରଜାକୋର୍ଟ ଭଳି କାର୍ଯ୍ୟ କରୁଛନ୍ତି। ଏହିସବୁ ଜିଲାରେ ମାଓବାଦୀଙ୍କ ଦମନ ପାଇଁ ନିଷ୍ପତ୍ତି ନେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବୈଠକରେ ଆଲୋଚନା କରାଯାଇଛି। ବୈଠକରେ କଳାହାଣ୍ଡି ଏସ୍‌ପି ବି. ଗଙ୍ଗାଧରଙ୍କ ସମେତ ରାୟଗଡା ଏସ୍‌ପି ଶ୍ରବଣ ବିବେକ ଏମ୍, ନବରଙ୍ଗପୁର ଏସ୍‌ପି କୁଶଲକର ନୀତିନ ଡି, ବାଲିଗୁଡା ଏସଡିପିଓ ବିନିତ୍ ଅଗ୍ରୱାଲ ଏବଂ ସିଆରପିଏଫ୍ କମାଣ୍ଡାଣ୍ଟ ପ୍ରମୁଖ ଯୋଗଦେଇଥିଲେ।

■ ଜୁଲାଇ ୪ରେ ରଥଯାତ୍ରା

# ଅପରାହ୍ନ ୪ଟାରେ ରଥଟଣା


ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ ଏବଂ ଅନ୍ୟମାନେ।

**ପୁରୀ ଅଫିସ, ୪।୬**

ଆସନ୍ତା ଜୁଲାଇ ୪ତାରିଖରେ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ଲାଗି ଚଳିତବର୍ଷ ଶ୍ରୀମନ୍ଦିର ପ୍ରଶାସନ ସଅଳ ନୀତି ନିର୍ଘଣ୍ଟ କରିଛି। ପ୍ରାତଃ ୬ଟାରେ ମଙ୍ଗଳ ଆଳତି କରାଯାଇ ଠାକୁରଙ୍କ ଅନ୍ୟାନ୍ୟ ନୀତି ଚାଲିବ । ସକାଳ ୯ଟାରେ ରଥ ପ୍ରତିଷ୍ଠା, ୯ଟା ୧୫ରେ ମଙ୍ଗଳାର୍ପଣ ହୋଇ ସାଢେ ୯ଟାରେ ପହଣ୍ଡି ଆରମ୍ଭ ହେବ। ମଧ୍ୟାହ୍ନ ସାଢେ ୧୨ଟା ସୁଦ୍ଧା ପହଣ୍ଡି ସରି ରଥ ଉପରକୁ ମଦନମୋହନ ବିଜେ ହେବେ। ଏହାପରେ ଚିତାଲାଗି ନୀତି ଓ ଠାକୁରଙ୍କ ବେଶ ସମ୍ପନ୍ନ ହେବ। ଅପରାହ୍ନ ୨ଟାରୁ ୩ଟା ମଧ୍ୟରେ ଗଜପତି ମହାରାଜା ତିନିରଥରେ ଛେରାପହଁରା କରିବେ। ୩ଟାରୁ ୪ଟା ମଧ୍ୟରେ ଚାରମାଳ ଫିଟା ହୋଇ ଘୋଡ଼ା, ସାରଥୀ ଲାଗିବ। ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହେବ। ମଙ୍ଗଳବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ନୀତି ସବ୍ କମିଟି ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା କରାଯାଇଛି। ଆସନ୍ତା ୯ତାରିଖ ଛତିଶା ନିଯୋଗ ବୈଠକରେ ଏହି ନୀତି ଚୂଡ଼ାନ୍ତ ହେବ। ୧୧ତାରିଖ ପରିଚାଳନା କମିଟି ବୈଠକରେ ଏହାକୁ ଅନୁମୋଦନ କରାଯିବ ବୋଲି ଜଣାପଡ଼ିଛି। ଆବଶ୍ୟକ ପଡ଼ିଲେ ଛତିଶା ନିଯୋଗ ଓ ପରିଚାଳନା କମିଟି ଏଥିରେ ପରିବର୍ତ୍ତନ କରିପାରିବେ ବୋଲି କୁହାଯାଇଛି।

ନୀତି ସବ୍ କମିଟି ବୈଠକରେ ରାଜେନ୍ଦ୍ରାଭିଷେକଠାରୁ ନିଳାଦ୍ରୀବିଜେ ପର୍ଯ୍ୟନ୍ତ ନୀତି ଉପରେ ଆଲୋଚନା କରାଯାଇଥିଲା। ଆସନ୍ତା ୧୨ରେ ରାଜେନ୍ଦ୍ରାଭିଷେକ, ୧୩ରେ ରୁକ୍ମଣୀ ହରଣ ଏକାଦଶୀ, ୧୪ରେ ଚମ୍ପକ ଦ୍ୱାଦଶୀ, ୧୫ରେ ଦଇତାପତି ପ୍ରବେଶ, ୧୬ରେ ସେନାପଟା ଲାଗି ଏବଂ ୧୭ରେ ସ୍ନାନଯାତ୍ରା ଓ ହାତୀବେଶ ନୀତିକୁ ନେଇ

## ସକାଳ ସାଢେ ୯ଟାରେ ପହଣ୍ଡି

ଆଲୋଚନା ହୋଇଥିଲା। ସ୍ନାନଯାତ୍ରା ପାଇଁ ଭୋର ସାଢେ ୫ଟାରୁ ପହଣ୍ଡି ଆରମ୍ଭ ହୋଇ ସାଢେ ୭ଟାରେ ସରିବ। ଠାକୁର ସ୍ନାନମଣ୍ଡପରେ ବିଜେ କରିବା ପରେ ସକାଳ ସାଢେ ୯ଟାରେ ଅଧରପୋଛା ନୀତି ହେବ। ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୨ଟା ମଧ୍ୟରେ ଜଳବିଜେ, ପୂଜା ଓ ସ୍ନାନ, ଅପରାହ୍ନ ସାଢେ ୩ଟାରେ ଛେରା ପହଁରା ସରିବା ପରେ ୪ଟାରୁ ହାତୀବେଶ ଆରମ୍ଭ ହେବ। ରାତି ସାଢେ ୧୦ଟା ପର୍ଯ୍ୟନ୍ତ ଭକ୍ତ ଏହି ବେଶ ଦର୍ଶନ କରିପାରିବେ। ଏହାପରେ ବାହୁଡ଼ା ପହଣ୍ଡି ଆରମ୍ଭ ହୋଇ ରାତି ସାଢେ ୧ଟାରେ ସରିବ। ସେହିପରି ଜୁନ୍ ୨୮ରେ ଚକାବିଜେ, ୨୯ରେ ଶ୍ରୀମନ୍ଦିରରେ ଖଳିଲାଗି, ୩୦ରେ ଶ୍ରୀନଅରକୁ ରାଜପ୍ରସାଦ ବିଜେ, ଜୁଲାଇ ୧ରେ ଶ୍ରୀମନ୍ଦିରରେ ଘଣାଲାଗି ଓ ବନକଲାଗି, ୨ରେ ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ, ୩ରେ ଉଭାଯାତ୍ରା, ୪ରେ ଗୁଣ୍ଡିଚା ଯାତ୍ରା, ୮ରେ ହେରାପଞ୍ଚମୀ, ୧୧ରେ ସନ୍ଧ୍ୟା ଦର୍ଶନ, ୧୨ରେ ବାହୁଡ଼ା ଯାତ୍ରା ଓ ହରିଶୟନ ଏକାଦଶୀ, ୧୩ ତାରିଖରେ ସୁନାବେଶ ଓ ଗରୁଡ଼ ଶୟନ, ୧୪ରେ ରଥ ଉପରେ ଶ୍ରୀବିଗ୍ରହଙ୍କ ଅଧରପଣା ଓ ୧୫ ତାରିଖରେ ନୀଳାଦ୍ରିବିଜେ ଅନୁଷ୍ଠିତ ହେବ। ଏହିସବୁ ନୀତି ବିଷୟରେ ସବ୍ କମିଟି ବୈଠକରେ ଆଲୋଚନା କରାଯାଇଛି। ବୈଠକରେ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଅଧ୍ୟକ୍ଷତା କରିଥିବାବେଳେ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ, ସବ୍ କମିଟି ସଦସ୍ୟ ମାଧବ ପୂଜାପଣ୍ଡା, ରାମଚନ୍ଦ୍ର ଦାସମହାପାତ୍ର, ଅନନ୍ତ ତିଆଡ଼ି ପ୍ରମୁଖ ଉପସ୍ଥିତ ଥିଲେ।

**କିଛି ତଥ୍ୟ**

୨୦୧୮-୧୯ ଆର୍ଥିକ ବର୍ଷରେ ଦେଶରୁ ଆଭୂଷଣ ଓ ରତ୍ନପଥର ରପ୍ତାନି ୫.୩% ହ୍ରାସ ଘଟି ୩୦.୯୬ ବିଲିୟନ ଡଲାରରେ ପହଞ୍ଚିଛି।
–ଗହଣା ରପ୍ତାନି ପ୍ରୋତ୍ସାହନ ପରିଷଦ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଚନ୍ଦ୍ର ତିନୋଟିଗ୍ରହ ମଧ୍ୟରେ ଭାଗ୍ୟସ୍ଥାନକୁ ଅବଲୋକନ କରି ନୂଆ ନୂଆ କାମର ରୂପରେଖ ପ୍ରସ୍ତୁତ କରାଇପାରନ୍ତି। ଦୀର୍ଘଦିନରୁ ଆପଣ ଯାହା ଆଶା କରୁଥିଲେ ଆଜି ତାହା ସହଜ ଓ ସୁବିଧାରେ ପାଇଯିବେ। କଳା, ସାହିତ୍ୟ, ସଙ୍ଗୀତ, ବୃତ୍ତି, ବାଣିଜ୍ୟ ପାଇଁ ଦିନଟି ଭଲ। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଯୋଗିତାମୂଳକ ମନୋଭାବ ଉପୁଜିପାରେ।

**ବୃଷ**
ସ୍ୱଗୃହୀ ଶୁକ୍ର ଚତୁର୍ଥାଧିପ ରବିଙ୍କ ଦ୍ୱାରା ପ୍ରଭାବିତ ହୋଇ କୌଣସି ବିଶିଷ୍ଟବ୍ୟକ୍ତିଙ୍କ କଥାରେ ପରିଚାଳିତ ହୋଇପାରନ୍ତି। ଏଣେ ପାରିବାରିକ ସମସ୍ୟା ବାରମ୍ବାର ମନରେ ଚିନ୍ତା କରି ମନଟା ଭଲ ରହିବ ନାହିଁ । କେତେକ କ୍ଷେତ୍ରରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇ ପାରନ୍ତି। ଅବଶ୍ୟ ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ଶୁଭଫଳ ପାଇବେ।

**ମିଥୁନ**
ଏକାଧିକ ରାଶିରେ ଅବସ୍ଥାନ କରି ମାନସିକ ବିକ୍ଷିପ୍ତତା ମଧ୍ୟରେ ଅଭିଳଷିତ କାର୍ଯ୍ୟରେ ସିଦ୍ଧିଲାଭ କରାଇବେ। ତଥାପି ସାମୟିକ ଭାବରେ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ସାମାନ୍ୟ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ଭଲ ରହିବ। ପଡୋଶୀଙ୍କଠାରୁ କୌଶଳରେ କାର୍ଯ୍ୟ ହାସଲ କରିନେବେ। ନିର୍ମାଣାଧୀନ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢିଚାଲିବ।

**କର୍କଟ**
ଦ୍ୱାଦଶସ୍ଥ ଗ୍ରହମାନେ ଆପଣଙ୍କୁ ବାରମ୍ବାର ସ୍ଥାନ ପରିବର୍ତ୍ତନ କରାଇ କର୍ମ ପରିସରକୁ ବ୍ୟାପକ କରିପାରନ୍ତି। ଅବଶ୍ୟ ଆପଣ ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ଆଡଜଷ୍ଟ କରି ଚଳି ପାରିବା ହେତୁ କିଛି ଅସୁବିଧା ହେବନାହିଁ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ପରିସ୍ଥିତିରେ ପଡି କେତେକ କାମ ଇଚ୍ଛା ନ ଥିଲେ ମଧ୍ୟ କରିବାକୁ ବାଧ୍ୟ ହୋଇପାରନ୍ତି।

**ସିଂହ**
ଏକାଦଶସ୍ଥ ଗ୍ରହମାନେ ଆପଣଙ୍କ ଆଶା ଓ ଅଭିଳାଷକୁ ପୂରଣ କରିବାରେ ସମର୍ଥ ହେବେ। ଏକ ଭିନ୍ନ ପରିସ୍ଥିତିରେ ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ ଲାଭ କରି ଅଟକି ରହିଥିବା କାମଟିକୁ ସମ୍ପନ୍ନ କରିବେ। କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହେବାର ସମ୍ଭାବନା ରହିଛି । ଅର୍ଥ ଲାଭ ସାଙ୍ଗକୁ ଶାରୀରିକ ସୁସ୍ଥତା ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା**
ଗ୍ରହ ପ୍ରଭାବରୁ ପ୍ରଭାବଶାଳୀ କର୍ମକ୍ଷେତ୍ର ଯୋଗୁ ରହିଆସିଥିବା ସମସ୍ୟା ସମାଧାନ ହୋଇଯିବ ଓ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ଅପୂରଣୀୟ ଆଶା ମନକୁ ବାରମ୍ବାର ସାମୟିକ ଆଲୋଡ଼ନ କରିବା କାରଣରୁ ସାମୟିକ ଅଶାନ୍ତ ରହିବେ। ଆମଦାନୀ କାରବାର କ୍ଷେତ୍ରରେ ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବ ଓ ଲାଭବାନ ମଧ୍ୟ ହେବେ।

**ତୁଳା**
ଅଷ୍ଟମସ୍ଥ ସ୍ୱଗୃହୀ ଶୁକ୍ର ଶାରୀରିକ ଦୁର୍ବଳତା ସାଙ୍ଗକୁ ସାମୟିକ ଅଭାବବୋଧଜନିତ ଚିନ୍ତିତ ରହିପାରନ୍ତି। ପଦସ୍ଥ ବ୍ୟକ୍ତି ବିଶେଷମାନଙ୍କ ନିକଟରୁ ଆନୁଷ୍ଠାନିକ କାମରେ ପ୍ରେରଣା ମିଳିବ। ଶିଳ୍ପ, ବାଣିଜ୍ୟ, ରାଜନୀତି ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ପଡ଼ୋଶୀଙ୍କ ସହାୟତା ଲାଭ କରି ମାନସିକ ଅସୁସ୍ଥିକୁ ଦୂରେଇବାର ଚେଷ୍ଟା କରିପାରନ୍ତି।

**ବିଛା**
ସ୍ୱାସ୍ଥ୍ୟରେ ଉନ୍ନତି, ନୂତନ କର୍ମାରମ୍ଭ, ପ୍ଲଟିଙ୍ଗ କାରବାରରେ ଅଗ୍ରଗତି, ବିବାଦୀୟ ଘଟଣାରେ ବିଜୟ ଲାଭରୁ ମନ ଏକପ୍ରକାର ଖୁସି ରହିବ। ଅଷ୍ଟମସ୍ଥ ଗ୍ରହ ବିଭିନ୍ନ ଦିଗରୁ ଅର୍ଥାଗମର ଯୋଜନାକୁ ସାକାର କରାଇପାରନ୍ତି। କ୍ରୀଡ଼ା, କଳା ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ**
ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ଆପଣଙ୍କ ଉନ୍ନତ ଚିନ୍ତାଧାରା ସନ୍ତାନଙ୍କ ସମସ୍ୟା, ଉଚ୍ଚଶିକ୍ଷା ଓ ବିଦେଶଯାତ୍ରାର ସୁଯୋଗ ପାଇପାରନ୍ତି। ପ୍ରତିଯୋଗିତା, କ୍ରୀଡ଼ା, ଗବେଷଣା, ଲେଖାପଢ଼ା ତଥା ବ୍ୟବସାୟ, ପରିବହନ, ବ୍ୟବସାୟ ଓ ବାଣିଜ୍ୟ ମଧ୍ୟ ମାନ୍ଦା ହେବ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି।

**ମକର**
ବ୍ୟୟଭାବ ପ୍ରତି ଗ୍ରହମାନଙ୍କ ଦୃଷ୍ଟି ଫଳରେ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଓ ଯେଉଁ କାମରେ ବାହାରିଛନ୍ତି ସେଥିରେ ନିଶ୍ଚିତ କୃତକାର୍ଯ୍ୟ ହେବେ । ମାଲିମକଦ୍ଦମା, ବ୍ୟବସାୟ, ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟାଲୋଚନା ପରିପ୍ରେକ୍ଷୀରେ ନିକଟ ସମ୍ପର୍କୀୟମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି।

**କୁମ୍ଭ**
ଗ୍ରହସ୍ଥିତିରେ ସାମ୍ୟତା ଆପଣଙ୍କ ଦିନଚର୍ଯ୍ୟା ସକାଶେ ଶୁଭଙ୍କରୀ ହେବ। ଯାହା ଚାହୁଁଛନ୍ତି ସେହି ଅନୁସାରେ କାମ କରିଚାଲିଲେ ଅଭିଳାଷ ନିଶ୍ଚିତ ପୂରଣ ହୋଇପାରିବ। ଗୃହସୀମାଜନିତ ବିବାଦ, କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଆର୍ଥିକ ଉନ୍ନତି ଘଟିବ କିଛି ବ୍ୟବସାୟ, ବାଣିଜ୍ୟ ଓ ପରିବହନରୁ ମଧ୍ୟ ଲାଭ ପାଇପାରିବେ।

**ମୀନ**
ସ୍ୱାସ୍ଥ୍ୟ ଭଲ ରହିବା ସହ ନୂତନ କର୍ମାରମ୍ଭ, ନିଯୁକ୍ତି ଖବର, ବନ୍ଧୁଙ୍କ ନିମନ୍ତ୍ରଣରେ ଯାତ୍ରା ଭଳି ଶୁଭସୂଚକ କେତେକ କାର୍ଯ୍ୟ କରିବେ। ମାନସିକ ଅସ୍ଥିରତା ଲାଗି ରହିଲେ ମଧ୍ୟ ଯେଉଁ କାମରେ ହାତ ଦେବେ, ସେଥିରେ ଅବଶ୍ୟ ସଫଳତା ପାଇବେ। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଜ୍ୟେଷ୍ଠ ଶୁକ୍ଳ ଦ୍ୱିତୀୟା ଯୁକ୍ତ ତୃତୀୟା ବୁଧବାର, ଜୁନ୍ ୫ ତାରିଖ, ବିଶ୍ୱ ପରିବେଶ ଦିବସ,ଇଦ୍-ଉଲ୍-ଫିତର୍, ରାଶି ନକ୍ଷତ୍ର-ଆରଦ୍ରା/ମିଥୁନ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, କନ୍ୟା ରାଶିର ଘାତ ଚନ୍ଦ୍ର, କର୍କଟରାଶିର ଘାତବାର, ଦିବା ଘ୬।୪୭ମି. ଗତେ ଘ୮।୨୪ମି. ମଧ୍ୟେ, ଘ୨।୫୫ମି. ଗତେ ଘ୪।୩୨ମି. ମଧ୍ୟେ ଅମୃତବେଳା। ଦିବା ଘ୬।୪୭ମି. ମଧ୍ୟେ ଘ୧୦।୦୧ମି.ଗତେ, ଘ୧୧।୩୮ମି. ମଧ୍ୟେ ଘ୪।୩୨ମି. ଗତେ, ଘ୬।୨୦ମି. ମଧ୍ୟେ ମାହେନ୍ଦ୍ର ବେଳା।


# classifieds Everyday
0674-2580101, 2549302




**BRIDE WANTED**

Divorcee groom Engineer 39, CA 42, JE 43 (caste-no-bar) 7873374269. D-66479

Bhubaneswar ସ୍ଥିତ, 7lacs/yr income ଚାକିରିଆ, 31 ବୟସ୍କ ବ୍ରାହ୍ମଣ ପୁଅଙ୍କ ପାଇଁ ଯେକୌଣସି ଜାତିର ଝିଅ ଦରକାର। 7381460017. D-12826

ବ୍ରାହ୍ମଣ ପୁଅ ପାଇଁ ଝିଅ ଆବଶ୍ୟକ। ବୟସ-32, ଦରମା- 27,000 ଯେକୌଣସି ଜାତିର ଝିଅ ଦରକାର: 9777166101. D-12808

**GROOM WANTED**

Gudia କନ୍ୟା 27yrs, 166cm, ରାଶି ୨୨/୧୦ B.Tech (IT) not working, Bhubaneswar, call: 7008425091. D-64969

ଗଉଡ଼ ଜାତିର କନ୍ୟା 5'3" ବୟସ-28, BA, PGDCA ପାଇଁ ବରପାତ୍ର ଆବଶ୍ୟକ। ଯୋଗାଯୋଗ: 9178696646, 8847825195. D-64065

33 ବୟସ୍କା, ଛାଡ଼ପତ୍ର ହୋଇଥିବା ଖଣ୍ଡାୟତ ଚାକିରିଆ ଝିଅଙ୍କ ପାଇଁ ଯେକୌଣସି ଜାତିର ବିବାହିତ/ ଅବିବାହିତ ପୁଅ ଦରକାର: 7381460017. D-12779

Beautiful divorcee Brahmin girl 1987, 5'5" MBA. settled Bhubaneswar. "SUNASANSAR" 9937512659. D-12828

Teli girl 1988 5'3" B.Tech, serving TCS, Bangalore. "SUNASANSAR" 9937512659. D-12829




**SALE**

BDA commercial ଜାଗା ପିତାପଲ୍ଲୀ ଛକ NH-16ରେ 550/-ରେ ମିଳୁଛି 7789999921. D-66383

ଭୁବନେଶ୍ୱର ଗଙ୍ଗପଡ଼ା ଟୋଲ୍‌ଗେଟ୍ ପାଖରେ possession plot sqft.300/-, 180/-. 9348232008. D-56645

ଭୁବନେଶ୍ୱର Tamando କେନ୍ଦ୍ରିୟ ବିହାର କଲୋନୀରେ 30' ରାସ୍ତା ଥାଇ plot କିଣନ୍ତୁ। 9348767829. D-66400

ଭୁବନେଶ୍ୱର AIIMS medical ନିକଟରେ Govt. roadକୁ ଲାଗି BDA approval yellow zone gharabari plot 1499/-. 9777553622. D-66394

**Triplex & Duplex at Ranga Bazar. Near BJEM English Medium School-II. Price start@45lakhs. Call: 9040046767, 9040007267.** D-12764

ନଖରା ତ୍ରିନାଥ ବଜାରଠାରେ sc ଘରବାରି ପ୍ଲଟ 1200କୁ 3,80,000/- ପ୍ରତାପନଗରୀ ଧାକୁଲେଇପିଠ ଠାରେ 1200କୁ 3,00,000/- outrightରେ ବିକ୍ରିହେବ: 9348817649, 8144706560. D-66391

4BHK duplex with gated community at Balianta (land-1400 construction-2200 @ 55Lakh and 2600 @ 65Lakh). Contact Mplanets: 9938219397, 9861022055. D-12824




House at Nayapalli near DAV / Stweart School for family. 9438490107. D-65897

Now Matrimonial ads. only on Wednesday & Sunday
Book 1 Get 1 FREE

Bhubaneswar ଯେକୌଣସି ମାର୍କେଟ ଅଞ୍ଚଳରେ ମିଲ୍କ ପାର୍ଲର ଲାଗି 150-200 sqft ମଧ୍ୟରେ ଖାଲି ଦୋକାନ ଘର ଭଡ଼ାରେ ଆବଶ୍ୟକ। ଯୋଗାଯୋଗ: 9437581042, 9439839132. D-12799

Residential/ commercial accomodation at Shailashree Vihar, CS Pur near DAV: available: 9338089477. D-66482

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Fully refreshed/ relaxed body massage by expert therapist, Shastri nagar. 7377984773. D-66550

Rejuvenate and full ayurvedic body massage by smart therapist: 9114402304. D-66551

Experience full body massage with us (expert). Call: 7377048581, 0674- 2597822. D-66555

Full body massage with refreshment, expert therapist. 7381239385, 0674-2540855. D-66554

Herbal full body massage by smart/expert therapist. Contact: 8338067247. D-66556

Newly opening ayurvedic body massage smart therapist, Shree herbal. 7750020754. D-66557

Full body massage with refreshment at your own home step- 7873336383. D-12825

Summer special mesmerizing offer expert therapeutic refreshing massage appointment. 9668374480. D-66560

Sampark ayurvedic massage club fully relaxed by smart lady, home service available. 8280102993. D-65898




Get electronics & grocery product of 40% discount. Call: 07478268108. D-12792

**AFFIDAVIT**

By the virtue of the affidavit sworn in before the Executive Magistrate, Karanjia on 03.06.19 the date of birth of sri Devi Prasad Dash, S/o Shree Abani Kanta Dash, At -Badapatna, P.O, P.S-Swampatna, Dist-Keonjhar, Odisha, is 21.02.2003 as per his birth certificate and aadhaar card but erroneously 21.02.2002 has been mentioned in his board (ICSE) certificate. Hence, this declaration is made for necessary correction in his certificate and for all purposes in future. D-12837

## ସଂକ୍ଷେପରେ

### ହାସ୍ୟ ଅଭିନେତା ସଲିଲଙ୍କ ଶେଷକୃତ୍ୟ ସମ୍ପନ୍ନ

**ବାରିପଦା ଅଫିସ, ୪।୬:** ଓଡ଼ିଆ ହାସ୍ୟ ଅଭିନେତା ସଲିଲ ମିତ୍ରଙ୍କ ଶେଷକୃତ୍ୟ ମୟୂରଭଞ୍ଜ ଜିଲା କରଞ୍ଜିଆଠାରେ ସମ୍ପନ୍ନ ହୋଇଛି। ମଙ୍ଗଳବାର ତାଙ୍କ ମରଶରୀରକୁ କରଞ୍ଜିଆ ଅଣାଯାଇଥିଲା। ସହର ପରିକ୍ରମା ପରେ ୱାର୍ଡ ନଂ. ୬ ସ୍ଥିତ ତାଙ୍କ ବାସଭବନକୁ ନିଆଯାଇଥିଲା। ସେଠାରେ ସ୍ଥାନୀୟ ବିଧାୟିକା ବାସନ୍ତୀ ହେମ୍ବ୍ରମଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ପରେ ନଟସାହୁ ପୋଖରୀ ନିକଟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ମଝିଆ ଭାଇ ସତ୍ୟନ ମିତ୍ର ମୁଖାଗ୍ନି ଦେଇଥିଲେ। ଉଲ୍ଲେଖଯୋଗ୍ୟ, ସୋମବାର ରାତି ୧୨ଟା ୧୫ ମିନିଟରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସଲିଲଙ୍କ ପରଲୋକ ହୋଇ ଯାଇଥିଲା। ଗତ ମେ' ୧୨ରେ ସଲିଲ ମୟୂରଭଞ୍ଜର କରଞ୍ଜିଆ ଯାଉଥିବାବେଳେ କେନ୍ଦୁଝର ଜିଲା ଘଟଗାଁ କଲେଜ ଛକ ନିକଟରେ ତାଙ୍କ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ସେ ଗୁରୁତର ହୋଇଥିଲେ। ଦୁର୍ଘଟଣାରେ ତାଙ୍କ ଛାତି ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ପ୍ରଥମେ ତାଙ୍କୁ ଘଟଗାଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ସେବେଠାରୁ ସେ ଚିକିତ୍ସାଧୀନ ଥିଲେ। ତାଙ୍କର ସ୍ତ୍ରୀ ଓ ୨ଝିଅ ଅଛନ୍ତି। ନାଟକରୁ ଅଭିନୟ ଜୀବନ ଆରମ୍ଭ କରିଥିବା ଏହି ବିଶିଷ୍ଟ କଳାକାର ୫୦ରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି।

### ନିଆଁ ଲାଗି ଚୂନ, ବ୍ଲିଚିଂ ଗୋଦାମରେ ବିସ୍ଫୋରଣ

**ଭଦ୍ରକ ଅଫିସ, ୪।୬:** ଭଦ୍ରକ ସହର ବାଇପାସ୍ ରାସ୍ତା ଗ୍ରାମାଞ୍ଚଳ ଥାନା ସମ୍ମୁଖରେ ଥିବା ଆର୍‌ଏମ୍‌ସି ମାର୍କେଟ୍ କମ୍ପ୍ଲେକ୍ସର ୩ଟି ଚୂନ ଓ ବ୍ଲିଚିଂ ଗୋଦାମରେ ମଙ୍ଗଳବାର ପୂର୍ବାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ନିଆଁ ଲାଗିବା ପରେ ଗୋଦାମରେ ବିସ୍ଫୋରଣ ଘଟିବାରୁ ସ୍ଥାନୀୟ ବସ୍ତି ବାସିନ୍ଦା ଓ ଦୋକାନୀମାନେ ଆତଙ୍କିତ ହୋଇପଡିଥିଲେ। ଭଦ୍ରକ ଅଗ୍ନିଶମ କର୍ମଚାରୀ ପହଞ୍ଚି ଦୀର୍ଘ ଦେଢଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ଚୂନ ଓ ବ୍ଲିଚିଂରେ ଲାଗିଥିବା ନିଆଁକୁ ପାଣିରେ ଲିଭାଇବା ସମ୍ଭବ ନ ଥିବାରୁ ଅଗ୍ନିଶମ କର୍ମଚାରୀ ପ୍ରଥମେ ଫୋମ୍ ବ୍ୟବହାର କରିଥିଲେ। ପରେ ପାଣି ସିଞ୍ଚନ କରି ଅନ୍ୟତ୍ର ବ୍ୟାପିଥିବା ନିଆଁକୁ ଆୟତ୍ତ କରିଥଲେ। ଅଗ୍ନିକାଣ୍ଡ କିପରି ଘଟିଲା, ତାହା ସ୍ପଷ୍ଟ ହୋଇ ନାହିଁ। ଚୂନ ଓ ବ୍ଲିଚିଂ ରହୁଥିବା ସ୍ଥାନ ଅତ୍ୟଧିକ ଗରମ ହେଲେ ସେଥିରେ ନିଆଁ ଲାଗିବା ଆଶଙ୍କା ରହିଛି ବୋଲି ଅଗ୍ନିଶମ ବିଭାଗର ବରିଷ୍ଠ ଆଗ୍ନିକ ହରେକୃଷ୍ଣ ମହାପାତ୍ର କହିଛନ୍ତି।

### ପିଏମ୍ କିଷାନ ଯୋଜନା ସହାୟତା

# ଭୂମିହୀନ ବାଦ୍, ୮ଲକ୍ଷ ଧନୀ ଚାଷୀଙ୍କୁ ମିଳିବ ଫାଇଦା

ନୂଆଦିଲ୍ଲୀ,୪।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦ୍ୱିତୀୟଥର କ୍ଷମତାକୁ ଫେରିବା ଦିନରେ କ୍ୟାବିନେଟ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲେ। ଚାଷୀକୂଳଙ୍କୁ ଫାଇଦା ଦେବାକୁ ଯାଇ ପିଏମ୍ କିଷାନ ଯୋଜନାରେ ସମସ୍ତ ଚାଷୀଙ୍କୁ ସାମିଲ କରାଯିବାକୁ ନିଷ୍ପତ୍ତି ନିଆଗଲା। ଫଳରେ ଦେଶର ପ୍ରାୟ ୧୪.୫ କୋଟି ଚାଷୀ ଏହାଦ୍ୱାରା ଉପକୃତ ହେବେ। କିନ୍ତୁ ମୋଦି ସରକାର ଭୂମିହୀନ ଏବଂ ଭାଗଚାଷୀଙ୍କୁ ଏହି ଯୋଜନାରୁ ବାଦ୍ ଦେଲେ। ଏକ ଆକଳନରୁ ଜଣାପଡିଛି ଯେ, ପ୍ରଧାନମନ୍ତ୍ରୀଙ୍କ ନିଷ୍ପତ୍ତି ଯୋଗୁ ୧୦ ହେକ୍ଟର(ପ୍ରାୟ ୨୫ ଏକର) ଚାଷ ଜମି ଥିବା କୃଷକଙ୍କୁ ଫାଇଦା ମିଳିବାକୁ ଯାଉଛି। ଏମାନଙ୍କୁ ସାଧାରଣତଃ ଧନୀ ଚାଷୀ କୁହାଯାଉଛି। କିନ୍ତୁ ପ୍ରଶ୍ନ ଉଠୁଛି ଭୂମିହୀନ ଓ ଭାଗଚାଷୀ ଉକ୍ତ ଯୋଜନାରୁ ବାଦ୍ ପଡିଥିବା ବେଳେ ଧନୀ ଚାଷୀଙ୍କୁ କ'ଣ ପାଇଁ ଫାଇଦା ଦିଆଯାଉଛି। ସରକାରଙ୍କ ନିଷ୍ପତ୍ତିକୁ ନେଇ ବିଭିନ୍ନ ମହଲରେ ଏବେ ପ୍ରଶ୍ନ ଉଠିବା ଆରମ୍ଭ ହେଲାଣି।

ଏକ ବିଶ୍ଲେଷଣରୁ ଜଣାପଡିଛି ଯେ, ଦେଶର ମୋଟ ଚାଷୀଙ୍କ ମଧ୍ୟରୁ ଧନୀ ଚାଷୀଙ୍କ ସଂଖ୍ୟା ପ୍ରାୟ ୦.୬%। ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ପଞ୍ଜାବ,କର୍ନାଟକ, ହରିୟାଣା ଏବଂ ଗୁଜରାଟରେ ସେମାନଙ୍କ ସଂଖ୍ୟା ବେଶ୍ ବାରି ହୋଇପଡେ। ରାଜ୍ୟୱାରୀ ଡାଟା ବିଶ୍ଲେଷଣରୁ ଜଣାପଡେ ଯେ, ପଞ୍ଜାବରେ ମୋଟ ଚାଷୀଙ୍କ ସଂଖ୍ୟା ମଧ୍ୟରୁ ପ୍ରାୟ ୫.୩% ଧନୀକ ଶ୍ରେଣୀର। ସେହିଭଳି ରାଜସ୍ଥାନରେ ଏହା ୪.୭%, ହରିୟାଣାରେ ୨.୫% ଧନୀ ଚାଷୀ ରହିଛନ୍ତି। ଅନ୍ୟ ରାଜ୍ୟରେ ଏଭଳି ଚାଷୀଙ୍କ ସଂଖ୍ୟା ୧ ପ୍ରତିଶତରୁ କମ୍। ଭୂମିର ଉର୍ବରତା ଶକ୍ତି, ଜଳସେଚନର ବ୍ୟବସ୍ଥା ଆଦିକୁ ଧ୍ୟାନରେ ରଖି ଉତ୍ପାଦକତାକୁ ହିସାବକୁ ନେଲେ ରାଜସ୍ଥାନକୁ ପଞ୍ଜାବ ଓ ହରିୟାଣା ସହ ତୁଳନା କରାଯାଇପାରିବ ନାହିଁ। କିନ୍ତୁ କମ୍ ପାଣି ଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଏହି ରାଜ୍ୟର ଧନୀ ଚାଷୀଙ୍କ ସଂଖ୍ୟା ଚକିତ କଲା ଭଳି ଚିତ୍ର ଉପସ୍ଥାପନ କରୁଛି। ଦେଶର ମୋଟ ୮.୩ ଲକ୍ଷ ଧନୀ ଚାଷୀଙ୍କ ମଧ୍ୟରୁ କେବଳ ୪୩ ପ୍ରତିଶତ ଅର୍ଥାତ୍ ୩.୬ ଲକ୍ଷ କେବଳ ରାଜସ୍ଥାନରେ ରହିଛନ୍ତି। ଏହି ରାଜ୍ୟ ସହିତ ଶୀର୍ଷ ୧୨ ରାଜ୍ୟରେ ଦେଶର ମୋଟ ୯୩% ଧନୀ କୃଷକ ରହିଛନ୍ତି। ଅନ୍ୟପକ୍ଷରେ ଗୋଆ, ସିକିମ ଓ ଦିଲ୍ଲୀ ସହିତ ୧୩ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ବଡ଼ ଚାଷୀଙ୍କ ସଂଖ୍ୟା ଅତ୍ୟନ୍ତ ନଗଣ୍ୟ ବା ନଥିବାଭଳି। ତେଲେଙ୍ଗାନାରେ ୯ ହଜାର, ଆସାମ ଓ ଓଡ଼ିଶାରେ ୪ ହଜାର ଲେଖାଏ ଧନୀ ଚାଷୀ ରହିଛନ୍ତି। ବିହାର ଓ ହିମାଚଳ ପ୍ରଦେଶରେ ଏମାନଙ୍କ ସଂଖ୍ୟା ୩ ହଜାର ଲେଖାଏ। କେରଳରେ ୨ହଜାର ଏବଂ ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ ଓ ଜମ୍ମୁ-କଶ୍ମୀରରେ ୧ ହଜାର ଲେଖାଏ ଧନୀ ଚାଷୀ ରହିଛନ୍ତି, ଯାହାଙ୍କ ନିକଟରେ ୨୫ ଏକର ଅଥବା ଏହାଠାରୁ ଅଧିକ ଚାଷ ଜମି ରହିଛି। ୨୦୧୫-୧୬ ଏଗ୍ରିକଲ୍‌ଚର ସେନ୍‌ସସ୍‌ରୁ ଏହି ତଥ୍ୟ ନିଆଯାଇଛି, ଯାହା କି ପିଏମ୍ କିଷାନ ଯୋଜନା ଲାଗି ଡାଟାବେସ୍ ରୂପରେ ଗ୍ରହଣ କରାଯାଇଛି।

କେନ୍ଦ୍ର ସରକାର ଶୁକ୍ରବାର ପିଏମ୍ କିଷାନ ଯୋଜନାକୁ ବିସ୍ତାର କଲା ବେଳେ ସର୍ବାଧିକ ୨ ହେକ୍ଟର ଜମି ସୀମାକୁ ହଟାଇ ଦେଇଛନ୍ତି। ଏହାଯୋଗୁ ଦେଶର ସମସ୍ତ ୧୪.୫ କୋଟି ଚାଷୀ ଉପକୃତ ହେବାକୁ ଯାଉଛନ୍ତି। ସେମାନଙ୍କୁ ୩ଟି କିସ୍ତିରେ ବାର୍ଷିକ ୬ ହଜାର ଟଙ୍କା ମିଳିବ। ତେବେ ଏହି ଯୋଜନାର ଲାଭ ଭୂମିହୀନ ଓ ଭାଗଚାଷୀଙ୍କୁ ମିଳିବ ନାହିଁ। ଯୋଜନାର ବିସ୍ତାର ଦ୍ୱାରା ଅତିରିକ୍ତ ୨ କୋଟି ଚାଷୀଙ୍କୁ ଲାଭ ମିଳିବ, ଯେଉଁଥିରେ ୮ ଲକ୍ଷ ଧନୀ ଚାଷୀ ରହିଛନ୍ତି। ତେବେ ପ୍ରଶ୍ନ ଉଠୁଛି, ଦେଶରେ କେତେ ସଂଖ୍ୟାରେ ଭୂମିହୀନ ଓ ଭାଗଚାଷୀ ରହିଛନ୍ତି, ତା'ର ଡାଟା ସରକାର ଉଲ୍ଲେଖ କରୁନାହାନ୍ତି। କିନ୍ତୁ ବାସ୍ତବ କ୍ଷେତ୍ରରେ ସେମାନଙ୍କ ସଂଖ୍ୟା ହିଁ ଅଧିକ। ଦେଶରେ ଅର୍ଦ୍ଧାଧିକ ଫସଲ ସେମାନଙ୍କ ଦ୍ୱାରା ହିଁ ଉତ୍ପାଦିତ ହୋଇଥାଏ। ଅଥଚ ସରକାର ସେମାନଙ୍କୁ ଉକ୍ତ ଯୋଜନାରୁ ବାଦ୍ ଦେବା ନ୍ୟାୟୋଚିତ କି ବୋଲି ପ୍ରଶ୍ନ ଉଠିବାରେ ଲାଗିଛି।

## ବ୍ରହ୍ମୋସ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ


ବ୍ରହ୍ମୋସ ମିଜାଇଲ୍‌ର ସଫଳ ପରୀକ୍ଷଣ।

ବାଲେଶ୍ୱର ଅଫିସ, ୪।୬

ବାଲେଶ୍ୱର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର୍)ର ୩ ନମ୍ବର ଲଞ୍ଚ ପ୍ୟାଡ୍‌ରୁ ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ମିନିଟରେ ସୁପରସୋନିକ କ୍ରୁଜ କ୍ଷେପଣାସ୍ତ୍ର ବ୍ରହ୍ମୋସ୍‌ର ବ୍ୟବହାରିକ ପରୀକ୍ଷଣ କରାଯାଇଥିଲା। ଏହି ପରୀକ୍ଷଣ ସଫଳ ହୋଇଥିବା ଆଇଟିଆର ପକ୍ଷରୁ ସୂଚନା ଦିଆଯାଇଛି। ଭାରତ ଓ ରୁଷିଆର ମିଳିତ ସହଯୋଗକ୍ରମେ ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଇପାରୁଥିବା ଏହି କ୍ଷେପଣାସ୍ତ୍ର ଜଳ, ସ୍ଥଳ ଓ ଆକାଶମାର୍ଗରେ ଶତ୍ରୁପକ୍ଷର କ୍ଷେପଣାସ୍ତ୍ର ସମେତ ଜାହାଜ ଓ ରକେଟ୍‌କୁ ଧ୍ୱଂସକରିବା କ୍ଷମତା ରଖିଛି। ଏହାକୁ କ୍ଷେପଣାସ୍ତ୍ର ବିଧ୍ୱଂସୀ କ୍ଷେପଣାସ୍ତ୍ର(ଆଣ୍ଟି ବାଲାଷ୍ଟିକ ମିଶାଇଲ) କୁହାଯାଇଥାଏ। ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରେ ବ୍ରହ୍ମୋସ୍‌ର ସଫଳ ପରୀକ୍ଷଣ ପରେ ପ୍ରତିରକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଶେଷଜ୍ଞ ଓ ବୈଜ୍ଞାନିକଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇ ଏହା ଭାରତର ପ୍ରତିରକ୍ଷା ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିବ ବୋଲି କୁହାଯାଇଛି।

ବ୍ରହ୍ମୋସ କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ପ୍ରାୟ ୪୫୦ କି.ମି.। ଏହା ଅଢେଇ ହଜାରରୁ ୩ହଜାର କେଜି ପର୍ଯ୍ୟନ୍ତ ଉଭୟ ଅଣୁ ଓ ପରମାଣୁ ଯୁଦ୍ଧାସ୍ତ୍ର ପରିବହନ କରିବା କ୍ଷମତା ରଖିଛି। ଏହାର ଲମ୍ବ ୮.୪ ମିଟର ଏବଂ ଓସାର ୬ ମିଟର। ୨୦୦୬ ନଭେମ୍ବର ୨୨ ତାରିଖରେ ଏହାର ପ୍ରଥମ ସଫଳ ପରୀକ୍ଷଣ ହୋଇଥିଲା। ପରେ ଏହାକୁ ଭାରତୀୟ ସୈନ୍ୟବାହିନୀରେ ସାମିଲ୍ କରାଯାଇଥିଲା। ୨୦୧୮ ମେ' ୨୧ ତାରିଖରେ ଏହାର ପ୍ରଥମ ବ୍ୟବହାରିକ ପରୀକ୍ଷଣ ହୋଇଥିଲା।




## ଝାରସୁଗୁଡ଼ାରୁ ଆଜିଠୁ ଉଡ଼ିବ ଆଲାଏନ୍ସ ଏୟାର୍ ବିମାନ

ଝାରସୁଗୁଡ଼ା ଅଫିସ/ ଲଖନପୁର,୪।୬(ଡି.ଏନ୍.ଏ.)



ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ବିମାନବନ୍ଦରରୁ ବୁଧବାରଠାରୁ ଉଡ଼ାଣ ଆରମ୍ଭ କରିବ ଆଲାଏନ୍ସ ଏୟାର ବିମାନ। ଆଲାଏନ୍ସ ଏୟାର ବିମାନ ଝାରସୁଗୁଡ଼ାରୁ ଭୁବନେଶ୍ୱର ଓ ରାୟପୁର ଉଡ଼ାଣ କରିବ। ବିମାନ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରୁ ସକାଳ ୯ଟା ୨୫ରେ ଉଡ଼ାଣ କରି ଭିଏସ୍‌ଏସ୍ ବିମାନବନ୍ଦରରେ ପୂର୍ବାହ୍ନ ସାଢ଼େ ୧୦ଟାରେ ଅବତରଣ କରିବ। ପୁଣି ଭିଏସ୍‌ଏସ୍ ବିମାନବନ୍ଦରରୁ ପୂର୍ବାହ୍ନ ୧୦ଟା ୫୫ରେ ଉଡ଼ାଣ କରି ଭୁବନେଶ୍ୱରରେ ମଧ୍ୟାହ୍ନ ୧୨ଟାରେ ଅବତରଣ କରିବ। ସେହିପରି ରାୟପୁର ବିମାନବନ୍ଦରରୁ ଅପରାହ୍ନ ୪ଟାରେ ଉଡ଼ାଣ କରି ଭିଏସ୍‌ଏସ୍ ବିମାନବନ୍ଦରରେ ସନ୍ଧ୍ୟା ୫ଟା ୫ରେ ଅବତରଣ କରିବ। ପୁଣି ଭିଏସ୍‌ଏସ୍ ବିମାନବନ୍ଦରରୁ ସନ୍ଧ୍ୟା ସାଢ଼େ ୫ଟାରେ ବାହାରି ରାୟପୁରରେ ସନ୍ଧ୍ୟା ୬ଟା ୩୫ରେ ଅବତରଣ କରିବ। ଏଥିରେ ୭୨ ଯାତ୍ରୀ ଯାତାୟାତ କରିପାରିବେ ବୋଲି ଭିଏସ୍‌ଏସ୍ ବିମାନବନ୍ଦର ନିର୍ଦ୍ଦେଶକ ସୁଦେଶ ଚୌହାନ କହିଛନ୍ତି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ସେପ୍ଟେମ୍ବର ୨୨ରେ ଭିଏସ୍‌ଏସ୍ ବିମାନବନ୍ଦର ଲୋକାର୍ପଣ କରିଥିଲେ। ପରେ ଏୟାର ଓଡ଼ିଶା ବିମାନସେବା ଆରମ୍ଭ କରିଥିଲା। ତେବେ ଏୟାର ଓଡ଼ିଶା ନିୟମିତ ସେବା ଯୋଗାଇ ଦେଇ ନ ପାରିବାରୁ ବିମାନବନ୍ଦରରୁ କିଛିମାସ ଉଡ଼ାଣ ବନ୍ଦ ରହିଥିଲା। ମାର୍ଚ୍ଚ ୩୧ରୁ ପୁଣି ସ୍ପାଇସ୍‌ଜେଟ୍ ବିମାନ ଉଡ଼ାଣ କରି ଦିଲ୍ଲୀ, କୋଲକାତା ଓ ହାଇଦ୍ରାବାଦକୁ ଯାତାୟାତ କରୁଛି। ସ୍ପାଇସ୍‌ଜେଟ୍‌ର ବ୍ୟବସାୟିକ ସଫଳତାକୁ ଦୃଷ୍ଟିରେ ରଖି କର୍ତ୍ତୃପକ୍ଷ ଟେଣ୍ଡର ଆହ୍ୱାନ କରିଥିଲେ। ଏଥିରେ ଆଲାଏନ୍ସ ଏୟାର କମ୍ପାନୀ ବିମାନ ଚଳାଚଳ କରିବା ଲାଗି ଟେଣ୍ଡର ପାଇଛି।

## କମୁଛି ତାତି, କାଳବୈଶାଖୀ ଆଶଙ୍କା

ଭୁବନେଶ୍ୱର, ୪।୬(ବ୍ୟୁରୋ)

ସାରା ରାଜ୍ୟରେ ତାପମାତ୍ରା କମିବାରେ ଲାଗିଛି। କେତେକ ସ୍ଥାନରେ ବର୍ଷା ହେବାରୁ ଲୋକଙ୍କୁ ତାତିରୁ ତ୍ରାହି ମିଳିଛି। ମଙ୍ଗଳବାର ସମ୍ବଲପୁର ୪୦.୧, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ୪୦, ଅନୁଗୋଳ ଓ ହୀରାକୁଦ ୩୯.୭ ଓ ଟିଟିଲାଗଡ଼ରେ ସର୍ବାଧିକ ତାପମାତ୍ରା ୩୯.୪ ଡିଗ୍ରୀ ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ ମୌସୁମୀକୁ ନେଇ ଉତ୍କଣ୍ଠା ବଢ଼ିବାରେ ଲାଗିଛି। କେବେ ଆସିବ ମୌସୁମୀ ବାୟୁ ସମସ୍ତେ ଅପେକ୍ଷା କରି ରହିଛନ୍ତି। ଏପରିସ୍ଥଳେ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ହେବ ବୋଲି ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଗଜପତି, ଗଞ୍ଜାମ, କନ୍ଧମାଳ ଓ ନୟାଗଡ଼ ଜିଲାରେ କାଳବୈଶାଖୀ ସତର୍କ ସୂଚନା ଜାରି କରାଯାଇଛି। ସେସବୁ ଜିଲାରେ ୩୦ରୁ ୪୦ କିମି ବେଗରେ ପବନ ବହିବା ସହିତ ବଜ୍ରପାତ ଆଶଙ୍କା ରହିଛି। ତେଣୁ ଏହି ସମୟରେ ବାହାରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। କିଛିଦିନ ହେବ ରାଜ୍ୟର ବିଭିନ୍ନ ସହରରେ ବର୍ଷା ହେଉଛି। ମଙ୍ଗଳବାର ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, କଟକ, କୋରାପୁଟ, ମାଲକାନଗିରି, ଗଜପତି, କଳାହାଣ୍ଡି, ଗଞ୍ଜାମ ଆଦି ଜିଲାରେ ବର୍ଷା ହୋଇଥିବା ସୂଚନା ମିଳିଛି। ତେବେ କୋରାପୁଟରେ ସର୍ବାଧିକ ୬୫ ମିମି ବର୍ଷା ହୋଇଥିବାବେଳେ ବାରିପଦାରେ ୧୬ମିମି, ମାଲକାନଗିରି ୧୫ମିମି, ଭବାନୀପାଟଣାରେ ୪ମିମି ବର୍ଷା ମିମି ବର୍ଷା ହୋଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ବୁଧବାର ମଧ୍ୟ ରାଜ୍ୟର କେତେକ ସହରରେ ବର୍ଷା ହେବ। କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଗଜପତି, ଗଞ୍ଜାମ, କୋରାପୁଟ, ରାୟଗଡ଼ା, କାଲମାନଗିରି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟ ଜିଲାରେ ପାଗ ଶୁଷ୍କିଲା ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

## ହିମାଚଳ ପ୍ରଦେଶ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ

(କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧିନିୟମ, ୨୦୦୯ ଅଧୀନରେ ସ୍ଥାପିତ)

**ଗ୍ରୁପ୍ 'ଏ' ଅଣ-ଶିକ୍ଷାଦାନ ଏବଂ ଅନ୍ୟାନ୍ୟ ଏକାଡେମିକ୍ କର୍ମଚାରୀ ପଦବୀଗୁଡ଼ିକ ପାଇଁ କର୍ମନିଯୁକ୍ତି ସୂଚନା ସଂ.୦୦୪/୨୦୧୯, ତାରିଖ: ୨୪।୦୫।୨୦୧୯**

ହିମାଚଳ ପ୍ରଦେଶ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରତ୍ୟକ୍ଷ ନିଯୁକ୍ତି/ଡେପୁଟେଶନ୍‌ରେ ପୂରଣ ହେବାକୁଥିବା 'ଗ୍ରୁପ୍ ଏ' ଅଣ-ଶିକ୍ଷାଗତ ଏବଂ ଅନ୍ୟାନ୍ୟ ଏକାଡେମିକ୍ କର୍ମଚାରୀ ପଦବୀଗୁଡ଼ିକ ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କଠାରୁ ଅନ୍‌ଲାଇନ୍ ଆବେଦନ ଆମନ୍ତ୍ରଣ କରୁଛି। ପ୍ରାର୍ଥୀମାନେ ତା୩୧।୦୫।୨୦୧୯ରିଖଠାରୁ **ଅନ୍‌ଲାଇନ୍‌ରେ** ଆବେଦନ କରିପାରିବେ। **ଶେଷ ତାରିଖ** ହେଉଛି **ତା୩୦।୦୬।୨୦୧୯ରିଖ।** ଅଧିକ ବିବରଣୀ ପାଇଁ ଦୟାକରି ବିଶ୍ୱବିଦ୍ୟାଳୟ ୱେବ୍‌ସାଇଟ୍ ଅର୍ଥାତ୍ **www.cuhimachal.ac.in** ପରିଦର୍ଶନ କରନ୍ତୁ।

davp 21339/11/0006/1920
**କୁଳସଚିବ**



farnazfever.com

## ସର୍ଭିସ ବନ୍ଧୁକରୁ ଗୁଳି ଫୁଟାଇ ଯବାନଙ୍କ ଆତ୍ମହତ୍ୟା

ସମ୍ବଲପୁର, ୪।୬ (ବ୍ୟୁରୋ)



ସମ୍ବଲପୁର ଯୁଯୁମୁରା ଥାନା ପରିସରରେ ଥିବା ସିଆରପିଏଫ କ୍ୟାମ୍ପରେ ବୁଟ୍ଟା ସିଂ (୨୭)ନାମକ ଜଣେ ଯବାନ ମଙ୍ଗଳବାର ନିଜ ସର୍ଭିସ ବନ୍ଧୁକରୁ ଗୁଳି ଫୁଟାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ଘର ପଞ୍ଜାବ ସହରର ମନସା ଥାନା ଅଧୀନ ଆଲୁପୁର ଗ୍ରାମରେ। ଯୁଯୁମୁରା ପୋଲିସ ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ ଯୁଯୁମୁରା ମେଡିକାଲକୁ ନେଇ ପ୍ରାଥମିକ ଚିକିତ୍ସା କରାଇଥିଲା। ପରେ ଅବସ୍ଥା ଗୁରୁତର ଥିବାରୁ ବୁର୍ଲା ମେଡିକାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ବୁଟ୍ଟାଙ୍କୁ ମୃତ ଘୋଷଣ କରିଥିଲେ। ତେବେ କେଉଁ କାରଣରୁ ସେ ଆତ୍ମହତ୍ୟା କରିଛନ୍ତି ପୋଲିସ ତାହାର କାରଣ ଜାଣିବାକୁ ତଦନ୍ତ ଆରମ୍ଭ କରିଛି। ଘଟଣା ସ୍ଥଳରୁ ଯୁଯୁମୁରା ପୋଲିସ ୩ଟି ଖୋକା, ବନ୍ଧୁକ (ଇନସାସ୍) ଓ ଏକ ମୋବାଇଲ ଫୋନ ଜବତ କରିଛି। ସେ ଛୁଟି ପାଇଁ ହେଉ କି ଉଚ୍ଚ ଅଧିକାରୀଙ୍କ ଚାପ ଯୋଗୁ ମଧ୍ୟ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଏସ୍‌ପି ସଞ୍ଜୀବ ଅରୋରା କହିଛନ୍ତି ଯେ, ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ବୋଲି ସ୍ପଷ୍ଟ ହୋଇଛି।

## ରିକଭରୀ ଅଫିସରଙ୍କ ଅଦାଲତ
## ଋଣ ଅସୁଲି ପ୍ରାଧିକରଣ

ପ୍ଲଟ୍ ନଂ. ସି-୭୧, ସେକ୍ଟର-୭, ସିଡ଼ିଏ, କଟକ-୧୪, ଓଡ଼ିଶା

**ସମ୍ପତ୍ତି ନିଲାମ ବିଜ୍ଞପ୍ତି**

ଆର୍.ପି. ନଂ. ୧୨୨/୨୦୧୨/କଟକ
(୨୦୧୧ର ଓଏ ନଂ. ୨୦୭ ରୁ ଉଦ୍ଧୃତ)

**ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ, ଷ୍ଟେସନ୍ ସ୍କୋୟାର ଶାଖା,**
୧୧୧ଏ, ଷ୍ଟେସନ୍ ସ୍କୋୟାର, ଭୁବନେଶ୍ୱର, ଜିଲ୍ଲା:ଖୋର୍ଦ୍ଧା .......ସାର୍ଟିଫିକେଟ୍‌ଧାରୀ ବ୍ୟାଙ୍କ

ବନାମ

**ମେସର୍ସ କଲ୍ୟାଣୀ ବାୟୋଟେକ୍ ଏବଂ ଅନ୍ୟମାନେ** .......ସାର୍ଟିଫିକେଟ୍ ଋଣଗ୍ରହୀତାମାନେ

ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବ୍ୟାଙ୍କର ଥିବା ବକେୟା ଦେୟ ଆଦାୟ ପାଇଁ ନିମ୍ନ ବର୍ଣ୍ଣିତ ତାରିଖ ଓ ସମୟରେ, ଅନ୍‌ଲାଇନ୍ ଇ-ନିଲାମ ଜରିଆରେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ **''ଯେଉଁଠାରେ ଯେପରି ଅଛି''** ଭିତ୍ତିରେ କ୍ରୟ କରିବା ନିମନ୍ତେ ଇଚ୍ଛୁକ ନିଲାମଧାରୀଙ୍କ ପକ୍ଷରୁ ଜଉମୁଦଦିଆ ଲଫାପାରେ/ଅନ୍‌ଲାଇନ୍ ମାଧ୍ୟମରେ ପ୍ରସ୍ତାବ ସହିତ ଅମାନତ ରାଶି **ତା.୦୮.୦୭.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରେ ଦାଖଲ କରିବା ପାଇଁ ଆହ୍ୱାନ କରାଯାଉଅଛି।

**ସମ୍ପତ୍ତିର ବିବରଣୀ**

| ସମ୍ପତ୍ତିର ବିଶେଷ ବିବରଣୀ | ସଂରକ୍ଷିତ ମୂଲ୍ୟ | ଅମାନତ ଜମା | ପ୍ରାରମ୍ଭିକ ବିଡ୍ ସହିତ ଅମାନତ ଜମା ଦାଖଲ କରିବାର ତାରିଖ ଏବଂ ସମୟ | ୧) ଅନ୍‌ଲାଇନ ନିଲାମର ତାରିଖ ଏବଂ ସମୟ ୨) ବିଡ୍ ବୃଦ୍ଧି ରାଶି |
|---|---|---|---|---|
| **ସମ୍ପତ୍ତିର ସାରଣୀ:** **ସାରଣୀ-ଖ** **ଶ୍ରୀମତୀ ସୁଷମା ମହାପାତ୍ର**ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ମୌଜା: କଲ୍ୟାଣୀସିଂହପୁର, ତହସିଲ: ଟାଙ୍ଗିଚୌଦ୍ୱାର ନଂ. ୫୭, ଏସ୍‌ଆରଓ: ଜଗତପୁର, ଥାନା: ଚୌଦ୍ୱାର ନଂ. ୪୦, ଖାତା ନଂ.: ୩୧, ପ୍ଲଟ୍ ନଂ.: ୮୬/୧୩୮, କ୍ଷେତ୍ର: ଏକର୦.୧୨୦ ଡିସିମିଲି, ଏହାର ଚଉପାର୍ଶ୍ୱରେ- ଉତ୍ତର: ସରକାରୀ ପ୍ଲଟ୍, ପୂର୍ବ: ସରକାରୀ ପ୍ଲଟ୍, ଦକ୍ଷିଣ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ. ୮ | ଟ.୨୪,୦୦,୦୦୦/- (ଚବିଶ ଲକ୍ଷ ଟଙ୍କା ମାତ୍ର) | ଟ.୧,୨୦,୦୦୦/- (ଏକ ଲକ୍ଷ କୋଡିଏ ହଜାର ଟଙ୍କା ମାତ୍ର) | ୦୮.୦୭.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧) ୧୦.୦୭.୨୦୧୯ ମଧ୍ୟାହ୍ନ ୧୨.୦୦ ଘଟିକା ରୁ ଅପରାହ୍ନ ୧.୦୦ ଘଟିକା ମଧ୍ୟରେ ଏବଂ ଆବଶ୍ୟକ ହେଲେ ୫(ପାଞ୍ଚ) ମିନିଟ୍ ବର୍ଦ୍ଧିତ ସମୟ ସହିତ ୨)ଟ.୫୦,୦୦୦/- (ପଚାଶ ହଜାର ଟଙ୍କା ମାତ୍ର) |
| **ସାରଣୀ-ଗ** **ଶ୍ୟାମସୁନ୍ଦର ଖୁଣ୍ଟିଆ, ରବିନ୍ଦ୍ର ଖୁଣ୍ଟିଆ ଏବଂ ପଦ୍ମନାଭ ଖୁଣ୍ଟିଆ**ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ମୌଜା: କଟକ ସହର, ୟୁନିଟ୍ ନଂ. ୨୧, ରାଣୀହାଟ (ଶଗଡିଆ ସାହି), ଥାନା: ମଙ୍ଗଳାବାଗ, ତହସିଲ: କଟକ ସଦର ନଂ. ୨୨୧, ଏସ୍‌ଆରଓ: କଟକ ସଦର, ଥାନା ନଂ. ୬, ଜିଲ୍ଲା: କଟକ, ଖାତା ନଂ.: ୩୫୧, ପ୍ଲଟ୍ ନଂ.: ୪୨୪, କ୍ଷେତ୍ର: ଏକର୦.୦୭୪ଡିସିମିଲି, ଏହାର ଚଉପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ଶ୍ରୀକାନ୍ତ ରାଉତରାୟ, ପୂର୍ବ: ବଙ୍ଗାଳୀ ସାହି ଏବଂ ଅନ୍ୟମାନେ, ପଶ୍ଚିମ: ନୃସିଂହ ଚରଣ ଖୁଣ୍ଟିଆ | ଟ.୪୦,୫୩,୦୦୦/- (ଚାଳିଶ ଲକ୍ଷ ତେପନ ହଜାର ଟଙ୍କା ମାତ୍ର) | ଟ.୨,୦୨,୬୫୦/- (ଦୁଇ ଲକ୍ଷ ଦୁଇ ହଜାର ଛଅ ଶହ ପଚାଶ ଟଙ୍କା ମାତ୍ର) | | |

କଥିତ ସ୍ଥାବର ସମ୍ପତ୍ତି ଋଣ ଅସୁଲି ଅଧିକାରୀ/ନିଯୁକ୍ତ ଅଧିକାରୀଙ୍କ ଦ୍ୱାରା ବିକ୍ରୟର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ବିକ୍ରି କରାଯିବ, ଯାହାର ଏକ ନକଲ **support.drt@nexttenders.com** ଏବଂ **http://tenders.gov.in** କିମ୍ବା ତା.୦୮.୦୭.୨୦୧୯ରିଖ ପର୍ଯ୍ୟନ୍ତ **ଶାଖା ପ୍ରବନ୍ଧକ, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ, ଷ୍ଟେସନ୍ ସ୍କୋୟାର ଶାଖା,୧୧୧ଏ, ଷ୍ଟେସନ୍ ସ୍କୋୟାର, ଭୁବନେଶ୍ୱର, ଜିଲ୍ଲା:ଖୋର୍ଦ୍ଧା**ଙ୍କ ଠାରେ ଯେ କୌଣସି କାର୍ଯ୍ୟ ଦିବସରେ ଉପଲବ୍ଧ ହେବ। ଇଚ୍ଛୁକ ନିଲାମଧାରୀମାନେ ପ୍ରସ୍ତାବ ସହ ଅମାନତ ରାଶି **"THE RECOVERY OFFICER, Debts Recovery Tribunal, Cuttack"**ଙ୍କ ନାମରେ ଓ **କଟକ**ଠାରେ ପଇଠ ହୋଇଥିବା ପେ ଅର୍ଡର/ଡିମାଣ୍ଡ ଡ୍ରାଫ୍ଟ ଜରିଆରେ ଜମା କରିପାରିବେ କିମ୍ବା "The Recovery Officer, DRT, Cuttack"ଙ୍କ ସପକ୍ଷରେ **RP No.: 122/2012/CTC**" ଆକାଉଣ୍ଟ ନଂ.: **୧୦୮୬୧୭୦୫୪୭୩, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, କଟକ ମୁଖ୍ୟ ଶାଖା, ଶାଖା କୋଡ୍ : 00059, IFSC Code : SBIN0000059** ସପକ୍ଷରେ RTGS/NEFT ମାଧ୍ୟମରେ ଟ୍ରାନ୍ସଫର କରିପାରିବେ। ଇଚ୍ଛୁକ କ୍ରେତାମାନେ ନିଜସ୍ୱ ଖର୍ଚ୍ଚରେ ସମ୍ପତ୍ତିର ତନଖି ଯେ କୌଣସି କାର୍ଯ୍ୟଦିବସରେ **ତା.୦୮.୦୭.୨୦୧୯ରିଖ** ପର୍ଯ୍ୟନ୍ତ **ପୂର୍ବାହ୍ନ ୧୦.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ କରିପାରିବେ।

ନିମ୍ନଲିଖିତ କାଗଜାତ୍ ସହିତ ପ୍ରସ୍ତାବ ଗୁଡ଼ିକ ଅନ୍‌ଲାଇନ ଇ-ମେଲ ଆଇଡ଼ି: **ro1drtctak-dfs@nic.in** ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ଭାବେ **ତା.୦୮.୦୭.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା** ପୂର୍ବରୁ ଦାଖଲ କରିବା ଉଚିତ୍: **(କ) ସଠିକ୍ ଭାବେ ପୁରଣ କରାଯାଇଥିବା ଘୋଷଣାନାମା, (ଖ) ସଠିକ୍ ଭାବେ ପୁରଣ କରାଯାଇଥିବା ଅନ୍‌ଲାଇନ ଇ-ନିଲାମ ବିଡ୍ ଫର୍ମ, (ଗ) ଅମାନତ ଜମା ଦାଖଲ ପ୍ରମାଣ ପତ୍ର, (ଘ) ଗୋଟିଏ ଫଟୋଗ୍ରାଫ, (ଙ) ଠିକଣା ପ୍ରମାଣପତ୍ର, (ଚ) ବାସସ୍ଥାନ ପ୍ରମାଣପତ୍ର ଏବଂ (ଛ) ପାନ୍ କାର୍ଡର ଏକ ନକଲ।**

**ସଂରକ୍ଷିତ ମୂଲ୍ୟରୁ କମ ଏବଂ ଅମାନତ ରାଶି ବିନା ଦିଆଯାଇଥିବା ପ୍ରସ୍ତାବକୁ ନାକଚ କରାଯିବ। ନିଲାମଧାରୀମାନଙ୍କୁ ଫଟୋ ପରିଚୟପତ୍ର, ଠିକଣା ପ୍ରମାଣ ପତ୍ର ଏବଂ ଗୋଟିଏ ଫଟୋ ଅପ୍‌ଲୋଡ କରିବାକୁ ଅନୁରୋଧ।**

ମାନ୍ୟବର ଋଣ ଅସୁଲି ଅଧିକାରୀଙ୍କ ଦସ୍ତଖତ ଏବଂ ମୋହର ସହ କଟକଠାରେ **ତା.୧୫.୦୫.୨୦୧୯ରିଖରେ** ଆଦିଷ୍ଟ। ସ୍ୱା/-(ଆର୍.ପି. ପଟ୍ଟନାୟକ)
ଋଣ ଅସୁଲି ଅଧିକାରୀ

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ମହାକାଳପଡ଼ା, ୪।୬ (ଡି.ଏନ୍.ଏ):** ଶୌଚ ହେବାକୁ ଯାଇଥିବା ବେଳେ ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ମହାକାଳପଡ଼ା ବ୍ଲକ ଅଧୀନ ଗଗୁଆ ପଞ୍ଚାୟତ ବଡ଼ରାହାମା ଗ୍ରାମର ଧନେଶ୍ୱର ସେଠୀ।

## ପ୍ରତି ମାସ ୭ ତାରିଖ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ କାମର ହିସାବ ଦେବେ ମନ୍ତ୍ରୀ

ଭୁବନେଶ୍ୱର, ୪।୬(ବ୍ୟୁରୋ)

- ଦଳୀୟ ଇସ୍ତାହାରରେ ଥିବା ପ୍ରତିଶ୍ରୁତିକୁ ପ୍ରାଥମିକତା
- ମନ୍ତ୍ରିମଣ୍ଡଳ ଗଠନର ବର୍ଷେ ପରେ ଦେବେ ୩୬୫ଦିନ କାମର ହିସାବ

ମନ୍ତ୍ରୀମାନେ ଦଳୀୟ ଇସ୍ତାହାରର ପ୍ରସ୍ତାବଗୁଡ଼ିକୁ ସରକାରଙ୍କ କାର୍ଯ୍ୟକ୍ରମ ଭାବେ କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବେ। ସେହି କ୍ଷେତ୍ରରେ ମନ୍ତ୍ରୀମାନେ କ'ଣ ପଦକ୍ଷେପ ନେଲେ ସେନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରତ୍ୟେକ ମାସର ୭ ତାରିଖ ପୂର୍ବରୁ ରିପୋର୍ଟ ପ୍ରଦାନ କରିବେ। ଏନେଇ ମୁଖ୍ୟମନ୍ତ୍ରୀ ସମସ୍ତ ବିଭାଗର ମନ୍ତ୍ରୀମାନଙ୍କୁ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଜୁଲାଇ ୭ତାରିଖ ମଧ୍ୟରେ ମନ୍ତ୍ରୀମାନେ ନିଜର ପ୍ରଥମ ରିପୋର୍ଟ ପ୍ରଦାନ କରିବା ଲାଗି କୁହାଯାଇଛି।

ଗତ ୨୯ ତାରିଖରେ ନବୀନ ପଟ୍ଟନାୟକଙ୍କ ୫ମ ପାଳିର ସରକାର ଦାୟିତ୍ୱ ଗ୍ରହଣ କରିଥିଲେ। ଏହାପରେ ସେହିଦିନ ମନ୍ତ୍ରିମଣ୍ଡଳର ପ୍ରଥମ ବୈଠକ ବସିଥିଲା। ବୈଠକରେ ଦଳୀୟ ଇସ୍ତାହାରର ପ୍ରସ୍ତାବଗୁଡ଼ିକରେ ଯାହା ଲୋକଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମ ଭାବେ ଗ୍ରହଣ କରାଯାଇଥିଲା। ସେତେବେଳେ ମନ୍ତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ସରକାର ଗଠନର ଠିକ୍ ବର୍ଷେ ପରେ ଅର୍ଥାତ୍ ୨୦୨୦ମେ ୨୯ତାରିଖରେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି କେତେ ପାଳନ କରାଯାଇଛି ତା'ର ହିସାବ ଦିଆଯିବ। ମନ୍ତ୍ରୀ ପରିଷଦ ସଦସ୍ୟମାନେ ଏହି ପ୍ରତିଶ୍ରୁତିର ସଫଳ ରୂପାୟନ ପାଇଁ ଶ୍ରେଷ୍ଠ ଉଦ୍ୟମ କରନ୍ତୁ। ଗତିଶୀଳ ପ୍ରଶାସନିକ ମଡେଲ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟରୁ ଗରିବୀ ଦୂର କରିବା, ମହିଳାଙ୍କ ବିକାଶ, ଅଭିବୃଦ୍ଧିରେ ସମାନ ଭାଗୀଦାରି, ଦୁର୍ବଳ ଶ୍ରେଣୀ ଲୋକଙ୍କ ବିକାଶ ଏବଂ ଯୁବକମାନଙ୍କ ସ୍ୱପ୍ନର ସଫଳ ରୂପାୟନ ଜରିଆରେ ଏକ ସଶକ୍ତ ଓଡ଼ିଶା ଗଠନ ଦିଗରେ ଗୁରୁତ୍ୱାରୋପ କରିଥିଲେ।

## Sambalpur University Institute of Information Technology

**ADMISSION: 2019-20**

Estt.-2010 Advt. No.: 618/SUIIT Dated: 04/06/2019

*Sambalpur University Institute of Information Technology (SUIIT) offers the following programmes for the session 2019-20 in self-sustaining mode:*

**M. Sc. (2 years):**
- Computer Science
- Electronics

**M. C. A. (3 years):**
- 50% seats through own entrance
- 50% seats on the basis of OJEE, 2019 rank (SUIIT doesn't participate in OJEE counseling, candidates are required to apply directly with their rank only)

**M. Phil (1 year):**
- Computer Science
- Electronics

**M. Tech (2 years):**
- Computer Science and Engineering
- Communication System Engineering
- Embedded Systems Design

SUIIT also offers B. Tech Engineering in CSE, ECE, EEE through OJEE Counseling. Candidates interested to study B. Tech at SUIIT are advised to refer www.ojee.nic.in / www.odishajee.com website for detail process.

**FOR INFORMATION BROCHURE AND FOR APPLYING PG COURSES**
Visit: **www.suiit.ac.in**

**IMPORTANT DATES**
Information Brochure and Application Form Available online / offline: 20th May, 2019
Last date for applying online: 17th June, 2019
Last date of Receiving Hard Copy of the Form: 19th June, 2019

Contact:
Dr. S. Jena – 8247679467, Dr. N. K. Barpanda – 9438074077, Mrs. S. Kar – 9439657668

Email: admin.office@suiit.ac.in/director@suii.ac.in
Director, SUIIT

ପ୍ରତ୍ୟେକ ବ୍ୟକ୍ତି ଈଶ୍ୱରଙ୍କ ସଙ୍ଗେ ଏକ ସ୍ୱତନ୍ତ୍ର ଧାରାରେ ସଂପର୍କିତ ହୁଏ ଏବଂ ଏକ ସ୍ୱତନ୍ତ୍ର ଧାରାରେ ଈଶ୍ୱରଙ୍କୁ ପ୍ରକାଶ କରେ। ତୁମେ ଅନ୍ୟର ପନ୍ଥା ଗ୍ରହଣ କରିବା ଆବଶ୍ୟକ ନାହିଁ। ତୁମେ ତୁମ ବାଟରେ ଅନୁସରଣ କରି ଚାଲ। -ଶ୍ରୀମା

# ଭୁଶୁଡ଼ିଲା ମେଣ୍ଟ

ସାଧାରଣ ନିର୍ବାଚନରେ ଶୋଚନୀୟ ପରାଜୟବରଣ କରିଥିବା ରାଜନୈତିକ ଦଳଗୁଡ଼ିକ ବିଫଳତାର କାରଣ ଖୋଜିବାରେ ଲାଗିଛନ୍ତି। କେତେକ ଦଳର ତୁଙ୍ଗ ନେତା ଇସ୍ତଫା ଦେବା ବିଷୟ ଘୋଷଣା କରିଥିବା ବେଳେ ଆଉ କେତେ ଜଣ ନୈତିକ ଦୃଷ୍ଟିକୋଣରୁ ଦାୟିତ୍ୱରୁ ଓହରିଯାଇଥିବା ଦେଖିବାକୁ ମିଳିଛି। ଏବେ ଯେଉଁ ପ୍ରସଙ୍ଗ ଅଧିକ ଚର୍ଚ୍ଚିତ ହୋଇଛି ତାହା ହେଲା ଉତ୍ତରପ୍ରଦେଶରେ ବହୁଜନ ସମାଜପାର୍ଟି (ବିଏସ୍‌ପି) ଓ ସମାଜବାଦୀ ପାର୍ଟି (ଏସ୍‌ପି) ମଧ୍ୟରେ ହୋଇଥିବା ସମ୍ପର୍କ ଛିନ୍ନ ଘଟଣା। ବିଏସ୍‌ପି ସୁପ୍ରିମୋ ମାୟାବତୀ ଘୋଷଣା କରିଛନ୍ତି ଯେ, ଉତ୍ତରପ୍ରଦେଶରେ ଆଗକୁ ୧୧ ବିଧାନସଭା ଆସନ ପାଇଁ ହେବାକୁ ଥିବା ଉପ-ନିର୍ବାଚନରେ ଦଳ ଏକାକୀ ଲଢ଼ିବ। ଏଥିସହିତ ସେ ଏସ୍‌ପି ପ୍ରତି ସମବେଦନା ଜଣାଇବାକୁ ଯାଇ କହିଛନ୍ତି ଯେ, ବିଏସ୍‌ପି ଏକାକୀ ନିର୍ବାଚନ ଲଢ଼ିବାକୁ ମେଣ୍ଟ ମଧ୍ୟରେ ସ୍ଥାୟୀ ଭାବେ ଅପଡ଼ ସୃଷ୍ଟି ହେଲା ବୋଲି ଧରାଯିବା ଉଚିତ ନୁହେଁ, ବରଂ ଭବିଷ୍ୟତରେ ଅଖିଳେଶ ତାଙ୍କ ରାଜନୈତିକ ଲକ୍ଷ୍ୟରେ ସଫଳତା ପାଇଲେ ଦୁଇ ଦଳ ମିଳିମିଶି କାର୍ଯ୍ୟ କରିବେ। ମାୟାବତୀଙ୍କ ଏଭଳି ସ୍ପଷ୍ଟୀକରଣକୁ ରାଜନୈତିକ ବିଶ୍ଳେଷକମାନେ ଭିନ୍ନ ଦୃଷ୍ଟିରେ ଦେଖିବା ସ୍ୱାଭାବିକ। କୁହାଯାଉଛି ଉତ୍ତରପ୍ରଦେଶର ୮୦ ଲୋକସଭା ଆସନ ମଧ୍ୟରୁ ବିଏସ୍‌ପି ୧୦ ଓ ଏସ୍‌ପି ୫ ଆସନ ହାସଲ କରି ଘୋର ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ। ଯେହେତୁ ବିଏସ୍‌ପି ଅଧିକ ଆସନ ପାଇପାରିଛି, ଦାବି କରିଛି ଯେ ଏସ୍‌ପି ପାଖରେ ଯେଉଁ ଯାଦବ ଭୋଟ ଥିଲା ତାହା ଭାଜପା ଆଡ଼କୁ ଚାଲିଯାଇଛି। ଏଭଳି କହିବା ପଛରେ ଉଦ୍ଦେଶ୍ୟ ରହିଛି ଯେ ଏସ୍‌ପି ଯେତିକି ବି ଆସନ ପାଇଛି, ତାହା ବିଏସ୍‌ପିର ଦଳିତ ଭୋଟ ଯୋଗୁ ସମ୍ଭବ ହୋଇଛି। ଅନ୍ୟପକ୍ଷରେ ଏସ୍‌ପି ମୁଖ୍ୟ ଅଖିଳେଶ କହିଛନ୍ତି, ତାଙ୍କ ଦଳ ମଧ୍ୟ ଆଗାମୀ ବିଧାନସଭା ଉପନିର୍ବାଚନରେ ନିଜର ଶକ୍ତି ପ୍ରଦର୍ଶନ କରିବ। ଏତିକିରୁ ବୁଝାଯାଇପାରେ ଯେ ଉଭୟ ଦଳ ଭାଜପାକୁ ହରାଇବା ଲକ୍ଷ୍ୟ ରଖି ଯେଉଁ ମେଣ୍ଟ ଗଠନ କରିଥିଲେ, ଆଶାନୁରୂପ ସଫଳତା ନ ପାଇବାରୁ ଭିନ୍ନେ ହୋଇଯାଇଛନ୍ତି।

ନିର୍ବାଚନ ପୂର୍ବ ଓ ପରର ରାଜନୈତିକ ଦୃଶ୍ୟପଟ ଦେଖିଲେ ମାୟାବତୀ, ଅଖିଳେଶ, ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ ଏବଂ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଜନସାଧାରଣ ଗ୍ରହଣ ନ କରିବା ପଛରେ ଅନେକ କାରଣ ରହିଛି। ଯେଉଁ ଗୋଟିଏ କାରଣ ସମସ୍ତଙ୍କ ପାଇଁ କାଳ ହୋଇଛି ବୋଲି ଆଲୋଚନା ହେଉଛି, ତାହା ହେଲା ପ୍ରତ୍ୟେକ ବିରୋଧୀ ନେତା କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବ୍ୟକ୍ତିଗତ ସ୍ତରରେ ଆକ୍ରମଣ କଲେ। ଏହା ପରିବର୍ତ୍ତେ ଯଦି ଭାଜପାକୁ ବିରୋଧ କରୁଥିବା ଦଳଗୁଡ଼ିକ ନିଜର ଅର୍ଥନୈତିକ, ସାମାଜିକ ଏବଂ ବହିର୍ବ୍ୟାପାର ସଂକ୍ରାନ୍ତ ନୀତିକୁ ଲୋକଙ୍କ ସମ୍ମୁଖରେ ରଖିଥାଆନ୍ତେ, ହୁଏତ ବାଲାକୋଟ ଏବଂ ଅନ୍ୟ କେତେକ ଅପ୍ରାସଙ୍ଗିକ ପ୍ରସଙ୍ଗ ପ୍ରତି ଜନସାଧାରଣ ଆକର୍ଷିତ ହୋଇ ନ ଥାଆନ୍ତେ। ଯେତେବେଳେ ସବୁ ବିରୋଧୀ ଏକାଠି ହୋଇ ଜଣଙ୍କୁ ଗାଳିଦେଲେ, ସେତେବେଳେ ଲୋକେ ଭାବିନେଇଥାଇପାରନ୍ତି ଯେ ଗାଳି ଖାଉଥିବା ଲୋକ ନିଶ୍ଚିତ ଶକ୍ତିଶାଳୀ ଅଛନ୍ତି ଏବଂ ତାଙ୍କୁ ସମର୍ଥନ କଲେ ସ୍ଥିର ସରକାର ମିଳିପାରିବ। ନିର୍ବାଚନ ଫଳ ବାହାରିବା ପରେ ଭାଜପା ସପକ୍ଷରେ ଜନମତ ଆସିଥିବାରୁ ବିରୋଧୀ ହତାଶ ହୋଇପଡ଼ିଛନ୍ତି। ବିରୋଧୀଙ୍କ ପକ୍ଷେ ବୁଦ୍ଧିମାନର କାର୍ଯ୍ୟ ହୋଇଥାଆନ୍ତା ଯଦି ସେମାନେ କେବଳ ବିରୋଧ କରିବା ନାମରେ ବିରୋଧ କରିବାର ଚିନ୍ତାଧାରାଠାରୁ ଓହରି ଯାଇଥାଆନ୍ତେ। ମୋଦିଙ୍କୁ ବ୍ୟକ୍ତିଗତ ଭାବେ ନାପସନ୍ଦ ନ କରି ତାଙ୍କ ସରକାରଙ୍କ ଭୁଲ୍‌ଭଟକା ଏବଂ କେତେକ ଅବାଞ୍ଛିତ ନୀତିକୁ ସକାରାତ୍ମକ ଶୈଳୀରେ ସମାଲୋଚନା କରିଥାଆନ୍ତେ, ତାହା ହେଲେ ଲୋକେ ହୁଏତ ବିରୋଧୀଙ୍କୁ ଗ୍ରହଣ କରିଥାଆନ୍ତେ। ଏଥିସହିତ କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ବା କାର୍ଯ୍ୟକ୍ରମର ବାସ୍ତବତା ଉପଲବ୍ଧି କରି ସରକାରଙ୍କୁ ସହଯୋଗ କରିବାର ଚିନ୍ତାଧାରା ବିରୋଧୀଙ୍କ ମୁଣ୍ଡରେ ନ ଜୁଟିବାରୁ ସେମାନଙ୍କୁ ବିଫଳତା ଚାଖିବାକୁ ପଡ଼ିଲା ବୋଲି କୁହାଯାଉଛି। ଅବଶ୍ୟ ବିରୋଧୀ ଧରି ନେଇଥିଲେ ଯେ ମୋଦିଙ୍କ ବିମୁଦ୍ରୀକରଣ ଓ ଜିଏସ୍‌ଟି ପ୍ରଚଳନ ଭଳି କଠୋର ନିଷ୍ପତ୍ତି ଜନସାଧାରଣଙ୍କ ନିକଟରେ ସରକାରକୁ ନିନ୍ଦିତ କରିଥିବ ଏବଂ ତାହା ଭୋଟରେ ପ୍ରତିଫଳିତ ହେବ। କିନ୍ତୁ ସରକାର ବିରୋଧୀ ହାୱା ସରକାରଙ୍କ ସପକ୍ଷରେ ବୋହିଗଲା। ଏଭଳି ହେବା ପଛରେ ଆଉ ଯେଉଁ କାରଣଟି ମୁଖ୍ୟ ଭୂମିକା ଗ୍ରହଣ କରିଛି ବୋଲି ଅନ୍ଦାଜ ଲଗାଯାଉଛି, ତାହା ହେଲା ବିରୋଧୀଙ୍କ ମଧ୍ୟରେ ଏକତା ରହିଲା ନାହିଁ କି କେହି ଜଣେ ସର୍ବମାନ୍ୟ ନେତା ଭାବେ ସାଧାରଣରେ ପ୍ରଦର୍ଶିତ ହୋଇପାରିଲେ ନାହିଁ।

୨୦୧୯ ସାଧାରଣ ନିର୍ବାଚନ ଆଉ ଗୋଟିଏ ଶିକ୍ଷା ଦେଇଗଲା ଯେ, ଭୋଟରଙ୍କୁ କଳିବା ସହଜ ନୁହେଁ। ପୂର୍ବାପେକ୍ଷା ଏଥର ମତଦାତା ବୁଦ୍ଧି ଖଟାଇ ନେତା ବାଛିବାକୁ ପସନ୍ଦ କରିଛନ୍ତି। ଏଥିସହିତ ପାରମ୍ପରିକ ଗଣମାଧ୍ୟମଠାରୁ ସୋସିଆଲ ମିଡିଆକୁ ଭଲ ଭାବେ ଯିଏ ପରିଚାଳନା କରିପାରିଛନ୍ତି, ସେମାନଙ୍କ ଭାଗରେ ଅଧିକ ସଂଖ୍ୟା ପଡ଼ିଛି ବୋଲି କୁହାଯାଉଛି। ବ୍ରିଟିଶ ଐତିହାସିକ, ରାଜନେତା ତଥା ଲେଖକ ଜନ୍ ଏମ୍ରିଚ୍ ଏଡ୍‌ୱାର୍ଡ ଡାଲବର୍ଗ ଆକ୍ଟନଙ୍କ ମତରେ 'ପାୱାର ଟେନ୍‌ଡସ ଟୁ କରପ୍ଟ ଆଣ୍ଡ ଆବସଲ୍ୟୁଟ ପାୱାର କରପ୍ଟସ ଆବସଲ୍ୟୁଟ୍‌ଲି'। ଅର୍ଥାତ୍ କ୍ଷମତା ଦୁର୍ନୀତି ଆଡ଼କୁ ଢଳିଥାଏ ଏବଂ ସମ୍ପୂର୍ଣ୍ଣ କ୍ଷମତା ଦୁର୍ନୀତିରେ ବୁଡ଼ିଯାଏ। ତେଣୁ ଆଜି ଯେଉଁମାନେ ନିରଙ୍କୁଶ କ୍ଷମତା ଉପଭୋଗ କରୁଛନ୍ତି, ସେମାନଙ୍କ କାର୍ଯ୍ୟଶୈଳୀ ଉପରେ ବିରୋଧୀ ତୀକ୍ଷ୍ଣ ନଜର ରଖିବା ଦରକାର। ଧୈର୍ଯ୍ୟ ଧରି ସରକାରଙ୍କ ଭୁଲ ବାଛି ତାହାକୁ ଲୋକଲୋଚନକୁ ଆଣିପାରିଲେ ବିରୋଧୀ ସଫଳତା ପାଇପାରନ୍ତି। 'ରୋଗ ବିକଳରେ ତାଟିଆ କାମୁଡିଲେ' ବ୍ୟାଧି କେବେ ବି ଉପଶମ ହୋଇପାରିବ ନାହିଁ। ରାଜନୈତିକ ବ୍ୟକ୍ତିମାନେ ସୁବିଧାବାଦ ରାଜନୀତିରୁ ଊର୍ଦ୍ଧ୍ୱକୁ ଉଠି ଜନସାଧାରଣଙ୍କ ବାସ୍ତବ ସମସ୍ୟା ବୁଝିଲେ ଲୋକେ ସେମାନଙ୍କୁ ଲୋଡ଼ିବେ।

# ବାୟୁ ପ୍ରଦୂଷଣର ବିଷମ ପରିଣତି



ଡ. ଦେବାନନ୍ଦ ବେଉରା

ପରିବେଶର ଅନ୍ୟତମ ଅଙ୍ଗ ବାୟୁମଣ୍ଡଳ ଏକ ନିର୍ଦ୍ଦିଷ୍ଟ ଉଚ୍ଚତା ମଧ୍ୟରେ ପୃଥିବୀକୁ ଘେରି ରହିଛି। ବିଭିନ୍ନ ବାଷ୍ପର ଆନୁପାତିକ ମିଶ୍ରଣର ପରିପ୍ରକାଶ ହେଉଛି ବାୟୁମଣ୍ଡଳ। ଜୀବର ବଞ୍ଚିବାରେ ସହାୟକ ବାୟୁମଣ୍ଡଳ କ୍ରମଶଃ ସଂହାରକ ସାଜୁଛି। ତା'ର କାରଣ ବାୟୁର ବିଶୁଦ୍ଧତା କମୁଛି ଓ ପ୍ରଦୂଷଣ ବଢ଼ୁଛି। ବାୟୁମଣ୍ଡଳରେ ବିଷାକ୍ତ ତଥା କ୍ଷତିକାରକ ଉପାଦାନର ମାତ୍ରା ବଢିଯିବା ଦ୍ୱାରା ଏହାର ମାନ କମୁଛି। ଫଳରେ ଏହା ବ୍ୟବହାର ଅନୁପଯୁକ୍ତ ହେବା ସହିତ ନାନା ରୋଗ ସୃଷ୍ଟି ଓ ସଂକ୍ରମଣର କାରକ ସାଜୁଛି। ମଣିଷ ସହିତ ଅନ୍ୟ ଜୀବଜନ୍ତୁ, ଗଛଲତା ଏଥିରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ବାୟୁ ପ୍ରଦୂଷଣ ଜଳବାୟୁ ପରିବର୍ତ୍ତନର କାରଣ। ପରିବେଶରେ ପ୍ରତିଟି ବାଷ୍ପର ପରିମାଣ ଓ ବିଶୁଦ୍ଧତା ବଜାୟ ରଖିବାରେ ଅନ୍ୟ ଜୀବଜନ୍ତୁ ଓ ଗଛଲତାଙ୍କର ଭୂମିକା ରହିଥିଲା ବେଳେ କେବଳ ମଣିଷ ଏହାକୁ ପ୍ରଦୂଷିତ କରିଚାଲିଛି। ବାୟୁ ପ୍ରଦୂଷଣ ଯୋଗୁ ବିଶ୍ୱରେ ବାର୍ଷିକ ପ୍ରାୟ ୪.୨ ନିୟୁତ ଲୋକ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ପ୍ରଦୂଷିତ ବାୟୁର ପରିବ୍ୟାପ୍ତି ଏତେ ଅଧିକ ଯେ ପ୍ରାୟ ୯୧ ପ୍ରତିଶତ ଲୋକ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଦ୍ୱାରା ସ୍ଥିରୀକୃତ ବାୟୁର ମାନଠାରୁ ନିମ୍ନମାନର ସ୍ଥାନରେ ବସବାସ କରିବାକୁ ବାଧ୍ୟ ହେଉଛନ୍ତି।

ବିଭିନ୍ନ ପ୍ରକାର ପରିବେଶୀୟ ପ୍ରଦୂଷଣ ସହିତ ବାୟୁ ପ୍ରଦୂଷଣ ବିଷୟରେ ଆଜିର ପିଢି ଭଲଭାବରେ ପରିଚିତ। ବିଦ୍ୟାଳୟର ପାଠ୍ୟଖସଡା ବା ବିଶ୍ୱବିଦ୍ୟାଳୟସ୍ତରୀୟ ଗବେଷଣା ହେଉ ବା ବର୍ଷତମାମ ପାଠଚକ୍ର, ଆଲୋଚନାଚକ୍ର କିମ୍ବା ସଚେତନତା ଶିବିର ସବୁଠି ପରିବେଶ, ପରିସଂସ୍ଥା ଓ ପ୍ରଦୂଷଣକୁ ନେଇ ଚର୍ଚ୍ଚା। ମାତ୍ର ବାସ୍ତବ କ୍ଷେତ୍ରରେ ତାହା ପ୍ରତିଫଳିତ ହେବା ପରି ମନେହୁଏନି। ନ ହେଲେ ଦିଲ୍ଲୀ, ବେଜିଂ ସମେତ ବିଶ୍ୱର ବଡବଡ ସହର ବାୟୁ ପ୍ରଦୂଷଣରେ ତ୍ରାହି ତ୍ରାହି ଡାକୁ ନ ଥାନ୍ତେ। ଆମେ ସଚେତନ ହୋଇଥିଲେ ମୁଣ୍ଡପିଛା ଦୁଇତିନିଟା ଗାଡି ଚଢୁ ନ ଥାନ୍ତେ, ଦିୱାଳିରେ ବାଣ ଫୁଟାଉ ନ ଥାନ୍ତେ କି ପଲିଥିନ ଜାଳି ପରିବେଷ୍ଟନୀକୁ ପରିଷ୍କାର ରଖିବାର ଅମୂଳକ କାର୍ଯ୍ୟ କରୁ ନ ଥାନ୍ତେ। ବାୟୁ ପ୍ରଦୂଷଣର କୁପ୍ରଭାବ ନା ହଠାତ୍ ପ୍ରତିଫଳିତ ହୁଏ ନା ବାୟୁର ମାନ ସବୁସ୍ଥାନରେ ସବୁବେଳେ ମପାଯାଏ। ଏହି ମର୍ମରେ ବାୟୁ ପ୍ରଦୂଷଣର ପରିଣତି ବିଷୟକ ସଚେତନତାକୁ ନେଇ ସାଧାରଣ ଜନତା ସହମତ ହୋଇପାରନ୍ତି ନାହିଁ। ସେଥିପାଇଁ ବାୟୁମଣ୍ଡଳକୁ ପ୍ରଦୂଷିତ କରୁଥିବା କାର୍ଯ୍ୟାବଳୀରୁ ବିରତ ରହିପାରନ୍ତି ନାହିଁ। ଯଦି ଭାରତର ରାଜଧାନୀ ଦିଲ୍ଲୀ କଥା ଦେଖିବା ଏହା ବିଶ୍ୱର ଷଷ୍ଠ ପ୍ରମୁଖ ପ୍ରଦୂଷିତ ମହାନଗରୀ ଭାବେ ପରିଗଣିତ। ୨୦୧୪ ମେ'ରେ ଡବ୍ଲ୍ୟୁଏଚ୍‌ଓ ଦିଲ୍ଲୀକୁ ବିଶ୍ୱର ସର୍ବାଧିକ ପ୍ରଦୂଷିତ ସହର ଭାବେ ଘୋଷଣା କରିଥିଲା। ଏଠାରେ ବର୍ଷକୁ ପ୍ରାୟ ଦଶ ହଜାର ଲୋକ ବାୟୁ ପ୍ରଦୂଷଣଜନିତ ରୋଗରେ ଅକାଳ ମୃତ୍ୟୁବରଣ କରିଥାନ୍ତି। ଏମିତି ଆମ ଦେଶରେ ଏକାଧିକ ମହାନଗରୀ, ସହର ତଥା ସ୍ଥାନ ଅଛି ଯେଉଁଠି ବାୟୁ ପ୍ରଦୂଷଣ ମାତ୍ରାର ଚିତ୍ର ସ୍ପଷ୍ଟ ହୁଏନାହିଁ କିମ୍ବା ଜନତା ସଚେତନ ନ ଥାନ୍ତି। ବିଶ୍ୱସ୍ତରରେ ମଧ୍ୟ ସେହି ସମାନ କଥା।

ଧୂଳି, ଧୂଆଁ, ଅତି ସୂକ୍ଷ୍ମକଣିକା ଏବଂ କିଛି ବିଷାକ୍ତ ବାଷ୍ପ ବାୟୁମଣ୍ଡଳକୁ ପ୍ରଦୂଷିତ କରିଥାନ୍ତି। ଏମାନଙ୍କ ଉତ୍ପତ୍ତିର ଉତ୍ସମାନ ହିଁ ବାୟୁ ପ୍ରଦୂଷଣକୁ ପ୍ରୋତ୍ସାହିତ କରିଥାନ୍ତି। ଶିଳ୍ପ, ଗାଡିମୋଟର, ଟ୍ରାଫିକ, ସଡକ ଧୂଳି, ଖଣିଖାଦାନ, ପରିବହନ ଇତ୍ୟାଦିରେ ବୃଦ୍ଧି ବାୟୁମଣ୍ଡଳର ମାନକୁ ନିମ୍ନକୁ ଟାଣିଚାଲିଛି। କଳକାରଖାନା, ଗାଡିମୋଟରରେ ଇନ୍ଧନ ଭାବେ ବ୍ୟବହୃତ କୋଇଲା, ପେଟ୍ରୋଲ, ଡିଜେଲ ଆଦି ଜୀବାଶ୍ମ ଜାଳେଣିରୁ ନିର୍ଗତ ସଲଫର ଡାଇଅକ୍ସାଇଡ, କାର୍ବନ ମନୋକ୍ସାଇଡ ତଥା ନାଇଟ୍ରୋଜେନ ଅକ୍ସାଇଡ ଦ୍ୱାରା ବାୟୁମଣ୍ଡଳ ବିଶେଷଭାବେ ପ୍ରଦୂଷିତ ହୋଇଥାଏ। ଆଧୁନିକ କୃଷି ପଦ୍ଧତିରେ ବ୍ୟବହୃତ ରାସାୟନିକ ସାର, ଔଷଧ, କୀଟନାଶକ ବହୁଳତା କାରଣରୁ ଆମୋନିଆ ଭଳି ବିପଦପୂର୍ଣ୍ଣ ଗ୍ୟାସ ପ୍ରଚୁରମାତ୍ରାରେ ବାୟୁମଣ୍ଡଳରେ ମିଶୁଛି। ଖଣି ଖନନ, ଖଣିଜ ପରିବହନ ସମୟରେ ପ୍ରଚୁରମାତ୍ରାରେ ଧୂଳି ଏବଂ ରାସାୟନିକ ପଦାର୍ଥ ବାୟୁରେ ମିଶି ଏହାକୁ ପ୍ରଦୂଷିତ କରୁଛି। ଜନସଂଖ୍ୟା ବୃଦ୍ଧିକୁ ତାଳଦେଇ ଗାଡିମୋଟର ସଂଖ୍ୟା ବଢିବାରେ ଲାଗିଛି। ସ୍ଥିତି ଏମିତି ହେଲାଣି ସହର ବଜାରରେ ସବୁବେଳେ ଲାଗିରହିଛି ଟ୍ରାଫିକ ଜାମ୍। ଅନେକ ସମୟ ଧରି ଷ୍ଟାର୍ଟରେ ଥାଇ ରାସ୍ତା ଉପରେ ଗାଡିମୋଟର ଛିଡା ହୋଇ ରହୁଛି କିମ୍ବା ଅତି ନିମ୍ନ ବେଗରେ ଗତି କରୁଛି, ଯାହା ଅଧିକ ବିଷାକ୍ତ ବାଷ୍ପ ଛାଡି ବାୟୁ ପ୍ରଦୂଷଣ କରୁଛି। ସେହିପରି କଚ୍ଚା ରାସ୍ତାରେ ପରିବହନ ପାଇଁ ଅଧିକ ମାତ୍ରାରେ ଧୂଳି ଉଡି ବାୟୁରେ ମିଶୁଛି। ଶସ୍ୟ ଅମଳ ପରେ କ୍ଷେତରେ ନଡା କିମ୍ବା ଉମ୍ପିଂୟାର୍ଡ ବା ଘରୋଇ ବର୍ଜ୍ୟବସ୍ତୁ ଜଳାଇବା ଦ୍ୱାରା ପ୍ରଚୁର ଧୂଆଁ ସହିତ ସୂକ୍ଷ୍ମକଣିକା ବାୟୁରେ ମିଶୁଛି। ଫଳରେ ବାୟୁମଣ୍ଡଳରେ ଭାସମାନ ସୂକ୍ଷ୍ମ କଣିକା (ଏସ୍‌ପିଏମ୍)ର ମାତ୍ରା ବଢି ବାୟୁ ପ୍ରଦୂଷିତ ହେଉଛି। ବାୟୁ ପ୍ରଦୂଷଣକାରୀ ଏ ଯେଉଁ କେତୋଟି ପ୍ରମୁଖ ଉତ୍ସ ଓ ଉପାଦାନ କଥା କୁହାଗଲା ତାହା ମୁଖ୍ୟତଃ ମଣିଷର କାର୍ଯ୍ୟକଳାପ ସହିତ ସଂଯୋଜିତ। ଯେଉଁଠି ମଣିଷର ଏସବୁ କାର୍ଯ୍ୟକଳାପକୁ ଉନ୍ନତି ଓ ଆଧୁନିକତାର ମାପକାଠି ବୋଲି ଧରି ନିଆଯାଉଛି ସେପରି ସ୍ଥଳେ ବାୟୁ ପ୍ରଦୂଷଣ କମିବ କେମିତି? ବାୟୁ ପ୍ରଦୂଷଣ ନିଃଶ୍ୱାସପ୍ରଶ୍ୱାସ, ହୃତ୍‌ପିଣ୍ଡ ସମ୍ବନ୍ଧୀୟ ରୋଗ ସାଙ୍ଗକୁ କର୍କଟ ରୋଗ ଭଳି ଅନେକ ପ୍ରକାରର ଶାରୀରିକ ଜଟିଳତା ବୃଦ୍ଧି କରିବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନ, ବିଶ୍ୱତାପନ, ଅମ୍ଳବୃଷ୍ଟି, ଓଜୋନ ସ୍ତର ଅବକ୍ଷୟ ଆଦି ପରିବେଶୀୟ ପ୍ରତିକୂଳ ପ୍ରଭାବ ସୃଷ୍ଟିରେ ମୁଖ୍ୟ ଭୂମିକା ଗ୍ରହଣ କରିଛି ବାୟୁ ପ୍ରଦୂଷଣ। ଏହାଦ୍ୱାରା ମଣିଷ ଯେ ଖାଲି ଭୋଗୁଛି ତାହା ନୁହେଁ, ପଶୁପକ୍ଷୀ, ଗଛଲତା କ୍ରମଶଃ ବିଲୁପ୍ତି ପଥରେ ଅଗ୍ରସର ହେଉଛନ୍ତି।

ବାୟୁ ପ୍ରଦୂଷଣ ପରି ସମସ୍ୟାର ସମାଧାନ ପନ୍ଥା ମଣିଷ ପାଖରେ ଅଛି ଏବଂ ଏହା ସମ୍ଭବ ମଧ୍ୟ। ଆମେ ଆମର ଚିନ୍ତାଧାରା, କାର୍ଯ୍ୟକଳାପ ଏବଂ ଜୀବନଶୈଳୀରେ ବଡ଼ଧରଣର ପରିବର୍ତ୍ତନ ଆଣିବାର ବେଳ ଆସିଛି। ବିଳାସମୟ ଜୀବନରେ ଶକ୍ତି, ଇନ୍ଧନ, ବୈଦ୍ୟୁତିକ ଉପକରଣର ବ୍ୟବହାରକୁ କମ୍ କରିବାକୁ ପଡିବ। ବ୍ୟକ୍ତିଗତ ଗାଡିମୋଟର ସଂଖ୍ୟା କମାଇ ସର୍ବସାଧାରଣ ପରିବହନ ବ୍ୟବସ୍ଥା ଆପଣେଇବାର ମାନସିକତା ଉଦ୍ରେକ କରିବାକୁ ପଡିବ। ତା'ହେଲେ ଜୀବାଶ୍ମ ଜାଳେଣି ଖର୍ଚ୍ଚ କମିବ, ଟ୍ରାଫିକ ସମସ୍ୟା ସମାଧାନ ହୋଇ ଧୂଳିଧୂଆଁରୁ ମୁକ୍ତି ମିଳିବ। ବିଜୁଳି ଶକ୍ତିର ସଂରକ୍ଷଣ ତଥା ଶୃଙ୍ଖଳିତ ବ୍ୟବହାର କରିପାରିଲେ ତାପଜ ବିଦ୍ୟୁତ୍ ଉତ୍ପାଦନ ପାଇଁ ପ୍ରଚୁର କୋଇଲା ଜଳି ଯେଉଁ ବାୟୁ ପ୍ରଦୂଷଣ ହେଉଛି ତାହା କମିପାରିବ। ଏହା ସହିତ କମ୍ ବିଜୁଳି ଖର୍ଚ୍ଚ କରୁଥିବା ବୈଦ୍ୟୁତିକ ଉପକରଣ ଏବଂ ବଲ୍‌ବ ବ୍ୟବହାରକୁ ଅଗ୍ରାଧିକାର ଦିଆଯିବା ଦରକାର। ତେବେ ଶକ୍ତି ସଞ୍ଚୟକାରୀ ରେଫ୍ରିଜରେଟର, ଏୟାରକଣ୍ଡିଶନର ମିଳୁଛି ବୋଲି ଗୋଟିଏ ଜାଗାରେ ଦୁଇ-ତିନୋଟି ବ୍ୟବହାର କରିବା କେତେ ଯୁକ୍ତିଯୁକ୍ତ? ଯଥାସାଧ୍ୟ ଖୋଲା ଡ୍ରେନକୁ ଆବରଣଯୁକ୍ତ କରାଯିବା ଦରକାର, ଯେଉଁଥିରୁ ବାହାରୁଥିବା କଠିନ ଆବର୍ଜନା ସମୟକ୍ରମେ ଶୁଖି ଧୂଳି ଉଡାଇଥାଏ। ଘରୋଇ, ମ୍ୟୁନିସିପାଲ ଆବର୍ଜନା ସହିତ କୃଷିକ୍ଷେତ୍ରର ଶସ୍ୟ, ନଡାକାଠି ସବୁକୁ ନ ଜାଳି ଉପଯୁକ୍ତ ପ୍ରଣାଳୀରେ ଲ୍ୟାଣ୍ଡଫିଲ କରାଯାଇପାରେ। ଶୁଷ୍କ ଆବର୍ଜନା, ବାଲି, ଖଣିଜ ପଦାର୍ଥ ପରିବହନକୁ ଆବରଣଯୁକ୍ତ କଲେ ତଦ୍ଦ୍ୱାରା ହେଉଥିବା ବାୟୁ ପ୍ରଦୂଷଣ କମିଯିବ। ଖଣିଖାଦାନ, କଳକାରଖାନା ଅଞ୍ଚଳର କଚ୍ଚା ରାସ୍ତା ଉପରେ ନିୟମିତ ପାଣି ସିଞ୍ଚନ ବ୍ୟବସ୍ଥା ହେବା ଆବଶ୍ୟକ। ଏମିତି ଛୋଟବଡ ଅନେକ ଦିଗ ରହିଛି ଯାହାର ପ୍ରତିକାରାତ୍ମକ ଉପଚାର କରିପାରିଲେ ବାୟୁ ପ୍ରଦୂଷଣ ପରି ଜୀବନନାଶକ ସମସ୍ୟାକୁ ପ୍ରଶମିତ କରାଯାଇପାରିବ। ଏହି ଦିଗରେ ଜନସଚେତନତା ସୃଷ୍ଟି ପାଇଁ ୨୦୧୯ ମସିହା ବିଶ୍ୱ ପରିବେଶ ଦିବସରେ 'ବାୟୁ ପ୍ରଦୂଷଣ' ବିଷୟ ଉପରେ ଧ୍ୟାନ ଆକର୍ଷଣ କରାଯାଇଛି।

ଭୂତତ୍ତ୍ୱ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର, ମୋ-୯୮୬୧୨୧୩୪୭୨

# ପାରିବେଶିକ ଅସନ୍ତୁଳନ



ସବ୍ୟସାଚୀ ଅମିତାଭ

ଜୁନ୍ ୫ ବିଶ୍ୱ ପରିବେଶ ଦିବସ। ବର୍ତ୍ତମାନ ସମୟରେ ଯେଉଁ ମାତ୍ରାରେ ପ୍ରକୃତି ବିଗିଡ଼ିବାରେ ଲାଗିଲାଣି, ତାହା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏବେକାର ଫନୀ ମହାବାତ୍ୟା ହେଉ ଅବା ୧୯୯୯ ସୁପର ସାଇକ୍ଲୋନ୍ କିମ୍ବା ଅତୀତର ସୁନାମି ବା ନେପାଳ ଭୂମିକମ୍ପ- ପାରିବେଶିକ ଅସନ୍ତୁଳନଜନିତ ଭୟାବହତାର ଏସବୁ ଜ୍ୱଳନ୍ତ ଉଦାହରଣ। ଆଗାମୀ ଦିନରେ ପ୍ରକୃତିର ଏହି କ୍ରୂରତା କିଭଳି ଆକାର ଧାରଣ କରିବ, ତାହା ଆମ କଳ୍ପନାର ବାହାରେ। ଜଙ୍ଗଲ ଧ୍ୱଂସ କାରଣରୁ ବିଶ୍ୱତାପନ ବଢ଼ି ବଢ଼ି ଚାଲିଛି, ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି, ମୃତ୍ତିକା କ୍ଷୟ ବଢ଼ିବା ସହ ବୃଷ୍ଟିପାତ କମୁଛି। ଏହାଫଳରେ ଉତ୍ପାଦନ ବ୍ୟାହତ ହେବା ସହ ପରିବେଶ ନଷ୍ଟ ହେଉଛି।

ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ କାରଣରୁ କେଉଁଠି ମରୁଭୂମିରେ ପତ୍ର କଅଁଳିଲାଣି ତ ଆଉ କେଉଁଠି ସବୁଜ ଅଞ୍ଚଳ ଲଣ୍ଡା ହୋଇଗଲାଣି। ନେଚର କ୍ଲାଇମେଟ୍ ଚେଞ୍ଜ୍ ପତ୍ରିକାର ତଥ୍ୟ ଅନୁସାରେ, ଉତ୍ତର-ପଶ୍ଚିମ ୟୁରେସୀୟ ତୁନ୍ଦ୍ରା ଅଞ୍ଚଳ (ଫିନ୍‌ଲାଣ୍ଡରୁ ପଶ୍ଚିମ ସାଇବେରିଆ ମଧ୍ୟରେ ପରିବ୍ୟାପ୍ତ)ରେ ଏବେ ବୁଦା ବୁଦା ଗଛ ଉଠିଲାଣି। ଜଳବାୟୁରେ ଏପରି ବିଷମତା ଦେଖାଯାଉଥିବାରୁ ଆମ ପାରିପାର୍ଶ୍ୱିକ ଅବସ୍ଥା କଦର୍ଯ୍ୟ ହେବାରେ ଲାଗିଛି। ଏହି କାରଣରୁ ଋତୁଚକ୍ରରେ ପରିବର୍ତ୍ତନ ଦେଖାଯାଉଛି। ୬ ଋତୁ ଆଜି ଆମ ପାଇଁ ସାତ ସପନ। ପୌଷ ଓ ମାଘର ହାଡ଼ଭଙ୍ଗା ଶୀତ କେବଳ ପିଲାଙ୍କ ବହିରେ ରହିଛି। ଶୀତଦିନେ ଗରମ ପୋଷାକ ଆଗଭଳି ଦରକାର ପଡୁନି। ଫାଲ୍‌ଗୁନ-ଚୈତ୍ରରେ ଆଉ କୋଇଲିର କୁହୁତାନ ବି ଶୁଭୁନି। ହେମନ୍ତ, ଶରତ ଋତୁ ବି ହଜିଗଲାଣି। କେବଳ ବଢ଼ିଚାଲିଛି ଗ୍ରୀଷ୍ମଋତୁର ଅବଧି। ବୈଶାଖ-ଜ୍ୟେଷ୍ଠ କଥା ଛାଡ଼ନ୍ତୁ, ବର୍ଷର ଅଧିକାଂଶ ସମୟରେ ଏବେ ମୁଣ୍ଡଫଟା ଖରା। ଆକାଶରୁ ଅଗ୍ନି ବର୍ଷୁଛି। ଆଷାଢ଼ ମାସରେ ଆସୁଥିବା ମୌସୁମୀ ବି ନିଖୋଜ ହୋଇସାରିଲାଣି। ଧାରା ଶ୍ରାବଣ କହିଲେ ଗୋଟିଏ ପୁରୁଣା ଓଡ଼ିଆ ସିନେମାକୁ ବୁଝୁଛନ୍ତି ଆଜିର ପିଲାମାନେ।

ବର୍ଷ ବର୍ଷ ଧରି ପ୍ରକୃତି ଉପରେ ଚାଲିଛି ଅତ୍ୟାଚାର। ଜନବିସ୍ଫୋରଣ, ଶିଳ୍ପ ଅଭିବୃଦ୍ଧି, ସଡ଼କ କୋଠାବାଡ଼ି ନିର୍ମାଣ ପାଇଁ ବେଧଡ଼କ ଭାବେ ଚାଲିଛି ଗଛକଟା। ଫଳରେ ବାୟୁମଣ୍ଡଳରୁ ଅମ୍ଳଜାନ କମି ବିଷାକ୍ତ ଅଙ୍ଗାରକାମ୍ଳ ପରିମାଣ ବଢ଼ିବାରେ ଲାଗିଛି। କଳକାରଖାନାରୁ ବାହାରୁଥିବା ଗ୍ୟାସ୍ ଓ ଅନ୍ୟ ରାସାୟନିକ ପ୍ରକ୍ରିୟା ଏବଂ ପ୍ରତିକ୍ରିୟାରୁ ପ୍ରଦୂଷିତ ହେବାରେ ଲାଗିଛି ବାୟୁ, ଜଳ ଓ ମୃତ୍ତିକା। ଚଳିତ ବର୍ଷ ବିଶ୍ୱ ପରିବେଶ ଦିବସର ଥିମ୍ ରହିଛି- 'ବିଟ୍ ଏୟାର ପଲ୍ୟୁଶନ'। ପୃଥିବୀର ତାପମାତ୍ରା ବୃଦ୍ଧିର ଅନ୍ୟ ଏକ ପ୍ରମୁଖ କାରଣ ହେଲା ବାୟୁ ପ୍ରଦୂଷଣ। ସ୍ଥିତି ଏପରି ଜାରି ରହିଲେ, ସେଦିନ ଆଉ ଡେରି ନାହିଁ ମେରୁ ନିକଟରେ ଜମାହୋଇ ଜଳବାୟୁକୁ ନିୟନ୍ତ୍ରଣ କରୁଥିବା ବରଫ ତରଳିଯିବ। ଏହାଦ୍ୱାରା ସମୁଦ୍ର ପତ୍ତନ ଆଉ ୧୫ରୁ ୨୦ ଫୁଟ ବଢ଼ିଯିବ। ୧୫ରୁ ୨୦ ଫୁଟ କଥା ଛାଡ଼ନ୍ତୁ, ମାତ୍ର ୪-୫ ଫୁଟ୍ ସମୁଦ୍ର ପତ୍ତନ ବଢ଼ିଲେ ସାରା ବିଶ୍ୱ ଜଳରେ ଲୀନ ହୋଇଯିବ।

ଆମ ରାଜ୍ୟରେ ପ୍ରଚଣ୍ଡ ଗରମ ଓ ଅଗ୍ନିବର୍ଷା ମଧ୍ୟ ପରିବେଶଗତ ବିଷମତାରୁ ଜନ୍ମ ନେଇଛି। ଉପକୂଳରେ ଯେଉଁ ହେନ୍ତାଳ ବଣ ଥିଲା, ତାହା ଏବେ ଲୋପ ପାଇସାରିଛି। ପରିବେଶ ସୁରକ୍ଷା ପାଇଁ ଆମର ପ୍ରଚେଷ୍ଟା ଅତୀତ ଦିନମାନଙ୍କରେ ସନ୍ତୋଷଜନକ ରହିନି। ଏବେ କିନ୍ତୁ ପରିବେଶ ପାଇଁ ଚିନ୍ତା କରିବାର ସମୟ ଆସିଗଲାଣି। ସୁସ୍ଥ ପରିବେଶ ରହିଲେ ଆମେ ରହିବା, ଏହା ବୁଝିବାକୁ ପଡ଼ିବ। ବନୀକରଣ, ବ୍ୟାପକ ବୃକ୍ଷ ରୋପଣ, ସାମୁଦ୍ରିକ ଉପକୂଳରେ ଲୁଣା ଜଙ୍ଗଲ ସୃଷ୍ଟି ଓ ପରିବେଶଗତ ପରିଚାଳନାକୁ ଗୁରୁତ୍ୱ ଦେବାକୁ ହେବ।

ଭୁବନେଶ୍ୱର, ମୋ-୯୪୩୮୨୯୬୫୧୯

## ଏଇ ଭାରତରେ

ମାଲିକଙ୍କ ଜୀବନ ବଞ୍ଚାଇବା ପାଇଁ ବାଘ ସହ ଲଢ଼ିଲା ପୋଷା କୁକୁର। ମଧ୍ୟପ୍ରଦେଶର ସେଓନି ଜିଲାରେ ଏଭଳି ଏକ ଘଟଣା ଘଟିଛି। ସ୍ଥାନୀୟ ଜାତୀୟ ଅଭୟାରଣ୍ୟ କୁରଇ ଜଙ୍ଗଲକୁ ପରଷ୍ପନି ଗାଁର ପଞ୍ଚମ ନାମକ ଯୁବକ ଶୌଚ ହେବା ପାଇଁ ଯାଇଥିଲେ। ତାଙ୍କ ସହିତ ପୋଷା କୁକୁର ମଧ୍ୟ ଯାଇଥିଲା। ପଞ୍ଚମ ଗୋଟିଏ ଗଛରୁ ଡାଳ ଭାଙ୍ଗିବା କ୍ଷଣି ବାଘଟିଏ ବୁଦା ମଧ୍ୟରୁ ଡିଆଁମାରି ତାଙ୍କୁ ଆକ୍ରମଣ କରିଥିଲା। ସେ ଜୋର୍‌ରେ ଚିତ୍କାର କରିଥିଲେ। ପୋଷା କୁକୁରଟି ଭୟରେ ସେଠାରୁ ଚାଲି ନ ଯାଇ ଭୁକିବାକୁ ଲାଗିଲା। ବାଘଟି ଝାମ୍ପିପଡି ପଞ୍ଚମଙ୍କ ଗଳାକୁ ଧରିବାକୁ ଉଦ୍ୟତ ହେବାବେଳେ କୁକୁର ଜୋର୍‌ରେ ଭୁକିବାକୁ ଲାଗିଲା। କୁକୁର ରଡିରେ ବାଘ ପଞ୍ଚମକୁ ଛାଡିଦେଇ ବୁଦା ଭିତରକୁ ଡିଆଁ ମାରିଲା। ପରେ ଖବରପାଇ ପଞ୍ଚମଙ୍କ ଭାଇ ଏବଂ ଗ୍ରାମବାସୀ ଆସି ତାଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ବନ ବିଭାଗ ପକ୍ଷରୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପଞ୍ଚମଙ୍କୁ ସ୍ଥାନୀୟ ଏକ ହସ୍ପିଟାଲ୍‌ରେ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି। ଏବେ ସେ ସୁସ୍ଥ ଥିବା କୁହାଯାଉଛି।

## ଚିରନ୍ତନୀ

କେଉଁ ମାଟିତଳ ଶୁଖିଲା ବାଲି ରୋଧିଲା ଚାଲି
କେଉଁ ପାଷାଣ ସେ ରକତ ଲୋଡ଼ିଲା ହେବାକୁ ନାଲି।
କେଉଁଠାରୁ ଆଉ ନ ଚଳିଲା ପାଦ ରହିଲା ସ୍ଥିର
ହେ ମୋର ଦେଶର ପରମ ଯୋଦ୍ଧା ଯୁଧିଷ୍ଠିର!
ତୋଳରେ ସେ ମାଟି ମାଆର ତିଳକ ଲଗାଅ ପଳେ
ଦେଖ ଦେଖ ଆଜି କାହାର ରୁଧିର ପଡିଲା ତଳେ।
ପିଶାଚୀ ବସୁଧା କାହା ଲହୁ ଆଜି ପିଇଲା ବାଛି
ଗୁଣେ ତୀର ଯୋଖ ନବୀନ ଯୁଗର ସବ୍ୟସାଚୀ।
''ଯୁଦ୍ଧାୟ କୃତନିଶ୍ଚୟ, ଶୁଣ ଡାକ କେ ଦିଏ
ପ୍ରାଚୀନ ଗ୍ରନ୍ଥ ଛିଡ଼ିଗଲା ଏବେ ବିପ୍ଳବୀ ହେ!''
ବିଶ୍ୱ ବିରାଟ ବକ୍ଷଥଳରେ ବାଜିଲା ଗୁଳି
ଖସିଲା ଉଲ୍‌କା ଜଳିଉଠେ ମହା ଚିତାର ଚୁଲୀ।
ହିଂସାବିହୀନ ଶାନ୍ତ ଉପରେ ପଡିଲା ଦାଗ
ଦିଶେ ଦିଶେ ଆଜି ଚମକି ଉଠିଲା ରକ୍ତରାଗ!
ସମାନ ହେବାକୁ ସମାଜ ଏଣିକି ସହଜ ହେଲା
ରୁଧିରେ ବୋଳିଛ ହାତ ଯେହୁ ଆସ ହିନ୍ଦୁ ଚେଲା!

(ରକ୍ତ-ସ୍ରୋତ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

### ୫ ଜୁନ୍ ୧୯୯୪

- ଭାରତର ସ୍ୱଳ୍ପ ଦୂରଗାମୀ ପୃଥ୍ୱୀ କ୍ଷେପଣାସ୍ତ୍ରର ପରୀକ୍ଷାମୂଳକ ଉତ୍‌କ୍ଷେପଣ ଚାନ୍ଦିପୁର ଅନ୍ତରୀଣ ଘାଟିରୁ ସଫଳତାର ସହ କରାଯାଇଛି।
- ହିନ୍ଦୀ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଗୀତିକାର ମନରୁହ ସୁଲତାନପୁରୀଙ୍କୁ ୧୯୯୩ ବର୍ଷର ସମ୍ମାନଜନକ ଦାଦା ସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରାଯାଇଛି।
- ଫିଲିପାଇନ୍ସର ସୈନ୍ୟମାନେ ଜୋଲୋ ଦ୍ୱୀପପୁଞ୍ଜ ଉପରେ ଆକ୍ରମଣ କରି ୨୫ ଜଣ ମୁସଲିମ ମୌଳବାଦୀ ଗେରିଲାଙ୍କୁ ମାରି ଦେଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଅବୈଧାନିକ ଆଚରଣ ପାଇଁ ପ୍ରତିବିଧାନ

ମହାଶୟ,

ବିଦ୍ୟାର୍ଥୀମାନେ ଅବୈଧାନିକ ଆଚରଣ ପାଇଁ ଶିକ୍ଷାନୁଷ୍ଠାନରୁ ବହିଷ୍କୃତ (ରଷ୍ଟିକେଟ୍) ହେଉଛନ୍ତି, ବୃତ୍ତିଧାରୀମାନେ ବୃତ୍ତିରୁ ବହିଷ୍କୃତ ବା ନିଲମ୍ବିତ ହେଉଛନ୍ତି। ଜନ ପ୍ରତିନିଧିମାନଙ୍କ ମନ୍ଦ ଆଚରଣ ପାଇଁ କ'ଣ ଦଣ୍ଡ ବ୍ୟବସ୍ଥା ଅଛି? ଉଚ୍ଚ ସମ୍ମାନଯୁକ୍ତ ସ୍ତରରେ ରହି ବିଶୃଙ୍ଖଳିତ ଆଚରଣ ପାଇଁ କଟକଣା ନ ରହିଲେ ଏହି ପ୍ରବୃତ୍ତି ସାରା ରାଜ୍ୟ ବା ଦେଶକୁ ସଂକ୍ରମିତ ହୋଇଯିବ। ଗଣତନ୍ତ୍ର ବିଫଳ ହେବ। ତେଣୁ ପ୍ରତ୍ୟେକ ଜନପ୍ରତିନିଧିଙ୍କ ପାଇଁ ଗୁପ୍ତ ଚରିତ୍ର ପଞ୍ଜିକା ବ୍ୟବସ୍ଥା କରାଯାଉ। ଅବୈଧାନିକ ଆଚରଣ ପାଇଁ ଦୃଷ୍ଟାନ୍ତମୂଳକ ଦଣ୍ଡବ୍ୟବସ୍ଥା କରାଯାଉ। ଗଣତନ୍ତ୍ର ସୁରକ୍ଷିତ ରହୁ। ଆଗାମୀ ଦିନରେ ସଂସଦରେ ଏଭଳି ପ୍ରସ୍ତାବ ଆଗତପୂର୍ବକ ଆଇନ ପ୍ରଣୟନ କରାଯାଉ।

ଗନ୍ଧର୍ବ ଜେନା, ଡେଲାଙ୍ଗ, ପୁରୀ

### ଟ୍ରାଫିକ୍ ପୋଲିସ ମୁତୟନ ହେଉ

୫ ନମ୍ବର ଜାତୀୟ ରାଜପଥର ଗୋହିରା ଓ ମହୁରା ଛକରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଗୋହିରା ଛକର ପୂର୍ବପାର୍ଶ୍ୱରେ ସି.ଭି. ରମଣ ଇଞ୍ଜିନିୟରିଂ କଲେଜ ଏବଂ ପଶ୍ଚିମପାର୍ଶ୍ୱରେ ଗୀତା ଇଞ୍ଜିନିୟରିଂ କଲେଜ। ତେଣୁ ରାସ୍ତା ଅତିକ୍ରମ କରି ଲୋକେ ଉଭୟ ପାର୍ଶ୍ୱକୁ ଅହରହ ଆତଯାତ କରୁଥାନ୍ତି। ସେହିପରି ମହୁରା ଛକର ପୂର୍ବପାର୍ଶ୍ୱରେ ଜାତୀୟ ରାଜପଥରୁ ଏକ ରାସ୍ତା ମହୁରା ନଅଁପୁଟ ଓ ସୀତାରାମ ବିହାର ଦେଇ ରେତଙ୍ଗ ରେଳ ଷ୍ଟେଶନକୁ ଯାଇଛି। ସେ ଛକରେ ଉଭୟ ପାର୍ଶ୍ୱକୁ ଲୋକ ଆତଯାତ କରିଥାନ୍ତି। ଏ ଦୁଇ ଛକରେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ନାହିଁ। ଫଳରେ ଭୁବନେଶ୍ୱରରୁ ଖୋର୍ଦ୍ଧା ଏବଂ ଖୋର୍ଦ୍ଧାରୁ ଭୁବନେଶ୍ୱର ଆଡ଼କୁ ଯାଉଥିବା ଗାଡ଼ିଗୁଡ଼ିକ କାହାରିକୁ ସହଜରେ ରାସ୍ତା ଅତିକ୍ରମ କରିବାକୁ ଦେଉନାହାନ୍ତି। ତେଣୁ ସରକାର ଏ ସ୍ଥାନମାନଙ୍କରେ ଜେବ୍ରା ଲାଇନ ଟାଣନ୍ତୁ ଏବଂ ଟ୍ରାଫିକ ପୋଲିସ ମୁତୟନ କରନ୍ତୁ ଅଥବା ଓଭରବ୍ରିଜ୍ ନିର୍ମାଣ କରି ଭୂତଳ ରାସ୍ତାର ବ୍ୟବସ୍ଥା କରନ୍ତୁ।

ଅକ୍ଷୟ ମହାନ୍ତି, ମହୁରା, ଖୋର୍ଦ୍ଧା

### ରିଲିଫ ଯୋଗାଣରେ ପାତରଅନ୍ତର

ବାତ୍ୟା ଫନୀ ପୁରୀ ଓ ଭୁବନେଶ୍ୱର ସହରରେ ରହୁଥିବା ବସ୍ତି ବାସିନ୍ଦାଙ୍କର ବହୁ କ୍ଷତି ଘଟାଇଛି। ବହୁ ଲୋକଙ୍କ ଘରର ଚାଳ, ଟାଇଲ ଓ ଆଜବେଷ୍ଟସ ଉଡିଯାଇଛି ବା ଗଛ ପଡି ଘର ଭାଙ୍ଗିଯାଇଛି। ସରକାର ରାଶନ କାର୍ଡ ଆଧାରରେ ଟଙ୍କା, ଚାଉଳ ଓ ତାର୍‌ପୋଲିନ ଯୋଗାଇ ଦେଇଛନ୍ତି। ସହରର ଅନେକ ବସ୍ତିବାସିନ୍ଦାଙ୍କର ନାନା କାରଣରୁ ରାଶନ କାର୍ଡ ହୋଇପାରିନାହିଁ। ଯଦି କ୍ଷତି ଘଟାଇବାରେ ଫନୀ ବାତ୍ୟା ଏହି ଲୋକମାନଙ୍କୁ ବାଛ ବିଚାର କରିନାହିଁ, ତେବେ ରିଲିଫ ଯୋଗାଣରେ ଏ ବାଛବିଚାର କାହିଁକି?

ସୁଧାଂଶୁ ଶେଖର ମିଶ୍ର, ମାର୍ଫତ୍-ବେଲିନ ମିଶ୍ର, ବ୍ଲକ କଲୋନୀ, ଆଠଗଡ଼

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | | | | | | | | 9 | | 0 | | E | | |
| | 0 | 8 | | 4 | | | | | | | 7 | 3 | A | |
| | | B | E | | | | | | | | | 7 | | |
| | D | 5 | | | | | C | | 8 | 1 | | | | |
| 7 | | | | B | | | | | 2 | 3 | A | | | |
| | 3 | | | 9 | B | | | | | D | | 5 | | |
| | 5 | 6 | D | | | | 8 | | | | | 4 | | |
| | | | | | | D | | A | C | 7 | 6 | B | | 8 |
| | E | | 5 | | | 9 | | 0 | B | | 8 | C | | |
| 8 | | | | 7 | | 1 | | | 3 | | | | | |
| | 7 | | 2 | | E | C | | D | | 4 | | | | A |
| | | | 9 | | 0 | 5 | | 7 | | | 1 | 8 | | |
| | | | | | D | 2 | 4 | | A | 5 | 0 | | | |
| | | | 4 | | | | 9 | 3 | D | | | | | |
| 5 | | E | 3 | | | B | 1 | | | 8 | 2 | | | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

# ସବୁଜିମା ଉଜାଡ଼ିଲା ଫନୀ, ଛାଡ଼ିଗଲା ଆହ୍ୱାନ

ବାତ୍ୟା 'ଫନୀ' ଚାଲି ଯାଇଛି ସତ, କିନ୍ତୁ 'ପରିବେଶ'କୁ ନେଇ ଚିନ୍ତା ବଢ଼ିଛି। ୧୯୯୯ ମହାବାତ୍ୟାରେ ଉପକୂଳ ଓଡ଼ିଶାରେ ଶହେବର୍ଷର ପୁରୁଣା ଗଛ ଭାଙ୍ଗି ନଷ୍ଟ ହୋଇଯାଇଥିଲା। ଗତ ୨୦ବର୍ଷରେ ଯାହାବି ନୂଆ ଗଛ ସୃଷ୍ଟି ହେଇଥିଲା ତାହା ବି 'ଫନୀ' ମାଡ଼ରେ ଉଜୁଡ଼ି ଗଲା। ଫଳରେ ଏବେଠୁ ପରିବେଶ ଜନିତ ସମସ୍ୟା ଆରମ୍ଭ ହୋଇଯାଇଥିବାବେଳେ ଆଗକୁ ଅନେକ ଚ୍ୟାଲେଞ୍ଜକୁ ସାମ୍ନା କରିବାକୁ ପଡ଼ିବ। ଏପରିସ୍ଥିତିରେ 'ଫନୀ'ର କ୍ଷତ ଆମ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି।

ମିଳିଥିବା ତଥ୍ୟ ଅନୁସାରେ, ନୂଆକରି ରୋପଣ କରାଯାଇଥିବା ଚାରା ଓ ୨୦ଟି ଜଙ୍ଗଲର ଭିତ୍ତିଭୂମି ସମେତ ବନ୍ୟପ୍ରାଣୀ ଡିଭିଜନର ବ୍ୟାପକ କ୍ଷୟକ୍ଷତି ହୋଇଛି। ଜଙ୍ଗଲ ଓ ଅଭୟାରଣ୍ୟ ଅଞ୍ଚଳରେ ୯ଲକ୍ଷ ଗଛ ଉପୁଡ଼ି ପଡ଼ିଛି। ଏସବୁର ମୂଲ୍ୟ ୨୭୦କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। କେବଳ ଜଙ୍ଗଲ ଭିତରେ ନୁହେଁ, ବାହାର ଅଞ୍ଚଳରେ ୧୫୦ କୋଟି ମୂଲ୍ୟର ୫ଲକ୍ଷ ଗଛ ଉପୁଡ଼ିଯାଇଛି। ସେହିପରି ବନୀକରଣ ନିମନ୍ତେ ରହିଥିବା ୮ଲକ୍ଷ ଚାରା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି, ଯାହାର ମୂଲ୍ୟ ୩୯କୋଟି ୫୦ଲକ୍ଷ ଟଙ୍କା ବୋଲି ଆକଳନ କରାଯାଇଛି। ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ମୋଟ କ୍ଷୟକ୍ଷତିର ପରିମାଣ ୫୩୭.୮୦କୋଟି ଟଙ୍କା ବୋଲି ଆକଳନ କରାଯାଇଛି।

## 'ବାୟୁ ପ୍ରଦୂଷଣ' ବଡ଼ ଚ୍ୟାଲେଞ୍ଜ



ଗଛ ବିନା ତାପମାତ୍ରା ବୃଦ୍ଧିକୁ ଅନୁଭବ କଲେଣି ବାତ୍ୟା ପ୍ରଭାବିତ ଅଞ୍ଚଳର ଲୋକେ। ବାତ୍ୟା ପରଠାରୁ ଲୋକେ ଗରମରେ ଛଟପଟ ହେଉଥିବାବେଳେ ମୁଣ୍ଡଗୁଞ୍ଜିବାକୁ ଗଛ ନାହିଁ। ଛାଇ ବି ସ୍ୱପ୍ନ ପାଲଟିଛି। ସେହିପରି ଗଛ ନ ଥିବାରୁ ବାୟୁ ପ୍ରଦୂଷଣ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ବାୟୁ ପ୍ରଦୂଷଣକୁ ଗଛ ରୋକିଥାଏ ବୋଲି ତାହା ସାଧାରଣ ଲୋକେ ସହଜରେ ଜାଣିପାରନ୍ତି ନାହିଁ। ତେଣୁ ଚଳିତ ବର୍ଷ ପରିବେଶ ଦିବସର ଥିମ୍ ଅଛି 'ବାୟୁ ପ୍ରଦୂଷଣ'। 'ଫନୀ' ଭଳି ବାତ୍ୟା ବାୟୁ ପ୍ରଦୂଷଣକୁ ଅନେକ ଗୁଣ ବଢ଼େଇ ଦେଇଥାଏ। ଏବେ ତାହାକୁ ଲୋକେ ଅଳ୍ପବହୁତେ ଅନୁଭବ କଲେଣି। ଗଛର ପତ୍ର ବାୟୁରୁ ଧୂଳିକଣା ଓ ବିଷାକ୍ତ ଗ୍ୟାସ୍‌କୁ ଟାଣିନେଇ ପରିବେଶକୁ ସ୍ୱଚ୍ଛ କରିଥାଏ। ଫଳରେ ରାସ୍ତାକଡ଼ରେ ରହିଥିବା ଗଛଗୁଡ଼ିକର ପତ୍ର ସମ୍ପୂର୍ଣ୍ଣ ସବୁଜ ଦେଖା ନ ଯାଇ ଈଷତ ଲାଲ ବା ଗେରୁଆ ରଙ୍ଗର ଦେଖାଯାଏ। କେତେ ସ୍ଥାନରେ ଈଷତ କଳା ବା ମାଟିଆ ରଙ୍ଗ ମଧ୍ୟ ଦେଖାଯାଏ। ଅନ୍ୟପକ୍ଷରେ ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ବ୍ୟୁରୋ ଦ୍ୱାରା ନିର୍ଦ୍ଧାରିତ ବାୟୁ ପ୍ରଦୂଷଣମାନ ବଜାୟ ରଖିବାରେ ସାରା ଦେଶରେ ୧୨୦ଟି ସହର ବିଫଳ ହୋଇଛନ୍ତି। ଏଥିମଧ୍ୟରେ କଟକ, ଭୁବନେଶ୍ୱର, ବାଲେଶ୍ୱର, ଅନୁଗୋଳ, ରାଉରକେଲା ଓ ତାଳଚେର ଆଦି ୬ ସହର ରହିଛି। କଟକ, ଭୁବନେଶ୍ୱର ହେଉଛି ବାତ୍ୟା ପ୍ରଭାବିତ। ତେଣୁ ବାତ୍ୟାରେ ଗଛଗୁଡ଼ିକ ନଷ୍ଟ ହୋଇଯାଇଥିବାରୁ ଆଗକୁ 'ବାୟୁ ପ୍ରଦୂଷଣ' ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି ପରିବେଶବିତ୍‌ମାନେ କହିଛନ୍ତି।

## ଡବ୍ଲ୍ୟୁଏଚ୍‌ଓ ଷ୍ଟାଣ୍ଡାର୍ଡ ଉପରେ ଗୁରୁତ୍ୱ

ଜାତୀୟ ବ୍ୟାପକ ବାୟୁ ପ୍ରଦୂଷଣ ମାନକ ଅନୁଯାୟୀ, ବାୟୁରେ ଭାସମାନ କଣିକା ୧୦୦ରୁ ଉର୍ଦ୍ଧ୍ୱ ରହିଲେ ଏହାକୁ ଗୁରୁତର ବୋଲି ଗ୍ରହଣ କରାଯାଇଥାଏ। ଏଥିଯୋଗୁ ଫୁସ୍‌ଫୁସ୍ ଏବଂ ହୃଦ୍‌ଜନିତ ରୋଗ ହୋଇଥାଏ। ଓଡ଼ିଶା ପରିପ୍ରେକ୍ଷୀରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ୨୦୧୮ ନଭେମ୍ବର ୧୦ରେ କହିଥିଲେ, ବାୟୁ ପ୍ରଦୂଷଣର ମୁଖ୍ୟ ଉତ୍ସଗୁଡ଼ିକ ହେଉଛି ଯାନବାହନରୁ ନିର୍ଗତ ଧୂଆଁ, ରାସ୍ତାରେ ଥିବା ଧୂଳିକଣା, କଳକାରଖାନାରୁ ସୃଷ୍ଟି ହେଉଥିବା ପ୍ରଦୂଷଣ, ନିର୍ମାଣ କାର୍ଯ୍ୟ ଓ ଭଙ୍ଗାରୁଜାରୁ ହେଉଥିବା ପ୍ରଦୂଷଣ। ଚିକାଗୋ ବିଶ୍ୱବିଦ୍ୟାଳୟର ଏୟାର କ୍ୱାଲିଟି ଲାଇଫ୍ ଇଣ୍ଡେକ୍ସ ଅନୁସାରେ, ଯଦି ରାଜ୍ୟ ସରକାର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ)ର ଏୟାର କ୍ୱାଲିଟି ଷ୍ଟାଣ୍ଡାର୍ଡ ରଖନ୍ତେ, ତେବେ କଟକ ଓ ଭୁବନେଶ୍ୱରରେ ଲୋକମାନେ ୨. ୭ ବର୍ଷ ଅଧିକ ବଞ୍ଚିପାରନ୍ତେ।

## ୧୦ବର୍ଷ ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ: ପରିବେଶବିତ୍

ପରିବେଶବିତ୍ ଡ. ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି, ଗଛ ବାୟୁକୁ ବିଶୁଦ୍ଧ କରିଥାଏ। ଜଳବାୟୁର ଭାରସାମ୍ୟ ରକ୍ଷା କରିବା ସହିତ ତାପମାତ୍ରା ମଧ୍ୟ ନିୟନ୍ତ୍ରଣ କରିଥାଏ। ବର୍ତ୍ତମାନ 'ଫନୀ'ରେ ଯେତିକି ଗଛ ନଷ୍ଟ ହୋଇଛି ସେସବୁ ଫେରିବା ପାଇଁ ଅତିକମ୍‌ରେ ୧୦ବର୍ଷ ଲାଗିଯିବ। ତେଣୁ ବିଭିନ୍ନ ପ୍ରକାରର ଅସୁବିଧା ସାମ୍ନା କରିବାକୁ ପଡ଼ିବ। ସହରୀକରଣ ଓ ଶିଳ୍ପାୟନ ବାୟୁ ପ୍ରଦୂଷଣର ଅନ୍ୟତମ ପ୍ରମୁଖ କାରଣ। ଏଥିଯୋଗୁ ବିଶ୍ୱରେ ବିଭିନ୍ନ ରୋଗରେ ୭ନିୟୁତ ଲୋକଙ୍କ ମୃତ୍ୟୁ ଘଟୁଛି। ସେଥିମଧ୍ୟରୁ ଭାରତରେ ଦେଢ଼ ନିୟୁତ ଲୋକଙ୍କର ମୃତ୍ୟୁ ହେଉଛି। ବିଶ୍ୱର ୫୦ପ୍ରତିଶତ ଲୋକ ସହରାଞ୍ଚଳରେ ବସବାସ କରୁଛନ୍ତି। ୨୦୫୦ରେ ୬୮ ପ୍ରତିଶତ ଲୋକ ସହରରେ ରହିବେ ବୋଲି ଆକଳନ କରାଯାଉଛି। ତେଣୁ ପ୍ରଦୂଷଣ ଉତ୍ସ ନିଶ୍ଚିତ ଭାବେ ବୃଦ୍ଧି ପାଇବ। ସେଥିପାଇଁ ଏ ଦିଗରେ ପୂର୍ବରୁ ପ୍ରସ୍ତୁତ ହେବା ଆବଶ୍ୟକ।

**–ଅସମାପିକା ସାହୁ,** ଭୁବନେଶ୍ୱର

# ବାୟୁ ପ୍ରଦୂଷଣ ନିୟନ୍ତ୍ରଣ

ଜୀବଜଗତ ବଞ୍ଚିବା ପାଇଁ ବାୟୁ ଏକ ଅପରିହାର୍ଯ୍ୟ ଉପାଦାନ। ଏଥିରେ ଥିବା ଅମ୍ଳଜାନ ଆମ ରକ୍ତରେ ଥିବା ହିମୋଗ୍ଲୋବିନ୍ କଣିକା ସହିତ ଯୁକ୍ତ ହୋଇ ଅକ୍ସିହିମୋଗ୍ଲୋବିନ୍ ପ୍ରସ୍ତୁତ କରେ। ତାହା ରକ୍ତସ୍ରୋତ ସହିତ ଶରୀରର ବିଭିନ୍ନ ଅଂଶକୁ ଅମ୍ଳଜାନ ଯୋଗାଇଥାଏ। ଏହା ଖାଦ୍ୟକୁ ଜାରଣ କରି ଶକ୍ତି ଉତ୍ପନ୍ନ କରେ। ଏହି ସ୍ୱୟଂକ୍ରିୟ ଶାରୀରିକ ପ୍ରକ୍ରିୟା ନିରବଚ୍ଛିନ୍ନ ଭାବେ ଚାଲିଥାଏ। ନ ଖାଇ ଆମେ କିଛିଦିନ ବଞ୍ଚିଯିବା ମାତ୍ର ବାୟୁ ବିନା କିଛି କ୍ଷଣ ବି ବଞ୍ଚିବା ଅସମ୍ଭବ।

> ୧୯୭୨ ମସିହାରେ ଷ୍ଟକ୍‌ହୋମରେ ଅନୁଷ୍ଠିତ ଜାତିସଂଘ ସାଧାରଣ ସଭାରେ ନିଷ୍ପତ୍ତି ନିଆଯାଇଥିଲା ଯେ, ଜୁନ ୫ ତାରିଖକୁ ପରିବେଶ ଦିବସ ଭାବେ ସମଗ୍ର ବିଶ୍ୱରେ ପାଳନ କରାଯିବ। ସେହି ଅନୁସାରେ ୧୯୭୪ରୁ ଏହି ଦିବସ ପାଳିତ ହୋଇଆସୁଛି। ଚଳିତବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରଖାଯାଇଛି 'ବାୟୁ ପ୍ରଦୂଷଣକୁ ପ୍ରତିହତ କରିବା'। ତେବେ ଏହି ଦିବସ ପାଳନର ଉଦ୍ଦେଶ୍ୟ ସମଗ୍ର ମାନବ ଜାତିର ସୁରକ୍ଷା ପାଇଁ ପରିବେଶକୁ ସନ୍ତୁଳିତ କରିବା ଏବଂ ଏଥି ସକାଶେ ସଚେତନତା ସୃଷ୍ଟି କରିବା।

ବାୟୁମଣ୍ଡଳ କମ୍ବଳ ଭଳି ପୃଥିବୀକୁ ଘୋଡ଼ାଇ ରଖିଛି। ସାଧାରଣତଃ ବାୟୁରେ କୌଣସି ଗ୍ୟାସୀୟ, କଠିନ ବା ଜଳୀୟ ପଦାର୍ଥ ନିର୍ଦ୍ଧାରିତ ମାତ୍ରାଠାରୁ ଅଧିକ ରହି ପ୍ରଦୂଷଣ କରନ୍ତି। ସେଗୁଡ଼ିକୁ ବାୟୁ ପ୍ରଦୂଷକ କୁହାଯାଏ। ବାୟୁ ପ୍ରଦୂଷକଗୁଡ଼ିକୁ ଦୁଇଭାଗରେ ବିଭକ୍ତ କରାଯାଏ, ଯଥା ପ୍ରାଥମିକ ଓ ଦ୍ୱିତୀୟକ। ନାଇଟ୍ରିକ ଅକ୍ସାଇଡ୍, କାର୍ବନ ମନୋକ୍ସାଇଡ୍, ଅଙ୍ଗାରକାମ୍ଳ, ସଲଫରଡାଇଅକ୍ସାଇଡ୍, ହାଇଡ୍ରୋଜେନ୍ ଆଦି ଗ୍ୟାସ୍ ପ୍ରାଥମିକ ଶ୍ରେଣୀର ଏବଂ ଏହି ପ୍ରାଥମିକ ପ୍ରଦୂଷକଗୁଡ଼ିକ ବାୟୁମଣ୍ଡଳରେ ପ୍ରବେଶ କରି ବିଭିନ୍ନ ରାସାୟନିକ ପ୍ରକ୍ରିୟାରେ ଦ୍ୱିତୀୟ ଶ୍ରେଣୀର ପ୍ରଦୂଷକ ନିର୍ଗତ କରିଥାଆନ୍ତି। ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ ପ୍ରଭୃତି ପ୍ରଥମ ଗୋଷ୍ଠୀ ସହ ଦ୍ୱିତୀୟ ଶ୍ରେଣୀର ପ୍ରଦୂଷକ ସଂଯୁକ୍ତ ହୋଇ ଫଟୋକେମିକାଲ, ସ୍ମଗ୍, ଅମ୍ଳ କଣିକା ଆଦି ସୃଷ୍ଟି କରିଥାନ୍ତି। ଏହି ବାୟୁ ପ୍ରଦୂଷକ ଜୀବଜଗତକୁ ଯଥେଷ୍ଟ ପ୍ରଭାବିତ କରିଥାଏ। ବିଶେଷତଃ ୧୦ ମାଇକ୍ରନ୍‌ରୁ କମ୍ ଆକାର କଣିକା ଆମ ଶ୍ୱାସନଳୀରେ ପ୍ରବେଶ କରି ଆଜ୍‌ମା, ବ୍ରୋଙ୍କାଇଟିସ୍ ଇତ୍ୟାଦି ରୋଗ ଏବଂ ଫୁସ୍‌ଫୁସ୍‌ର ବାୟୁ ପରିବହନ ପଦ୍ଧତିରେ ଜମାହୋଇ ବିଭିନ୍ନ ଶ୍ୱାସଜନିତ ରୋଗ ସୃଷ୍ଟି କରିଥାଏ।

ପ୍ରକୃତିରେ ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ସମ୍ଭବପର ନୁହେଁ। ବାୟୁ ପ୍ରଦୂଷଣ ଉତ୍ସରୁ ପ୍ରଦୂଷକକୁ ନିୟନ୍ତ୍ରଣ କରିବା ସର୍ବୋତ୍କୃଷ୍ଟ ଉପାୟ। ଶିଳ୍ପସଂସ୍ଥାଗୁଡ଼ିକରୁ ନିର୍ଗତ ପ୍ରଦୂଷକଗୁଡ଼ିକୁ ନିୟନ୍ତ୍ରଣ କରିବାକୁ ହେଲେ ଶିଳ୍ପ ପ୍ରତିଷ୍ଠା ପୂର୍ବରୁ ପାରିବେଶିକ ପ୍ରଭାବ ଆକଳନ କରିବା ଆବଶ୍ୟକ। କାରଖାନା ପରିସରରେ ଉଡୁଥିବା ଧୂଳିକୁ ନିୟନ୍ତ୍ରଣ କରିବା, ଆବଶ୍ୟକ କାରିଗରି କୌଶଳ ବ୍ୟବହାର, ପ୍ରଦୂଷଣ ନିୟନ୍ତ୍ରଣ ଯନ୍ତ୍ରପାତିର ପ୍ରୟୋଗ, ଶିଳ୍ପକେନ୍ଦ୍ରରେ ଉଚ୍ଚ ଚିମିନୀ ଲଗାଇବା ପ୍ରତି ଦୃଷ୍ଟିଦେବାକୁ ପଡ଼ିବ। ସୌରଚୁଲିର ବ୍ୟବହାର, ଚତୁଃପାର୍ଶ୍ୱରେ ଇତସ୍ତତଃଭାବେ ପରିତ୍ୟକ୍ତ ଅଳିଆ, ଆବର୍ଜନା, ପ୍ଲାଷ୍ଟିକ, ପଲିଥିନ, ଥର୍ମୋକୁଲ୍‌ର ପୁନଃଚକ୍ରଣ କରି କେତେକାଂଶରେ ପ୍ରଦୂଷଣକୁ ପ୍ରତିହତ କରିପାରିବା। ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ଭାରତ ସରକାର ବାୟୁ ପ୍ରଦୂଷଣ ନିରାକରଣ ଓ ନିବାରଣ ଆଇନ ୧୯୮୧ ପ୍ରଣୟନ କରିଛନ୍ତି। ବିଭିନ୍ନ ସହରରୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ମୋବାଇଲରେ ନମୁନା ସଂଗ୍ରହ କରି ପରୀକ୍ଷା କରାଯାଉଛି। ବିଭିନ୍ନ ଶିଳ୍ପସଂସ୍ଥାରୁ ନିର୍ଗତ ବିଷାକ୍ତ ବାୟୁରେ ପ୍ରଦୂଷକର ପରିମାଣ ପାରିପାର୍ଶ୍ୱିକ ବାୟୁର ଗୁଣବତ୍ତା ଜାଣିବା ପାଇଁ ଅନ୍‌ଲାଇନ୍ ମନିଟରିଂର ବ୍ୟବସ୍ଥା କରାଯାଇଛି। ବାୟୁ ପ୍ରଦୂଷଣ ଆଇନ ପାଳନରେ ଅବହେଳା କଲେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଇନ ଅନୁଯାୟୀ ଅଦାଲତରେ କେସ୍ ଦାଏର କରୁଛନ୍ତି। ସେହିଭଳି ବୋର୍ଡ ତରଫରୁ ପ୍ରଦତ୍ତ କୌଣସି ନିର୍ଦ୍ଦେଶ ବିରୋଧରେ ଅଭିଯୋଗ ଥିଲେ ତା'ର ଶୁଣାଣି ପାଇଁ ରାଜ୍ୟ ସରକାର ଏକ ଶୀର୍ଷ ଅଥରିଟି ଗଠନ କରିଛନ୍ତି।

ବାୟୁ ପ୍ରଦୂଷଣ ଏକ ସାର୍ବଜନୀନ ସମସ୍ୟା। ଅମ୍ଳବର୍ଷା, ଓଜୋନ ଗର୍ତ୍ତ, ସବୁଜଗୃହ ବାଷ୍ପ ଯୋଗୁ ହେଉଥିବା ବିଶ୍ୱତାପନ ବୃଦ୍ଧି, ଜଳ, ମୃତ୍ତିକା ଓ ବାୟୁର ପରିବର୍ତ୍ତନ ଜୀବଜଗତର ଶାରୀରିକ ପ୍ରକ୍ରିୟା ଓ ଜିନୀୟ ବ୍ୟବସ୍ଥାରେ ଅସନ୍ତୁଳନ ସୃଷ୍ଟି କରିବା ସହ ଏହି ପ୍ରକ୍ରିୟା ଅନ୍ୟାନ୍ୟ ମଣ୍ଡଳକୁ ମଧ୍ୟ ପ୍ରଭାବିତ କରୁଛି। ପରିବେଶର ସୁରକ୍ଷା ଓ ଉନ୍ନୟନ ପ୍ରତ୍ୟେକ ନାଗରିକର ମୌଳିକ ଦାୟିତ୍ୱ ଓ କର୍ତ୍ତବ୍ୟ। ବାୟୁ ପ୍ରଦୂଷଣ ହ୍ରାସ ପାଇଁ ଯୁଦ୍ଧକାଳୀନଭିତ୍ତିରେ କେତେକ ଅଗ୍ରାଧିକାରମୂଳକ ପଦକ୍ଷେପ ଯଥା ସଚେତନତା ସୃଷ୍ଟି, ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ, ଜରାଶ୍ରମ ନିକଟରେ 'ନୋ କାର ଆଇଡ୍‌ଲିଙ୍ଗ ଜୋନ୍' ପ୍ରତିଷ୍ଠା, ସର୍ବସାଧାରଣ ଯାନ ଓ ସାଇକେଲରେ ଯିବା, ମିଥେନ୍ ଗ୍ୟାସ୍ ଯାହା ଅଙ୍ଗାରକାମ୍ଳ ଅପେକ୍ଷା ୨୧ ଗୁଣ ଅଧିକ ଅନିଷ୍ଟକାରୀ ତାହାର ଉତ୍ସକୁ ନିୟନ୍ତ୍ରଣ କରିବା, କମ୍ପୋଷ୍ଟ ଓ ପୁନଃବିନିଯୋଗ ବ୍ୟବସ୍ଥା ଦ୍ୱାରା ପରିତ୍ୟକ୍ତ ପ୍ଲାଷ୍ଟିକ୍ ସମେତ ଅଳିଆ-ଆବର୍ଜନାର ସୁବିନିଯୋଗ କରିବା, ଶିଳ୍ପାନୁଷ୍ଠାନରୁ ନିର୍ଗତ ବାୟୁ ପ୍ରଦୂଷକର ପରିମାଣକୁ ଉତ୍ସରୁ ହ୍ରାସ କରିବା, ଡିଜେଲ ଓ ପେଟ୍ରୋଲ ଭଳି ଜୀବାଶ୍ମ ଜାଳେଣି ବ୍ୟବହାର ନ କରି ହାଇବ୍ରିଡ ଓ ଇଲେକ୍ଟ୍ରିକ୍ ଯାନ ବ୍ୟବହାର କରିବା, ନବୀକରଣଯୋଗ୍ୟ ଶକ୍ତି ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା, ଆଞ୍ଚଳିକ, ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ବାୟୁ ପ୍ରଦୂଷଣରେ ନିର୍ଦ୍ଦିଷ୍ଟ ବାୟୁ ପ୍ରଦୂଷଣ ପାଇଁ ଆକ୍ସନ୍ ପ୍ଲାନ ତିଆରି କରିବା, ଯାହାକି



ପ୍ରତ୍ୟେକ ବର୍ଷ ବିଶ୍ୱସ୍ତରରେ ପ୍ରଦୂଷଣ କ୍ଷୟକ୍ଷତିର ୫ ବିଲିୟନ ଡଲାର ସଞ୍ଚିତ ହୋଇପାରିବ।

ମିଳିତ ଜାତିସଂଘ ବିବରଣୀ ଅନୁଯାୟୀ ପ୍ରତି ୫ ବର୍ଷରେ ବିଶ୍ୱର ଉତ୍ତାପ ୧ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଉଛି। ସୁତରାଂ ପ୍ରତ୍ୟେକ ଲୋକ ୫ଟି ଲେଖାଏ ବୃକ୍ଷରୋପଣ କରି ଆମ ଭବିଷ୍ୟତ ବଂଶଧରଙ୍କ ପାଇଁ ଏକ ସୁନ୍ଦର ନିରାମୟ ସବୁଜ ପୃଥିବୀ ସୃଷ୍ଟି କରିପାରିବା।

**–ଡ. ଆଶୁତୋଷ ଦେବତା,** ମୋ– ୯୯୩୮୯୩୨୬୭୧

# ଏବେଠୁ ସଜାଗ ହେବାକୁ ପଡ଼ିବ

ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ଅହେତୁକ ବୃଦ୍ଧି ଓ ତତ୍‌ଜନିତ ଜାଗତିକ ଉଷ୍ମତା ଏବଂ ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱବାସୀଙ୍କୁ ଆତଙ୍କିତ କରିଛି। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ନିରାପଦ ସୀମା ୩୫୦ ପିପିଏମ୍ ମଧ୍ୟରେ ରହିବା ଜରୁରୀ, ମାତ୍ର ଆମେ ଏହାକୁ ଅତିକ୍ରମ କରିସାରିଛେ ଏବଂ ବର୍ତ୍ତମାନ ଆମ ବାୟୁମଣ୍ଡଳରେ ପ୍ରାୟ ୪୦୦ ପିପିଏମ୍ ପର୍ଯ୍ୟନ୍ତ ଅଙ୍ଗାରକାମ୍ଳ ବାଷ୍ପ ରହିଛି। ୨୦୦୧ ମସିହା ପରେ ଏହି ବାଷ୍ପର ମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଛି। ପରିସଂଖ୍ୟାନରୁ ଜଣାଯାଏ ଯେ ୨୧୦୦ ସୁଦ୍ଧା ଏହି ବାଷ୍ପର ମାତ୍ରା କ୍ରମାନ୍ୱୟ ଭାବେ ବୃଦ୍ଧି ପାଇ ଦ୍ୱିଗୁଣିତ ହୋଇଯାଇପାରେ। ପରିଣାମ ସ୍ୱରୂପ ପୃଥିବୀ ପୃଷ୍ଠର ଆଭ୍ୟନ୍ତରୀଣ ତାପମାତ୍ରାରେ ୩–୫° ସେଲସିୟସ ବୃଦ୍ଧି ଘଟିବ। କାଳକ୍ରମେ ପୃଥିବୀ, ଶୁକ୍ର ଗ୍ରହରେ ପରିଣତ ହେବାର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ଅଙ୍ଗାରକାମ୍ଳ ବାଷ୍ପର ପରିମାଣ ପୃଥିବୀ ପୃଷ୍ଠର ବାୟୁମଣ୍ଡଳରେ ୦.୦୪ ପ୍ରତିଶତ ହୋଇଥିବାବେଳେ ଶୁକ୍ର ଗ୍ରହରେ ୯୬.୪ ପ୍ରତିଶତ ଅଟେ। ପୃଥିବୀର ଏହି ଶୁକ୍ର ଦଶା ପାଇଁ ଦାୟୀ ମନୁଷ୍ୟ। ସାଧାରଣତଃ ଜଙ୍ଗଲ ଏବଂ ସାଗରଜଳ ୫୦ ପ୍ରତିଶତରୁ ଅଧିକ ଅଙ୍ଗାରକାମ୍ଳ ବାଷ୍ପ ଶୋଷି ନେଇଥାଏ। ଗବେଷଣାରୁ ଜଣାଯାଏ ଯେ ୨୦୦୦ ରୁ ୨୦୦୭ ମସିହା ମଧ୍ୟରେ ସାଗରର ଏହି କ୍ଷମତା ହ୍ରାସ ପାଇଛି। ଏଣେ ଜଙ୍ଗଲ କାଟି ଶିଳ୍ପାୟନ ଓ ସହରୀକରଣ ବ୍ୟାପି ଚାଲିଛି। ଫଳରେ ଦିନକୁ ଦିନ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପ ମାତ୍ରା ବଢିଚାଲିଛି। ଏହି ପରିପ୍ରେକ୍ଷୀରେ ଅଙ୍ଗାରକାମ୍ଳ ବାଷ୍ପ ନିର୍ଗମନ ହ୍ରାସ ପାଇଁ ଜାତିସଂଘ ଦ୍ୱାରା ଗଠିତ ଆନ୍ତଃ ସରକାରୀ ଜଳବାୟୁ ପରିବର୍ତ୍ତନ କମିଟି (ଆଇପିସିସି) ପ୍ରସ୍ତାବ ଦେଇଛି। ତେଣୁ ପାରମ୍ପରିକ ଜୀବାଶ୍ମ ଇନ୍ଧନର ବିକଳ୍ପ ଭାବେ ଅଣପାରମ୍ପରିକ ଇନ୍ଧନ ଯଥା ସୌରଶକ୍ତି, ଆଣବିକ ଶକ୍ତି, ପବନଶକ୍ତି, ତରଙ୍ଗ ଶକ୍ତି, ଜୈବଇନ୍ଧନ ବା ବାୟୋଡିଜେଲ ଇତ୍ୟାଦି ବ୍ୟବହାର ପାଇଁ ଗୁରୁତ୍ୱ ଦିଆଯାଉଛି।

ସୂଚନାଯୋଗ୍ୟ, ଏଲ୍‌ନିନୋର ପ୍ରଭାବ ଓଡ଼ିଶା ଉପରେ ପରିଲକ୍ଷିତ ହେଉଛି। ୧୯୯୭–୯୮ ଏଲ୍‌ନିନୋର ପ୍ରଭାବରେ ଆମ ରାଜ୍ୟରେ ୧୯୯୮ ମସିହାରେ ଅଂଶୁଘାତ ଓ ୧୯୯୯ ମସିହାରେ ଭୟଙ୍କର ମହାବାତ୍ୟା ଘଟିଥିଲା। ୨୦୧୪–୧୬ ଏଲ୍‌ନିନୋ ସମୟରେ ଆମ ରାଜ୍ୟରେ ହୁଡ୍‌ହୁଡ୍ ବାତ୍ୟା ୨୦୧୪ ମସିହାରେ ହୋଇଥିଲା। ସେହିପରି ୨୦୧୯ ଏଲ୍‌ନିନୋ ମଧ୍ୟବର୍ତ୍ତୀ ପର୍ଯ୍ୟାୟରେ ଥିବାବେଳେ ଆମ ରାଜ୍ୟରେ ଗତ ମାସରେ ଦେଖାଦେଲା ମହାବାତ୍ୟା 'ଫନୀ'। ଏଥିରେ ବୃକ୍ଷରାଜି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ପ୍ରବଳ ତାତି ସହିତ କାଳବୈଶାଖୀ ମଧ୍ୟ ଚାଲିଛି। ଏଥିଯୋଗୁ ମୌସୁମୀ ପ୍ରଭାବିତ ହେବା ସହ ମରୁଡ଼ିର ଆଶଙ୍କା ଦେଖାଦେଇପାରେ। ତେଣୁ ଏଥିପ୍ରତି ଆମକୁ ସଜାଗ ରହିବାକୁ ହେବ। ଏଲ୍‌ନିନୋ ସାଧାରଣତଃ ଦକ୍ଷିଣ ଆମେରିକାର ପଶ୍ଚିମ ତଟ ଓ ପେରୁ ଦେଶ ନିକଟ ପ୍ରଶାନ୍ତ ମହାସାଗରରେ କିଛି ବର୍ଷ ବ୍ୟବଧାନରେ ଅନୁଭୂତ ହୋଇଥାଏ। ଏହାଦ୍ୱାରା ସମୁଦ୍ରରେ ଏକ ଉତ୍ତପ୍ତ ଜଳଧାରା ପ୍ରବାହିତ ହୋଇଥାଏ। ଏହା ପବନର ଦିଗ, ଜଳବାୟୁ ଓ ପାଣିପାଗକୁ ଗଭୀର ଭାବେ ପ୍ରଭାବିତ କରିଥାଏ।

**–ଡ. ମାନସ ରଞ୍ଜନ ସେନାପତି**
ମୋ: ୯୪୩୭୨୩୭୭୯୭




**ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

सत्यमेव जयते

## ବିଶ୍ୱ ପରିବେଶ ଦିବସ ୨୦୧୯ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଉଅଛି । ଚଳିତ ବର୍ଷ ପାଇଁ ବିଶ୍ୱ ପରିବେଶ ଦିବସର ପ୍ରସଙ୍ଗ ହେଉଛି **"BEAT AIR POLLUTION"** ବା **"ବାୟୁ ପ୍ରଦୂଷଣକୁ ପ୍ରତିହତ କରିବା"** ।

ସମଗ୍ର ପୃଥିବୀପୃଷ୍ଠକୁ ବାୟୁମଣ୍ଡଳ ଏକ ଚାଦର ପରି ଘୋଡାଇ ରଖିଛି । ଜୀବର ଅସ୍ତିତ୍ୱକୁ ବଞ୍ଚେଇ ରଖିଛି । ମହାଶୂନ୍ୟର ପ୍ରତିକୂଳ ପରିବେଶରୁ ପୃଥିବୀକୁ ରକ୍ଷା କରୁଅଛି । ବାୟୁ କେତେଗୁଡ଼ିଏ ଗ୍ୟାସ୍, ଜଳୀୟ ବାଷ୍ପ ଏବଂ ନିର୍ଜୀବ କଣିକାକୁ ନେଇ ଗଠିତ । ଶ୍ୱାସକ୍ରିୟା ସମୟରେ ବାୟୁ ଆମର ଫୁସ୍‌ଫୁସ୍ ଭିତରକୁ ପ୍ରବେଶ କରେ । ସଂପ୍ରତି ବାୟୁରେ ପ୍ରଦୂଷକ ଦ୍ରବ୍ୟର ପରିମାର ବୃଦ୍ଧି ଯୋଗୁଁ ଶ୍ୱାସକ୍ରିୟା ପାଇଁ ନିର୍ମଳ ବାୟୁ ପାଇବା କଷ୍ଟକର ହୋଇପଡ଼ିଛି । ସାଧାରଣ ଭାବେ ବାୟୁରେ ମିଶୁଥିବା ବର୍ଜ୍ୟବସ୍ତୁଗୁଡ଼ିକ ବାୟୁର ସ୍ୱୟଂକ୍ରିୟ ପ୍ରକ୍ରିୟା ଦ୍ୱାରା ଆପେ ଆପେ ନିଷ୍କାସିତ ହୁଏ । ଫଳରେ ବାୟୁ ଆପେ ଆପେ ନିର୍ମଳ ହୁଏ । କିନ୍ତୁ ଏବେ ପ୍ରଦୂଷକ ଦ୍ରବ୍ୟ ଅଧିକ ପରିମାଣରେ ଜମା ହେବା ଫଳରେ ବାୟୁର ଆତ୍ମ ବିଶୋଧନ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଅଛି । ଫଳସ୍ୱରୂପ ଜୀବଜଗତ ବାୟୁଜନିତ ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହେଉଛି ।

ବାୟୁ ପ୍ରଦୂଷଣର କୌଣସି ନିର୍ଦ୍ଦିଷ୍ଟ ଭୌଗଳିକ ସୀମାରେଖା ନାହିଁ । ବାୟୁ ପ୍ରଦୂଷଣ ଉତ୍ସରୁ ପ୍ରଦୂଷକଗୁଡ଼ିକୁ ନିୟନ୍ତ୍ରଣ କରିବା ସର୍ବୋତ୍କୃଷ୍ଟ ଉପାୟ । ଆମ୍ଭେମାନେ ନିଜ ନିଜ ସ୍ତରରେ ଜୀବନଶୈଳୀର ପରିବର୍ତ୍ତନ କରି ବାୟୁ ପ୍ରଦୂଷଣର ମାତ୍ରାକୁ କମାଇବା ଆବଶ୍ୟକ । ଓଡିଶାରେ ଇକୋ-କ୍ଲବର ଛାତ୍ର-ଛାତ୍ରୀମାନେ ବାୟୁ ପ୍ରଦୂଷଣର ଭୟାବହତା ବିଷୟରେ ଜନସଚେତନତା ସୃଷ୍ଟି କରୁଥିବା ଆନନ୍ଦର କଥା ।

ମଣିଷ ତା'ର ସୁଖ ପାଇଁ ପ୍ରକୃତିର କ୍ଷତି ନ କରିବା ଉଚିତ୍ । ପ୍ରାକୃତିକ ସଂପଦ ଓ ପରିବେଶର ସନ୍ତୁଳନ ପାଇଁ ଅଧିକ ଯତ୍ନବାନ ହୋଇ ସଂକଳ୍ପବଦ୍ଧ ଭାବରେ ଆମକୁ କାର୍ଯ୍ୟ କରିବାକୁ ପଡ଼ିବ । ବିଶ୍ୱ ପରିବେଶ ଦିବସ ଅବସରରେ ଆମ ରାଜ୍ୟର ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ଜଣାଇବା ସହିତ ସବୁଜ, ସୁନ୍ଦର ତଥା ସୁସ୍ଥ ପରିବେଶ ଗଠନ ଦିଗରେ ସମସ୍ତଙ୍କର ସହଯୋଗ କାମନା କରୁଛି ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)



**ଶ୍ରୀ ବିକ୍ରମ କେଶରୀ ଆରୁଖ**
ମନ୍ତ୍ରୀ
ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର
ଓଡ଼ିଶା

## ବିଶ୍ୱ ପରିବେଶ ଦିବସ-୨୦୧୯ ପାଳନ ଉପଲକ୍ଷେ ମାନ୍ୟବର ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ବାର୍ତ୍ତା

୧୯୭୨ ମସିହା ଜୁନ ୫ ତାରିଖ ଷ୍ଟକ୍‌ହୋମ୍‌ଠାରେ ମିଳିତ ଜାତିସଂଘର ମାନବ ପରିବେଶ ସମ୍ପର୍କିତ ସମ୍ମିଳନୀ ପ୍ରଥମେ ଆହୂତ ହୋଇଥିଲା । ୧୯୭୩ ମସିହା ଜୁନ ୫ ତାରିଖରୁ ପ୍ରତିବର୍ଷ ଏହି ଦିନ ନିରବଚ୍ଛିନ୍ନ ଭାବେ ବିଶ୍ୱ ପରିବେଶ ଦିବସ ରୂପେ ପାଳିତ ହୋଇଆସୁଅଛି । ଚଳିତ ବର୍ଷ ପାଇଁ ବିଶ୍ୱ ପରିବେଶ ଦିବସର ବିଷୟବସ୍ତୁ ହେଉଛି **"Together we can, Beat Air Pollution"**- "ସମ୍ମିଳିତ ହେଲେ ବାୟୁ ପ୍ରଦୂଷଣକୁ ପ୍ରତିହତ କରିବା ପାଇଁ ଆମେ ସମର୍ଥ" ।

ଜୀବଜଗତ ବଞ୍ଚିବା ପାଇଁ ବାୟୁ ଏକ ଅପରିହାର୍ଯ୍ୟ ଉପାଦାନ । ମାତ୍ର ଜନସଂଖ୍ୟା ବୃଦ୍ଧି ଯୋଗୁଁ ବ୍ୟାପକ ଜଙ୍ଗଲକ୍ଷୟ, କଳକାରଖାନା, ଯାନବାହନଗୁଡିକର ସଂଖ୍ୟା ବୃଦ୍ଧି, ଅଙ୍ଗାରକାମ୍ଳ, ଯବକ୍ଷାରଜାନ, ମିଥେନ ଆଦିର ପରିମାଣ ବୃଦ୍ଧି ବାୟୁକୁ ପ୍ରଦୂଷିତ କରିବା ସହ ପରିବେଶ ଓ ଜଳବାୟୁକୁ ଧ୍ୱଂସାଭିମୁଖୀ କରିଛି । ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ତାପମାନ ବୃଦ୍ଧି ସଂପ୍ରତି ସମଗ୍ର ବିଶ୍ୱ ନିମନ୍ତେ ଏକ ପ୍ରମୁଖ ସମସ୍ୟା ହୋଇଛି ।

ବାୟୁ ପ୍ରଦୂଷଣ ହ୍ରାସ ପାଇଁ ସଚେତନତା ସୃଷ୍ଟି, ଯାତ୍ରୀବାହୀ ବସ୍, ସାଇକେଲ ବା ଚାଲିବା ଅଭ୍ୟାସ କରି ଆବଶ୍ୟକତା ମେଣ୍ଟାଇବା, ପରିତ୍ୟକ୍ତ ପ୍ଲାଷ୍ଟିକ୍ ସମେତ ଅଳିଆ, ଆବର୍ଜନାର ସୁବିନିଯୋଗ କରିବା, ଶିଳ୍ପାନୁଷ୍ଠାନରୁ ନିର୍ଗତ ବାୟୁ ପ୍ରଦୂଷଣର ପରିମାଣକୁ ଉତ୍ସରୁ ହ୍ରାସ କରିବା, ନବୀକରଣୀୟ ଶକ୍ତି ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଏକାନ୍ତ ଆବଶ୍ୟକ । ଏ ଦିଗରେ ଇକୋ-କ୍ଲବଗୁଡିକର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ଆଜି ବିଶ୍ୱ ପରିବେଶ ଦିବସ ଅବସରରେ ଆସନ୍ତୁ, ସମସ୍ତେ ବାୟୁ ପ୍ରଦୂଷଣକୁ ପ୍ରତିହତ କରିବା, ପରିବେଶ ସୁରକ୍ଷା ଓ ପ୍ରକୃତିର ସଂରକ୍ଷଣ ଦିଗରେ ଆମର ପ୍ରତିଶ୍ରୁତିବଦ୍ଧତାକୁ ସହୃଦୟତାରେ ପାଳନ କରିବା ।

(ବିକ୍ରମ କେଶରୀ ଆରୁଖ)

# ମହିଳାଙ୍କୁ ବଟି ମାଗିବା ଅଭିଯୋଗ, ଜଣେ ଗିରଫ

**କଟକ ରୋଡ,୪୧୬(ଡି.ଏନ୍.ଏ.):** ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ବଟି ମାଗିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଲକ୍ଷ୍ମୀସାଗର ଅଞ୍ଚଳରେ ରହୁଥିବା ରାକେଶ ଲେଙ୍କା। ପୋଲିସ ସୂଚନା ଅନୁଯାୟୀ, ଗତ ସୋମବାର ଅପରାହ୍ଣ ପ୍ରାୟ ସାଢେ ୨ଟା ରେ ରାକେଶ ତାଙ୍କ ଘର ନିକଟରେ ରହୁଥିବା ଜଣେ ମହିଳାଙ୍କୁ ବଟି ପାଇଁ ଧମକ ଦେବା ସହ ଗଣ୍ଡଗୋଳ କରିଥିଲେ। ଏ ନେଇ ସମ୍ପୃକ୍ତା ମହିଳାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ. ୧୪୨/୧୯) ରୁଜୁ କରି ତଦନ୍ତ ଚଳାଇଥିଲା।

## OFFICE OF THE EXECUTIVE ENGINEER, R.W.S.&.S. DIVISION, JAJPUR AT: CHANDIKHOL

Po- Dhanmandal, Dist- Jajpur, PIN-754024,
Phone- 06725-221454, E-mail-eerwss_jpr@ori.nic.in

**E-PROCUREMENT NOTICE**

Bid Identification No. rwssjajpur 02 / 2019-20 dt. 29.05.2019

**No.52-O:-** The Executive Engineer, RWS&S Division, Jajpur at Chandikhol on behalf of Governor of Odisha, invites bids through e-procurement in double cover system according to norm of eprocurement system in on-line mode from eligible contractors.

| | | |
|---|---|---|
| 1. | Nature of work: | Supplying all construction materials, HDPE / GI pipes, valves, specials etc. and laying the pipeline, Constructing the pump house with compound wall, fitting and fixing of suitable motor and pump set in the production well, supplying, fitting and fixing of chlorine dozing system of approved make and specification, constructing RCC Elevated Storage Reservoirs of specified capacity, providing household connections etc. along with five years maintenance after one year of defect liability period etc. complete for the following PWS Schemes of Jajpur district. |
| 2. | No. of works: | 16 (Sixteen) |
| 3. | Estimated Cost: | Rs 13.00 lakhs to Rs 142.00 lakhs |
| 4. | Time for completion: | 4 (four), 6 (six) & 9(nine) months |
| 5. | Cost of bidding document: | Rs.4000/-, Rs.6000/- & Rs.10000/- |
| 6. | Class of Contractors eligible: | 'D' & 'C' ,'C' & 'B' and 'B' & 'A' |
| 7. | Availability of bids on-line: | 11.00 hours of 10.06.2019 to 17.00 hours of 20.06.2019. |
| 8. | Last date and time for seeking clarification: | up to 17.00 hours of 19.06.2019 |
| 9. | Date & time of opening of Technical Bid online: | 11.00 hour of 21.06.2019 |
| 10. | Date & time of opening of Financial Bid: | To be announced later |

Further details can be seen in the website https://www.tendersorissa.gov.in.

Sd./- 29.05.2019
**Executive Engineer**
**R.W.S & S Division, Jajpur**
**(at: Chandikhol)**

25027/11/0001/1920

## ODISHA LIFT IRRIGATION CORPORATION LTD.

**(A Government of Odisha Undertaking)**
Plot No. N-17/2, Nayapalli, Bhubaneswar-751 012
Phone No. : (0674)2390195(Off) , Fax No. (0674)2395844, E-Mail ID : olicltd123@bsnl.in, olicltd@ymail.com, www.odishalift.co.in

**NATIONAL COMPETITIVE BIDDING THROUGH e-Procurement (RE-TENDER)**

**No. 4798 / OLIC, Dated 01.06.2019**

**No.CAD-65:-** The Managing Director, OLIC Ltd., Bhubaneswar invites tender through e-procurement for Installation, Electrification and Commissioning of cluster bore wells in the State of Odisha. Interested Bidders may visit website: www.tendersodisha.gov.in and OLIC Web Site www.odishalift.co.in. to view and download Detailed Tender Call Notice and bid documents. The bids should be submitted only online in the website www.tendersodisha.gov.in.

**Important features of this NCB are as under:**

A. Brief description of Work: Installation, electrification, energisation and commissioning of Bore well in Nabarangpur, Angul, Rayagada, Malkangiri, Koraput, Kandhamal, Nayagarh, Sundergarh and Keonjhar Districts (19 Packages).
B. Estimated cost of works : Varying from Rs. 394.03 Lakhs to Rs. 1234.98 Lakhs.
C. Date and time of availability of bid document in the portal: From dt. 06.06.2019 to dt. 06.07.2019.
D. Last date / time for receipt of bid in the Portal: dt. 06.07.2019 up to 17.00 hours.
E. Last date of seeking clarification:- dt. 20.06.2019 up to 17.00 hours.
F. Technical Bid will be opened on :- dt. 08.07.2019 at 11.00 hours.

Any Addendum/ Corrigendum/ Cancellation of tender will be available in the said website.

Authority reserves the right to accept /reject any or all the tenders, increase or decrease the quantities of work put to bidding without assigning any reasons thereof.

**Sd./- MANAGING DIRECTOR**
**OLIC Ltd., Bhubaneswar**

32135/11/0001/1920

## OFFICE OF THE DEAN & PRINCIPAL, MAHARAJA KRISHNA CHANDRA GAJAPATI MEDICAL COLLEGE,

**BRAHMAPUR-760 004, GANJAM, ORISSA.**
Tel. 0680.2292746, FAX: 0680.2292809 //
E.mail: prin_mkcgmcberhampur@yahoo.com, mkcgmc.bam@gmail.com, Website : www.mkcgmch.org
No. 3212/MCB.2019/Welfare./Dated. Brahmapur the 22nd May 2019

### TENDER NOTICE

**FOR AWARD OF CONTRACT FOR PROVIDING OF SERVICES OF BIO-MEDICAL WASTE MANAGEMENT**

No. 37-E: Sealed tenders are invited from the reputed manpower agencies/service providers to provide the services of Bio Medical Waste Management of MKCG Medical College & Hospital Berhampur for a period of one year which is extendable up to a maximum period of 3 (three) years subject to periodic review of performance.

The detailed information for outsourcing of aforesaid service is available in the Tender document which may either be downloaded from the website www. mkcgmch .org or procure in person from the office of the Dean & Principal, MKCG Medical College Berhampur (GM), Odisha on any working day between 11 A.M to 4 P.M on payment of Rs.2000/-(Rupees two thousand) only. The last date & time of submission of Tender document is 21 (twenty one) days from the date of publication of the Advertisement in Newspaper through Speed post/ Regd Post only.

The undersigned reserves the rights for cancellation of the Tender at any time without assigning any reason thereof.

**Sd/- Dean & Principal,**
**M.K.C.G. Medical College, Berhampur**

10013/11/0001/1920

## THE ODISHA STATE COOPERATIVE BANK LTD.

**Pandit Jawaharlal Nehru Marg, Bhubaneswar - 751 001**

**Ref. No.: OSCB/HRDD/1172/2019-20** **Date: 29.05.2019**

No.: 04-LL **QUOTATION CALL NOTICE**

**Name of the Work:** Supply and installation of 10 KVA (1 + 1) hot standby configuration UPS at OSCB, Bhubaneswar.

**Last Date and Time of Submission :** 12.06.2019 upto 2.00 P.M.

The quotation details can be donwloaded from the official website **www.odishascb.com** from 29.05.2019 to 12.06.2019.

**Bhubaneswar** **Sd./- Managing Director**
39012/11/0004/1920 **Odisha State Cooperative Bank Ltd.**

## OFFICE OF THE CHAIRMAN POST GRADUATE COUNCIL

SHRI JAGANNATH SANSKRIT VISHVAVIDYALAYA, SHRI VIHAR, PURI-3

**NOTIFICATION**

**NO. 1324/ PGC** **Dt. 01.06.2019**

### WALK-IN-INTERVIEW

A walk-in-Interview will be held from 11 AM to onwards on dt. 18.06.2019 in the office of the Chairman, P.G. Council, Shri Jagannath Sanskrit Viswavidyalaya, Puri-3 for engagement of 02 (two) Nos. of teaching faculty for the Department of Sarvadarshan and Department of Adwaita Vedanta on class basis remuneration which is Rs. 400/- per class subject to maximum of Rs. 10,000/- (Ten Thousand) only per month.

The Reporting time in the office of the Chairman, P.G. Council is at 11 AM on dt. 20.06.2019. Interested candidates who have secured 55% Marks in Acharya Level in Deptt. of Sarvadarshan and Deptt. of Adwaita Vedanta may attend the interview with all original certificates/ Mark Sheets etc. on scheduled date & time.

No TA/DA etc. shall be given to the candidates for this purpose.

**Sd./- Chairman, PG Council**
**Shri Jagannath Sanskrit Viswavidyalaya,**
**Shri Vihar, Puri-752003**

## GOVERNMENT OF ODISHA

**RURAL WATER SUPPLY & SANITATION ORGANISATION**
**OFFICE OF THE EXECUTIVE ENGINEER**
**RWS&S DIVISION, ANGUL :AT: TALCHER**
At- Baghuabole, Po.- Hatatota, Talcher, Dist.- Angul, Pin- 759100
(Ph. No./ Fax - 06760-240762, E-mail : eerwssang@gmail.com)

No.58-O

**National Competitive Bidding through e-procurement**
**Bid Identification No. 01/EE/RWSS/ANGUL/2019-20**
**Dt. 29.05.2019 (MCL)**

The Executive Engineer, RWS&S Division, Angul:at:Talcher on behalf of Governor of Odisha invites Item Rate/Percentage bid through e-procurement in double/single cover system according to norm of e-Procurement system in on-line mode.
Nature of Work : Rural Piped Water Supply Schemes.

| | | | |
|---|---|---|---|
| 1. | No. of Tenders | | 1 No. |
| 2. | Tender Paper Cost | | Rs. 10,000.00 |
| 3. | Value of work | | Rs. 71.26 Lakhs |
| 4. | Class of Contractor | | "B" & "A" Class |
| 5. | Date & time of availability of bid document in portal | | 10.06.2019 at 17.00 hours to 19.06.2019 upto 17.00 hours |
| 6. | Date & time of seeking tender clarification | | 18.06.2019 upto 17.00 hours |
| 7. | Date & time of opening of tender & verification of original document | | 20.06.2019 at 15.00 hours in the office of the Executive Engineer, RWS&S Division, Angul:at:Talcher |
| 8. | Time of completion | : | 6 (Six) Calendar Months |
| 9. | The bidders have to participate in online biding only. Further details can be seen from the website https://www.tendersodisha.gov.in. | | |
| 10. | Corrigendum if any shall be publish in the above website only. | | |

**Sd/- Executive Engineer,**
25019/11/0001/1920 **RWS&S Division, Angul at Talcher**

## OFFICE OF THE ENGINEER-IN-CHIEF(CIVIL), ODISHA NIRMAN SOUDHA, UNIT-V, BHUBANESWAR

**No.04-B:-** **INVIATIONS FOR BIDS (IFB)**

**E-mail ID: cebuildings_orissa@yahoo.co.in, cebuildings@rediffmail.com, Tel: (0674)- 2391523, Fax: (0674)-2395245**

**File No. B-III- Misc-10/2018 No. 22680 Dt. 29th May, 2019**

**Invitation for Bids**
**Bid Identification No. CE (B)- 01/2019-20**

| | | | |
|---|---|---|---|
| 1. | The Chief Engineer (Buildings), Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for (1) "Construction of Community Hall at Jharsuguda" amounting to Rs. 4,44,01,519/-, (2) "Construction of Balance work of New Bus stand at Jharsuguda for the year 2018-19" amounting to Rs. 6,77,48,707/- building works as detailed below. | | |
| 2. | Nature of work | : | Building works (Composite work) |
| 3. | No. of work | : | 02 Nos. |
| 4. | Bid Cost. | : | Rs. 10,000/- |
| 5. | Class of Contractor | : | A Class/ Special / Super Class. |
| 6. | Availability of Bid Documents in the website | : | From dt. 04.06.2019 to 17.00 hours of dt. 24.06.2019. |
| 7. | Date of Opening of Bid | : | Dt. 25.06.2019 at 11.30 AM. |
| 8. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

**Sd./- Chief Engineer (Builings),**
**Odisha**

34117/11/0001/1920

## DIRECTORATE OF PORTS & INLAND WATER TRANSPORT,

**PARIBAHAN BHAWAN( 2ND FLOOR), A.G. SQUARE, UNIT-II, ASHOK NAGAR, BHUBANESWAR-9**
Phone-0674-2390355, Fax : 2396885, Email : portsniwt.od@nic.in

No. 07-JJ

**e-PROCUREMENT NOTICE**

| | | | |
|---|---|---|---|
| 01. | | Name of the Work | Estimated Cost |
| | (i) | Construction of Market Complex at Paradeep Fishing Harbour (Stage-II) (Bid Identification No. DPIWT -01 /2019-20) | Rs.176.84 Lakhs |
| | (ii) | Construction of 2nd Auction Hall at Paradeep Fishing Harbour (Stage-II) (Bid Identification No. DPIWT -2/ 2019-20) | Rs.433.28 Lakhs |

| | | |
|---|---|---|
| 02. | Period of completion | 9 (Nine) Months. |
| 03. | Date & Time of availability of Bid Document in the portal | 12.06.2019 to 27.06.2019 upto 1700 Hours |
| 04. | Last Date and Time for submission of quarries / clarification | 20.06.2019 upto 1500 Hours |
| 05. | Last Date & Time of submission of Bid Document in the portal | 27.06.2019 upto 1700 Hours |
| 06. | Date & Time for opening of Technical Bid | 28.06.2019 at 1130 Hours |
| 07. | Name and Address of the Officer Inviting Tender (O.I.T) | Director, Ports & Inland Water Transport, Paribahan Bhawan (2nd Floor), A.G. Squre, Unit-II, Ashok Nagar, Bhubaneswar, Odisha, Pin-751009, Phone-0674-2390355, Fax-2396885. e-Mail:- portsniwt.od@nic.in |
| 08. | The Bidder have to participate in the ONLINE Bidding only. The website for online Bidding is https://tendersodisha.gov.in . | |
| 09. | The bidder must process matching class compatible Digital Signature Certificate (DSC). | |
| 10. | Other details can be seen in the bidding documents which is available in the website https://tendersodisha.gov.in | |
| 11. | The authority reserves right to cancel any or all bids without assigning any reason. | |

**Director**
02006/11/0001/1920 **Ports &IWT, Odisha**

## THE ODISHA STATE POLICE HOUSING & WELFARE CORPORATION LTD.

OPHWC
**(A Government of Odisha Undertaking)**
**JANPATH, BHOINAGAR, BHUBANESWAR-22**
**PH: 0674-2541545, 2542921, FAX: 0674-2541543**
**Email: ophwc.od@nic.in, Website: www.ophwc.nic.in**
**e-procurement Notice no.-04/SE/03/OPHWC/2019-20**

No.CAD-52

**INVITATION FOR BIDS (IFB)**

| | | | |
|---|---|---|---|
| 1. | The Supertending Engineer (OSPH&WC), Odisha, Bhubaneswar invites Percentage rate bids in double cover system in ONLINE MODE only, for works as detailed below:- | | |
| 2. | Nature of work | : | Building Works |
| 3. | No. of Works | : | 02 Nos. |
| 4. | Bid Cost | : | Rs.11,800/- (To be paid online) |
| 5. | Value of Tender | : | Rs.59,35,914.00 to Rs.66,50,000.00 |
| 6. | Class of Contractor | : | B class to A class |
| 7. | Availability of Bid Documents in the website | : | Dt.07.06.2019 to Dt.22.06.2019 up to 5:00 P.M. |
| 8. | Last date/time of Receipt of Bids in the portal | : | Dt.22.06.2019 up to 5:00 P.M |
| 9. | Date of opening Bid | : | Dt.24.06.2019 at 11:30 A.M |
| 10. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website. | | |

Sd./- **Superintending Engineer**
**(OSPH&WC), Odisha**

N.B.- The qouted rate should be all inclusive but excluding G.S.T. as applicable under works contract.
12025/11/0008/1920

## OFFICE OF THE DIST. FISHERIES OFFICER, SAMBALPUR

**Order No.541 Dated.28.05.2019**

### TENDER CALL NOTICE

**e.mail ID-adfsbp@gmail.com Phone No-0663-2400393**

**No.56-M:-** Sealed tenders in plain paper are invited from the intending bonafide firms/ manufacturers/ Govt. registered suppliers with valid GST number/Certificate for supply of Fisheries Requisites' as per specification attached here with for the year 2019-20 which will be received up to 1.00 PM Dt. 19.06.2019 and will be opened on the same day at 3.00 PM in presence of the tenderer or their authorized representatives. The sealed covers should be superscribed as "Tender for Supply of Fisheries Requisites" at top of its right corner. The tenderer should also submit the sample of the requisites. The rate should be quoted including all taxes, and he should separately quote rates of different taxes charged with in the tender and for delivery at the office of the undersigned. The tender should be accompanied with EMD of Rs.2000/- (Rupees Two thousand only) in shape of NSC/TD/ postal pass book/ cash deposit duly pledged in favour of the undersigned which will be refunded to the unsuccessful tenderer after finalization of the tender. The EMD of the successful tenderer may be forfeited if he fails to supply the materials as per the terms & conditions. The bidders shall submit photocopy of PAN card, Aadhaar Card and GST number along with quotation and samples separately .

The rate so approved by the purchase committee will be valid up to 31.03.2020 .The supplier should quote the single rate for fresh & best quality of materials.

The successful tenderer should supply the materials as per the approved rate within 07 days from the date of issue of the supply order otherwise 2nd lowest tenderer will get the opportunity to supply the materials .

The undersigned reserve the right to accept or reject any or all tender without assigning any reason thereof.

District Fisheries Officer, Sambalpur

**LIST OF MATERIALS:**

| Sl. No. | Items | Manner of submission of sample | Rate quoted | Materials to be delivered at |
|---|---|---|---|---|
| 1 | Fry dragnet (monofilament) mesh size 1/8" fitted with nylon dantuasi with head rope10mm & foot rope 8 mm dia complete with floats. 120'x18', 90'x18', 60'x18' | 12" X 12" | As per size | District Office |
| 2 | Nylon Fishing Net Code 3/3 mesh size 35 mm with 10mm head rope & 12 mm foot rope with floats. size- 200 x 32 ft. Garware make with dantuasi | 6" X 6" | As per size | Do |
| 3 | Breeding happa (monofilament) 1/40''or 1/60" mesh double stitched with synthetic tape putting inside synthetic rope with required loops. 2.5mx1.5mx1mt, 3mx2mx1mt | 6" X 6" | Do | Do |
| 4 | Outer hatching happa bolting cloth 1/120'' mesh stitched by nylon thread with nylon tape outing inside poly propelene rope with outer & inner loops. Size 2mtx1mx1mt | 6" X 6" | Do | Do |
| 5 | Inner hatching happa(nylon) 1/8'' mesh round mosquito netting size. Size 1.7mx0.75mx0.50m | 6" X 6" | Do | Do |
| 6 | Plankton net | One Piece | Per Piece | Do |
| 7 | Polythene bag(LDPE) natural mouth 45 Cm. 300 gauge, length 70 Cm, (Gusseted type) | One piece | per kg. | Do |
| 8 | G.N.O.C. fresh stock (in 50 kg. bag ) | 250 gm in polythene bag | Per Qtl. | Dist.office. |
| 9 | D Oiled R.Bran of fresh stock in Gunny bag of 50 kg. | Do | Do | Do |
| 10 | Lime Stone fresh stock in gunny bag of 25 Kg inside poly pack. | Do | Do | Do |
| 11 | Paddy Powder fresh stock in gunny bag of 50 kg. | Do | Do | Do |
| 12 | Fish Feed (a)Powder/Mash with proper formulation with 24-28% crude protein and 3-5 % fat. | Do | Per Kg | Do |
| 13 | Pelleted feed (floating & Sinking) with protein 24-28% and Fat 3-5% of different sizes i.e 0.2mm,0.5 mm 0.8mm, 1.2mm, 2mm and 4mm.Separate rate to be quoted. | Do | Do | Do |
| 14 | Agrimin fort | Do | Per Kg | Do |
| 15 | Earth | Do | Per Ltr. | Do |
| 16 | CIFAX | Do | Per Ltr. | Do |
| 17 | Ova prim / Ova tide / Wova FH | Per piece | Per vial | Dist. Office. |
| 18 | G.I Fry carrier with lead, 22 Gauge size-13X9X9 inch & 14X10X10 inch | 6X6 inch | Per piece | Do |
| 19 | Fingerling/Yearling of IMC Rohu:Catla: mrigal in the ratio 4:3:3 25gm and above, 50 gm and above and 100gm and above as per size/weight including oxygen packing . | | Per Kg | At field |
| 20 | Life Jacket- It is made from Nylon Fabric PU coated Buoyancy material polythylene foam with high visibility, orange color fabric reflective stickers chemically resistant to water, sea water & petroleum products quick turning time and high free Board in water Buoyancy foam thickness with IRS (Indian Registered Shipping ) Certificate with specification of quality i.e A,B,C,D. Front-36 mm, Back-24 mm, Buckles-3Nos R.R Tape, Whistle, Waist rope, Head rest | | Per piece | Dist. Office. |

**06054/11/0001/1920** **District Fisheries Officer, Sambalpur**

## ODISHA HYDRO POWER CORPORATION LIMITED.

No.CAD-56

**BALIMELA HYDRO ELECTRIC PROJECT: POST : BALIMELA : DIST : MALKANGIRI (ODISHA)**
**PIN: 764051; Phones: 06861-232581 (0) / 232641 (R). FAX-06861-232541; Email- <unit.head_balimela@yahoo.com>**
**NOTICE INVITING TENDER NO:/BHEP/DE-III/01/2019-20 DTD: 01.06.2019**

**Bid Identification No.................** **Dated..................**

Invites percentage rate bids in double cover system for below mentioned work through e-tender as detailed below. The bids shall be submitted online only at **https://tendersodisha.gov.in** by eligible class of Contractors registered with the State Government and Contractors of equivalent grade / class registered with central Government/ Railways having valid registration number for execution of the following works. The bidders shall have necessary Portal Enrolment with his / her own digital signature certificate.

| Sl. No. | Name of work | Estimated cost in Rs. | EMD in Rs. | Cost of bid documents in Rs. | Period of Completion |
|---|---|---|---|---|---|
| 1 | ANNUAL MAINTENANCE CONTRACT FOR WATER SUPPLY SYSTEM & DAY TO DAY MAINTENANCE OF ERECTOR'S HOSTEL OF BHEP, BALIMELA | 27,38,727/- | 27,500/- | 6000/-+GST@ 18%= 7080/- | 365 DAYS |

Date & Time of availability of bid document in the portal: (From 11.00 Hrs of 06.06.2019 To 20.06.2019 (up to16.00 Hrs); Last date & time for submission of bid : 20.06.2019 (up to16.00 Hrs) ; The date & time of opening of the bid 11.00 Hrs onwards of 22.06.2019 (Only Technical bid). Further details can be seen from the e-procurement portal https://tendersodisha.gov.in

04019/11/0002/1920 Sd./- SENIOR GENERAL MANAGER, BHEP, Balimela

## ODISHA HYDRO POWER CORPORATION LIMITED

**BALIMELA HYDRO ELECTRIC PROJECT, POST: BALIMELA, DIST: MALKANGIRI (ODISHA), PIN: 764051, PHONES: 06861-232581 (O)/ 232641 (R), FAX: 06861-232541, E-Mail: unit.head_balimela@yahoo.com**

**NO. BHEP: TECH-// 3789** **Date: 03.06.2019**

**NOTICE INVITING TENDER NO.05/2019-20/ DATED 03.06.2019**

**No. CAD-59:** Sealed tenders are invited in single part bid basis from Vehicle Owners/ Travel Agencies/ individuals fulfilling the eligibility criteria as per the tender specification for the work as mentioned below.

| Sl. No. | Description of Services | Cost of tender paper (Non-refundable) in Rs. | EMD in shape of DD only (Refundable) in Rs. | Period of availability of tender at OHPC website. | Last date & time of receipt of Tender | Date & time of opening of bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Hiring of 01 (one) no of diesel run Mahindra Bolero Plus vehicle with single driver for BHEP, Balimela | Rs. 6000/- + 1080 (GST@18%)= Rs. 7080/- | 12,000/- | 04.06.2019 to 19.06.2019 | 19.06.2019 upto 12.00 Hrs. | 19.06.2019 at 12.30 PM |

For details of the tender documents, terms & conditions please visit our website **www.ohpcltd.com**.

**04019/11/0005/1920** **Sd./- Senior General Manager (Ele.), BHEP, Balimela**

## ODISHA HYDRO POWER CORPORATION LIMITED

**BALIMELA HYDRO ELECTRIC PROJECT, POST: BALIMELA, DIST: MALKANGIRI (ODISHA), PIN: 764051**
**Phones: 06861-232581 (O)/232641 (R), Fax: 06861-232541, E-mail: <unit.head_balimela@yahoo.com>**

**NOTICE INVITING TENDER NO: /BHEP/DE-III/02/2019-20, DTD-03.06.2019**

**No.: CAD-58:** Invites percentage rate bids in double cover system for below mentioned work through e-tender as detailed below. The bids shall be submitted online only at https://tendersodisha.gov.in by eligible "C" or "D" class of contractors registered with the state government and contractors of equivalent grade/ class registered with central Government/ Railways having valid registration number for execution of the following works. The bidders shall have necessary Portal Enrolment with his/ her own digital signature certificate.

| GROUP | Name of work | Estimated cost in Rs. | EMD in Rs. | Cost of bid documents in Rs. | Period of Completion |
|---|---|---|---|---|---|
| A | Water proofing treatment of valve house roof, power house lower roof & switchyard control room building roof, BHEP, Balimela. | 30,93,795.33 | 30,940/- | 6000/- + GST @18%= 7080/- | 90 days |
| B | Roof treatment of 53 (fifty three) numbers residential quarters (2RB, 2RA&2RP) at different colony, BHEP, Balimela. | 21,33,530.49 | 21,340/- | 6000/- + GST @18%= 7080/- | 90 days |

**Group-A**
Date & Time of availability of bid document in the portal: From 11.00 Hrs of 04.06.2019 to 18.06.2019 (up to 16.00 Hrs). Last date & time of submission of tender: 18.062019 (up to 16.00 Hrs). The date & Time of opening of bid: 11.30 Hrs onwards of 20.06.2019 (Only Technical bid).

**Group-B**
Date & time of availability of bid document in the portal: From 11.00 Hrs of 05.06.2019 to 19.06.2019 (up to 16.00 Hrs). Last date & t ime of submission of tender: 19.06.2019 (up to 16.00 Hrs). The date & time of opening of the bid: 11.30 Hrs onwards of 21.06.2019 (Only Technical bid).
Further details can be seen from the e-procurement portal https://tendersodisha.gov.in.

**04019/11/0004/1920** **Sd./- SENIOR GENERAL MANAGER (El.), BHEP, Balimela**

## ODISHA HYDRO POWER CORPORATION LIMITED

BALIMELA HYDRO ELECTRIC PROJECT:POST: BALIMELA: DIST: MALKANGIRI (ODISHA): PIN: 764 051.
**Phones: 06861-232581(0) / 232641(R), KRVFAX - 06861-232541.**
**E mail- <unit.head_balimela@yahoo.com>**

No. CAD-57

**NOTICE INVITING TENDER NO:/BHEP/DE-III/03/2019-20, DTD-03.06.2019**

Invites percentage rate bids in double cover system for below mentioned work through e-tender as detailed below. The bids shall be submitted online only at https://tendersodisha.gov.in by eligible "C" or "D" class of contractors registered with the state government and contractors of equivalent grade / class registered with central Government/ Railways having valid registration number for execution of the following works. The bidders shall have necessary Portal Enrolment with his / her own digital signature certificate.

| Sl. No. | Name of Work | Estimated Cost in Rs. | EMD in Rs. | Cost of Bid documents in Rs. | Period of Completion |
|---|---|---|---|---|---|
| 1 | Construction of three(03) nos. of Car shed and compound wall near 3R-51 at Officers Colony of BHEP, Balimela | 7,26,984.00 | 7,300/- | 4000/- + GST@ 18% = 4720/- | 90 Days |

**Date & Time of availability of bid document in the portal: From 11.00 hrs of 04.06.2019 to 18.06.2019 (up to 16.00 hrs)**
**Last date & time of submission of tender: 18.06.2019 (up to 16.00 Hrs)**
**The date & time of opening of the bid: 11.30 Hrs onwards of 20.06.2019 (Only Technical bid)**
**Further details can be seen from the e-procurement portal https://tendersodisha.gov. in**

04019/11/0003/1920 Sd./- Senior General Manager (El), BHEP, Balimela

No. 10-L

# ବିହନ ବିଶୋଧନ କାର୍ଯ୍ୟକ୍ରମ

## ଖରିଫ୍-୨୦୧୯

ଓଡ଼ିଶାର ପ୍ରତ୍ୟେକ ବ୍ଲକରେ କେତେକ ବଛା ବଛା ଗ୍ରାମମାନଙ୍କରେ ତା ୦୧.୦୬.୨୦୧୯ରିଖ ଠାରୁ ତା୧୫.୦୭.୨୦୧୯ରିଖ ପର୍ଯ୍ୟନ୍ତ ଚାଷୀମାନଙ୍କର ସଞ୍ଚିତ ଧାନ ବିହନକୁ ବିଶୋଧିତ କରାଯାଇ ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ଚାଲୁ ରହିବ। ଏହି କାର୍ଯ୍ୟକ୍ରମରେ ଚାଷୀ ଭାଇ ଓ ଭଉଣୀମାନେ ବିପୁଳ ସଂଖ୍ୟାରେ ଯୋଗ ଦେଇ ନିଜର ସଞ୍ଚିତ ଧାନ ବିହନକୁ ବିଶୋଧନ କରାଇ ନେବା ପାଇଁ ଅନୁରୋଧ କରାଯାଉଛି।

01034/11/0005/1920



କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା



"ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ସରକାରଗୁଡ଼ିକର ପ୍ରଭୁତ କ୍ଷମତା ରହିଛି। କିନ୍ତୁ ତା'ର ଅପବ୍ୟବହାର କରାଯିବା ଅନୁଚିତ। ସରକାର କୌଣସି ସମୟରେ ଭୁଲ୍ ବାଟକୁ ଗଲେ ସଂଘ ସକାରାତ୍ମକ ଅଭିମୁଖ୍ୟ ନେଇ ତାକୁ ଉପଦେଶ ଓ ପରାମର୍ଶ ଦେବ।
-ମୋହନ ଭାଗବତ, ଆର୍‌ଏସ୍‌ଏସ୍ ମୁଖ୍ୟ



ନୂଆଦିଲ୍ଲୀସ୍ଥିତ ଉଦ୍ୟୋଗ ଭବନରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ସହ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମନ୍ତ୍ରଣାଳୟର ଦାୟିତ୍ୱ ଗ୍ରହଣ କରୁଛନ୍ତି।



ଇଦ୍-ଉଲ୍-ଫିତର୍ ଅବ୍ୟବହିତ ପୂର୍ବରୁ ବାରାଣସୀର ଏକ ଦୋକାନରେ କିଣାକିଣି କରୁଛନ୍ତି ମୁସଲିମ୍ ମହିଳା।

## ■ ନିପା ଭାଇରସ୍ ଆତଙ୍କ

# କେରଳରେ ୬ଜଣିଆ କେନ୍ଦ୍ରୀୟ ଟିମ୍

ନୂଆଦିଲ୍ଲୀ,୪।୬




କେରଳରେ ନିପା ଭାଇରସ୍ ଆତଙ୍କ ଖେଳାଇଛି। ଜଣେ କଲେଜ୍ ଛାତ୍ର(୨୩) ମଙ୍ଗଳବାର ଏଥିରେ ଆକ୍ରାନ୍ତ ହୋଇଥିବା ସ୍ପଷ୍ଟ ହୋଇଛି। ୮୬ ଜଣଙ୍କୁ ନିରୀକ୍ଷଣ କରାଯାଉଥିବା ଜଣାପଡ଼ିଛି। ଗତବର୍ଷ ମେ ମାସରେ ଏହି ଭାଇରସ୍ କେରଳରୁ ୧୭ ଜଣଙ୍କ ଜୀବନ ନେଇଥିଲା। ଗମ୍ଭୀରତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ମଙ୍ଗଳବାର କେରଳର ସ୍ୱାସ୍ଥ୍ୟମନ୍ତ୍ରୀ କେ.କେ. ଶୈଳଜାଙ୍କ ସହ ଆଲୋଚନା କରିଛନ୍ତି। ସାମ୍ପ୍ରତିକ ସ୍ଥିତି ନେଇ କଥାବାର୍ତ୍ତା ହୋଇଥିବାବେଳେ କେନ୍ଦ୍ର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ୬ଜଣିଆ କେନ୍ଦ୍ରୀୟ ଟିମ୍ କେରଳ ପଠାଯାଇଛି। ସେଠାରେ ସେମାନେ ପରୀକ୍ଷା ନିରୀକ୍ଷା କରିବେ। ଏନେଇ ଏକ କଣ୍ଟ୍ରୋଲ ରୁମ ଖୋଲାଯାଇଥିବା ସେ କହିଛନ୍ତି। ସରକାର ସବୁ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ପ୍ରକାଶ କରିଛନ୍ତି। ଶୈଳଜା କହିଛନ୍ତି ଯେ, ଏର୍ନାକୁଲମ୍ ଜିଲାର ନିପା ପୀଡ଼ିତ କଲେଜ ଛାତ୍ର ଏବେ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ଭଲ ଅଛନ୍ତି। ତେବେ କେତେକ ଜ୍ୱରରେ ପଡ଼ି ଅସୁସ୍ଥ ଥିବାବେଳେ ସେମାନଙ୍କ ପରୀକ୍ଷା ଚାଲିଥିବା ସେ ପ୍ରକାଶ କରିଛନ୍ତି। କେନ୍ଦ୍ରୀୟ ଟିମ୍‌ର ଚିକିତ୍ସା ସହ ସ୍ଥିତି ସମୀକ୍ଷା ଓ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଭରଯୋଗ୍ୟ ସହଯୋଗ ମନୋଭାବ ପରିସ୍ଥିତି ଉନ୍ନତି ଆଣିବ ବୋଲି କୁହାଯାଉଛି।

## ସଂକ୍ଷେପରେ

### ତିଆନେନ୍‌ମେନ୍ ସ୍କୋୟାର ଗଣହତ୍ୟାକୁ ୩୦ବର୍ଷ

**ବେଜିଂ,୪।୬(ଏଏଫ୍‌ପି):** ଚାଇନାର ତିଆନେନ୍‌ମେନ୍ ସ୍କୋୟାର ଗଣହତ୍ୟାକୁ ୩୦ବର୍ଷ ପୂରଣ ହୋଇଛି। ଏଥିପାଇଁ ମଙ୍ଗଳବାର ରାଜଧାନୀ ବେଜିଂରେ ଏକ ବୃହତ୍ ସମାବେଶ ଆୟୋଜନ କରାଯାଇଛି। ଏଥିରେ ୩୦ବର୍ଷ ତଳର ଲୋମଟାଙ୍କୁରା ଗଣହତ୍ୟାକୁ ସ୍ମରଣ କରାଯିବା ସହିତ ମୃତକଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ସେହିଭଳି ହଂକଂରେ ହଜାର ହଜାର ଲୋକ କ୍ୟାଣ୍ଡେଲ ଶୋଭାଯାତ୍ରା କରଥିଲେ। ୧୦ହଜାର ଲୋକଙ୍କ ଜୀବନ ଯାଇଥିବା ଏହି ସଂହାରଲୀଳା ତିଆନେନ୍‌ମେନ୍ ସ୍କୋୟାର ଗଣହତ୍ୟା ଭାବରେ କୁଖ୍ୟାତ।

### ବାୟୁସେନା ବିମାନର ତଲାସି ଜୋର୍‌ଦାର



**ଇଟାନଗର/ନୂଆଦିଲ୍ଲୀ,୪।୬:** ଭାରତୀୟ ବାୟୁସେନା ବିମାନର ପତ୍ତା ଏପର୍ଯ୍ୟନ୍ତ ମିଳି ନ ଥିବାବେଳେ ସର୍ଚ୍ଚ ଅପରେଶନରେ ନୌସେନାକୁ ସାମିଲ କରାଯାଇଛି। ନୌସେନାର ଏକ ବିରାଟ ସାମୁଦ୍ରିକ ବିମାନକୁ ଏଥିରେ ସାମିଲ କରାଯାଇଛି। ସୋମବାର ଆସାମ୍‌ର ଜୋହରାଟ୍‌ରୁ ଯାଇଥିବା ଭାରତୀୟ ବାୟୁସେନାର ଏଏନ୍-୩୨ ପରିବହନ ବିମାନ ଅରୁଣାଚଳ ପ୍ରଦେଶରେ ନିଖୋଜ ହୋଇଯାଇଥିଲା। ଏଥିରେ ୧୩ ଜଣ ଥିଲେ। ୨୪ ଘଣ୍ଟା ହେବ ବିମାନ ଓ ହେଲିକପ୍ଟର ସହାୟତାରେ ଖୋଜାଖୋଜି ଚାଲିଥିବାବେଳେ ବିମାନଟିର ପତ୍ତା ମିଳିନାହିଁ।

### ଅମରନାଥ ଯାତ୍ରା ପରେ କଶ୍ମୀର ନିର୍ବାଚନ

**ନୂଆଦିଲ୍ଲୀ,୪।୬:** ଚଳିତ ବର୍ଷ ଶେଷସୁଦ୍ଧା ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ରାଜ୍ୟରେ ଭାଜପା-ପିଡ଼ିପି ମେଣ୍ଟ ସରକାର ଭାଙ୍ଗିଯିବା ପରେ ଗତବର୍ଷ ଡିସେମ୍ବର ମାସରୁ ଏଠାରେ ରାଷ୍ଟ୍ରପତି ଶାସନ ଜାରି ରହିଛି। ବାର୍ଷିକ ଅମରନାଥ ଯାତ୍ରା ଅଗଷ୍ଟ ୧୫ରେ ଶେଷ ହେଉଥିବାବେଳେ ଏହାପରେ ନିର୍ବାଚନ କମିଶନ ନିର୍ବାଚନ ତାରିଖ ଘୋଷଣା କରିବେ ବୋଲି ଜଣାପଡ଼ିଛି। ସ୍ଥିତି ଓ ସୁରକ୍ଷାର ସମୀକ୍ଷା କରାଯିବା ପରେ ନିଷ୍ପତ୍ତି ଗ୍ରହଣ କରାଯିବ। ସମ୍ଭବତଃ ଅକ୍ଟୋବର କିମ୍ବା ନଭେମ୍ବର ମାସରେ ଏହି ନିର୍ବାଚନ ହୋଇପାରେ। ପ୍ରକାଶଥାଉ କି, ଅମରନାଥ ଯାତ୍ରାରେ ଆତଙ୍କବାଦୀ ଆକ୍ରମଣର ବିପଦଥିବାରୁ ବ୍ୟାପକ ସୁରକ୍ଷା କର୍ମୀଙ୍କୁ ସେଠାରେ ମୁତୟନ କରାଯାଇଛି।

[ଇତିହାସର ଆଇନାରେ]

### ଜୁନ୍ ୫ର ପ୍ରମୁଖ ଘଟଣା

୨୦୧୫ ଜୁନ୍ ୫ରେ ମାଲେସିଆର ରାନାଉ ଓ ସାବାହଠାରେ ୬.୦ ତୀବ୍ରତାର ଭୂମିକମ୍ପ ହୋଇଥିଲା ଏଥିଯୋଗୁ ମାଉଣ୍ଟ କିନାବାଲୁରେ ପର୍ବତାରୋହୀ ଏବଂ ଗାଇଡଙ୍କ ସମେତ ୧୮ଜଣଙ୍କ ମୃତ୍ୟୁ ଘଟିଥିଲା। ୧୯୭୫ ପରେ ମାଲେସିଆରେ ଏହାଥିଲା ବଡ ଧରଣର ଭୂକମ୍ପ।

୨୦୧୭ ଜୁନ୍ ୫ରେ ୬ଟି ଆରବୀୟ ରାଷ୍ଟ୍ର ବାହାରିନ୍, ଇଜିପ୍ଟ, ଲିବ୍ୟା, ସୌଦି ଆରବ, ୟେମେନ୍ ଏବଂ ୟୁନାଇଟେଡ ଆରବ ଏମିରେଟ୍ସ କାତାରଠାରୁ କୂଟନୈତିକ ସମ୍ପର୍କ ଛିନ୍ନ କରିଥିଲେ।

# ବଦଳୁଛି ମେଣ୍ଟ ରାଜନୀତି

ନୂଆଦିଲ୍ଲୀ,୪।୬(ପି.ଟି./ଆଇଏଏନ୍‌ଏସ୍)

## ନୀତୀଶଙ୍କ ଉପରେ ମହାମେଣ୍ଟ ନରମ



ଇଫ୍‌ତାର ପାର୍ଟିରେ ଜିତନ୍‌ରାମ ମାଝିଙ୍କ ସହ ନୀତୀଶ କୁମାର।

ସାଧାରଣ ନିର୍ବାଚନରେ ଭାଜପାର ବିପୁଳ ବିଜୟ ଜାତୀୟ ରାଜନୈତିକ ଚିତ୍ରପଟକୁ ବଦଳାଇଦେଇଛି। ଏହାର ପ୍ରଭାବରେ ବିରୋଧୀଙ୍କ ମହାମେଣ୍ଟ ରାଜନୀତିରେ ପରବର୍ତ୍ତନ ଦେଖିବାକୁ ମିଳିଲାଣି। ଉତ୍ତରପ୍ରଦେଶର ୮୦ ଲୋକ ସଭା ଆସନରୁ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ୧୦ ଏବଂ ସମାଜବାଦୀ ପାର୍ଟି (ଏସ୍‌ପି) ୫ ଆସନ ଦଖଲ କରିବା ପରେ ଦୁଇଦଳ ପରସ୍ପରକୁ ଗନ୍ଧେଇବା ଆରମ୍ଭ କଲେଣି। ବିଧାନସଭାର ୧୧ ଆସନ ପାଇଁ ହେବାକୁ ଥିବା ଉପନିର୍ବାଚନରେ ମହାମେଣ୍ଟ ପକ୍ଷରୁ ମିଳିତ ପ୍ରାର୍ଥୀ ଦିଆଯିବନାହିଁ। ଉଭୟ ଦଳ ନିଜ ନିଜ ପ୍ରାର୍ଥୀ ଦେବେ ବୋଲି ଘୋଷଣା କରାଯିବା ପରେ ମହାମେଣ୍ଟ ବସ୍ତୁତଃ ଭାଙ୍ଗିଯାଇଛି। ଏହାସହ ଦୁଇ ଦଳ ମଧ୍ୟରେ ଚାଲିଥିବା ୫ ମାସର ମଧୁଚନ୍ଦ୍ରିକାରେ ଭଟ୍ଟା ପଡ଼ିଛି। ଏତିକିବେଳେ ବିହାର ରାଜନୀତିରେ ମଧ୍ୟ ନୂଆ ସମୀକରଣର ଆଭାସ ମିଳିବା ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ପାଳି ରାଷ୍ଟ୍ରୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରରେ ସଂଯୁକ୍ତ ଜନତା ଦଳ (ଜେଡିୟୁ)କୁ ଉପଯୁକ୍ତ ପ୍ରତିନିଧିତ୍ୱ ନ ମିଳିବା ପରେ ଦଳ ଅଧ୍ୟକ୍ଷ ନୀତୀଶ କୁମାରଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଆସିଛି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ ନିକଟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବେଳେ ଭାଜପାରୁ ଜଣଙ୍କୁ ମଧ୍ୟ କ୍ୟାବିନେଟରେ ସାମିଲ ନ କରି ଗୈରିକ ଦଳକୁ କଡ଼ା ସନ୍ଦେଶ ଦେଇଛନ୍ତି। ଏହାସହ ବିରୋଧୀ ମହାମେଣ୍ଟର ସହଯୋଗୀ ଦଳଗୁଡ଼ିକ ପ୍ରତି ତାଙ୍କର ପରିବର୍ତ୍ତିତ ବ୍ୟବହାର ଭିନ୍ନ ସମୀକରଣର ସମ୍ଭାବନା ସୃଷ୍ଟି କରିଛି। ଏଭଳି ସମୟରେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରୀ ଦେବୀ ନୀତୀଶଙ୍କୁ ମହାମେଣ୍ଟରେ ଯୋଗଦେବା ପାଇଁ ନିମନ୍ତ୍ରଣ କରି ନରମ ଆଭିମୁଖ୍ୟ ଦେଖାଇଛନ୍ତି। ଆର୍‌ଜେଡିର ବରିଷ୍ଠ ନେତା ରଘୁବଂଶ ପ୍ରସାଦ ସିଂ କହିଛନ୍ତି, ଜେଡିୟୁ ସମେତ ଅଣଭାଜପା ଦଳଗୁଡ଼ିକ ଭାଜପା ବିରୋଧରେ ଏକାଠି ହେବା ଉଚିତ। ଜାତୀୟ ସ୍ତରରେ ବିକଳ୍ପ ପାଇଁ ଗୋଟିଏ ମଞ୍ଚ ଗଢ଼ାଯିବା ଦରକାର। ଏପରି କି ଛୋଟ ଦଳଗୁଡ଼ିକ ମଧ୍ୟ ମିଶି ଗୋଟିଏ ପାର୍ଟି ହୋଇ ଭାଜପାକୁ ମୁକାବିଲା କରିବା ଉଚିତ ବୋଲି ସେ ମତଦେଇଛନ୍ତି। ସେହିପରି ହିନ୍ଦୁସ୍ତାନୀ ଆୱାମ୍ ମୋର୍ଚ୍ଚା (ଏଚ୍‌ଏଏମ୍) ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନ୍‌ରାମ ମାଝି ମଧ୍ୟ ନୀତୀଶଙ୍କ ଆଡ଼କୁ ଅଗ୍ରସର ହେଉଥିବା ଦେଖିବାକୁ ମଳିଛି। ସୋମବାର ମାଝିଙ୍କ ଇଫ୍‌ତାର ପାର୍ଟିରେ ନୀତୀଶଙ୍କ ଉପସ୍ଥିତି ଓ ପରସ୍ପରକୁ ପ୍ରଶଂସା ଏହାର ସଙ୍କେତ ଦେଇଛି। ଜେଡିୟୁ ମୁଖ୍ୟ ୪ ବର୍ଷ ତଳେ ତାଙ୍କୁ ଦଳରୁ ବାହାର କରିବାକୁ ନେଇ ମତଭେଦ ରହିଛି। କିନ୍ତୁ ସେବେଠୁ ରାଜନୀତିରେ ଅନେକ ପାଣି ବହିଗଲାଣି ବୋଲି ମାଝି କହିଛନ୍ତି। ଇଫ୍‌ତାର ପାର୍ଟିରେ ଉଭୟଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବିହାରର ବରିଷ୍ଠ ଭାଜପା ନେତା ତଥା କେନ୍ଦ୍ର ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ପାଳନ ମନ୍ତ୍ରୀ ଗିରିରାଜ ସିଂ ନୀତୀଶଙ୍କ ଉଦ୍ଦେଶ୍ୟରେ ଟୁଇଟ୍ କରିଛନ୍ତି, କେତେ ସୁନ୍ଦର ହୋଇଥାନ୍ତା ଯଦି ସେ ଏତିକି ଆଗ୍ରହ ସହ ନବରାତ୍ରିର ଫଳାହାର ଆୟୋଜନ କରିଥାନ୍ତେ ଏବଂ ସୁନ୍ଦର ସୁନ୍ଦର ଫଟୋ ଆସିଥାନ୍ତା। ଧର୍ମ କର୍ମରେ ଆମେ କାହିଁକି ପଛରେ ପଡ଼ିଯାଉ ଏବଂ ଅନ୍ୟ ପାଇଁ ପ୍ରହସନରେ ଆଗେଇଯାଉ ବୋଲି ଗିରିରାଜ ପ୍ରଶ୍ନ କରିଛନ୍ତି। ଏହାକୁ ନେଇ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ନେତା ଚିରାଗ ପାଶ୍ୱାନ ଓ ନୀତୀଶ ଗିରିରାଜଙ୍କ ଉପରେ ବର୍ଷିଛନ୍ତି। ସେପଟେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ମଧ୍ୟ ଗିରିରାଜଙ୍କୁ ଏପରି ନ କରିବାକୁ ଦାଗିଦ କରିଛନ୍ତି।



**ସମାଲୋଚନା କରି ଗିରିରାଜ ହଟହଟା**

## ଏକାକୀ ଲଢ଼ିବୁ ଉପନିର୍ବାଚନ: ଅଖିଳେଶ



**୫ ମାସ ପରେ ଏସ୍‌ପି- ବିଏସ୍‌ପି ବିଚ୍ଛେଦ**

**ଲକ୍ଷ୍ନୌ,୪।୬:** ଆଗାମୀ ଦିନରେ ଉତ୍ତରପ୍ରଦେଶରେ ହେବାକୁ ଥିବା ୧୧ ବିଧାନସଭା ଉପନିର୍ବାଚନରେ ସମାଜବାଦୀ ପାର୍ଟି (ଏସ୍‌ପି) ଏକାକୀ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ଅଛି ବୋଲି ଦଳର ନେତା ଅଖିଳେଶ ଯାଦବ କହିଛନ୍ତି। ଦଳର ନେତାମାନଙ୍କ ସହ ଆଲୋଚନା କରାଯାଇ ସମସ୍ତ ୧୧ଟି ଆସନରେ ପ୍ରାର୍ଥୀ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ସାଧାରଣ ନିର୍ବାଚନରେ ଏସ୍‌ପି-ବିଏସ୍‌ପି ମେଣ୍ଟ ବିଫଳ ହେବା ପରେ ବିଏସ୍‌ପି ଏକାକୀ ଉତ୍ତରପ୍ରଦେଶ ଉପନିର୍ବାଚନ ଲଢ଼ିବ ବୋଲି ଦଳର ସୁପ୍ରିମୋ ମାୟାବତୀ କହିଥିଲେ। ଏବେ ସବୁକିଛି ସ୍ପଷ୍ଟ ହୋଇଯାଇଛି। ମେଣ୍ଟ ଭାଙ୍ଗିବା ସହ ପରସ୍ପର ବିରୋଧରେ ପ୍ରାର୍ଥୀ ଦେବାକୁ ଏସ୍‌ପି, ବିଏସ୍‌ପି ପ୍ରସ୍ତୁତି ଚଳାଇଛନ୍ତି। ସାଧାରଣ ନିର୍ବାଚନରେ ଭାଜପାର ବାଜିମାତ୍ ସବୁକିଛି ଓଲଟପାଲଟ କରିପକାଇଛି। ପ୍ରକାଶଥାଉ କି, ନିର୍ବାଚନରେ ଏସ୍‌ପିର ଯାଦବ ସମାଜ ଭୋଟ୍ ମେଣ୍ଟକୁ ମିଳିବା ପରିବର୍ତ୍ତେ ଅନ୍ୟ ଆଡ଼କୁ ଚାଲିଯାଇଥିଲା। ଏମିତିକି, ଅଖିଳେଶଙ୍କ ସ୍ତ୍ରୀ ଡିମ୍ପଲ ମଧ୍ୟ ପରାଜୟବରଣ କରିଥିଲେ। ଏସ୍‌ପି-ବିଏସ୍‌ପି ମେଣ୍ଟ ଆଶାନୁରୂପ ସଫଳତା ପାଇ ନ ଥିଲା। ଫଳରେ ମେଣ୍ଟ ତିଷ୍ଠି ରହିବା ମାୟାବତୀଙ୍କ ଲାଗି ଅସହ୍ୟ ହୋଇଥିଲା।

## କଂଗ୍ରେସ ଛାଡ଼ିଲେ ରାଧାକ୍ରିଷ୍ଣ ପାଟିଲ

ମୁମ୍ବାଇ,୪।୬



ରାଧାକ୍ରିଷ୍ଣ ଭିକେ ପାଟିଲ୍

ମହାରାଷ୍ଟ୍ର କଂଗ୍ରେସରୁ ୨ ବରିଷ୍ଠ ନେତା ରାଧାକ୍ରିଷ୍ଣ ଭିକେ ପାଟିଲ୍ ଓ ଅବଦୁଲ ସତ୍ତାର ମଙ୍ଗଳବାର ଇସ୍ତଫା ଦେଇଛନ୍ତି। କିଛିମାସ ପରେ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ କଂଗ୍ରେସ ପାଦତଳୁ ମାଟି ଖସିବାରେ ଲାଗିଛି। ଏହି ଦୁଇ ନେତା ଭାଜପାରେ ମିଶିବେ ବୋଲି ଜଣାପଡ଼ିଛି। ଖାଲି ସେତିକି ନୁହେଁ, ପ୍ରାୟ ୧୦ ଜଣ କଂଗ୍ରେସ ବିଧାୟକ ଭାଜପା ସହ ସମ୍ପର୍କରେ ଅଛନ୍ତି ବୋଲି ଜଣାପଡ଼ିଛି।

ସାଧାରଣ ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ଲାଗି ଦୁର୍ବଳ ନେତୃତ୍ୱକୁ ଦାୟୀକରି ଦଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ମହାରାଷ୍ଟ୍ରରେ ଭାଜପା-ଶିବସେନା ମେଣ୍ଟର ବିପୁଳ ବିଜୟ ପ୍ରଦେଶ କଂଗ୍ରେସର ଦୁର୍ବଳତାକୁ ପଦାରେ ପକାଇଛି ବୋଲି ସତ୍ତାର ପ୍ରକାଶ କରିଛନ୍ତି। ବିଧାନସଭାରେ ବିରୋଧୀ ଦଳର ପୂର୍ବତନ ନେତା ଥିବା ଭିକେ ପାଟିଲ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍‌ଙ୍କୁ ସାକ୍ଷାତ କରିଥିବାବେଳେ ତାଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିବ ବୋଲି ଜଣାପଡ଼ିଛି। ଭିକେ ପାଟିଲଙ୍କ ପୁଅ ସଞ୍ଜୟ ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ଛାଡ଼ି ଭାଜପାରେ ସାମିଲ ହେବା ସହ ଦଳୀୟ ଟିକେଟ୍‌ରେ ଅହମ୍ମଦନଗର ଆସନରୁ ଲଢ଼ି ବିଜୟୀ ହୋଇଛନ୍ତି।

## କର୍ନାଟକ ଜେଡିଏସ୍ ମୁଖ୍ୟଙ୍କ ଇସ୍ତଫା



**ବେଙ୍ଗାଲୁରୁ,୪।୬:** କର୍ନାଟକର ଜେଡିଏସ୍ ମୁଖ୍ୟ ଏଚ୍. ବିଶ୍ୱନାଥନ୍ ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଲୋକ ସଭା ନିର୍ବାଚନରେ ଦଳର ଶୋଚନୀୟ ପରାଜୟ ଲାଗି ନୈତିକତା ଦୃଷ୍ଟିରୁ ସେ ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି। ଦଳର ନେତାମାନେ ତାଙ୍କୁ ବିଶ୍ୱାସକୁ ନ ନେବା, ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ତାଙ୍କ ଅଗୋଚରରେ କରାଯିବା ନେଇ ସେ ଅସନ୍ତୁଷ୍ଟ ଥିଲେ। ପ୍ରକାଶଥାଉ କି, ସାଧାରଣ ନିର୍ବାଚନରେ କର୍ନାଟକରେ ଭାଜପା ୨୮ରୁ ୨୫ ଆସନ ପାଇଥିବାବେଳେ କଂଗ୍ରେସ ଓ ଜେଡିଏସ୍ ପ୍ରତ୍ୟେକଙ୍କୁ ଗୋଟିଏ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

### ଜମ୍ମୁରେ ଜଳିଗଲା ଶରଣାର୍ଥୀଙ୍କ ୨୫୦ ଘର

**ଜମ୍ମୁ,୪।୬:** ଜମ୍ମୁ-କଶ୍ମୀରର ତ୍ରିକୁଟନଗର ଅଞ୍ଚଳର ମରାଠା କ୍ଲଷ୍ଟର୍‌ରେ ନିଆଁ ଲାଗିବା ସହ ଜୋର୍‌ରେ ପବନ ବହିବାରୁ ଶ୍ରମିକମାନେ ରହୁଥିବା ୨୫୦ରୁ ଉର୍ଦ୍ଧ୍ୱ କୁଡ଼ିଆ ଘର ଜଳିଯାଇଛି। ସେଠାରେ ସାଧାରଣତଃ ବାହାରୁ ଆସିଥିବା ବିହାର ଓ ଉତ୍ତରପ୍ରଦେଶର ଶ୍ରମିକ ଶ୍ରେଣୀର ଲୋକ କିମ୍ବା ରୋହିଙ୍ଗ୍ୟା ଶରଣାର୍ଥୀ ରହିଥାନ୍ତି। ସେନା ପକ୍ଷରୁ ସେଠାରେ ରିଲିଫ ସାମଗ୍ରୀ ବଣ୍ଟାଯାଇଛି।





ସୁଦାନର ଖାର୍ଟୁମ୍‌ରେ ଗଣତନ୍ତ୍ର ସପକ୍ଷବାଦୀମାନେ ଆନ୍ଦୋଳନ କରୁଥିବାବେଳେ ସାମରିକ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଗୁଳିମାଡ଼ରେ ୩୫ ଜଣ ନିହତ ହୋଇଛନ୍ତି। ସେନା ମୁଖ୍ୟାଳୟ ବାହାରେ ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବା ପାଇଁ ସୁରକ୍ଷା ବଳ କାର୍ଯ୍ୟାନୁଷ୍ଠାନ ନେଉଥିବାବେଳେ ଜଣେ ମହିଳା ବିକ୍ଷୋଭକାରୀ ଛିଡ଼ା ହୋଇଛନ୍ତି।

## ■ ବିଶ୍ୱ ଲିଙ୍ଗ ସମାନତା ସୂଚକାଙ୍କ

# ୯୫ତମ ସ୍ଥାନରେ ଭାରତ

ନୂଆଦିଲ୍ଲୀ,୪।୬(ପି.ଟି.)

ବିଶ୍ୱ ଲିଙ୍ଗ ସମାନତା ସୂଚକାଙ୍କରେ ୧୨୯ ଦେଶ ମଧ୍ୟରୁ ଭାରତ ୯୫ତମ ସ୍ଥାନରେ ରହିଛି। ଏଥିପାଇଁ ଦାରିଦ୍ର୍ୟ, ସ୍ୱାସ୍ଥ୍ୟ ଚିକିତ୍ସା, ଶିକ୍ଷା, ସାକ୍ଷରତା, ରାଜନୈତିକ ପ୍ରତିନିଧିତ୍ୱ ଏବଂ କାର୍ଯ୍ୟସ୍ଥଳରେ ସମାନତା ଆଦି ବିଷୟ ବିଚାରକୁ ନିଆଯାଇଥିଲା। ବ୍ରିଟେନ୍‌ର ଇକ୍ୱାଲ ମେଜର୍ସ ୨୦୩୦ ଦ୍ୱାରା ସସ୍‌ଟେନବଲ୍ ଡେଭଲପମେଣ୍ଟ ଗୋଲ୍‌ସ (ଏସ୍‌ଡିଜି) ଲିଙ୍ଗଗତ ସୂଚକାଙ୍କ ବିକାଶ କରାଯାଇଛି। ଏହା ଆଞ୍ଚଳିକ ଏବଂ ବିଶ୍ୱ ସ୍ତରୀୟ କେତେକ ସଂସ୍ଥାର ମିଳିତ ଉଦ୍ୟମରେ ପ୍ରସ୍ତୁତ ହୋଇଛି। ଏଥିରେ ସାମିଲ ଅଛନ୍ତି ଆଫ୍ରିକାନ୍ ୱମେନ୍ସ ଡେଭଲପମେଣ୍ଟ ଆଣ୍ଡ କମ୍ୟୁନିକେଶନ୍ ନେଟୱର୍କ, ଏସିଆନ୍-ପ୍ୟାସିଫିକ୍ ରିସୋର୍ସ ଆଣ୍ଡ ରିସର୍ଚ୍ଚ ସେଣ୍ଟର ଫର ୱମେନ୍, ବିଲ୍ ଆଣ୍ଡ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ୍ ଏବଂ ଇଣ୍ଟରନ୍ୟାଶନାଲ ୱମେନ୍ସ ହେଲ୍‌ଥ କୋଆଲିଶନ୍। ଭାରତ ସ୍ୱାସ୍ଥ୍ୟ, ପୁଷ୍ଟିସାଧନ ଏବଂ ଶକ୍ତି କ୍ଷେତ୍ରରେ ସର୍ବୋଚ୍ଚ ସ୍କୋର କରି ୯୫ତମ ସ୍ଥାନରେ ରହିଛି। ସ୍ୱାସ୍ଥ୍ୟ ଚିକିତ୍ସାରେ ୭୯.୯ ପଏଣ୍ଟ ପାଇ ତୃତୀୟ ସ୍କୋର, କ୍ଷୁଧା ନିବାରଣ ଏବଂ ପୁଷ୍ଟିସାଧନରେ ୭୬.୨ ପଏଣ୍ଟ ପାଇ ଦ୍ୱିତୀୟ ଏବଂ ଶକ୍ତି ଉତ୍ପାଦନରେ ୭୧.୮ ପଏଣ୍ଟ ପାଇ ସପ୍ତମ ସ୍କୋର କରିଛି। ଡେନମାର୍କ ତାଲିକାର ଆଗରେ ରହିଥିବାବେଳେ ଚାଦ୍ ୧୨୯ତମ ସ୍ଥାନରେ ରହିଛି। ଚାଇନାର ସ୍ଥାନ ୭୪, ପାକିସ୍ତାନ ୧୧୩, ନେପାଳ ୧୦୨ ଏବଂ ବାଂଲାଦେଶ ୧୧୦ତମ ସ୍ଥାନରେ ରହିଛି। ଭାରତ ଏ କ୍ଷେତ୍ରରେ ୫୬.୨ ପଏଣ୍ଟ ସ୍କୋର କରିଛି। ମୋଟାମୋଟି ଇଣ୍ଡେକ୍ସ ସ୍କୋର ଏବଂ ବ୍ୟକ୍ତିଗତ ଗୋଲ୍ ସ୍କୋର ୦-୧୦୦ ସ୍କେଲ୍ ଆଧାରରେ ପ୍ରସ୍ତୁତ କରାଯାଇଛି।

# ଏନ୍‌ଆଇଏ ହାଜତରେ ବିଚ୍ଛିନ୍ନତାବାଦୀ

ନୂଆଦିଲ୍ଲୀ,୪।୬, (ଆଇଏଏନ୍‌ଏସ୍)



ମସରତ୍ ଆଲାମ୍ ଆସିୟା ଆନ୍ଦ୍ରବି ସବିର ଶାହ

**ଆତଙ୍କବାଦ ପାଇଁ ପାଣ୍ଠି ଯୋଗାଣ**

■ସବିର ଶାହଙ୍କ ସମେତ ୩ ଗିରଫ

■ଏନ୍‌ଆଇଏକୁ ମିଳିଲା ୧୦ ଦିନିଆ ରିମାଣ୍ଡ

ଆତଙ୍କବାଦ ପାଇଁ ପାଣ୍ଠି ଯୋଗାଣ ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) କଶ୍ମୀରୀ ବିଚ୍ଛିନ୍ନତାବାଦୀ ନେତା ସବିର ଶାହ, ଆସିୟା ଆନ୍ଦ୍ରବି ଓ ମସରତ୍ ଆଲାମ୍‌ଙ୍କୁ ମଙ୍ଗଳବାର ଗିରଫ କରିଛି। ଗିରଫ ପରେ ୩ ଜଣଙ୍କୁ ଦିଲ୍ଲୀର ଏକ କୋର୍ଟରେ ହାଜର କରିଛି। କୋର୍ଟ ସେମାନଙ୍କୁ ୧୦ ଦିନ ରିମାଣ୍ଡରେ ନେଇ ପଚରାଉଚରା କରିବାକୁ ଏନ୍‌ଆଇଏକୁ ଅନୁମତି ଦେଇଛନ୍ତି।

୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ପାକିସ୍ତାନର ଜମାତ୍-ଉଦ୍-ଦାୱା (ଜେୟୁଡି) ମୁଖ୍ୟ ହାଫିଜ୍ ସୟିଦ୍‌ଙ୍କ ସହ ଏହି ମାମଲା ସମ୍ପର୍କିତ। ଅଭିଯୁକ୍ତମାନେ ହାଫିଜ୍‌ଙ୍କଠାରୁ ଅର୍ଥ ନେଇ ୨୦୧୭ରେ କଶ୍ମୀର ଉପତ୍ୟକାରେ ହିଂସା ଘଟାଇଥିବା ଅଭିଯୋଗ ହୋଇଥିଲା। ମସରତ୍ ଆଲମ୍‌ଙ୍କୁ ଜମ୍ମୁ-କଶ୍ମୀରର ଏକ ଜେଲ୍‌ରୁ ଦିଲ୍ଲୀ ନିଆଯିବା ପରେ ସ୍ୱତନ୍ତ୍ର ବିଚାରପତି ରାକେଶ ସ୍ୟାଲଙ୍କ ଚାମ୍ବରରେ ଏହି ୩ ଜଣଙ୍କୁ ହାଜର କରାଯାଇଥିଲା। ସେମାନଙ୍କୁ ୧୫ ଦିନିଆ ରିମାଣ୍ଡରେ ନେବା ପାଇଁ ଏନ୍‌ଆଇଏ ଅନୁରୋଧ କରିଥିଲା। ହେଲେ ହାଜତରେ ୧୪ ତାରିଖ ଯାଏ ପଚରାଉଚରା କରିବା ପାଇଁ କୋର୍ଟ ତଦନ୍ତକାରୀ ସଂସ୍ଥାକୁ ଅନୁମତି ଦେଇଛନ୍ତି। ପ୍ରକାଶ ଯେ, ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲାରେ ଏନ୍‌ଆଇଏ ଅଦ୍ୟାବଧି ଅଫ୍‌ତାଫ ହିଲାଲି ଶାହ ଓରଫ୍ ଶାହିଦ୍-ଉଲ୍-ଇସ୍‌ଲାମ୍, ଅୟାଜ୍ ଆକବର ଖାଣ୍ଡେୟ, ଫାରୁକ୍ ଅହମଦ ଦାର ଓରଫ ବିଟ୍ଟା କାରାଟେ, ନୟିମ୍ ଖାନ୍, ଅଲତାଫ୍ ଅହମଦ ଶାହ, ରାଜା ମେହରାଜୁଦ୍ଦିନ କଲୱାଲ ଓ ବସିର ଅହମଦ ଭଟ୍ଟ ଓରଫ୍ ପୀର ସୈଫୁଦ୍ଦିନଙ୍କୁ ଗିରଫ କରିସାରିଛି। ଅଲତାଫ୍ ହେଉଛନ୍ତି ଜମ୍ମୁ-କଶ୍ମୀରକୁ ପାକିସ୍ତାନ ସହ ମିଶାଇଦେବା ପାଇଁ ଓକିଲାତି କରୁଥିବା କଠୋରପନ୍ଥୀ ହୁରିୟାତ୍ ନେତା ସୟଦ ଅଲି ଗିଲାନିଙ୍କ ପୁଅ। ସେହିପରି ଶାହିଦ୍-ଉଲ୍-ଇସ୍‌ଲାମ୍ ଫାରୁକ୍ ଦାରଙ୍କ ସହଯୋଗୀ ହୋଇଥିବାବେଳେ ଖାଣ୍ଡେୟ ହେଉଛନ୍ତି ଗିଲାନିଙ୍କ ନେତୃତ୍ୱାଧୀନ ହୁରିୟାତର ମୁଖପାତ୍ର। କଶ୍ମୀରୀ ବ୍ୟବସାୟୀ ଜହୁରୀ ଅହମଦ ଶାହ ୱାଟାଲିଙ୍କୁ ୨୦୧୭ ଅଗଷ୍ଟରେ ଗିରଫ କରାଯାଇଥିଲା। ୨୦୧୮ ଜାନୁୟାରୀରେ ଲକ୍ଷ୍କର-ଇ-ତୋଇବା (ଏଲ୍‌ଇଟି) ପ୍ରତିଷ୍ଠାତା ହାଫିଜ୍ ସୟିଦ୍ ଓ ହିଜ୍‌ବୁଲ ମୁଜାହିଦ୍ଦିନ ମୁଖ୍ୟ ସୟଦ ସଲାହୁଦ୍ଦିନଙ୍କ ସମେତ ୧୨ ଜଣଙ୍କ ବିରୋଧରେ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲାରେ ଏନ୍‌ଆଇଏ ଚାର୍ଜଶିଟ୍ କରିଛି। ଅନ୍ୟପକ୍ଷରେ ଜମ୍ମୁ-କଶ୍ମୀରର ସୁରକ୍ଷା ସ୍ଥିତିକୁ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସମୀକ୍ଷା କରିଛନ୍ତି।



ଭଗବାନଙ୍କ ଦୁଇଟି ଘର ଅଛି, ଗୋଟିଏ ହେଉଛି ସ୍ୱର୍ଗରେ ଓ ଅନ୍ୟଟି କୃତଜ୍ଞତାପୂର୍ଣ୍ଣ ହୃଦୟରେ ।
- ଆଇଜାକ୍ ୱାଲ୍ଟନ









ବିଶ୍ୱ ପରିବେଶ ଦିବସ ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ପୁରୀ ବେଳାଭୂମିରେ ପରିବେଶ ସଚେତନତା ବାର୍ତ୍ତା ନେଇ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ(ବାମ) ଓ ଶିଳ୍ପୀ ମାନସ ସାହୁ ତିଆରି କରିଥିବା ବାଲୁକା କଳା।

## ଆଜି ବିଶ୍ୱ ପରିବେଶ ଦିବସ



# ଥୁଣ୍ଟା ରାଜଧାନୀ, ଛାଇ ସ୍ୱପ୍ନ

ସ୍ଥିତପ୍ରଜ୍ଞ ମିଶ୍ର
ଭୁବନେଶ୍ୱର, ୪।୬(ବ୍ୟୁରୋ)



ଫଟୋ: ମୌସମ ନନ୍ଦ

ମୁର୍ଦ୍ଦାର ପରି ପଡ଼ି ରହିଛି କଟା ଗଣ୍ଡି। ଚାରିଆଡେ ଦେଖିବାକୁ ମିଳୁଛି ଭଙ୍ଗା ଗଛ। ଆକାଶକୁ ଚାହିଁ ରହିଛି ବଞ୍ଚିଯାଇଥିବା ଗଛର ଖେଣ୍ଟା ଡାଳ। ବାତ୍ୟା 'ଫନୀ' ସବୁଜିମାକୁ ଉଜାଡ଼ିଦେବା ପରେ ଏବେ ଥୁଣ୍ଟା ପାଲଟିଯାଇଛି ପୂରା ରାଜଧାନୀ। ମାସକ ପରେ ଥୁଣ୍ଟା ଡାଳକୁ କଅଁଳୁଛି ପତ୍ର। ହେଲେ ସ୍ୱପ୍ନ ପାଲଟିଯାଇଛି ଛାଇ। ଛାଇ ଟିକେ ପାଇଁ ବାଟୋଇଙ୍କଠାରୁ ଅସହାୟ ମଣିଷ, ପଶୁପକ୍ଷୀ ସମସ୍ତେ ବ୍ୟାକୁଳ। ବୁଧବାର ବିଶ୍ୱ ପରିବେଶ ଦିବସ ସବୁଜିମାଭରା ପରିବେଶ ପାଇଁ ଆଣିଛି ବଡ଼ ଆହ୍ୱାନ।

୧୯୭୩ରୁ ଜୁନ ୫କୁ ବିଶ୍ୱ ପରିବେଶ ଦିବସ ଭାବେ ପାଳନ କରାଯାଉଛି। ପ୍ରତିବର୍ଷ ଭୁବନେଶ୍ୱରରେ ମହାଆଡ଼ମ୍ବରରେ ପାଳନ କରାଯାଉଥିବାବେଳେ ଚଳିତବର୍ଷ ପ୍ରଳୟଙ୍କାରୀ ବାତ୍ୟା 'ଫନୀ' ଭୁବନେଶ୍ୱରର ସବୁଜିମା ପରିବେଶକୁ ସମ୍ପୂର୍ଣ୍ଣ ଧୋଇ ନେଇଛି। ନା ଗଛ ଅଛି ନାହିଁ ଟିକିଏ ଛାଇ ମିଳିପାରୁଛି। ରାସ୍ତା କଡ଼ ହେଉ କି ପାର୍କ, ଜଙ୍ଗଲ ହେଉକି କଲୋନୀର ବାରିବଗିଚା ସବୁଠି ବ୍ୟାପକ ଭାବେ ବୃକ୍ଷସମ୍ପଦର କ୍ଷୟକ୍ଷତି ଘଟିଛି। ଆବଶ୍ୟକ ପରିମାଣର ଗଛ ନ ଥିବାରୁ ସୂର୍ଯ୍ୟଙ୍କର ପ୍ରଚଣ୍ଡ ରୌଦ୍ରତାପ ସିଧାସଳଖ ମାଟିକୁ ଛୁଉଁଛି। ଫଳରେ ଭୁବନେଶ୍ୱରରେ ଅସହ୍ୟ ଗୁଳୁଗୁଳି ଓ ତାତି ଅନୁଭବ ହେଉଛି। ତେଣୁ ଜଙ୍ଗଲ ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଓ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ସହ ବହୁ ସାମାଜିକ ଅନୁଷ୍ଠାନ ଭୁବନେଶ୍ୱରର ସବୁଜ ପରିବେଶକୁ ଫେରାଇ ଆଣିବାକୁ କସରତ ଆରମ୍ଭ କରିଦେଇଛନ୍ତି। ଜଙ୍ଗଲ ବିଭାଗ ପକ୍ଷରୁ ସାମାନ୍ୟ କ୍ଷତିଗ୍ରସ୍ତ ଗଛଗୁଡ଼ିକର ପୁନରୁଦ୍ଧାର କରାଯାଉଛି। ଗୋଟିଏ ନୂଆ ଗଛକୁ ରୋପଣ କରି ୮ରୁ ୧୦ବର୍ଷ ରକ୍ଷଣାବେକ୍ଷଣ କରିବା ଅପେକ୍ଷା ଯେତେ ସମ୍ଭବ ଅଧା ଉପୁଡ଼ିଥିବା ଗଛଗୁଡ଼ିକୁ ପୁନଃସ୍ଥାପିତ କରିବାରେ ବିଭାଗୀୟ କର୍ମଚାରୀ ଲାଗି ପଡ଼ିଛନ୍ତି।

### ପୁନଃ ରୋପଣ କାର୍ଯ୍ୟ ଚାଲିଛି



ଫନୀ ପରେ ସାମାନ୍ୟ କ୍ଷତିଗ୍ରସ୍ତ କିମ୍ବା ଅଧା ଉପୁଡ଼ି ପଡ଼ିଥିବା ବୃକ୍ଷଗୁଡ଼ିକୁ ପୁନଃରୋପଣ କରାଯାଉଛି। ଗତ ୨୫ଦିନ ମଧ୍ୟରେ ଭୁବନେଶ୍ୱରର ରାସ୍ତା କଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ସମସ୍ତ ବୃକ୍ଷର ପୁନରୁଦ୍ଧାର ସରିଛି। ଏବେ ଅନ୍ୟ ଅଞ୍ଚଳ ଯେପରି ସରକାରୀ ପ୍ରତିଷ୍ଠାନ, ଗବେଷଣା କେନ୍ଦ୍ର, ଶିକ୍ଷାନୁଷ୍ଠାନ ଓ ପାର୍କରେ ଗଛଗୁଡ଼ିକୁ ଉଠାଯାଇ ସିଧା କରାଯାଉଛି ଓ ତା'ତଳେ ମାଟି ଦିଆଯାଇ ପୁନଃରୋପଣ କରାଯାଉଛି।

- ଗୋବିନ୍ଦଚନ୍ଦ୍ର ବିଶ୍ୱାଳ, ବନାଞ୍ଚଳ ଅଧିକାରୀ, ଭୁବନେଶ୍ୱର

### ସାମାଜିକ ଅନୁଷ୍ଠାନ ସାମିଲ



ଭୁବନେଶ୍ୱରକୁ ପୁଣିଥରେ ସବୁଜ ସହର କରିବା ଲାଗି ସହର ଓ ଉପକଣ୍ଠରେ ଏବେ ବ୍ୟାପକ ବୃକ୍ଷରୋପଣ କରାଯାଉଛି। ବହୁ ସାମାଜିକ ଅନୁଷ୍ଠାନମାନେ ଏଥିରେ ଜଙ୍ଗଲ ବିଭାଗକୁ ସାହାଯ୍ୟର ହାତ ବଢାଇଛନ୍ତି। ବୃକ୍ଷରୋପଣ ଲାଗି ଜଙ୍ଗଲ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ଚେଷ୍ଟା କରାଯାଉଛି। ଚାରା ଯୋଗାଣ ସହ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। ସମୟ ଲାଗିବ ସତ, କିନ୍ତୁ ମୁକାବିଲା କରିବାକୁ ପଡ଼ିବ।

- ଅଶୋକ କୁମାର ମିଶ୍ର, ନଗର ବନଖଣ୍ଡ ଅଧିକାରୀ

### ଲଗାହେବ ୨୭,୭୫୦ ଗଛ



ପାର୍କଗୁଡ଼ିକରେ ପୁଣିଥରେ ସବୁଜିମା ଭରି ଦେବାଲାଗି ବିଡିଏ ପକ୍ଷରୁ ପଦକ୍ଷେପ ନିଆଯାଉଛି। ପାର୍କରେ ଥିବା ବହୁ ପୁରାତନ ଗଛ ଭାଙ୍ଗି ପଡ଼ିଛି। ଏବେସୁଦ୍ଧା ସମସ୍ତ ପାର୍କରୁ ଭଙ୍ଗା ଗଛ ଉଠି ସାରିଛି ଓ ଆଗାମୀ ଦିନରେ ବିଡିଏ ବ୍ୟାପକ ବୃକ୍ଷରୋପଣ କରିବା ସହ ତାର ରକ୍ଷଣ ବେକ୍ଷଣ କରାଯିବ। ଭୁବନେଶ୍ୱରର ୧୧ଟି ସ୍ଥାନରେ ବିଡିଏ ୨୩ ହଜାର ୫ଶହ ବୃକ୍ଷରୋପଣ କରିବାକୁ ଥିବା ବେଳେ ବିଏମ୍‌ସି ସହରର ୨୬ ସ୍ଥାନରେ ୪ହଜାର ୨ଶହ ୫୦ ବୃକ୍ଷରୋପଣ କରିବ। ବିଡିଏ ପକ୍ଷରୁ ପାର୍କଗୁଡ଼ିକରେ ବୃକ୍ଷରୋପଣ ହେବାକୁ ଥିବା ବେଳେ ବିଏମ୍‌ସି ସହରର ଅନ୍ୟସ୍ଥାନରେ ବୃକ୍ଷରୋପଣ କରିବ।

- ଅଶୋକନନ୍ଦ ଧର, ମୁଖ୍ୟ ଉଦ୍ୟାନ କୃଷିବିତ୍, ବିଡିଏ

## ପାଣି ନ ପାଇ ଶୁଖିଲାଣି ସୌନ୍ଦର୍ଯ୍ୟକରଣ ଗଛ

ହକି ବିଶ୍ୱକପ୍ ସମୟରେ ସହରର ସୌନ୍ଦର୍ଯ୍ୟକରଣ ଲାଗି ବିଭିନ୍ନ ସ୍ଥାନରେ ଫୁଲ ଓ ଅନ୍ୟ ଗଛ ଲଗାଯାଇଥିଲା। ବିଡିଓ ଓ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସସିଏଲ)କୁ ଏହାର ରକ୍ଷଣବେକ୍ଷଣ ଦାୟିତ୍ୱ ଦିଆଯାଇଥିଲା। ହେଲେ ବିଶ୍ୱକପ୍ ପରେ ସବୁଦାୟିତ୍ୱ ଭୁଲିଗଲେ ଅଧିକାରୀ। ବାତ୍ୟାରେ ଅଧିକାଂଶ କ୍ଷତିଗ୍ରସ୍ତ ହେଲା। ରହିଯାଇଥିବା ଛୋଟ ଗଛ ଓ ଘାସ ଏବେ ପାଣି ନ ପାଇ ଶୁଖିଯାଇଛି। ଏନେଇ ବିଏସ୍‌ସିଏଲର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଫନୀ ପରେ ଜଳସମସ୍ୟା ଦେଖାଯିବାରୁ ଏପରି ହୋଇଛି। ସେଗୁଡ଼ିକ ଗୁଳ୍ମ ଜାତିର ହୋଇଥିବାରୁ ଅସହ୍ୟ ଖରା ସହିପାରିଲେନି। ତେବେ ପାଣି ଦେବା ଓ ସଂରକ୍ଷଣ ଦାୟିତ୍ୱ ବିଏମ୍‌ସିକୁ ହସ୍ତାନ୍ତର କରାଯାଇଥିବା କହି ଏଏସ୍‌ସିଏଲ୍ ଅଧିକାରୀ ଦୋଷକୁ ଏଡ଼ାଇଛନ୍ତି।





## ନଭେମ୍ବର ୧ ପୂର୍ବରୁ ଖୋଲିବ ପ୍ରକୃତି ନିବାସ

ପୁରୀ ଅଫିସ, ୪।୬

ପ୍ରକୃତି ନିବାସ। ବାଲୁଖଣ୍ଡ ଅଭୟାରଣ୍ୟ ଭିତରେ ପର୍ଯ୍ୟଟକଙ୍କୁ ପ୍ରକୃତିର ମଜା ଦେବା ପାଇଁ ବନ ବିଭାଗ ପକ୍ଷରୁ ଏହାର ପରିକଳ୍ପନା କରାଯାଇଥିଲା। ହେଲେ ବାତ୍ୟାରେ ଉଜୁଡ଼ିଯାଇଛି ଏହାର ସବୁଜିମା। ଏହା ପରିସରରେ ଥିବା କଟେଜ୍‌ରୁ ଆଜ୍‌ବେଷ୍ଟସ ଉଡି ଯାଇଥିବା ବେଳେ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ଭାଙ୍ଗି ପଡିଛି। ତେବେ କ୍ଷୟକ୍ଷତିର ମରାମତି କରାଯାଇ ପର୍ଯ୍ୟଟନ ଋତୁ ଆରମ୍ଭରୁ ଅର୍ଥାତ୍ ନଭେମ୍ବର ୧ ତାରିଖ ପୂର୍ବରୁ ପ୍ରକୃତି ନିବାସ ଖୋଲାଯିବ ବୋଲି ପୁରୀ ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତା କହିଛନ୍ତି।

ଡିଏଫ୍‌ଓଙ୍କ ସୂଚନା ମୁତାବକ, ବାତ୍ୟା ପୂର୍ବରୁ ପ୍ରକୃତି ନିବାସର ତମ୍ବୁ, ଏସି, ସୋଲାର, ଲାଇଟ୍ ପ୍ରଭୃତି ସରଞ୍ଜାମ ଖୋଲି ଦିଆଯାଇଥିଲା। ତେଣୁ ଅଧିକ କିଛି ନଷ୍ଟ ହୋଇନାହିଁ। ଗଛଗୁଡ଼ିକ ଭାଙ୍ଗିରୁଜି ଯାଇଥିବା ବେଳେ କେତେକ କଟେଜ୍‌ର ଟିଣ ଆଜ୍‌ବେଷ୍ଟସ ଉଡିଯାଇଛି। ସେହିପରି ପ୍ରକୃତି ନିବାସକୁ ଯାଇଥିବା ବିଦ୍ୟୁତ୍ ଖୁଣ୍ଟ କ୍ଷତିଗ୍ରସ୍ତ ହୋଇଛି। ସହରର ବିଦ୍ୟୁତ୍ ପୁନରୁଦ୍ଧାର କାମ ସରିବା ପରେ ପ୍ରକୃତି ନିବାସରେ କାମ ଆରମ୍ଭ କରାଯିବ। ଯାହା ସ୍ୱଳ୍ପ କ୍ଷୟକ୍ଷତି ହୋଇଛି ତାହା ବେଶିଦିନ ଲାଗିବ ନାହିଁ, ମାସକ ମଧ୍ୟରେ ସବୁ ଠିକ୍‌ଠାକ ହୋଇଯିବ। ନଭେମ୍ବର ୧ରୁ ଆରମ୍ଭ ହେଉଥିବା ପର୍ଯ୍ୟଟନ ଋତୁ ସୁଦ୍ଧା ସମ୍ପୂର୍ଣ୍ଣ ଭାବେ ଏହାକୁ ପ୍ରସ୍ତୁତ କରିଦିଆଯିବ। ବୋଟର କିଛି କ୍ଷତି ହୋଇ ନ ଥିବାରୁ ବୋଟିଂ ପାଇଁ କିଛି ସମସ୍ୟା ହେବ ନାହିଁ। ପୂର୍ବପରି ଶୀତଦିନରେ ପର୍ଯ୍ୟଟକମାନେ ପ୍ରକୃତି ନିବାସକୁ ଆସି ରହିପାରିବେ ଏବଂ ପ୍ରାକୃତିକ ଦୃଶ୍ୟ ଉପଭୋଗ କରିପାରିବେ ବୋଲି ଡିଏଫ୍‌ଓ କହିଛନ୍ତି।

ବାଲୁଖଣ୍ଡ ଅଭୟାରଣ୍ୟ ମଧ୍ୟରେ ସମୁଦ୍ର ମୁହାଣର ଅନତି ଦୂର ନୂଆନଈ କଡ଼ରେ ପ୍ରକୃତି ନିବାସ ତିଆରି କରାଯାଇଛି। ଏଠାରେ ଆକର୍ଷଣୀୟ ୧୦ଟି କଟେଜ ରହିଛି। ରେଷ୍ଟୁରାଣ୍ଟ ଏବଂ ନୂଆନଈରେ ବୋଟିଂ ସୁବିଧା ବି ରହିଥିଲା। ୨୦୧୭ ଫେବୃୟାରୀ ୧ ତାରିଖରେ ଏହା ଉଦ୍‌ଘାଟିତ ହେବା ପରେ ପର୍ଯ୍ୟଟକମାନେ ଏଠାରେ ରାତିରେ ରହିବା ସହ ପ୍ରାକୃତିକ ଦୃଶ୍ୟରାଜିକୁ ଉପଭୋଗ କରୁଥିଲେ। ଘଞ୍ଚ ଜଙ୍ଗଲ ଭିତରେ ରାତିରେ ହରିଣକୁ ମଧ୍ୟ ପାଖରେ ଦେଖିବାକୁ ପାଉଥିଲେ ପର୍ଯ୍ୟଟକ। ବିଶେଷକରି ଶୀତଦିନେ ଏହାର ଚାହିଦା ଅଧିକ ରହୁଥିଲା।

## ପ୍ରଦୂଷଣ ବଳୟରେ ଖୋର୍ଦ୍ଧା

ଖୋର୍ଦ୍ଧ ଅଫିସ,୪।୬



ଶିଳ୍ପ, କ୍ରଶର, ପଥର ଖଣିରେ ବିସ୍ଫୋରଣ, ଯାନବାହନ ଚଳାଚଳ ଯୋଗୁ ଖୋର୍ଦ୍ଧା ପ୍ରଦୂଷଣ ବଳୟରେ ଫସିଯାଉଛି। ସଚେତନତା ଅଭାବ ଓ ବିକାଶ ନାଁରେ ବିନାଶ ଚାଲିଥିବାରୁ କେବଳ ସ୍ଥଳ, ଜଳ ଓ ବାୟୁ ପ୍ରଦୂଷିତ ହେବାରେ ଲାଗିଛି। ବିବର୍ତ୍ତମାନ ପରିବେଶ, ଅସନ୍ତୁଳିତ ଜଳବାୟୁ ଓ ବିପର୍ଯ୍ୟୟମୁଖୀ ସବୁଜିମା ଖୋର୍ଦ୍ଧା ଜିଲାରେ ଜୀବଜଗତକୁ ଧ୍ୱଂସ ମୁହଁକୁ ଠେଲି ନେଉଛି।

ଜିଲାର ଜଙ୍ଗଲିଆ ଅଞ୍ଚଳରେ ପଥର ମାଫିଆମାନେ ଡିଟୋନେଟର, ଜିଲୋଟିନ, ଆମୋନିୟମ ନାଇଟ୍ରେଟ୍ ଭଳି ବିସ୍ଫୋରକ ଦ୍ୱାରା ଦିନରାତି ଗ୍ରାନାଇଟ ପାହାଡ଼ରେ ବ୍ଲାଷ୍ଟିଂ କରୁଛନ୍ତି। ବହୁ ପଥର ଖଣି ରହିଥିବାରୁ ଜିଲାରେ ୩ ଶହରୁ ଊର୍ଦ୍ଧ୍ୱ କ୍ରଶର ରହିଛି। ଏପରିକି ବେଆଇନ ଅଥବା ପଞ୍ଜୀକୃତ କ୍ରଶରରେ ସାଇଟିଙ୍ଗ୍ ନିୟମକୁ ଉଲ୍ଲଂଘନ କରାଯାଉଛି। ଏ କ୍ଷେତ୍ରରେ ଜିଲା ପ୍ରଶାସନ ଓ ପ୍ରଦୂଷଣ ବୋର୍ଡ ଚୁପ୍ ରହୁଥିବାରୁ ପ୍ରଦୂଷଣ ବଢୁଛି। କେବଳ ଅଦାଲତଙ୍କ ନିର୍ଦ୍ଦେଶ ମିଳିଲେ ଆଖିଦୃଶିଆ ଚଢାଉ କରି କାର୍ଯ୍ୟ ଶେଷ କରାଯାଉଛି। ଅନ୍ୟପକ୍ଷେ ମନଇଚ୍ଛା ଶିଳ୍ପ ପ୍ରତିଷ୍ଠାନ ସ୍ଥାପନ ଯୋଗୁ ପରିବେଶ ଜନିତ ଅସନ୍ତୁଳନତା ଦେଖାଦେଉଛି। ଖୋର୍ଦ୍ଧା ଓ ସାରୁଅ ଶିଳ୍ପାଞ୍ଚଳରେ ୮୦ରୁ ଊର୍ଦ୍ଧ୍ୱ ଛୋଟ ବଡ ଶିଳ୍ପ ରହିଛି। ଶିଳ୍ପ ପ୍ରତିଷ୍ଠା ପୂର୍ବରୁ ସବୁ କିଛି ନିୟମ ପାଳନ କରିବାକୁ କହି ମାଲିକମାନେ ଅଣଦେଖା କରି ଚାଲିଛନ୍ତି। ଶିଳ୍ପ ପରିସରରେ ଗଛ ଲଗାଯାଉନାହିଁ। ସେହିପରି ଯାନବାହନ ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ଅଧିକାଂଶ ଯାନବାହନ କିରୋସିନ ଓ ଗ୍ୟାସରେ ଚାଲୁଥିଲେ ମଧ୍ୟ ଏଥିପ୍ରତି କାହାରି ଦୃଷ୍ଟି ନାହିଁ। ପୁଣି ଖରାଦିନେ ଜଙ୍ଗଲରେ ନିଆଁ ଲାଗି ଔଷଧୀୟ ଓ ଅନ୍ୟ ବୃକ୍ଷ ନଷ୍ଟ ହୋଇଯାଉଛି। ଅଙ୍ଗାର ପାଇଁ ଜଙ୍ଗଲ ପୋଡୁଛି। ବେଆଇନ ଶିକାର ଯୋଗୁ ଏହାର ପ୍ରଭାବ ପରିବେଶ ଉପରେ ପଡୁଛି। ଫନୀରେ ବହୁ ଗଛ ଉପୁଡି ପଡିଲା। ପୁଣି ସାଧାରଣ ଲୋକ ଓ କାଠମାଫିଆ ଜଙ୍ଗଲରୁ ଗଛକାଟି ଲୁଟ୍ କରୁଛନ୍ତି। ବିକାଶର ଆଳ ଦେଖାଇ ରାସ୍ତା ପ୍ରଶସ୍ତୀକରଣ ନାଁରେ ୫୭ ନଂ. ଓ ୧୬ ନଂ. ଜାତୀୟ ରାଜପଥ, ଖୋର୍ଦ୍ଧା ମୁଖ୍ୟ ରାସ୍ତା କଡରୁ ବଡବଡ ଗଛ କଟାଯାଇଛି। ନୂଆ ବୃକ୍ଷରୋପଣ ଉପରେ ଗୁରୁତ୍ୱ ନାହିଁ। ବୃକ୍ଷରୋପଣ ସ୍ଥାନରେ ରକ୍ଷଣାବେକ୍ଷଣ ପାଇଁ ଚେଷ୍ଟା ନ ଥିବାରୁ ୪ ଭାଗରୁ ୧ ଭାଗ ଗଛ ବି ବଞ୍ଚୁ ନାହିଁ। ସେହିପରି ପଲିଥିନର ବ୍ୟବହାର ମଧ୍ୟ ପରିବେଶକୁ ବିପଦ ମୁହଁରେ ପହଞ୍ଚାଇଛି।

ଏଭଳି ସ୍ଥିତିରେ ଜୀବଜଗତର ସୁରକ୍ଷା ପାଇଁ ପରିବେଶକୁ ସନ୍ତୁଳିତ ରଖିବା ନିମିତ୍ତ ସଚେତନତା ସୃଷ୍ଟି ହିଁ ବିଶ୍ୱ ପରିବେଶ ଦିବସ ପାଳନର ମୂଳଲକ୍ଷ୍ୟ। ପ୍ରକୃତି ସହ ବନ୍ଧୁତା ଓ ନିବିଡ ସମ୍ପର୍କ ରକ୍ଷା ହିଁ ବିଶ୍ୱ ପରିବେଶ ଦିବସର ସାମଗ୍ରିକ ବାର୍ତ୍ତା।

ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀ ହାଡିବନ୍ଧୁ ପାଣିଗ୍ରାହୀ କୁହନ୍ତି, ଶିଳ୍ପ ପ୍ରତିଷ୍ଠାକୁ ବିରୋଧ କରାଯାଉନି। ହେଲେ ଏହା ସରକାରୀ ନୀତିନିୟମ ଭିତିରେ ରହୁ। କ୍ରଶରଗୁଡିକ ମଧ୍ୟ ସରକାରୀ ନୀତିନିୟମ ମାନି କାର୍ଯ୍ୟ କରନ୍ତୁ। ଏ ନେଇ ସଚେତନତା ସତ୍ତ୍ୱେ ସୁଫଳ ମିଳୁନି ବୋଲି ସେ କହିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ନିରଞ୍ଜନ



ସାର୍ଥକ



ରାମ ଲାଲ୍



ଶୁଭ୍ରଜିତ୍



ଦୀପ୍ତିରଞ୍ଜନ



ପ୍ରିୟାଂଶୁ



ବରୁଣ



ତାରିଣୀ



ଭଗବାନଙ୍କ ନାମ ଜପିଲେ ମଣିଷର ଦେହ,
ମନ ସବୁ ଶୁଦ୍ଧ ହୋଇଯାଏ ।
-ରାମକୃଷ୍ଣ ପରମହଂସ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ନାରାୟଣ ସେବା ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ ପରିବେଶ ଦିବସ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସର, ୟୁନିଟ-୮, ସକାଳ ୯ଟା।
- ରୋଟାରୀ କ୍ଲବ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ, ମାଷ୍ଟର କ୍ୟାଣ୍ଟିନ ଛକ, ସକାଳ ୯ଟା ୩୦।
- ଜାତୀୟ କଲଚର ମିଶନ ପକ୍ଷରୁ ଶ୍ରୀ ଜୟଦେବ ରାଷ୍ଟ୍ରୀୟ ସମାରୋହ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟା।
- ହେଲ୍ମେଟ ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିର, କ୍ରିଷ୍ଣା ଟାୱାର ପଛପଟ, ନୟାପଲ୍ଲୀ, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ପରିବେଶ ସମ୍ବନ୍ଧୀୟ ସୋସାଇଟି ଓ ସ୍ୱର୍ଣ୍ଣ ସଂସ୍ଥାର ମିଳିତ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳନ, ହୋଟେଲ ସୂର୍ୟ୍ୟାଂଶ, ନାଲେକ ଛକ, ଚନ୍ଦ୍ରଶେଖରପୁର, ପୂର୍ବାହ୍ନ ୧୦ଟା ୩୦।
- ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ଓ ପ୍ରକୃତି ମିତ୍ର ପୁରସ୍କାର ବିତରଣ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୧ଟା ୩୦।
- ଭାରତୀୟ ଚିକିତ୍ସା ସଂସ୍ଥା ପକ୍ଷରୁ ଆଲୋଚନାଚକ୍ର ଏବଂ ପ୍ରଶିକ୍ଷଣ, ବୁଦ୍ଧ ମନ୍ଦିର, ୟୁନିଟ-୯, ଅପରାହ୍ନ ୩ଟା।
- ପାନାସିଆ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜନସଚେତନତା କାର୍ଯ୍ୟକ୍ରମ, ବିଗ ବଜାର ସମ୍ମୁଖ, ଖାରବେଳ ନଗର, ସନ୍ଧ୍ୟା ୫ଟା ୩୫।
- ଆଶାବରୀ ସାଂସ୍କୃତିକ ସମାଜର ବାର୍ଷିକ ଉତ୍ସବ, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା ୩୦।

■ ପୋଲିସ ପକ୍ଷରୁ ରଥଯାତ୍ରା ପ୍ରସ୍ତୁତି

# ବରିଷ୍ଠ ଅଧିକାରୀଙ୍କୁ ବିଭାଗ ବଣ୍ଟନ

**ପରିଚାଳନା ଦାୟିତ୍ୱରେ ରହିବେ ୧୧ ଆଇପିଏସ୍ ଅଧିକାରୀ**

**କଟକ ଅଫିସ, ୪।୬**

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ଆସନ୍ତା ଜୁଲାଇ ୪ ତାରିଖରେ ଆରମ୍ଭ ହେବ। ରଥଯାତ୍ରା ପୂର୍ବରୁ ଆସନ୍ତା ୧୭ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା, ଜୁଲାଇ ୨ ତାରିଖରେ ନେତ୍ରୋ ଉତ୍ସବ ଓ ନବଯୌବନ ଦର୍ଶନ, ଜୁଲାଇ ୪ ତାରିଖରେ ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହେବ। ଜୁଲାଇ ୧୧ ତାରିଖରେ ନବମୀ ସନ୍ଧ୍ୟା ଦର୍ଶନ, ୧୨ ତାରିଖରେ ବାହୁଡ଼ା ଯାତ୍ରା, ୧୩ ତାରିଖରେ ସୁନାବେଶ, ୧୫ ତାରିଖରେ ନିଳାଦ୍ରୀବିଜେ ଭଳି ବହୁ କାର୍ଯ୍ୟକ୍ରମ ରହିଛି। ତେବେ ସମ୍ପୂର୍ଣ୍ଣ ରଥଯାତ୍ରାକୁ କିପରି ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରାଯିବ ସେଥିପାଇଁ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ରୋଡ ମ୍ୟାପ ପ୍ରସ୍ତୁତି କରିଛନ୍ତି। ପରିଚାଳନା ଦାୟିତ୍ୱରେ ୧୧ ଆଇପିଏସ୍ ଅଧିକାରୀଙ୍କ ସମେତ ୫ ଓପିଏସ୍ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ସୂଚାରରୂପେ ସମସ୍ତ କାର୍ଯ୍ୟ ହେବ ସେଥିପାଇଁ ବରିଷ୍ଠ ଅଧିକାରୀମାନଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଛି। ଏନେଇ ମଙ୍ଗଳବାର ଓଡ଼ିଶା ପୋଲିସ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

ରଥଯାତ୍ରା ପାଇଁ ସମ୍ପୂର୍ଣ୍ଣ ପୋଲିସ ପରିଚାଳନା ଏଡିଜି ସଞ୍ଜୀବ ପଣ୍ଡାଙ୍କ ଉପରେ ନ୍ୟସ୍ତ କରାଯାଇଛି। ତାଙ୍କୁ ସହଯୋଗ କରିବା ପାଇଁ ଆଇଜି ଏସ୍.କେ. ପ୍ରିୟଦର୍ଶୀ ଏବଂ ପୁରୀ ଜିଲା ଏସ୍‌ପି ଉମାଶଙ୍କର ମିଶ୍ରଙ୍କୁ କୁହାଯାଇଛି। ସୁରକ୍ଷା ଏବଂ ସ୍ୱତନ୍ତ୍ର ବ୍ରାଞ୍ଚ ପରିଚାଳନା ଦାୟିତ୍ୱ ଗୋଇନ୍ଦା ବିଭାଗ ଆଇଜି ଆର୍.କେ.ଶର୍ମାଙ୍କୁ ଦିଆଯାଇଛି। ସେହିପରି ଟ୍ରାଫିକ ପରିଚାଳନା ଦାୟିତ୍ୱ ଆଇଜି ଅମିତାଭ ଠାକୁରଙ୍କୁ ଦିଆଯାଇଛି। ଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ ଭଳି ଜନଗହଳି ହେବାକୁ ଥିବା ଦିନଗୁଡ଼ିକରେ ଟ୍ରାଫିକ ପରିଚାଳନା ଦାୟିତ୍ୱ ତାଙ୍କ ଉପରେ ରହିବ। ତାଙ୍କୁ ସହଯୋଗ କରିବା ପାଇଁ କ୍ରାଇମବ୍ରାଞ୍ଚ ଏସ୍‌ପି ମଡକର ସନ୍ଦୀପ ସମ୍ପତ, ଏସ୍‌ଟିଏଫ୍ ଏସ୍‌ପି ରାହୁଲ ପି.ଆର୍.ଙ୍କୁ କୁହାଯାଇଛି। ରେଲୱେ ପୋଲିସ ପରିଚାଳନା ଦାୟିତ୍ୱ ଏଡିଜି ପ୍ରାଣବିନ୍ଦୁ ଆଚାର୍ଯ୍ୟଙ୍କୁ ଦିଆଯାଇଛି। କିପରି କେଉଁ ଜାଗାରେ ଆର୍‌ପିଏଫ୍ ଅଫିସର, କର୍ମଚାରୀମାନେ କାର୍ଯ୍ୟ କରିବେ ତାହା ତାଙ୍କ ତତ୍ତ୍ୱାବଧାନରେ ହେବ। ସେହିପରି ମନ୍ଦିର ଭିତର ସୁରକ୍ଷା ଦାୟିତ୍ୱ ଆଇଜି ଏସ୍.କେ. ପ୍ରିୟଦର୍ଶୀଙ୍କୁ ଦିଆଯାଇଛି। ତାଙ୍କୁ ମନ୍ଦିର ପ୍ରଶାସନ ଏବଂ ସେବାୟତ ନିୟୋଗଙ୍କ ସହ ଆଲୋଚନା କରି ମନ୍ଦିର ଭିତରର ସୁରକ୍ଷା ଦାୟିତ୍ୱ ସମ୍ଭାଳିବାକୁ କୁହାଯାଇଛି। ଜନଗହଳି ପରିଚାଳନା ଦାୟିତ୍ୱ ଆଇଜି ଅସିତ କୁମାର ପାଣିଗ୍ରାହୀଙ୍କୁ ପ୍ରଦାନ କରାଯାଇଛି। ରଥଯାତ୍ରା, ସନ୍ଧ୍ୟା ଦର୍ଶନ, ବାହୁଡ଼ା ଯାତ୍ରା, ସୁନାବେଶ ଭଳି ଗୁରୁତ୍ୱପୂର୍ଣ୍ଣ ଦିନରେ ଭିଡ଼ ପରିଚାଳନା ଦାୟିତ୍ୱରେ ସେ ରହିବେ। ତାଙ୍କୁ ଏଥିରେ ଆଇଜି ବିବେକାନନ୍ଦ ଶର୍ମା ସହଯୋଗ କରିବେ। କର୍ଡନ ପରିଚାଳନା ଦାୟିତ୍ୱ ଆଇଜି ଅରୁଣ ବୋଥ୍ରାଙ୍କୁ ଦିଆଯାଇଛି। ବିଶେଷକରି ୩ଟି ରଥର କର୍ଡନ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରାଯାଇଛି। ଯୋଗାଯୋଗ ପରିଚାଳନା ଦାୟିତ୍ୱ ଓପିଏସ୍ ଅଧିକାରୀ ବି.ଏନ୍. ଦାସଙ୍କୁ ଦିଆଯାଇଛି। କ୍ୟାମ୍ପ କମାଣ୍ଡାଣ୍ଟ ଦାୟିତ୍ୱ କମାଣ୍ଡାଣ୍ଟ ବି.କେ. ନନ୍ଦଙ୍କୁ ପ୍ରଦାନ କରାଯାଇଛି। ସେ ସମସ୍ତ ଫୋର୍ସମାନଙ୍କର ଯିବା ଆସିବା ଏବଂ ରିପୋର୍ଟିଂ କରିବାରେ ସମୟ ନିର୍ଦ୍ଧାରଣ କରିବେ। ଭିଆଇପିମାନଙ୍କ ସୁରକ୍ଷା ଦାୟିତ୍ୱ କମାଣ୍ଡାଣ୍ଟ ଆର୍.କେ. ସାହୁଙ୍କୁ ପ୍ରଦାନ କରାଯାଇଛି। କଣ୍ଟ୍ରୋଲ ରୁମ୍ ଦାୟିତ୍ୱରେ ଓପିଏସ୍ ଅଧିକାରୀ ଏସ୍.ସି. ପାହୀଙ୍କୁ ଦିଆଯାଇଛି। ପୁରୀ ଟାଉନର କଣ୍ଟ୍ରୋଲ ରୁମ୍ ଦାୟିତ୍ୱରେ ତାଙ୍କୁ ରଖାଯାଇଛି। ତେବେ ମୋଟ ଉପରେ ପୋଲିସ ପରିଚାଳନା ଦାୟିତ୍ୱ ପୁରୀ ଏସ୍‌ପି ଉମାଶଙ୍କର ଦାସଙ୍କ ଉପରେ ନ୍ୟସ୍ତ ଥିବା ବେଳେ ପରିଚାଳନା କ୍ଷେତ୍ରରେ ବରିଷ୍ଠ ଅଧିକାରୀମାନଙ୍କ ପରାମର୍ଶ ନେବାକୁ କୁହାଯାଇଛି।

■ବହୁ ପୁରୁଣା ଆମ୍ବଗଛ କଟାଯିବାକୁ ଦିଆଗଲା ଚିହ୍ନ

# ଟ୍ରି ଟ୍ରାନ୍ସପ୍ଲାଣ୍ଟକୁ ଆପଣେଇବାକୁ ଦାବି

**ପୁରୁଣା ଭୁବନେଶ୍ୱର, ୪।୬ (ଡି.ଏନ.ଏ.)**



ଜୁନ୍ ୫ରେ ପାଳିତ ହେବ ବିଶ୍ୱ ପରିବେଶ ଦିବସ। ସମାଜ ପାଇଁ ବୃକ୍ଷଲତାର ଅବଦାନକୁ ନେଇ ହେବ ନାନା ପ୍ରକାର ସଚେତନତା ସଭା ଓ ସମାବେଶ। କିନ୍ତୁ ବାସ୍ତବରେ ସମାଜ ପାଇଁ ଅପରିହାର୍ଯ୍ୟ ଜଙ୍ଗଲ ଏବେ ସଙ୍କୁଚିତ ହେବାରେ ଲାଗିଛି। ବଢୁଥିବା ଜନସଂଖ୍ୟା ଓ ସେମାନଙ୍କର ବିଳାସ ପାଇଁ ବଳି ପଡୁଛି ସବୁଜିମା। କୋଠା, ସଡକ, ଶିଳ୍ପ ଓ ରେଳପଥର ବିସ୍ତାର ପାଇଁ ଗଛ ସବୁ ଉଜୁଡି ଯାଉଛି। ଏହାର ଆଉ ଏକ ସଦ୍ୟତମ ଘଟଣା ହେଉଛି ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ଛତାବର ରାସ୍ତାର ସମ୍ପ୍ରସାରଣ। ପାଣିଓରାରୁ ଚନ୍ଦକା ମଧ୍ୟରେ ରାସ୍ତା ସମ୍ପ୍ରସାରଣ ପାଇଁ ହଜାରରୁ ଊର୍ଦ୍ଧ୍ୱ ଆମ୍ବ ଗଛ ବଳିପଡ଼ିବ। ଶତାଧିକ ବର୍ଷର ପୁରୁଣା ଏହି ଆମ୍ବ ଗଛ। କୁହାଯାଉଛି ଏହା କୁଆଡ଼େ ଶେରଶାହାଙ୍କ ଅମଳରୁ ରୋପିତ ହୋଇଥିଲା। ଫଳ, ଛାଇ, ଶୀତଳତା ଯୋଗାଉଥିବା ଇତିହାସର ମୂକସାକ୍ଷୀ ଏହି ପୁରୁଣା ଆମ୍ବଗଛଗୁଡ଼ିକୁ କାଟି ନେବା ପାଇଁ ଏବେ ନିର୍ଦ୍ଦେଶ ଜାରି ହୋଇଛି। ଗଛଗୁଡ଼ିକୁ ଚିହ୍ନ ଦିଆ ଯାଇ ସାରିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଦିଲ୍ଲୀ, ଅହମ୍ମଦାବାଦ, କେରଳ, ଚେନ୍ନାଇ ଓ ଉତ୍ତରାଖଣ୍ଡର ଅନେକ ପ୍ରକଳ୍ପରେ ବୃକ୍ଷକୁ ଛେଦନ କରା ନ ଯାଇ ସ୍ଥାନାନ୍ତର କରାଯାଉଛି। ପ୍ରାକୃତିକ ବିପର୍ଯ୍ୟୟର ଓଡ଼ିଶାର ପିଛା ଛାଡ଼ି ନ ଥିବା ବେଳେ ବୃକ୍ଷ ଛେଦନକୁ ସରକାର ପ୍ରାଥମିକତା କାହିଁକି ଦେଉଛନ୍ତି ବୋଲି ପ୍ରଶ୍ନ ଉଠିଛି। ଜାତୀୟ ଯୁବ ପୁରସ୍କାରପ୍ରାପ୍ତ ସାମାଜିକ କର୍ମୀ ସୁଶାନ୍ତ ସାହୁ ଜଙ୍ଗଲ ଓ ପରିବେଶ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ ପତ୍ର ଲେଖି ଛତାବର ସଡକ ସମ୍ପ୍ରସାରଣ ପ୍ରକଳ୍ପରେ ବୃକ୍ଷଗୁଡ଼ିକୁ ନ କାଟି ସ୍ଥାନାନ୍ତର ପାଇଁ ଦାବି କରିଛନ୍ତି। ଓଡ଼ିଶା ଟ୍ରି ଟ୍ରାନ୍ସପ୍ଲାଣ୍ଟର ମେଶିନ୍ କିଣି ଓ ଆଗାମୀଦିନରେ ବୃକ୍ଷ ଛେଦନରୁ ନିବୃତ୍ତ ରହୁ ବୋଲି ସାହୁ ଦାବି କରିଛନ୍ତି।





ମଙ୍ଗଳବାର ସୂଚନା ଭବନଠାରେ ଭୁବନେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏ୧ ଗ୍ରେଡରେ କୃତିତ୍ୱ ଅର୍ଜନ କରିଥିବା ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର ଓ ଅନ୍ୟ ଅତିଥି ।

## ଏ୧ରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୪।୬(ବ୍ୟୁରୋ)**

ଭୁବନେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏ୧ ଗ୍ରେଡରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ସୂଚନା ଭବନଠାରେ ସମ୍ବର୍ଦ୍ଧନା କରାଯାଇଛି। ଖୋର୍ଦ୍ଧା ଜିଲାରେ ଏ୧ ଗ୍ରେଡରେ କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୬୦ପ୍ରତିଶତ ଛାତ୍ରୀଛାତ୍ର ଭୁବନେଶ୍ୱର ବ୍ଲକ ଓ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ବିଦ୍ୟାଳୟର ହୋଇଥିବାରୁ ଏହି ଉତ୍ସବରେ ୮୨ଜଣ ଛାତ୍ରୀଛାତ୍ର ଏବଂ ୩୩ଟି ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋଷ୍ଠୀ ଶିକ୍ଷାଧିକାରୀ ସସ୍ମିତା ମାଲୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପ୍ରାଥମିକ ଶିକ୍ଷା ଯୁଗ୍ମ ନିର୍ଦ୍ଦେଶକ କେଦାର ନାଥ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲା ଶିକ୍ଷାଧିକାରୀ ବୃନ୍ଦାବନ ଶତପଥୀ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ ସଂଯୋଜିକା ଅମିତା ପଟ୍ଟନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଦ୍ୟାଧର ସାହୁ ପ୍ରମୁଖ ଯୋଗଦେଇଥିଲେ।

ଡାକ୍ତରଙ୍କ କାର ଚୋରି ଉଦ୍ୟମ

## ଜେଲ ଗଲେ ହସ୍ପିଟାଲ ସିକ୍ୟୁରିଟି ଗାର୍ଡ

**ଭୁବନେଶ୍ୱର, ୪।୬(ବ୍ୟୁରୋ):** ଆପୋଲୋ ହସ୍ପିଟାଲ ପରିସରରୁ ଜଣେ ଡାକ୍ତରଙ୍କ କାର ଚୋରି କରୁଥିବାବେଳେ ଧରାପଡିଛନ୍ତି ଉକ୍ତ ହସ୍ପିଟାଲର ସିକ୍ୟୁରିଟି ଗାର୍ଡ। ସେ ହେଲେ କନ୍ଧମାଳ ଜିଲା ଟିକାବାଲି ଥାନା ରାଜୀବନଗର ଅଞ୍ଚଳର ଦେବାଶିଷ ତ୍ରିପାଠୀ। ଶହୀଦନଗର ଥାନା ପୋଲିସ ତାଙ୍କୁ ଗିରଫ କରିବା ପରେ ପଚରାଉଚରା କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଅଭିଯୁକ୍ତ ସିକ୍ୟୁରିଟି ଗାର୍ଡ ଦେବାଶିଷ ମଙ୍ଗଳବାର ଦିନ ସାଢେ ୧ଟା ବେଳେ ଆପୋଲୋ ହସ୍ପିଟାଲରେ ଡ୍ୟୁଟି କରୁଥିଲେ। ହସ୍ପିଟାଲ ପରିସର ଡ୍ରାଇଭରଙ୍କ ରେଷ୍ଟ ରୁମରୁ ଡାକ୍ତରଙ୍କ ଏକ ହୋଣ୍ଡାସିଟି କାର (ଓଡି୦୨ବିବି ୮୪୪୦) ଚାବି କୌଶଳକ୍ରମେ ଚୋରି କରିଥିଲେ। ସୁଯୋଗ ଦେଖି ପାର୍କିଂ ସ୍ଥଳରୁ କାରକୁ ପଛୁଆ ବାହାର କରିବାବେଳେ ଅନ୍ୟ ଏକ କାରରେ ଧକ୍କା ହୋଇଥିଲା। ଫଳରେ ସେଠାରେ ଉପସ୍ଥିତ ଅନ୍ୟ ସିକ୍ୟୁରିଟି ଗାର୍ଡ ସେଠାରେ ପହଞ୍ଚି ଯାଇଥିଲେ। ଅଭିଯୁକ୍ତ ଦେବାଶିଷ ଘଟଣାସ୍ଥଳରୁ କାର ସହ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ଅନ୍ୟ ସିକ୍ୟୁରିଟି ଗାର୍ଡ ତାଙ୍କୁ କାବୁ କରି ସିକ୍ୟୁରିଟି ଗାର୍ଡ ଇନଚାର୍ଜ ଖଗେଶ୍ୱର ଦାସଙ୍କୁ ହସ୍ତାନ୍ତର କରିଥିଲେ। ଖଗେଶ୍ୱରଙ୍କ ଅଭିଯୋଗକ୍ରମେ ପୋଲିସ ୨୪୬/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦେବାଶିଷଙ୍କୁ ଗିରଫ କରିଥିଲା।

■ ଶ୍ରୀଲିଙ୍ଗରାଜଙ୍କ ଶୀତଳଷଷ୍ଠୀ ସମନ୍ୱୟ ବୈଠକ

# ଆସିଲେନି ୩ ପ୍ରମୁଖ ନିଯୋଗ

**ପୁରୁଣା ଭୁବନେଶ୍ୱର, ୪।୬ (ଡି.ଏନ.ଏ.)**

ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଶୀତଳଷଷ୍ଠୀ ଯାତ୍ରା ଆସନ୍ତା ୮ ତାରିଖରେ ଅନୁଷ୍ଠିତ ହେବ। ତେବେ ମା' ପାର୍ବତୀ ଏବଂ ଶ୍ରୀଲିଙ୍ଗରାଜ ଦେବ ଦମ୍ପତିଙ୍କ ବିବାହ ଉତ୍ସବକୁ ଶୃଙ୍ଖଳିତ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ପ୍ରସ୍ତୁତି ବୈଠକ ଡକାଯାଇଥିଲା। ସ୍ଥାନୀୟ ସର୍କିଟ୍ ହାଉସ ପରିସରରେ ଆୟୋଜିତ ବୈଠକରେ ଖୋର୍ଦ୍ଧା ଜିଲାପାଳ ଭୂପିନ୍ଦର ସିଂ ପୁନିଆ ଅଧ୍ୟକ୍ଷତା କରିଥିଲେ। ବୈଠକରେ ୩ ନିଯୋଗର ପ୍ରମୁଖମାନେ ଅନୁପସ୍ଥିତ ଥିଲେ। ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନିଜ ନିଜର ଦାୟିତ୍ୱ ସମ୍ପାଦନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଆସନ୍ତା ୬ ତାରିଖ ମଙ୍ଗଳକୃତ୍ୟ, ୭ ତାରିଖ ବିବାହ ଉତ୍ସବ ପାଇଁ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ସ୍ଥିରୀକୃତ ସମୟ ସାରଣୀ ଉପରେ ପ୍ରାଧାନ୍ୟ ଦିଆଯାଇଥିଲା। ଲିଙ୍ଗରାଜ ମନ୍ଦିରରୁ ଠାକୁରଙ୍କ ସହ ବରଯାତ୍ରୀମାନେ କିଭଳି ତୁରନ୍ତ କେଦାରଗୌରୀ ମନ୍ଦିରରେ ପହଞ୍ଚିବେ, କେଦାରଗୌରୀ ମନ୍ଦିରରେ ଠାକୁର ଠାକୁରାଣୀଙ୍କ ବିବାହ ଉତ୍ସବ ତୁରନ୍ତ ଏବଂ ସୁରୁଖୁରୁରେ ଅନୁଷ୍ଠିତ ହେବ ତାହା ଉପରେ ଆଲୋଚନା ହୋଇଥିଲା। ଫେରନ୍ତା ଶୋଭାଯାତ୍ରାରେ ବୁଲା ଗୋରୁ ଏବଂ ଷଣ୍ଢମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ବିଏମ୍‌ସିକୁ ନିର୍ଦ୍ଦେଶ ଦିଆଯାଇଛି।

ବିଗତ ୪ବର୍ଷ ହେଲାଣି ମହାପ୍ରଭୁ କପିଳେଶ୍ୱର ଦେବ ହାଣ୍ଡିଭଙ୍ଗା ଯାତ୍ରାଠାରୁ ଶ୍ରୀଲିଙ୍ଗରାଜଙ୍କ ଶୀତଳଷଷ୍ଠୀ ଯାତ୍ରାରେ ଅନୁପସ୍ଥିତ ରହୁଛନ୍ତି। ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୁଷ୍ଟ ସୃଷ୍ଟି ହେଉଛି। ତେଣୁ ଯାତ୍ରାରେ କପିଳେଶ୍ୱର ଦେବଙ୍କ ସାମିଲ ସ୍ୱାଭାବିକ କରିବା ନେଇ ଆଲୋଚନା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଏଡିଏମ୍ ଅରୁଣ କୁମାର ବେହେରା, ଟ୍ରଷ୍ଟବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବୁଧବାର ଜୋନ୍ ୨ ଏସିପି. ସୁଭାଷ ଚନ୍ଦ୍ର ପଣ୍ଡା ଏକ ଗୁରୁତ୍ୱପୂର୍ଣ୍ଣ କଥାକୁ ନେଇ ସେବାୟତଙ୍କ ସହ ଅନ୍ୟ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ କରିବାକୁ ନେଇ ଆଲୋଚନା ହୋଇଥିଲା।

ଯୌତୁକ ପାଇଁ ବଧୂଙ୍କୁ ପୋଡ଼ି ହତ୍ୟା ଘଟଣା

## ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ: ଜେଲ ଗଲେ ସ୍ୱାମୀ, ଶ୍ୱଶୁର

**ଭୁବନେଶ୍ୱର, ୪।୬(ବ୍ୟୁରୋ)**

ଯୌତୁକ ପାଇଁ ଗତ ରବିବାର ରାତିରେ ପୁରୀ ଜିଲା ନିମାପଡା ଥାନା ଅନ୍ଧୁଆର ପଞ୍ଚାୟତର ତରଡାପଡା ଜେନାସାହିରେ ଦୀପ୍ତିମୟୀ ଜେନା ନାମ୍ନୀ ବଧୂଙ୍କୁ ଶାଶୁ ଘର ଲୋକେ ପୋଡି ହତ୍ୟା କରିଥିଲେ। ସାବିତ୍ରୀ ବ୍ରତ ପୂର୍ବ ରାତିରେ ଏଭଳି ଏକ ନୃଶଂସ ହତ୍ୟା ଘଟିଥିବାରୁ ଗ୍ରାମରେ ଏକ ପ୍ରକାର ଚାପା ଉତ୍ତେଜନା ଦେଖିବାକୁ ମିଳୁଛି। ଏପରିକି ହତ୍ୟା କରିଥିବା ଶାଶୁଘର ଲୋକଙ୍କୁ ତୁରନ୍ତ ଗିରଫ କରିବା ସହ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ପୋଲିସ ନିକଟରେ ଦାବି କରିଥିଲେ। ଅନ୍ୟପକ୍ଷରେ ଏହାକୁ ନେଇ ମଙ୍ଗଳବାର ଜାତୀୟ ମାନବାଧିକାର କମିଶନର(ଏନ୍‌ଏଚ୍‌ଆରସି)ଙ୍କ ନିକଟରେ ଏକ ପିଟିଶନ୍ ହୋଇଛି। ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଏହି ପିଟିସନ୍ କରିଛନ୍ତି। ପିଟିଶନ୍‌କୁ କମିଶନର କାର୍ଯ୍ୟାଳୟ ଗୁରୁତର ସହ ନେଇ ଗ୍ରହଣ କରିଥିବା ଜଣାପଡିଛି। ଅନ୍ୟପକ୍ଷରେ ଗିରଫ ହୋଇଥିବା ଶ୍ୱଶୁର ରବୀନ୍ଦ୍ର ଜେନା ଏବଂ ସ୍ୱାମୀ କୃଷ୍ଣଚନ୍ଦ୍ରଙ୍କୁ ନିମାପଡା ପୋଲିସ ଗିରଫ କରିଥିଲା। ପୋଲିସ ସେମାନଙ୍କ ନଂ. ୧୪୦/୧୯ କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଜାମିନ୍ ନାମଞ୍ଜୁର ହେବାରୁ ଜେଲ୍‌କୁ ପଠାଇ ଦିଆଯାଇଛି। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଶାଶୁ ମଞ୍ଜୁଲତା ଓ ଦିଅର ଧନେଶ୍ୱର ଫେରାର ରହିଛନ୍ତି। ସେମାନଙ୍କୁ ଧରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। କୋଣାର୍କ ଥାନା ଗୋଲରାଗଡ ଗ୍ରାମର ଦୀପ୍ତିମୟୀ ୨୦୧୫ରେ ତରଡାପଡା ଗ୍ରାମର କୃଷ୍ଣଚନ୍ଦ୍ରଙ୍କୁ ବିବାହ କରିଥିଲେ।

## ଅଟାକଲ କର୍ମଚାରୀଙ୍କୁ ଛୁରି ଭୁସି ହତ୍ୟା ଘଟଣା: ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୪।୬(ବ୍ୟୁରୋ)**

ନୟାପଲ୍ଲୀ ଥାନା ରେଣ୍ଟାଲ କଲୋନୀ ଅଟାକଲ କର୍ମଚାରୀ ଦିଲ୍ଲୀପ ସାହୁ ହତ୍ୟା ଘଟଣାରେ ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତସିଂହପୁରର ନାଉଗାଁର ପ୍ରକାଶ ଜେନା। ପୋଲିସ ପ୍ରକାଶଙ୍କୁ ମାରାଥନ ଜେରା କରିବା ପରେ ସେ ଛୁରିକୁ ଲୁଚାଇ ରଖିଥିବା ଜାଗା କହିଥିଲେ। ସେ କହିବା ଅନୁଯାୟୀ, ପୋଲିସ ଦିଲ୍ଲୀପ ରହୁଥିବା ରୁମ୍‌ର ଗେଟ୍‌ର ଏକ କୋଣରୁ ହତ୍ୟାରେ ବ୍ୟବହୃତ ଛୁରିକୁ ଜବତ କରିଥିଲା। ଏହାସହ ଛୁରିରେ ଲାଗିଥିବା ରକ୍ତକୁ ଫରେନ୍‌ସିକ୍ ଲ୍ୟାବକୁ ପଠାଇ ଦେଇଛି। ଅନ୍ୟପକ୍ଷେ ଅଭିଯୁକ୍ତର ବୟସକୁ ନେଇ ପୋଲିସ ଚିନ୍ତାରେ ଥିବାରୁ ତା'ର ଆଧାର କାର୍ଡ, ଅନ୍ୟ ପ୍ରମାଣପତ୍ର ଦେଖିବା ପରେ ତାଙ୍କୁ ୧୯ ବର୍ଷ ବୋଲି ସ୍ପଷ୍ଟ ହୋଇଥିଲା। ପରେ ୨୬୨/୧୯ରେ ଏକ ମାମଲା ରୁଜୁ କରି ଭୁବନେଶ୍ୱର ଏସଡିଜେଏମ କୋର୍ଟକୁ ଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଝାରପଡାସ୍ଥିତ ଜେଲ ବିଚାର ବିଭାଗୀୟ ହାଜତକୁ ପଠାଇଛି।

## ଫନୀ ପରବର୍ତ୍ତୀ ବନୀକରଣ ପାଇଁ ମିଳିତ ଉଦ୍ୟମ ଲୋଡ଼ା

**ଭୁବନେଶ୍ୱର, ୪।୬(ବ୍ୟୁରୋ):** ଫନୀରେ ପ୍ରଭାବିତ ଜିଲାଗୁଡ଼ିକରେ ଅସଂଖ୍ୟ ଗଛ କ୍ଷତିଗ୍ରସ୍ତ ହୋଇଛି। କେବଳ ରାଜଧାନୀ ଭୁବନେଶ୍ୱରରେ ଉପୁଡ଼ିଥିବା କିମ୍ବା କ୍ଷତିଗ୍ରସ୍ତ ହୋଇଥିବା ଗଛସଂଖ୍ୟା ୨୦ ଲକ୍ଷରୁ ଅଧିକ। ପୁରୀ-କୋଣାର୍କ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ସର୍ବାଧିକ କ୍ଷତିଗ୍ରସ୍ତ ବାଲୁଖଣ୍ଡ ଅଭୟାରଣ୍ୟର ଅର୍ଦ୍ଧାଧିକ ଗଛ ଉପୁଡ଼ି ପଡ଼ିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ବହୁଳ ପରିମାଣରେ ବୃକ୍ଷରୋପଣ ଓ ସେଗୁଡ଼ିକର ରକ୍ଷଣବେକ୍ଷଣ ହିଁ ଏହାର ଏକମାତ୍ର ବିକଳ୍ପ। ଫନୀ ମୁକାବିଲା ଲାଗି ସାମାଜିକ ଅନୁଷ୍ଠାନ ଓ ନାଗରିକ ସମୂହର ମିଳିତ ଉଦ୍ୟମରେ ଏନେଇ ଏକ ଆଲୋଚନାଚକ୍ର ସିୱାଇ ଏସ୍‌ଡି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପିସିସିଏଫ ସନ୍ଦିପ ତ୍ରିପାଠୀ, କମିଶନର ସତ୍ୟଜିତ ମହାନ୍ତି, ଜୁଗଳ ମହାପାତ୍ର, ଅରୋବିନ୍ଦ ବେହେରା, ପ୍ରଫେସର ରାଧାମୋହନ ଓ ବହୁ ଉଦ୍ୟାନବିତ୍ ଉପସ୍ଥିତ ଥିଲେ। ଫନୀ ପରେ ଏବେ ବନୀକରଣ ଲାଗି ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି ଉପସ୍ଥିତ ବକ୍ତାମାନେ କହିଥିଲେ।

ପୋଷ୍ୟଗ୍ରହଣ ନିୟମାବଳୀ ଉପରେ ରାଜ୍ୟସ୍ତରୀୟ କର୍ମଶାଳା

## ପରିବାର ପାଇବା ପ୍ରତ୍ୟେକ ଶିଶୁର ଅଧିକାର

**ଭୁବନେଶ୍ୱର,୪।୬(ବ୍ୟୁରୋ)**

ଆଇନଗତ ପୋଷ୍ୟଗ୍ରହଣ ଜରିଆରେ ପ୍ରତ୍ୟେକ ଶିଶୁକୁ ପରିବାର ଯୋଗାଇ ଦିଆଯିବ। ପରିବାରଟିଏ ପାଇବା ପ୍ରତ୍ୟେକ ଶିଶୁର ଅଧିକାର। ପୋଷ୍ୟ ସନ୍ତାନ ଗ୍ରହଣ କରିବା ଏକ ମହତ୍ କାର୍ଯ୍ୟ। ହେଲେ ପୋଷ୍ୟ ସନ୍ତାନ ସନ୍ତତି ଗ୍ରହଣ କରିବା ପୂର୍ବରୁ ସମସ୍ତ ଆଇନ ମୁତାବକ ବିଧିବ୍ୟବସ୍ଥାକୁ ଅନୁକରଣ କରିବା ଆବଶ୍ୟକ। ଏଥିପାଇଁ ରହିଥିବା ଜେଜେ ଆକ୍ଟ ୨୦୧୫ ଏବଂ ଆଡପ୍ସନ୍ ରେଗୁଲେଶନ ୨୦୧୭କୁ ମାନିବା ଉଚିତ। ଶିଶୁ ଗୃହମାନଙ୍କରେ ଶିଶୁମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ପୋଷ୍ୟଭାବେ ଗ୍ରହଣ କରିବା ଲାଗି ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି। ସ୍ଥାନୀୟ ପାନ୍ଥ ନିବାସଠାରେ ମଙ୍ଗଳବାର ଆୟୋଜିତ ଏକ ଦିବସୀୟ ରାଜ୍ୟସ୍ତରୀୟ ପୋଷ୍ୟଗ୍ରହଣ ନିୟମାବଳୀ ୨୦୧୭ କର୍ମଶାଳାରେ ଯୋଗଦେଇଥିବା ବକ୍ତା ଓ ଅତିଥିମାନେ ଏହା କହିଛନ୍ତି।

ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ପୋଷ୍ୟଗ୍ରହଣ ସମ୍ବଳ କର୍ତ୍ତୃପକ୍ଷଙ୍କ ସହାୟତାରେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ବିଭାଗ ଅଧୀନ ରାଜ୍ୟ ପୋଷ୍ୟଗ୍ରହଣ ସଂଯୋଜନା ସଂସ୍ଥା ଏବଂ ରାଜ୍ୟ ଶିଶୁ ସୁରକ୍ଷା ସମିତି ଓଡ଼ିଶା ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ରାଜ୍ୟର ୩୦ଟି ଜିଲାରୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଶିଶୁ ମଙ୍ଗଳସମିତିଅଧ୍ୟକ୍ଷ, ୨୮ଟିସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ପ୍ରଦାନ ସଂସ୍ଥାର ପରିଚାଳକମାନେ ଯୋଗ ଦେଇଥିଲେ। ଏହାସହ ୟୁନିସେଫ୍, ରାଜ୍ୟ ଚିକିତ୍ସକ ସଂଘ ଓ ଶିଶୁରୋଗ ବିଶେଷଜ୍ଞ ସଂଘ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, ସମନ୍ୱିତ ଶିଶୁ ବିକାଶ ଯୋଜନା ଓ ସମାଜମଙ୍ଗଳ ତଥା ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର ନିର୍ଦ୍ଦେଶକ ରେଘୁ ଜୀ ଓ ରାଜ୍ୟ ଶିଶୁ ମଙ୍ଗଳ ପରିଷଦ ସଦସ୍ୟ ସଚିବ କ୍ୱାମାର ସୁଲ୍‌ତାନା ବେଗମ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ବିଭାଗୀୟ ଯୁଗ୍ମ ସଚିବ ତଥା ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର ଅତିରିକ୍ତ ନିର୍ଦ୍ଦେଶକ ଗୀତାରାଣୀ ପଟ୍ଟନାୟକ ପୋଷ୍ୟ ଗ୍ରହଣ ଓ ପ୍ରଦାନର ପ୍ରକ୍ରିୟାକୁ ଅଧିକରୁ ଅଧିକ ସଦୁପଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ। ଜନ୍ମିତ ପିତାମାତା ଓ ପୋଷ୍ୟ ପିତାମାତାଙ୍କ ମଧ୍ୟରେ କୌଣସି ଫରକ ନାହିଁ ବୋଲି ଅନ୍ୟତମ ଅତିଥି ସୁଲ୍‌ତାନା ବେଗମ କହିଥିଲେ। ଆୟୋଜିତ ବୈଷୟିକ ଅଧିବେଶନରେ କେନ୍ଦ୍ରୀୟ ପୋଷ୍ୟଗ୍ରହଣ ସମ୍ବଳ କର୍ତ୍ତୃପକ୍ଷର ଉପଦେଷ୍ଟା ମିନି ଜର୍ଜ ଓ ସୁନୀତ୍ ପାଠକ ଯୋଗଦେଇଥିଲେ। ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର କାର୍ଯ୍ୟକ୍ରମ ପ୍ରବନ୍ଧକ ପ୍ରୀତିକାନ୍ତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା ଓ ରାଜ୍ୟ ପୋଷ୍ୟଗ୍ରହଣ ସଂଯୋଜନା ସଂସ୍ଥାର କାର୍ଯ୍ୟକ୍ରମ ପ୍ରବନ୍ଧକ ଶୁଭଦର୍ଶୀ ଦାଶ ଧନ୍ୟବାଦ ଦେଇଥିଲେ।

ଖୋଲାଗଲା ରୁକୁଣା ରଥ

## ନୂଆ କାଠ, ଫନୀ ପାଇଁ ହୋଇଥିଲା ବିଳମ୍ବ

**ପୁରୁଣା ଭୁବନେଶ୍ୱର,୪।୬ (ଡି.ଏନ.ଏ.)**

ରଥଖଳାରେ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ଦୀର୍ଘଦିନ ପଡି ରହିବା ପରେ ଟ୍ରାଫିକ୍ ସମସ୍ୟା ସହ ବ୍ୟବସାୟୀ ଓ ପର୍ଯ୍ୟଟକମାନେ ଅସନ୍ତୋଷ ହେଉଥିଲେ। ତେଣୁ ରାସ୍ତା ସଙ୍କୋଚିତ ହେବା ଉପରେ ଏକ ଖବର 'ଧରିତ୍ରୀ' ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଠାକୁରଙ୍କ ରଥଯାତ୍ରା ଯିବାର ଏକମାସ ବିତିଯାଇଛି। ଇତିମଧ୍ୟରେ ୨୨ ଦିନିଆ ଚନ୍ଦନଯାତ୍ରା ମଧ୍ୟ ଶେଷ ହୋଇଛି। ତେବେ ରଥ ଖଳାରେ ରଥଟି ଅର୍ଦ୍ଧଭଗ୍ନ ଅବସ୍ଥାରେ ପଡି ରହିବା ଦ୍ୱାରା ବିଭିନ୍ନ ମହଲରେ ଘଟଣାକୁ ନିନ୍ଦା କରାଯାଇଥିଲା। ଏହା ମଧ୍ୟରେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ରଥଟି ସମ୍ପୂର୍ଣ୍ଣ ଖୋଲାଯିବା ସହ ଅର, ପହି, ଗାଡ଼ି ଯୋଗେ ମନ୍ଦିର କାର୍ଯ୍ୟାଳୟ ପରିସରକୁ ବୁହାଯାଇଥିଲା। ରାତି ପାହିଲେ ଶ୍ରୀଜୀଉଙ୍କ ବିବାହ ଉତ୍ସବ ସବୁ ଦୃଷ୍ଟିକୁ ଲକ୍ଷ୍ୟ ରଖି ମନ୍ଦିର ପ୍ରଶାସନ ଏଭଳି ପଦକ୍ଷେପ ନେଇଛି। ଏ ନେଇ ମହାରଣା ପ୍ରମୁଖ ସେବାୟତ ସୋମନାଥ ମହାରଣା କୁହନ୍ତି, ଚଳିତବର୍ଷ ନୂତନ କାଠରେ ରଥର ଅନେକ ଉପକରଣ ସଂଯୋଗ କରାଯାଇଥିଲା। ସେଗୁଡ଼ିକ ଫନୀ ବର୍ଷାରେ ଭିଜି ଫୁଲିଯାଇଥିବାରୁ ଚଳିତବର୍ଷ ରଥ ଖୋଲିବାରେ ବିଳମ୍ବ ହୋଇଛି।

# ବାସହରାଙ୍କୁ ଗୃହ ଯୋଗାଇଦେଉଛି ଏସ୍‌ଇଇଡିଏସ୍

**ଭୁବନେଶ୍ୱର,୪।୬(ବ୍ୟୁରୋ)**



ଅନୁସୂଚିତ ଜାତି ସମ୍ପ୍ରଦାୟର ଦିବ୍ୟାଙ୍ଗ ତଥା ଶ୍ରବଣ ଶକ୍ତି ସମସ୍ୟା ଥିବା ଲତା ମଲ୍ଲିକ। ପୁରୀଠାରୁ ୧୫ କିମି ଦୂରରେ ଥିବା ବିରିପଡ଼ିଆ ଗ୍ରାମରେ ସେ ଏକାକୀ ବାସ କରନ୍ତି। ବହୁ କଷ୍ଟେମଷ୍ଟେ କାମ କରି ନିଜ ପେଟ ପୋଷନ୍ତି। କେବଳ ଲତା ନୁହନ୍ତି, ଏହି ଗ୍ରାମରେ ବାସ କରୁଥିବା ପରିବାରଗୁଡ଼ିକ ଭୂମିହୀନ ହୋଇଥିବା ବେଳେ ଅଧିକାଂଶ ଦିନମଜୁରିଆ ଭାବେ କାମ କରନ୍ତି। ମେ ୩ ରେ ବାତ୍ୟା ଫନୀ ପୁରୀରେ ବ୍ୟାପକ କ୍ଷୟକ୍ଷତି କରିଥିଲା। ଅଧିକାଂଶଙ୍କ ଘର ମାଟିରେ ମିଶି ଯାଇଥିବା ବେଳେ ଯାହା କିଛି ଥିଲା ତାହା ଭାଙ୍ଗିରୁଜି ଯାଇଥିଲା। ବାତ୍ୟା ପରେ ନା ସେମାନଙ୍କ ପାଖରେ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ ଅଛି ନା ଛାଇ। ବାତ୍ୟାରେ ଉପୁଡ଼ି ଯାଇଥିବା ଏକ ଗଛ ତଳେ ଅଧିକାଂଶ ଏବେ ବି ଆଶ୍ରୟ ନେଉଛନ୍ତି। ଏଭଳିସ୍ଥଳେ ଏହି ବାତ୍ୟା ବିପନ୍ନ ଲୋକଙ୍କୁ ସହାୟତାର ହାତ ବଢାଇଛି ସଷ୍ଟେନେବଲ ଏନ୍‌ଭାଇରନମେଣ୍ଟ ଆଣ୍ଡ ଇକୋଲୋଜିକାଲ୍ ଡେଭେଲପ୍‌ମେଣ୍ଟ ସୋସାଇଟି(ଏସ୍‌ଇଇଡିଏସ୍)। ପ୍ରଶାସନ ପହଞ୍ଚି ପାରି ନ ଥିବା ସ୍ଥାନରେ ପହଞ୍ଚି ଲୋକଙ୍କୁ ଆଶ୍ରୟସ୍ଥଳ ଯୋଗାଇ ଦେଇଛି। ଏସ୍‌ଇଇଡିଏସ୍ ପକ୍ଷରୁ ପୁରୀ ସଦର ବ୍ଲକ୍ ଅନ୍ତର୍ଗତ ବିରିପଡ଼ିଆ ଗ୍ରାମରେ ପ୍ରଥମ ଆଶ୍ରୟ ଗୃହର ନମୁନା ନିର୍ମାଣ କରାଯାଇଛି। ୟୁନାଇଟେଡ୍ ୱେ ଅଫ୍ ମୁମ୍ବାଇ ସହଯୋଗରେ ପ୍ରଥମେ ଏହି ସଂସ୍ଥା ବାତ୍ୟାବିପନ୍ନଙ୍କୁ ପାନୀୟ ଜଳ, ସ୍ୱାସ୍ଥ୍ୟ ଶିବିର ଆଦି ଯୋଗାଇ ଦିଆଯାଇଥିବା ବେଳେ ଏବେ ଲୋକଙ୍କୁ ବାସସ୍ଥଳ ଯୋଗାଇବାକୁ ପଦକ୍ଷେପ ନିଆଯାଇଛି। ଏହିକ୍ରମରେ ଗ୍ରାମରେ ନିହାତି ଦରକାର କରୁଥିବା ଏକ ପରିବାର ପାଇଁ ନମୁନା ଆଶ୍ରୟ ଗୃହ ନିର୍ମାଣ କରାଯିବାର ବ୍ୟବସ୍ଥା ହୋଇଛି। ବାତ୍ୟା ପ୍ରତିରୋଧୀ ଏହି ଆଶ୍ରୟ ଗୃହକୁ ଉପୁଡି ପଡିଥିବା ଗଛରୁ ପ୍ରସ୍ତୁତ କାଠ ଏବଂ ସ୍ଥାନୀୟ ଅଞ୍ଚଳରେ ଉପଲବ୍ଧ ହେଉଥିବା ବାଉଁଶ ଜରିଆରେ ନିର୍ମାଣ କରାଯାଇଛି। ସ୍ଥାୟିତ୍ୱ ବଢ଼ାଇବା ସହ ଅଙ୍ଗାରକାମ୍ଳ ନିର୍ଗମନ କମ୍ କରି ସମୟ, ଅର୍ଥ ଏବଂ ସମ୍ପତ୍ତି ବଞ୍ଚାଇବା ଏହି ଗୃହ ଡିଜାଇନ୍‌ର ସ୍ୱତନ୍ତ୍ରତା। ବିରିପଡ଼ିଆ ଗ୍ରାମର ଲତାଙ୍କୁ ଏହି ପ୍ରଥମ ଆଶ୍ରୟ ଗୃହ ହସ୍ତାନ୍ତର କରାଯାଇଛି। ଫନୀ ଦ୍ୱାରା ଓଡ଼ିଶାରେ ୫ ଲକ୍ଷରୁ ଅଧିକ ଘର କ୍ଷତିଗ୍ରସ୍ତ ହୋଇଛି। ମୌସୁମୀ ପାଖେଇ ଆସୁଥିବା ବେଳେ ଏହି ପରିବାରଗୁଡ଼ିକ ପାଇଥିବା ତାରପୋଲିନ୍ ଏବଂ ଟେଣ୍ଟରେ ବସବାସ କରିବା ସମ୍ଭବ ହେବନାହିଁ। ଏଭଳିସ୍ଥଳେ ଆଶ୍ରୟ ଗୃହର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆମେ ସାହାଯ୍ୟର ହାତ ବଢାଇଛୁ ବୋଲି ଏସ୍‌ଇଇଡିଏସ୍‌ର ସହ ପ୍ରତିଷ୍ଠାତା ମନୁ ଗୁପ୍ତା ଓ ୟୁନାଇଟେଡ୍ ୱେ ମୁମ୍ବାଇର ସିଇଓ ଜୟନ୍ତୀ ଶୁକ୍ଳା କହିଛନ୍ତି।

## ବାଲୁଙ୍କେଶ୍ୱର ବାବାଙ୍କ ବିବାହ

# ଦେବଦେବୀଙ୍କୁ ନିଉତା ଦେଲେ ନୃସିଂହ ମହାପ୍ରଭୁ

**ସମ୍ବଲପୁର, ୪।୬ (ବ୍ୟୁରୋ)**

ପ୍ରସିଦ୍ଧ ସମ୍ବଲପୁର ଶୀତଳ ଷଷ୍ଠୀ ଯାତ୍ରା ଅବସରରେ ନନ୍ଦପଡାର ଶ୍ରୀଶ୍ରୀ ବମ୍ ବରାଡ ବାଲୁଙ୍କେଶ୍ୱର ବାବା ଓ ମାତା ପାର୍ବତୀଙ୍କ ଲୌକିକ ବିବାହ ପାଇଁ ଚଳିତ ମାସ ୭ ତାରିଖ ଲଗ୍ନ ଧାର୍ଯ୍ୟ ହୋଇଛି। ସୋମବାର ମଧ୍ୟ ରାତିରେ ପତରପେଢ଼ିଁ ବା ନିର୍ବନ୍ଧ ନୀତି ଶେଷ ହୋଇଛି। ଦେବ ବିବାହରେ ଦେବୀଦେବ ସାମିଲ ହେବାକୁ ମଙ୍ଗଳବାର ରାତିରେ ନୃସିଂହ ନିଉତା (ଦେବ ନିମନ୍ତ୍ରଣ) ସମ୍ପନ୍ନ ହୋଇଛି। ବରପିତା ରାମଚରଣ ମିଶ୍ର ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ମହାଆଳତୀ କରିଥିଲେ। ଦୁଲଦୁଲି, ଘଣ୍ଟ ବାଦ୍ୟ, ଶଙ୍ଖ ନାଦ ଓ ଝାଞ୍ଜ ନୃତ୍ୟ ତାଳରେ ମହାପ୍ରଭୁ ନୃସିଂହ ସୁସଜ୍ଜିତ ବିମାନରେ ଉପବିଷ୍ଟ ହୋଇ ସହର ପରିକ୍ରମା କରିଥିଲେ। ରୌପ୍ୟ ଓ ସ୍ୱର୍ଣ୍ଣ ଅଳଙ୍କାରରେ ଭୂଷିତ ହୋଇ ଭକ୍ତଙ୍କ କାନ୍ଧରେ ବାଲୁଙ୍କେଶ୍ୱର ମନ୍ଦିର ପରିସରସ୍ଥ ପଞ୍ଚବକ୍ତ୍ର ଓ ହନୁମାନଙ୍କୁ ପ୍ରଥମେ ନିଉତା ଦିଆଯାଇଥିଲା। ଏହାପରେ ନୃସିଂହ ମହାପ୍ରଭୁ ସୁସଜ୍ଜିତ ବିମାନରେ ନନ୍ଦପଡାର ଯଜ୍ଞବରାହ, ବ୍ରହ୍ମପୁରାର ଜଗନ୍ନାଥ, ଶ୍ରୀଶ୍ରୀ ଲୋକନାଥ ବାବା, ଦକ୍ଷିଣେଶ୍ୱର ହନୁମାନ, ଭୈରବୀ, କୋଶଳେଶ୍ୱର ମନ୍ଦିର, ମାରୱାଡିପଡା ରାମ, ମହାଦେବ, ହାଟପଦା ସତ୍ୟବାଦୀ, ଦଲେଇପଡା ମଦନମୋହନ, ଭାଗବତ ମନ୍ଦିର, ଲିଆଖାଇ, ବାଟମଙ୍ଗଳା, ଗୁପ୍ତେଶ୍ୱର, ମ୍ୟୁନିସିପାଲିଟି ଛକ ହନୁମାନ ମନ୍ଦିର, ପୀରବାବା ଛକ ଭୁବନେଶ୍ୱରୀ ମନ୍ଦିର, ବୈଦ୍ୟନାଥ ଛକ ହନୁମାନ ଓ କାଛ ଦୁର୍ଗା, କଂସାରୀପଡା ରାଧାକୃଷ୍ଣ, ମହାନ୍ତିପଡା ଦଧିବାମନ ମନ୍ଦିରରେ ପହଞ୍ଚି ବାଲୁଙ୍କେଶ୍ୱର ବାବା ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବରେ ଯୋଗଦେବାକୁ ଦେବ ନିମନ୍ତ୍ରଣ(ଗୁଆଗୁଣ୍ଡା) ଦେଇଥିଲେ। ଦେବୀଦେବଙ୍କୁ ନାରିକେଳ, ଗୁଆ, ହଳଦୀ, ମିଠାଇ ଏବଂ ନୂଆବସ୍ତ୍ର ଅର୍ପଣ କରି ନିଉତା ଦିଆଯାଇଥିଲା। ବୁଧବାର ସକାଳେ ଇଷ୍ଟଦେବୀ ସମଲେଶ୍ୱରୀ, ପାଟଣେଶ୍ୱରୀ, ବାଲିବନ୍ଧା ସୋମନାଥ ବାବା, ଗୋପାଳଜୀ ମଠ, ଦୁର୍ଗାପାଲି ଗୁଡେଶ୍ୱର ମହାଦେବଙ୍କ ସମେତ ସହରର ସମସ୍ତ ଦେବାଦେବୀଙ୍କୁ ନନ୍ଦପଡା ଶୀତଳଷଷ୍ଠୀ ଯାତ୍ରା କମିଟି କର୍ମକର୍ତ୍ତା ଦେବ ନିମନ୍ତ୍ରଣ କରିବା କାର୍ଯ୍ୟକ୍ରମ ରହିଛି। ଅବିନାଶ ମିଶ୍ର, ଅରୁଣକାନ୍ତି ମିଶ୍ର, ଅନୁଭବ ମିଶ୍ର ନୃସିଂହ ମହାପ୍ରଭୁଙ୍କୁ ସଜାଇଥିଲେ। ରାତି ୭ଟାରୁ ୯ଟା ପର୍ଯ୍ୟନ୍ତ ଠାକୁରଙ୍କୁ ଭକ୍ତମାନେ ସଜାଇଥିଲେ। ପଣ୍ଡିତ ଶଶାଙ୍କ ଶେଖର ମିଶ୍ର ମନ୍ତ୍ର ଉଚ୍ଚାରଣ କରିଥିଲେ। ଯାତ୍ରା କମିଟି କର୍ମକର୍ତ୍ତା ପୂଜାର୍ଚ୍ଚନା ଓ ମହା ଆଳତୀରେ ସାମିଲ ଥିଲେ। ନନ୍ଦପଡା ଯାତ୍ରା କମିଟି ସଂଯୋଜକ ଫଣିଭୂଷଣ ମିଶ୍ର, ଅମୂଲ୍ୟ କୁମାର ମିଶ୍ର, ସଭାପତି ସମୀର ରଞ୍ଜନ ବାବୁ ପ୍ରମୁଖ ଶୋଭାଯାତ୍ରା ପରିଚାଳନା କରିଥିଲେ।



ସମ୍ବଲପୁର ନନ୍ଦପଡାର ନୃସିଂହ ମହାପ୍ରଭୁ ମଙ୍ଗଳବାର ରାତିରେ ଦେବଦେବୀଙ୍କୁ ନିଉତା ଦେବାପାଇଁ ଭକ୍ତଙ୍କ କାନ୍ଧରେ ବାହାରୁଛନ୍ତି।

### ଶୀତଳ ଷଷ୍ଠୀ

## ମା'କୁ ହତ୍ୟା ପରେ ଝିଅକୁ ବଳାତ୍କାର ଘଟଣା

# ମୁଖ୍ୟ ଅଭିଯୁକ୍ତ ଚେନ୍ନାଇରୁ ଗିରଫ

**ଧର୍ମଶାଳା,୪।୬(ଡି.ଏନ୍.ଏ.)**

ଧର୍ମଶାଳା ଥାନା ଦେଉଳି ପାହାଡ ଉପରୁ ମେ ୪ତାରିଖରେ ଜଣେ ମହିଳାଙ୍କ ମୃତଦେହ ସହ ଯୁବତୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ରବିବାର ପୋଲିସ ମୁଖ୍ୟ ଅଭିଯୁକ୍ତ ଦେଉଳି ଗ୍ରାମର ବିଜୟ ବେହେରାଙ୍କୁ(୩୦) ଚେନ୍ନାଇରୁ ଗିରଫ କରିଛି । ମଙ୍ଗଳବାର ତାଙ୍କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଥିବା ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ସରୋଜ କୁମାର ସାହୁ କହିଛନ୍ତି। ଏଥିସହ ବିଜୟ ତାଙ୍କ ସହଯୋଗୀ ବିଚିତ୍ରାନନ୍ଦ ରଣାଙ୍କ ସହ ମିଶି ମହିଳା ଜଣଙ୍କୁ ହତ୍ୟା କରିବା ସହ ଝିଅଙ୍କୁ ବଳାତ୍କାର କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଏହି ଘଟଣାରେ ପୂର୍ବରୁ ପୋଲିସ ସହଯୋଗୀ ବିଚିତ୍ରନନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

ଗତ ବର୍ଷ ନଭେମ୍ବରରେ ବିଜୟ ସମ୍ପୃକ୍ତ ମହିଳାଙ୍କ ଝିଅକୁ ବଳାତ୍କାର କରିଥିବା ନେଇ ଥାନାରେ ଏକ ମାମଲା (୪୪୦/୧୮) ରୁଜୁ ହୋଇଥିଲା। ଏହାପରେ ବିଜୟ ଫେରାର ହୋଇଯାଇଥିଲା। କିନ୍ତୁ ଗତ ମାସ ୨ ତାରିଖ ରାତିରେ ବିଜୟ ତାଙ୍କ ସହଯୋଗୀଙ୍କ ସହ ପୁଣିଥରେ ସେହି ଝିଅଙ୍କୁ ପାହାଡ ଉପରକୁ ଉଠାଇ ନେଇଥିଲେ। ସେଠାରେ ତାଙ୍କୁ ବଳାତ୍କାର ମାମଲା ଉଠାଇବା ପାଇଁ ଧମକ ଦେଇଥିଲେ। ଏହି ସମୟରେ ତାଙ୍କ ମା' ସେଠାରେ ପହଞ୍ଚି ଦୃଢ ବିରୋଧ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ବିଜୟ ତାଙ୍କୁ ହତ୍ୟା କରବା ସହ ଝିଅଙ୍କୁ ବଳାତ୍କାର କରି ଫେରାର ହୋଇଯାଇଥିଲେ। ଅଭିଯୋଗ ପରେ ପୋଲିସ ଏକ ମାମଲା (୨୧୬/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ।

# ବଦଳିପାରନ୍ତି ଛାତ୍ର, ଯୁବ ବିଜେଡି ସଭାପତି

**ଭୁବନେଶ୍ୱର,୪।୬(ବ୍ୟୁରୋ)**

ରାଜ୍ୟରେ ବିଜେଡି ଲଗାତର ପଞ୍ଚମଥର ପାଇଁ ସରକାର ଗଠନ କରିଛି। ନୂଆ ମନ୍ତ୍ରିମଣ୍ଡଳ ଶପଥ ନେଇ ସାରିଛନ୍ତି। ବିଧାନସଭା ଆସନ ସଂଖ୍ୟା ପୂର୍ବାପେକ୍ଷା କମିଥିଲେ ବି ମନ୍ଦ ଫଳ ଦେଇନାହିଁ। ହେଲେ ଲୋକ ସଭା ଫଳ ବିଜେଡି ଚିନ୍ତାର କାରଣ ହୋଇଛି। ୯ଟି ଲୋକ ସଭା ଏବଂ ନିଶ୍ଚିତ ଥିବା ପାଖାପାଖି ଡଜନେ ବିଧାନସଭା ସିଟ୍ ହରାଇବା ବିଜେଡି ନେତୃତ୍ୱକୁ ଚିନ୍ତାରେ ପକାଇଛି। ନିକଟ ଭବିଷ୍ୟତରେ ଦଳ ସାଙ୍ଗଠନିକ ସ୍ତରରେ ବଡଧରଣର ଅଦଳବଦଳ କରିବାକୁ ଯାଉଥିବା ଜଣାପଡିଛି। ଛାତ୍ର, ଯୁବ ସହ ଜିଲାୱାରୀ ପର୍ଯ୍ୟବେକ୍ଷକ ବଦଳିବା ନିଶ୍ଚିତ ବୋଲି ଦଳର ଜଣେ ସାଧାରଣ ସମ୍ପାଦକ କହିଛନ୍ତି।

### ସାଙ୍ଗଠନିକ ପରିବର୍ତ୍ତନର ଆଭାସ

ଛାତ୍ର ବିଜେଡି ସଭାପତି, ଯୁବ ବିଜେଡି ସଭାପତିଙ୍କୁ ପ୍ରଥମ ଦଫାରେ ପରିବର୍ତ୍ତନ ନେଇ ଦାବି ଉଠିଲାଣି। ଏମିତିକି ଏହି ପଦବୀ ପାଇଁ ନିଜକୁ ଆଶାୟୀ ବୋଲି ମନେ କରୁଥିବା ଅନେକ ଯୁବତୀଯୁବକ ନିଜସ୍ତରରେ ଲବି ଆରମ୍ଭ କରିଛନ୍ତି। ପୂର୍ବଭଳି କୌଣସି ସାଙ୍ଗଠନିକ ନ କରାଯାଇ ସିଧାସଳଖ ନିଯୁକ୍ତି ଦିଆଯିବ। ଗତଥର ପ୍ରଭାବଶାଳୀ ଗୋଷ୍ଠୀର ସୁପାରିସ୍‌ରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଛାତ୍ର ଓ ଯୁବ ବିଜେଡି ସଭାପତିଙ୍କୁ ନିଯୁକ୍ତି ଦେଇଥିଲେ। ହେଲେ ଉଭୟ ପ୍ରଦର୍ଶନ ଆଖିଦୃଶିଆ ହୋଇ ନ ଥିବା ଦଳର ଶୀର୍ଷ ନେତୃତ୍ୱ ଅନୁଭବ କରିଛି। ଅପରପକ୍ଷରେ ଛାତ୍ର, ଯୁବ ନେତୃତ୍ୱକୁ ଦାୟିତ୍ୱ ଦିଆଯାଇଥିଲେ ବି ସେମାନଙ୍କୁ କାମ କରିବାର ସ୍ୱାଧୀନତା ମିଳି ନ ଥିବା ଅଭିଯୋଗ ମଧ୍ୟ ହୋଇଥିଲା। ତେଣୁ ନୂଆ ଛାତ୍ର ଓ ଯୁବ ବିଜେଡି ସଭାପତି ଚୟନରେ କେଉଁ ମାପଦଣ୍ଡକୁ ଗୁରୁତ୍ୱ ଦିଆଯିବ, ତାହା ଉପରେ ସମୀକ୍ଷକମାନଙ୍କ ନଜର ରହିବ।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କିଲା ରହିବ।

**ସ୍ଥାନୀୟ ଅଞ୍ଚଳ–**ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୭.୨ | ୨୫.୬ |
| ଚାନ୍ଦବାଲି | ୩୮.୦ | ୨୭.୬ |
| କଟକ | ୩୬.୪ | ୨୪.୨ |
| ପାରାଦ୍ୱୀପ | ୩୨.୪ | ୨୮.୧ |
| ଭୁବନେଶ୍ୱର | ୩୭.୪ | ୨୫.୮ |
| ଗୋପାଳପୁର | ୩୨.୬ | ୨୫.୧ |
| ପୁରୀ | ୩୪.୦ | ୨୮.୦ |
| ଅନୁଗୋଳ | ୩୯.୭ | ୨୧.୬ |
| ବାରିପଦା | --- | ୨୨.୬ |
| ଝାରସୁଗୁଡ଼ା | ୪୦.୦ | ୨୬.୦ |
| କେନ୍ଦୁଝର | ୩୬.୨ | ୨୪.୦ |
| ସମ୍ବଲପୁର | ୪୦.୧ | ୨୫.୫ |
| ସୁନ୍ଦରଗଡ଼ | ୪୦.୦ | ୨୧.୦ |
| ହୀରାକୁଦ | ୩୯.୭ | ୨୫.୩ |
| ତାଳଚେର | ୩୯.୦ | ୨୬.୭ |
| ଭବାନୀପାଟଣା | ୩୮.୦ | ୨୩.୮ |
| ବଲାଙ୍ଗୀର | ୩୮.୪ | ୨୪.୫ |
| କୋରାପୁଟ | ୩୨.୨ | ୧୯.୦ |
| ଫୁଲବାଣୀ | ୩୮.୨ | ୨୦.୦ |
| ଟିଟିଲାଗଡ଼ | ୩୯.୪ | --- |
| ମାଲକାନଗିରି | ୩୮.୫ | ୨୦.୦ |
| ସୋନପୁର | ୩୯.୨ | ୨୦.୦ |
| ଦାରିଙ୍ଗିବାଡ଼ି | ୩୩.୦ | ୧୯.୦ |

ଡିଗ୍ରୀ ସେଲ୍‌ସିୟସ୍


ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**ଡ୍ରାଇଭର ଆବଶ୍ୟକ**
ଭୁବନେଶ୍ୱରରେ ଘରୋଇ କାର ଚଳାଇବା ପାଇଁ ଡ୍ରାଇଭର ଆବଶ୍ୟକ। Permanent Licence ଥିବା ଦରକାର।
Cont: 9337731351, 7077061630

**URGENT REQUIRED**
Sales Executive having Sales experience in Agarbatti / Engine oil.
Contact No.
9861357758, 9938854494

**OMI କମ୍ପାନୀରେ ମ୍ୟାନେଜର, ଅଫିସ ଷ୍ଟାଫ ପୋଷ୍ଟ ପାଇଁ ୩୯ ପୁଅ / ଝିଅ ଆବଶ୍ୟକତା**
ଦରମା 10000/- ରୁ 15000/-
ସାମନ୍ତରାପୁର, ଭୁବନେଶ୍ୱର
799284861, 9078415615

**REQUIRED**
Required Experienced MANAGER (Production) B.Sc., MANAGER (Liaison) BA or B.Com. for a Chemical Industry at Bhubaneswar.
Contact:
9437468880

**OFFICE STAFF ଆବଶ୍ୟକ**
Bhubaneswar ଅଫିସ୍‌ରେ କାମ କରିବା ପାଇଁ 10th/ above ଯୁବକଯୁବତୀ ଆବଶ୍ୟକ। ବୟସ: (18-30) yrs. ରହିବାର ସୁବିଧା ଦିଆଯିବ। Monthly Salary upto Rs. 24000/-.
Contact: 9938414918

**ITPS ACADEMY, BBSR requires**
• Marketing Executive (Fresher Male), • Tele Caller, • Back Office Executive (Male/Female), • DTP cum Computer Operator (Male), • Office Boy (Male).
Walk in or send Biodata to:
Email: utilityservices60@gmail.com
Call: 8984063445, 8984063447

**URGENTLY REQUIRED**
• PRINCIPAL (Female): B.Ed. with 5 to 7 years Experience, Salary: 15,000 to 25,000.
• TEACHER (Math & Science) Female: B.Ed. with 3 years Exp., Salary: 7,000 to 15,000.
• TEACHER (English) Female: B.Ed with 3 years Exp., Salary: 7,000 to 15,000.
• TEACHER (Kindergarten) Female: NTT/ B.Ed. with 3 years Exp., Salary: 5,000 to 15,000.
LUCKY PUBLIC SCHOOL
Charichhak, Nimapara, Puri
7894447001/ 7894447111/ 06758-237776
luckypublicschool2015@gmail.com

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

**WANTED**
Experienced Drivers for 4-wheelers, Lathe & Milling Machine Operators, Welders, Gas-cutters, Fitters, Erector Gangs for erection of all types of mechanical irrigation shutters for enlistment.
Contact: 9937513322

ଚେନ୍ନାଇରେ ଚାକିରି। ହିନ୍ଦୀ କହିପାରୁଥିବେ। କେବଳ ଅଭିଜ୍ଞ ପ୍ରାର୍ଥୀ। ଚାକର। ଘର ସଫେଇବାଲା। ଅଫିସ୍ ଆସିଷ୍ଟାଣ୍ଟ । ଜୁନିୟର କୁକ୍। ହେଲ୍‌ପର/ପିଅନ । ଭଲ ଦରମା।
ଯୋଗାଯୋଗ:
ଅଗରୱାଲ, ଏଫ୍‌ଏଫ୍‌ଏଫ୍ ଲିଃ:
9884761210

**WANTED**
LADY OFFICE ASSISTANT
Cuttack. Free Accommodation with 7500/-.
Contact:
8249851363

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., Monthly Salary pto Rs.25000/-.
Contact Immediately
Mob: 8763257042

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Mob: 9938676412

**URGENTLY REQUIRED**
● Counsellor/Telecaller
Salary: Rs. 6000/- to 12000/-P.M
● Smart Lady Receptionist
Salary: Rs. 8000/- to 10000/-P.M
● OFFICE ASSISTANCE
● DTP ● House Keeping
● Hostel Warden (For an Institute)
BHUBANESWAR / BALANGIR
7735387851/ 9438256276

**Jr. Clerk cum Computer Asst.** For NGO at Bhubaneswar. Full Time, Salary Negotiable, Accommodation Free.
Contact:
9437976979, 9437392145

**ସତ୍ୟ ମାଇକ୍ରୋ କ୍ୟାପିଟାଲ ଲିମିଟେଡ**
(ଆର.ବି.ଆଇ. ରେଜିଷ୍ଟରଡ ନ.ବି.ଫ.ସି - ମ.ଫ.ଆଇ)
ସୁବର୍ଣ୍ଣ ନିଯୁକ୍ତି ସୁଯୋଗ - ବ୍ୟାଙ୍କିଙ୍ଗ / ଫାଇନାନ୍ସ କ୍ଷେତ୍ରରେ କ୍ୟାରିୟର ବନେଇବା ପାଇଁ ସୁବର୍ଣ୍ଣ ସୁଯୋଗ
ଇଡିଓ (ଫିଲଡ ଅଫିସର) - 100 ପଦବୀ
ଯୋଗ୍ୟତା: +2/ଗ୍ରାଜୁଏଟ, ଅନୁଭବ: 0ରୁ 1ବର୍ଷ ଅନୁଭବ (ଭଲ କୁଶଳ ବକ୍ତା)
ଦରମା - 10,000 - 15,000 ପ୍ରତି ମାସ (ବୟସ : 18-30 ବର୍ଷ)
ସୁବିଧା - ରହିବା ପାଇଁ ରୁମ, ପ୍ରୋଭିଡେଣ୍ଟ ଫଣ୍ଡ, ଗ୍ରାଚୁଇଟି, ବୋନସ, ଭତ୍ତା, ଇନ୍‌ସୁରାନ୍ସ
ଇଣ୍ଟରଭିୟୁ ତାରିଖ - ୮ ଏବଂ ୯ ଜୁନ ୨୦୧୯ । ସକାଳ- ୧୦.୦୦ ରୁ ସନ୍ଧ୍ୟା ୪.୦୦ ଯାଏଁ
ସ୍ଥାନ- ହୋଟେଲ ପାର୍କ ରିସୋର୍ଟସ
ପ୍ଲଟ୍ ନଂ. ୨୨୭୧, ଅପୋଜିଟ୍ ଅଫ୍ ସିଣ୍ଡିକେଟ୍ ବ୍ୟାଙ୍କ, କଟକରୋଡ୍, ଭୁବନେଶ୍ୱର-୭୫୧୦୦୬
ଯୋଗାଯୋଗ- 8448092877 / 9937046818 / 7978799274
ଏହି ଚାକିରି ପାଇଁ ବାଇକ୍ ଆବଶ୍ୟକ ।

**URGENT REQUIRED**
▶ Personal Assistant : 10 plus year Experience in a NGO or Marketing; MBA, MA or Law Degree. Must be good at letter writing.
▶ Women Welfare Aassistance : Min 7 years Experience in NGO or Social service; Graduate Degree
▶ Social Media Assistant : Min 3 years Experience in Facebook and Twitter or worked in public relations. Must be good at video and photo editing. Graduate in journalism and good writing
Contact No.- 9438072829, 9861901749
Send me Bio data at :- cdheart@gmail.com

भारतीय प्रौद्योगिकी संस्थान भुवनेश्वर
INDIAN INSTITUTE OF TECHNOLOGY BHUBANESWAR
Argul, Khordha - 752050
ADVERTISEMENT No. Rectt.-OS/ 01/ Non – Teaching / 2019
**Walk-in Interview/Skill Test**
IIT Bhubaneswar invites the interested candidates for walk-in-interview/Skill Test on -07.06.2019 at 9:00 AM for the following positions to be engaged on outsourced basis.
1. Junior Engineer (Civil) – 3 Nos
2. Supervisor (Electrical) – 1 No.
3. Technician (Mech.) – 2 Nos
4. Helper – 2 Nos
Candidates should bring their original certificates along with their Bio-data and photocopies of testimonials. They are requested to report at SIF Building, IIT Bhubaneswar, Argul Campus, Jatni, Khordha – 752 050.
For details, please visit Institute's website at http://www.iitbbs.ac.in.
Sd/-
REGISTRAR

**WANTED**
SALESMAN & PEON BOY
for Electronics Showroom in Bhubaneswar
Contact No:-
9861122226, 9090555447

**URGENT REQUIRED**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ Candidate ଆବଶ୍ୟକ। ଦରମା: 27,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

**PLANT JOB**
JAJPUR, PARADEEP, ANGUL ଓ KHURDHAରେ ଥିବା Steel ଓ Power-plantପାଇଁ ITI Candidate ଆବଶ୍ୟକ ।
Fresher or Experienced
Qual : ITI (Fitter/Electrician/Welder)
Sal : Rs.13000/- (ରହିବା ଖାଇବା ସହ)
Ph : 9439246122

**REQUIRED**
A reputed business house requires
❙ Private Car Driver (One) with DL(3W/4W)
❙ TATA Ace Driver (Two) with DL(Transport)
Please Contact:
9938303321

**ଜିଲ୍ଲା ସ୍ତରୀୟ ନିଯୁକ୍ତି**
ନିଜ ନିଜ ଜିଲ୍ଲାରେଥିବା Govt. ଓ Non-Govt. ଅଫିସରେ COMPUTER OPERATOR, DATA ENTRY OPERATOR ଓ CLERK ଆବଶ୍ୟକ
Qual.- 10th, +2, +3 with Computer
Salary : Rs. 8,000 To Rs.16,000
M : 8895725158, 6370827728

**REQUIRED**
"SANJOG" an NGO in Bolangir district requires following personnel for its tribal Livelihood Project.
• Horticulturist (One)- Must be a Diploma/Degree holder in horticulture with 1 year field experience.
• Project Manager (One)- Post Graduate with adequate work experience.
• Accountant (Part Time)- Graduate in Commerce with experience in Tally etc. Salary negotiable.
Send CV to snj_kbj@rediffmail.com or Sanjog, Kantabanji, Dist.- Bolangir-767039

OrissaPOST English daily
**WANTED**
SENIOR SUB-EDITORS:-
• Applicants must have atleast 5 years of editorial experience and proficiency in QuarkXPress. Responsibilities will include copy editing and rewriting articles, fact-checking and writing engaging headlines.
SENIOR REPORTERS:-
• Minimum 5 years of reporting experience in English media.
TRANSLATORS:-
• Well Versed in English and Oriya (Full Time).
Apply within 7 days to :
recruitment@orissapost.com
Pay & perks will be the best in the industry for deserving candidates.

ଧରିତ୍ରୀ DHARITRI
**ଆବଶ୍ୟକ କରୁଛି**
**ସହସମ୍ପାଦକ**
• ପ୍ରାର୍ଥୀଙ୍କର ଡେସ୍କ କାର୍ଯ୍ୟରେ ଅନ୍ୟୂନ ୩ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ।
• ସାମ୍ବାଦିକତାରେ ଡିଗ୍ରୀ ରହିଥିବା ଆବଶ୍ୟକ।
• ଖବରକୁ ବୁଝିବା, ଅନୁବାଦ, ସମ୍ପାଦନା ଏବଂ ଆକର୍ଷଣୀୟ ଶିରୋନାମା ଦେବାରେ ପ୍ରାର୍ଥୀଙ୍କର ବିଶେଷଜ୍ଞତା ରହିବା ଆବଶ୍ୟକ।
• ଖବରଗୁଡ଼ିକୁ ୱେବ୍‌ସାଇଟ୍ ଏବଂ ସୋସିଆଲ ମିଡ଼ିଆରେ ଅପ୍‌ଲୋଡ୍ କରିବାରେ ଅଭିଜ୍ଞ ପ୍ରାର୍ଥୀମାନଙ୍କୁ ପ୍ରାଧାନ୍ୟ ଦିଆଯିବ।
**ଖବରଦାତା**
• ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ରହିବା ଆବଶ୍ୟକ।
• ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବା ଆବଶ୍ୟକ।
ଆବେଦନ କରନ୍ତୁ:-
recruitment@dharitri.com
ଅଭିଜ୍ଞତା ଆଧାରରେ ପାରିଶ୍ରମିକ ଦିଆଯିବ ।

| Dollar | Sensex | Nifty | Gold | Silver |
|---|---|---|---|---|
| 69.26 (0) | 40,083.54 (▼184.08) | 12,021.65 (▼66.90) | 33,370.00 (▲₹175) | 37,750.00 (▲₹250) |

"ସୂର୍ଯ୍ୟୋଦୟ ସ୍ମଲ ଫାଇନାନ୍ସ ବ୍ୟାଙ୍କ ସହ ମିଶି ଅଶୋକ ଲେଲାଣ୍ଡ ଆଗ୍ରହୀ ଗାଡ଼ି କ୍ରେତାଙ୍କୁ ସହଜରେ ଋଣ ଉପଲବ୍ଧ କରିବ। ଏହାଦ୍ୱାରା କମ୍ପାନୀର ଅଭିବୃଦ୍ଧି ବଢ଼ିବ ବୋଲି ଆଶା।"
– ଗୋପାଳ ମହାଦେବନ, ସିଏଫ୍‌ଓ, ଅଶୋକ ଲେଲାଣ୍ଡ



"ଟାଟା ସ୍କାଏର ଗ୍ରାହକଙ୍କୁ ଭିଡ଼ିଓ ଷ୍ଟ୍ରିମିଂ ପାଇଁ କମ୍ପାନୀ ଆମାଜନ ସହ ଚୁକ୍ତିବଦ୍ଧ ହୋଇଛି। ଏହାଦ୍ୱାରା ଲକ୍ଷ ଲକ୍ଷ ଗ୍ରାହକଙ୍କୁ ଏଣ୍ଟରଟେନ୍‌ମେଣ୍ଟର ଏକ ନୂଆ ଆନନ୍ଦ ଅନୁଭବ ହେବ।"
–ପଲ୍ଲଭି ପୁରୀ, ଚିଫ୍ କମର୍ସିଆଲ ଅଫିସର, ଟାଟା ସ୍କାଏ



## ସଂକ୍ଷେପରେ

### ରାଷ୍ଟ୍ରାୟତ୍ତ ବ୍ୟାଙ୍କଙ୍କୁ ମିଳିବ ୪୦ହଜାର କୋଟି

ନୂଆଦିଲ୍ଲୀ,୪-୬: କେନ୍ଦ୍ର ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୪୦ ହଜାର କୋଟି ଟଙ୍କା ପୁନଃ ପୁଞ୍ଜିକରଣ ବାବଦରେ ଦେବ। ଋଣ ବିତରଣକୁ ଅଧିକ ସୁଦୃଢ଼ କରିବା ଲାଗି ସରକାର ଏହି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ଜୁଲାଇ ୫ରେ ଉପସ୍ଥାପିତ ହେବାକୁ ଥିବା ପୂର୍ଣ୍ଣାଙ୍ଗ ବଜେଟରେ ଏ ସମ୍ପର୍କରେ ଘୋଷଣା କରାଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଋଣ ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦେବା ଲାଗି ସରକାର ଏଭଳି ଏକ ଯୋଜନା ସମ୍ପର୍କରେ ବିଚାର କରୁଛନ୍ତି। ସେ କହିଛନ୍ତି ଯେ, ଏହି ପୁଞ୍ଜି ଯୋଗୁ ଋଣ ପ୍ରଦାନ ସହଜ ହେବ ଏବଂ କେତେକ ଦୁର୍ବଳ ବ୍ୟାଙ୍କ ନିୟାମକୀୟ ନିୟମ ପାଳନ କରିପାରିବେ। ପ୍ରାୟ ୫ ବ୍ୟାଙ୍କ ଅଦ୍ୟାବଧି ପ୍ରମ୍ପଟ କରେକ୍ଟିଭ ଆକ୍ସନ(ପିସିଏ) ଅଧୀନରେ ରହିଛି। ସରକାର ଗତ ଆର୍ଥିକ ବର୍ଷରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ରେକର୍ଡ ୧.୬ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଥିଲେ।

### ଜେଟ୍ ବନ୍ଦ ହେବା ଲାଗି ସରକାର ଦାୟୀ : ସ୍ପାଇସ୍‌ଜେଟ ଅଧ୍ୟକ୍ଷ




ନୂଆଦିଲ୍ଲୀ,୪-୬: ଘରୋଇ ଏୟାରଲାଇନ୍ସ କମ୍ପାନୀ ଜେଟ୍ ଏୟାରୱେଜ୍ ଅଚାନକ ବନ୍ଦ ହୋଇଯିବାକୁ ନେଇ ସ୍ପାଇସ୍‌ଜେଟ୍ ଅଧ୍ୟକ୍ଷ ଅଜୟ ସିଂ ମୁହଁ ଖୋଲିଛନ୍ତି। ଜେଟ୍ ବନ୍ଦ ହୋଇଯିବା ସମସ୍ତଙ୍କ ପାଇଁ ନିଦରୁ ଜାଗି ଉଠିବାର ବେଳ ବୋଲି ସେ ଉଲ୍ଲେଖ କରିଛନ୍ତି। ଏଥିପାଇଁ କେନ୍ଦ୍ର ସରକାର ଓ ସମ୍ପୃକ୍ତ ମନ୍ତ୍ରଣାଳୟ ଦାୟୀ ବୋଲି ସେ କହିଛନ୍ତି। ତାଙ୍କର କହିବାନୁଯାୟୀ, ଭାରତରେ ବିମାନ କମ୍ପାନୀ ଚଳାଇବା ମହଙ୍ଗା, କାରଣ ଏଠାରେ ଅତ୍ୟଧିକ ବ୍ୟୟ କରିବାକୁ ପଡ଼ୁଛି। ସୂଚନାଯୋଗ୍ୟ ଯେ, ନଗଦ ସଙ୍କଟ କାରଣରୁ ଏପ୍ରିଲରେ ଜେଟ୍ ଏୟାରୱେଜ୍ ସାମୟିକ ବନ୍ଦ ହୋଇଯାଇଛି। ଏହା ୩୦ ବିମାନକୁ ଲିଜ୍‌ରେ ନେବାକୁ ସ୍ପାଇସ୍‌ଜେଟ୍ ବିଚାର କରୁଛି। ଜେଟ୍ ଏୟାରୱେଜ୍‌ର ଉଡ଼ାଣ ବନ୍ଦ ହୋଇଯିବାକୁ ଦୁର୍ଭାଗ୍ୟପୂର୍ଣ୍ଣ ଉଲ୍ଲେଖ କରି ସିଂ କହିଛନ୍ତି ଯେ, ଆଭ୍ୟନ୍ତରୀଣ କାରଣ ଓ ଉଚ୍ଚ ବ୍ୟୟ ଯୋଗୁ କମ୍ପାନୀ ଅଦିନରେ ବନ୍ଦ ହୋଇଗଲା। ଏଥିଯୋଗୁ ଆମ ସମସ୍ତଙ୍କୁ ଏବଂ ନୀତି ନିର୍ଦ୍ଧାରକଙ୍କୁ ଜାଗି ଉଠିବାର ବେଳ ଆସିଛି। ସେ କହିଛନ୍ତି ଯେ, ବିମାନ କ୍ଷେତ୍ରରେ ନିବେଶ ଅତ୍ୟନ୍ତ ବ୍ୟୟସାପେକ୍ଷ ହେଲାଣି। ସିଂ କହିଛନ୍ତି ଯେ, ଜେଟ୍‌ର ଲଗାଣ ଢାଞ୍ଚା ବ୍ୟୟ ଅତ୍ୟଧିକ ହେବା କାରଣରୁ ଏହା ଅନ୍ୟ ବିମାନ କମ୍ପାନୀଙ୍କ ସହ ପ୍ରତିଯୋଗିତା କରିପାରିଲା ନାହିଁ ବୋଲି ମନେ କରାଯାଇପାରେ।

■ ଆଇଏଲ୍‌ଆଣ୍ଡଏଫ୍‌ଏସ୍ ମାମଲା

### ଅଡିଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ୍

ନୂଆଦିଲ୍ଲୀ,୪-୬: କର୍ପୋରେଟ ବ୍ୟାପାର ଯାଞ୍ଚ କରୁଥିବା ସିରିୟସ୍ ଫ୍ରଡ୍ ଇନ୍‌ଭେଷ୍ଟିଗେଶନ ଅଫିସ୍(ଏସ୍‌ଏଫ୍‌ଆଇଓ) ଆଇଏଲ୍‌ଆଣ୍ଡଏଫ୍‌ଏସ୍ ମାମଲାରେ ଜାଲିଆତିରେ ସାମିଲ ଥିବା ଅଡିଟରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସୁପାରିସ କରିଛି। ଏଥିସହ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଦ୍ୱାରା ତ୍ରୁଟି ଧରିବାରେ ବିଳମ୍ବର କାରଣ ଖୋଜିବା ପାଇଁ ଆଭ୍ୟନ୍ତରୀଣ ଯାଞ୍ଚ ଲାଗି କୁହାଯାଇଛି। ନିଜର ପ୍ରଥମ ଚାର୍ଜଶିଟ୍‌ରେ ଏସ୍‌ଏଫ୍‌ଆଇଓ ଦର୍ଶାଇଥିଲା ଯେ, ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଫାଇନାନ୍ସିଆଲ ସର୍ଭିସେସ୍‌ର ଟପ୍ ମ୍ୟାନେଜମେଣ୍ଟ, ଅଡିଟର ଓ ସ୍ୱାଧୀନ ନିର୍ଦ୍ଦେଶକମାନେ ମିଳିମିଶି କମ୍ପାନୀକୁ ଦେବାଳିଆ କରିଦେଇଥିଲେ।

### ଆସିବ କମ୍ପାନୀ ସଂଶୋଧନ ବିଲ୍

ନୂଆଦିଲ୍ଲୀ,୪-୬: ଆସନ୍ତା ୧୭ରୁ ସଂସଦର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। କେନ୍ଦ୍ର ସରକାର ଏହି ଅଧିବେଶନରେ କମ୍ପାନୀ ସଂଶୋଧନ ବିଲ୍ ଆଣିବେ। କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ମଙ୍ଗଳବାର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଚଳିତ ବର୍ଷ ଫେବୃୟାରୀରେ ଏ ସଂକ୍ରାନ୍ତରେ ଏକ ଅର୍ଡିନାନ୍ସ ଜାରି କରାଯାଇଥିଲା।

■ ବଜେଟ ପ୍ରସ୍ତୁତି କାମ ଆରମ୍ଭ

# ୧୦ରୁ ଅର୍ଥମନ୍ତ୍ରଣାଳୟରେ ବାହ୍ୟ ପ୍ରବେଶ ବନ୍ଦ

ନୂଆଦିଲ୍ଲୀ,୪-୬




ମୋଦି ସରକାରଙ୍କ ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ ଜୁଲାଇ ୫ରେ ଉପସ୍ଥାପିତ ହେବାକୁ ଯାଉଛି। ଏଭଳି ସ୍ଥିତିରେ ବଜେଟ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସୋମବାରଠାରୁ ଅର୍ଥ ମନ୍ତ୍ରଣାଳୟରେ 'କ୍ୱାରାଣ୍ଟାଇନ'ଲାଗୁ ହୋଇଯିବ। ଅର୍ଥାତ୍ ଅର୍ଥ ମନ୍ତ୍ରଣାଳୟ ମଧ୍ୟକୁ ବାହ୍ୟ ବ୍ୟକ୍ତିଙ୍କ ପ୍ରବେଶ ଉପରେ ଲାଗିବ କଟକଣା। ଏହା ଜୁଲାଇ ୫ ପର୍ଯ୍ୟନ୍ତ ଜାରି ରହିବ। ଏହି ଅବଧିରେ ଅର୍ଥ ମନ୍ତ୍ରଣାଳୟର ଅଧିକାରୀ ଓ କର୍ମଚାରୀଙ୍କ ସହ ବାହ୍ୟ ସମ୍ପର୍କ ସମ୍ପୂର୍ଣ୍ଣ ଛିନ୍ନ ହୋଇଯିବ।

ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ଜୁନ ୧୦ରୁ ଅର୍ଥ ମନ୍ତ୍ରଣାଳୟ ମଧ୍ୟକୁ ମିଡିଆ ଏବଂ ଅନ୍ୟ ବାହ୍ୟ ଲୋକଙ୍କ ପ୍ରବେଶକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯିବ। ଏଥିସହିତ ନର୍ଥ ବ୍ଲକ୍‌ର ଅଧିକାରୀ,କର୍ମଚାରୀ ବ୍ୟକ୍ତିଗତ ଇ-ମେଲ୍,ଫୋନ ଆଦି ବ୍ୟବହାର କରିପାରିବେ ନାହିଁ। ସେହିପରି ଅର୍ଥ ମନ୍ତ୍ରଣାଳୟର ପ୍ରବେଶ ଓ ପ୍ରସ୍ଥାନ ଦ୍ୱାରକୁ ସିଆଇଏସ୍‌ଏଫ୍, ଦିଲ୍ଲୀ ପୋଲିସ ଏବଂ ଗୋଇନ୍ଦା ବାହିନୀ ଜଗିବେ। ବଜେଟ ପ୍ରସ୍ତୁତିରେ ନିୟୋଜିତ ଅଧିକାରୀ,କର୍ମଚାରୀଙ୍କୁ ଭେଟୁଥିବା ବ୍ୟକ୍ତିବିଶେଷଙ୍କ ଉପରେ ସେମାନଙ୍କ ନଜର ରହିବ।

#### ୧୦ ଦିନ ପୂର୍ବରୁ ହୁଏ ହାଲୁଆ ସେରିମନି

ବଜେଟ ଉପସ୍ଥାପନ ହେବାର ୧୦ ଦିନ ପୂର୍ବରୁ ଅର୍ଥ ମନ୍ତ୍ରଣାଳୟର ବେସ୍‌ମେଣ୍ଟରେ ଥିବା ପ୍ରିଣ୍ଟିଂ ପ୍ରେସ୍‌ରେ ବଜେଟ ପୁସ୍ତିକା ଛାପା କାର୍ଯ୍ୟ ଆରମ୍ଭ ହୋଇଥାଏ। ଛପା ଆରମ୍ଭ ହେବା ପୂର୍ବରୁ ଅର୍ଥ ମନ୍ତ୍ରଣାଳୟରେ ହାଲୁଆ ସେରିମନି ପାଳନ କରାଯାଇଥାଏ। ଏଥିରେ ଅର୍ଥ ମନ୍ତ୍ରୀ ପ୍ରଥମେ ହାଲୁଆ ଗ୍ରହଣ କରିଥାନ୍ତି। ସୂଚନାଥାଉ କି, ବଜେଟ ପୁସ୍ତିକା ଛାପିବା କାର୍ଯ୍ୟ ସମ୍ପୂର୍ଣ୍ଣ ଗୋପନୀୟ ହୋଇଥାଏ। ଏଥିସହିତ ଜଡ଼ିତ ଜଟିଳ ପ୍ରକ୍ରିୟାକୁ ହାଲ୍‌କା କରିବା ଲାଗି ଏହି ସେରିମନିର ଆୟୋଜନ କରାଯାଇଥାଏ। ବଜେଟ ଛାପା ସହିତ ଜଡ଼ିତ ୧୦୦ ଅଧିକାରୀ ଓ କର୍ମଚାରୀ ୧୦ ଦିନ ପର୍ଯ୍ୟନ୍ତ ସାରା ଦୁନିଆରୁ ବିଚ୍ଛିନ୍ନ ହୋଇଯାଆନ୍ତି। ଏପରିକି ସେମାନଙ୍କୁ ଘରକୁ ଯିବାର ଅନୁମତି ଦିଆଯାଏନାହିଁ।

#### ଡାକ୍ତରୀ ଦଳ ଉପସ୍ଥିତ ରୁହନ୍ତି

ଅର୍ଥ ମନ୍ତ୍ରଣାଳୟରେ ୧୦ ଦିନ ଲାଗି ଏକ ଡାକ୍ତରୀ ଦଳ ଦିନ ରାତି ଉପସ୍ଥିତ ରୁହନ୍ତି। ଯେକୌଣସି କର୍ମଚାରୀ ଅସୁସ୍ଥ ହେବା କ୍ଷେତ୍ରରେ ସେମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେବା ଏହାର ଉଦ୍ଦେଶ୍ୟ। ଅସୁସ୍ଥ କର୍ମଚାରୀ ଏହି ୧୦ ଦିନ ଭିତରେ ହସ୍ପିଟାଲକୁ ଚିକିତ୍ସା ପାଇଁ ଯାଇପାରିବେ ନାହିଁ।

#### ଇଣ୍ଟରନେଟ୍ ସଂଯୋଗ କାଟି ଦିଆଯାଏ

ସୁରକ୍ଷା ଦୃଷ୍ଟିକୋଣରୁ ଯେଉଁ କମ୍ପ୍ୟୁଟରଗୁଡ଼ିକରେ ବଜେଟ ଡକ୍ୟୁମେଣ୍ଟ ରହିଥାଏ, ସେଗୁଡ଼ିକର ଇଣ୍ଟରନେଟ୍ ଓ ଏନ୍‌ଆଇସିର ସର୍ଭରକୁ ଡିଲିଙ୍କ କରିଦିଆଯାଏ। ଫଳରେ କୌଣସି ପ୍ରକାର ହ୍ୟାକିଂର ଭୟ ନ ଥାଏ। ଏହି କମ୍ପ୍ୟୁଟରଗୁଡ଼ିକୁ କେବଳ ପ୍ରିଣ୍ଟିଂ ମେଶିନ ସହ ସଂଯୋଗ ରହିଥାଏ। ପ୍ରିଣ୍ଟିଂ ପ୍ରେସ୍ ନିକଟରେ କେବଳ ବଛା ବଛା କେତେଜଣ ଅଧିକାରୀ ହିଁ ଯାଇପାରନ୍ତି।

#### ବଜେଟ ଟିମ୍‌ର ସଦସ୍ୟ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ ଛାଡ଼ିଦେଲେ ବଜେଟ ଟିମ୍‌ରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ସିଂ ଠାକୁର, ମୁଖ୍ୟ ଆର୍ଥିକ ପରାମର୍ଶଦାତା କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟନ, ଅର୍ଥ ସଚିବ ସୁଭାଷ ଚନ୍ଦ୍ର ଗର୍ଗ, ବ୍ୟୟ ସଚିବ ଗିରୀଶ ଚନ୍ଦ୍ର ମୁର୍ମୁ, ରାଜସ୍ୱ ସଚିବ ଅଜୟ ଭୂଷଣ ପାଣ୍ଡେ, ଦୀପିମ ସଚିବ ଅତନୁ ଚକ୍ରବର୍ତ୍ତୀ ଏବଂ ଆର୍ଥିକ ସେବା ସଚିବ ରାଜୀବ କୁମାର ରହିଛନ୍ତି।

## ଅଡିଜୋନ ସିମେନ୍ସର ନୂଆ ସ୍ପିଚ୍ ଆଣ୍ଡ ହିଅରିଂ କ୍ଲିନିକ




ଭୁବନେଶ୍ୱର,୪-୬(ବ୍ୟୁରୋ)

ଅଡିଜୋନ ସ୍ପିଚ୍ ଆଣ୍ଡ ହିଅରିଂର ନୂଆ କ୍ଲିନିକ ସ୍ଥାନୀୟ ଜୟଦେବ ବିହାର ଛକଠାରେ ମଙ୍ଗଳବାର ଖୋଲିଛି। କହିବା ଏବଂ ଶୁଣିବାରେ ଅସୁବିଧା ସାମ୍ନା କରୁଥିବା ଲୋକଙ୍କ ଲାଗି ଏଠାରେ ଚିକିତ୍ସା ସୁବିଧା ଉପଲବ୍ଧ ହେବ। ବିଶେଷକରି ଶିଶୁଙ୍କ କ୍ଷେତ୍ରରେ ଆଗୁଆ ଏଭଳି ସମସ୍ୟାକୁ ଚିହ୍ନଟ କରି ତାର ଚିକିତ୍ସା ଦିଗରେ ପଦକ୍ଷେପ ନିଆଯାଉଛି। କୌଣସି ଶିଶୁ ପ୍ରାରମ୍ଭ ଅବସ୍ଥାରେ ଶୁଣିବାରେ ଅସୁବିଧା ସାମ୍ନା କରୁଛନ୍ତି ସେମାନଙ୍କ ଲାଗି ଶ୍ରବଣ ଯନ୍ତ୍ର ଏଠାରେ ଉପଲବ୍ଧ। ସେହିଭଳି ଶ୍ରବଣ ସମସ୍ୟା ଭୋଗୁଥିବା ଲୋକଙ୍କ ଲାଗି ବିଭିନ୍ନ ବର୍ଗରେ ଶ୍ରବଣ ଯନ୍ତ୍ର ଉପଲବ୍ଧ ହେଉଛି। ଶ୍ରବଣ ସମସ୍ୟା ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି। ଶୁଣିବାରେ ଅସୁବିଧା ରହୁଥିଲେ ତାକୁ ହେଳା ନ କରି ତୁରନ୍ତ ଅଡିଓଲୋଜିଷ୍ଟଙ୍କ ନିକଟରେ ପରୀକ୍ଷା କରିବା ସହ ଚିକିତ୍ସା କରାଇବାର ଆବଶ୍ୟକତା ରହିଛି ବୋଲି ଅଡିଜୋନର ନିର୍ଦ୍ଦେଶକ ତ୍ରିଲୋଚନ ପ୍ରଧାନ କହିଛନ୍ତି। ଏହା ସ୍ପିଚ୍ ଆଣ୍ଡ ହିଅରିଂରେ ଭୁବନେଶ୍ୱରରେ ୩ ନମ୍ବର ଶାଖା। ସିମେନ୍ସର ଏହା ରାଜ୍ୟରେ ଦ୍ୱିତୀୟ ସେଣ୍ଟର। କମ୍ପାନୀର ପ୍ରଡକ୍ଟଗୁଡିକ ୧୦-୧୨ ହଜାର ଟଙ୍କାରୁ ଆରମ୍ଭ ହେଉଛି। ନୂଆ ସେଣ୍ଟର ଆରମ୍ଭ ଅବସରରେ ଲୋକଙ୍କ ପାଇଁ ମାଗଣାରେ ପରୀକ୍ଷଣ ସୁବିଧା ଦିଆଯାଉଛି। କାର୍ଯ୍ୟକ୍ରମରେ ଏଚ୍‌ଆର ଡାଇରେକ୍ଟର ଉତ୍ପଳ ପ୍ରଧାନ, ଅପରେଶନ ଡାଇରେକ୍ଟର ଦୀପକ ମିଶ୍ର, ସିଭାନଟୋଷ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ଆଞ୍ଚଳିକ ସେଲ୍‌ସ ମ୍ୟାନେଜର ସୌରଭ ବାନାର୍ଜୀ, ବିଜନେସ ଡେଭଲପମେଣ୍ଟ ମ୍ୟାନେଜର ରାକେଶ ଦେ ପ୍ରମୁଖ ଉପସ୍ଥିତ ଥିଲେ।

## ଇଣ୍ଡିଆନ ଅଏଲର କ୍ରିକେଟ କାର୍-ନିଭାଲ ୨୦୧୯




ଭୁବନେଶ୍ୱର,୪-୬

**ଇନ୍ଧନ କିଣି ଜିତିପାରିବେ କାର୍ ସମେତ ଆକର୍ଷଣୀୟ ପୁରସ୍କାର**

ରାଷ୍ଟ୍ରାୟତ୍ତ ଇଣ୍ଡିଆନ ଅଏଲ ପକ୍ଷରୁ ମେଗା ସେଲସ୍ ପ୍ରମୋଶନ କ୍ୟାମ୍ପେନ କ୍ରିକେଟ କାର୍-ନିଭାଲ ଆରମ୍ଭ ହୋଇଛି। ସାରା ଦେଶରେ ରହିଥିବା କମ୍ପାନୀର ୨୭,୦୦୦ ରିଟେଲ ଷ୍ଟେଶନରେ ଇନ୍ଧନ କ୍ରୟରେ ଗ୍ରାହକ ଏଥିରେ ଅଂଶ ଗ୍ରହଣ କରିବେ। ଇଣ୍ଡିଆନ ଅଏଲର ଓଡିଶା ରାଜ୍ୟ ଅଫିସର ରିଟେଲ ସେଲ୍‌ସ ଜିଏମ୍ କୁମାରଜ୍ୟୋତି ରାଏଚୌଧୁରୀ ନୟାପଲ୍ଲୀସ୍ଥିତ ଭାମରା ସର୍ଭିସ ଷ୍ଟେଶନରେ ଏହାର ଉନ୍ମୋଚନ କରିଥିଲେ। ୨ ଚକିଆ ଯାନରେ ୩୦୦ ଏବଂ ୪ ଚକିଆ ଯାନ ଲାଗି ୧୦୦୦ ଟଙ୍କାର ଇନ୍ଧନ କ୍ରୟ ଉପରେ ଏହି କ୍ୟାମ୍ପେନରେ ଭାଗ ନେବାକୁ ସୁଯୋଗ ମିଳିବ। ଏହି ମେଗା ସ୍କିମ ସାରା ଦେଶରେ ୧ ଜୁନଠାରୁ ୧୫ ଜୁଲାଇ ଯାଏ ଚାଲିବ। ଏଥିରେ ପ୍ରତି ୧୫ ଦିନରେ ଆକର୍ଷଣୀୟ ଉପହାର ଜିତିବାର ସୁଯୋଗ ରହିଛି। ୧୫ ଜୁଲାଇରେ ଆୟୋଜିତ ମେଗା ଲକି ଡ୍ରରେ ଭାଗ୍ୟଶାଳୀ ବିଜେତା ପ୍ରଥମ ପୁରସ୍କାର ଭାବେ ପ୍ରିମିୟମ ଏସ୍‌ୟୁଭି, ଦ୍ୱିତୀୟ ପୁରସ୍କାରରେ ୪ କାର, ତୃତୀୟ ପୁରସ୍କାର ଭାବେ ୧୬ ବାଇକ୍, ୪ର୍ଥ ପୁରସ୍କାର ୨୦୦ ସ୍ମାର୍ଟଫୋନ ଏବଂ ୫ମ ପୁରସ୍କାର ଭାବେ ୧୦୦ ଅଟୋଗ୍ରାଫ ହୋଇଥିବା ବ୍ୟାଟ ପ୍ରଦାନ କରାଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ଆଜି ବନ୍ଦ ରହିବ ବ୍ୟାଙ୍କ

ଭୁବନେଶ୍ୱର,୪-୬

ବୁଧବାର ଇଦଉଲଫିତର ପଡୁଥିବାରୁ ଓଡ଼ିଶା ସମେତ ଆନ୍ଧ୍ର ପ୍ରଦେଶ, ଚଣ୍ଡୀଗଡ, ଦିଲ୍ଲୀ, ହରିୟାଣା, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ପୁଡୁଚେରୀ, ରାଜସ୍ଥାନ, ତାମିଲନାଡୁ, ତେଲେଙ୍ଗାନା,ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟରେ ବ୍ୟାଙ୍କ ବନ୍ଦ ରହିବ। ସେହିଭଳି ଜୁନ ୧୫ରେ ଓଡ଼ିଶାରେ ରଜ ପଡୁଥିବାରୁ ବ୍ୟାଙ୍କ ବନ୍ଦ ରହିବ ବୋଲି ଇଣ୍ଡିଆନ ବ୍ୟାଙ୍କ ଆସୋସିଏଶନ ପକ୍ଷରୁ ସୂଚନା ରହିଛି। ସେହିଭଳି ୬ ତାରିଖ ଦିନ ଇଦ୍ ଲାଗି ଗୁଜରାଟରେ ବ୍ୟାଙ୍କ ବନ୍ଦ ରହିବ। ଏହା ବାଦ ୬ ତାରିଖରେ ହରିୟାଣାରେ ମହାରାଣାପ୍ରତାପ ଜୟନ୍ତୀ ରହିବା ଯୋଗୁ ସେଠାରେ ମଧ୍ୟ ବ୍ୟାଙ୍କ ସେବା ବନ୍ଦ ରହିବ। ଜୁନ ୧୭ରେ ବିହାର ଏବଂ ହରିୟାଣାରେ କବିର ଜୟନ୍ତୀ ଯୋଗୁ ସେବା ବନ୍ଦ ରହୁଥିବା ସୂଚନା ରହିଛି।

## ପିଜିସିଆଇଏଲକୁ ବିଲେଟ ପଠାଇବ ନୀଳାଚଳ ଇସ୍ପାତ

ଭୁବନେଶ୍ୱର,୪-୬

କଳିଙ୍ଗ ନଗରସ୍ଥିତ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ (ଏନ୍‌ଆଇଏନ୍‌ଏଲ୍) ରାଷ୍ଟ୍ରାୟତ୍ତ ପାୱାର ଗ୍ରୀଡ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ(ପିଜିସିଆଇଏଲ)କୁ ବିଲେଟ ପଠାଇବ। ପ୍ରାଥମିକ ପର୍ଯ୍ୟାୟରେ ଗୋଟିଏ ବର୍ଷ ପାଇଁ ଷ୍ଟିଲ ବିଟେଲ ପ୍ରେରଣ ଲାଗି ଯୋଜନା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ପିଜିସିଆଇଏଲ୍ ଏନଆଇଏନ୍‌ଏଲର ବିଲେଟକୁ ଏମ୍‌ଏସ୍ ଚ୍ୟାନେଲ ଏବଂ ଏଙ୍ଗଲ ତିଆରି କରିବା କୁ ଲକ୍ଷ୍ୟ ରଖିଛି।

## ସାମ୍‌ସଙ୍ଗର ନୂଆ ପ୍ରଡକ୍ଟ

ଭୁବନେଶ୍ୱର,୪-୬

ସାମସଙ୍ଗ ଇଣ୍ଡିଆ ପକ୍ଷରୁ ୱେରଲେସ ପାୱାର ବ୍ୟାଙ୍କ ଏବଂ ୱେରଲେସ ଚାର୍ଜିଂ ପ୍ୟାଡ ବଜାରକୁ ଆସିଛି। ଏହି ପ୍ରଡକ୍ଟଗୁଡ଼ିକୁ କମ୍ପାନୀ ୱେରଲେସ ଇକୋସିଷ୍ଟମରେ ନିଜର ପୋର୍ଟଫୋଲିଓକୁ ବୃଦ୍ଧି କରିଛି। ଗ୍ରାହକଙ୍କୁ ସର୍ବୋତ୍ତମ ୱେରଲେସ ସେବା ପ୍ରଦାନ ଲକ୍ଷ୍ୟ ନେଇ କାର୍ଯ୍ୟ କରୁଥିବା କମ୍ପାନୀ ପ୍ରକାଶ କରିଛି। ପ୍ରଡକ୍ଟଗୁଡିକ ଗ୍ରାହକଙ୍କୁ ଖୁସି ପ୍ରଦାନ କରିବା ଦିଗରେ ସକ୍ଷମ ହେବେ ବୋଲି କମ୍ପାନୀର ମୋବାଇଲ ବିଜନେସ ଡାଇରେକ୍ଟର ଆଦିତ୍ୟ ବବର କହିଛନ୍ତି।

## ୧୫ରେ ନୀତି ଆୟୋଗ ଗଭର୍ନିଂ କାଉନ୍‌ସିଲ୍ ବୈଠକ

ନୂଆଦିଲ୍ଲୀ,୪-୬




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆସନ୍ତା ୧୫ରେ ନୀତି ଆୟୋଗର ଗଭର୍ନିଂ କାଉନ୍‌ସିଲ୍‌ର ବୈଠକ ଅନୁଷ୍ଠିତ ହେବ। ଜଣେ ବରିଷ୍ଠ ଅଧିକାରୀ ମଙ୍ଗଳବାର କହିଛନ୍ତି ଯେ, ଏହି ବୈଠକରେ ଜଳ ପରିଚାଳନା, କୃଷି ଓ ସୁରକ୍ଷା ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ। କାଉନ୍‌ସିଲ୍ ନୀତି ଆୟୋଗର ଶୀର୍ଷ ଏଜେନ୍ସି। ଏଥିରେ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶାସିତ ଅଞ୍ଚଳର ଲ୍ୟୁଟ୍‌ନାଣ୍ଟ ଗଭର୍ନର, ଏକାଧିକ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ଅଧିକାରୀ ସାମିଲ ହେବେ। ମୋଦି ସରକାର ଦ୍ୱିତୀୟଥର କ୍ଷମତାକୁ ଫେରିବା ପରେ ପ୍ରଥମଥର ଏହି ବୈଠକ ବସିବାକୁ ଯାଉଛି। ଉକ୍ତ ବୈଠକରେ ଯୋଗଦେବା ଲାଗି ସମସ୍ତଙ୍କୁ ନିମନ୍ତ୍ରଣ ଦିଆସରିଛି। ସୂଚନାଥାଉ କି, ନୀତି ଆୟୋଗର ପ୍ରଥମ ବୈଠକ ଫେବୃୟାରୀ ୮, ୨୦୧୫ରେ ହୋଇଥିଲା। ଏହାପରେ ସେହିବର୍ଷ ଜୁଲାଇ ୧୫ରେ ଦ୍ୱିତୀୟ, ତୃତୀୟ ୨୦୧୭ ଏପ୍ରିଲ ୨୩ ଓ ଚତୁର୍ଥ ୨୦୧୮ ଜୁନ୍ ୧୭ରେ ନୀତି ଆୟୋଗର ବୈଠକ ଅନୁଷ୍ଠିତ ହୋଇଥିଲା।

## ପାରାଦୀପ ପୋର୍ଟର ୫ କୋଟି ବାତ୍ୟା ସହାୟତା

ଭୁବନେଶ୍ୱର,୪-୬



ପାରାଦୀପ ପୋର୍ଟ ଟ୍ରଷ୍ଟ ପକ୍ଷରୁ ଫନୀ ପ୍ରଭାବିତଙ୍କ ସହାୟତା ଲାଗି ୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ରିଙ୍କେଶ ରଏ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏହି ଚେକ୍ ପ୍ରଦାନ କରିଛନ୍ତି। ଫନୀ ପ୍ରଭାବିତ ଅଞ୍ଚଳଗୁଡିକରେ ବଡ ବଡ ଗଛଗୁଡ଼ିକର ସଫେଇ, ଆଶ୍ରୟସ୍ଥଳୀ ନିର୍ମାଣ, ଓଭରହେଡ ଟାଙ୍କ ନିର୍ମାଣ, ଜେନେରେଟର ବ୍ୟବସ୍ଥା ଏବଂ ପାନୀୟ ଜଳ ଯୋଗାଣ ଭଳି ବିଭିନ୍ନ ବ୍ୟବସ୍ଥା ହାତକୁ ନେଇଛି। ବାତ୍ୟା ସମୟରେ ପ୍ରାୟ ୮ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବାରେ ଏହା ନିଜର ସହଯୋଗ ରଖିଛି। ଟ୍ରଷ୍ଟ ପକ୍ଷରୁ ଏହାର ତଦାରଖ ଲାଗି ଏକ କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯାଇଥିଲା। ପିପିଟି ହସ୍ପିଟାଲରେ ଲୋକଙ୍କ ଚିକିତ୍ସା ଲାଗି ଡାକ୍ତରୀ ଟିମ୍ ପ୍ରସ୍ତୁତ ହୋଇ ରହିଥିଲେ। ଅସ୍ଥାୟୀ ଶିବିର ଗୁଡିକରେ ରହିଥିବା ଲୋକଙ୍କ ଖାଦ୍ୟ ପାନୀୟ ବ୍ୟବସ୍ଥା କରାଯାଇଥିଲା। ପାରାଦୀପରେ ୩ରେ ବିଦ୍ୟୁତ, ରାସ୍ତା ଏବଂ ଜଳ ଯୋଗାଣ ସ୍ୱାଭାବିକ ହୋଇଥିବା ବେଳେ ରେଳ ଏବଂ ଶିପିଂ ଅପରେଶନ ୪ ତାରିଖରେ ସ୍ୱାଭାବିକ ହୋଇଥିଲା।

## ରିଲିଫ ପାଣ୍ଠିକୁ ଆର୍‌ଆଇଏନ୍‌ଏଲ୍ ଦେଲା ୧.୪ କୋଟି

ଭୁବନେଶ୍ୱର,୪-୬




ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ୍(ଆର୍‌ଆଇଏନ୍‌ଏଲ୍) ପକ୍ଷରୁ ଫନୀ ପ୍ରଭାବିତଙ୍କ ଲାଗି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧.୪ କୋଟି ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ସିଏସ୍‌ଆର୍ ଅନ୍ତର୍ଗତ ୫୦ ଲକ୍ଷ ଏବଂ ଭାଇଜାଗ ଷ୍ଟିଲ କର୍ମଚାରୀଙ୍କ ପକ୍ଷରୁ ୯୦ ଲକ୍ଷ ସହାୟତା ବାବଦ ଚେକ୍ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପ୍ରଦାନ କରାଯାଇଛି। ଆର୍‌ଆଇଏନ୍‌ଏଲ୍ ଭିଏସ୍‌ପିର ସିଏମ୍‌ଡି ପି.କେ. ରଥ, କାର୍ମିକ ନିର୍ଦ୍ଦେଶକ କେ.ସି. ଦାସଙ୍କ ସମେତ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ।

## ଡେଲ୍,ଜିପ୍,ଏଲ୍‌ଆଇସି ଦେଶର ଭରସାଯୋଗ୍ୟ ବ୍ରାଣ୍ଡ

ନୂଆଦିଲ୍ଲୀ,୪-୬

ଲାପ୍‌ଟପ୍ କମ୍ପାନୀ ଡେଲ୍ ଭାରତର ସବୁଠାରୁ ଭରସାଯୋଗ୍ୟ ବ୍ରାଣ୍ଡ। ଏହାପରେ ଗାଡ଼ି କମ୍ପାନୀ ଜିପ୍ ଓ ବୀମା କ୍ଷେତ୍ରର ଶୀର୍ଷ କମ୍ପାନୀ ଏଲ୍‌ଆଇସି ରହିଛି। ଟିଆର୍‌ଏର ବ୍ରାଣ୍ଡ ବିଶ୍ୱାସ ରିପୋର୍ଟ ୨୦୧୯ ଅନୁସାରେ ଶୀର୍ଷ ୭ ବ୍ରାଣ୍ଡ ମଧ୍ୟରେ ଏଲ୍‌ଆଇସି ଏକମାତ୍ର ଭାରତୀୟ କମ୍ପାନୀ ରହିଛି। ଆମାଜନ ଚତୁର୍ଥ ଭରସାଯୋଗ୍ୟ ବ୍ରାଣ୍ଡ। ଏହାପରେ ଆପଲ୍ ଆଇଫୋନ ୫ମ ସ୍ଥାନରେ ଯିଏ କି ୨୦୧୮ପରେ ୧୧୬ ସ୍ଥାନ ଉପରକୁ ଉଠିଆସିଛି। ଏଥିସହିତ ଆପଲ୍ ଆଇଫୋନ ମୋବାଇଲ ଫୋନ ସିରିଜରେ ମଧ୍ୟ ଶୀର୍ଷରେ ରହିଛି। ସାମସଙ୍ଗ ମୋବାଇଲ ଫୋନ ବ୍ରାଣ୍ଡ ୬ଷ୍ଠ ସ୍ଥାନରେ ରହି ଅଗ୍ରଣୀ ମୋବାଇଲ ଫୋନ କମ୍ପାନୀ ହୋଇପାରିଛି। ଏହାପରେ ଏଲ୍‌ଜି ଟିଭି ୭ମ ସ୍ଥାନରେ ରହିଥିଲେ ହେଁ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ସୁପର ଶ୍ରେଣୀରେ ଅଗ୍ରଣୀ ରହିଛି। ଆଭିଭା ଲାଇଫ ଇନସ୍ୟୁରାନ୍ସ ୮ମ, ମାରୁତି ସୁଜୁକି ୯ମ ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ୧୦ମ ସ୍ଥାନରେ ରହିଛି। ବ୍ରାଣ୍ଡର ବଡ଼ ସମୂହ ମଧ୍ୟରେ ଟାଟା ଗ୍ରୁପ୍ ରହିଛି ଏବଂ ଏହା ୨୩ ବ୍ରାଣ୍ଡ ଉପରେ ଲୋକଙ୍କ ଅଧିକ ବିଶ୍ୱାସ ରହିଛି। ଗୋଦରେଜରେ ୧୫ ବ୍ରାଣ୍ଡ, ଅମୂଲର ୧୧ ସାମସଙ୍ଗର ୮ ଶ୍ରେଣୀରେ ପ୍ରତିନିଧିତ୍ୱ ରହିଛି। ଏଲ୍‌ଜି,ହୋଣ୍ଡା, କ୍ୟାଡବରୀ, ନେସ୍‌ଲେ, ପାର୍ଲେ ଏବଂ ଡାବର ୭ ଲେଖାଏ ବ୍ରାଣ୍ଡର ପ୍ରତିନିଧିତ୍ୱ କରୁଛି। ଟିଆର୍‌ଏ ରିସର୍ଚ୍ଚ ୧୬ ସହରରେ ୨୩୧୫ ଲୋକଙ୍କ ରାୟ ଆଧାରରେ ଏହି ୯ମ ସଂସ୍କରଣ ରିପୋର୍ଟ ପ୍ରସ୍ତୁତ କରିଛି।




# ବିଶ୍ୱକପ୍‌ରେ ଭାରତ-ଦକ୍ଷିଣ ଆଫ୍ରିକା

ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବୁଧବାର ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ବିଶ୍ୱକପ୍ ଆରମ୍ଭ ହେବାର ପାଖାପାଖି ଗୋଟିଏ ସପ୍ତାହ ବିତିଯାଇଥିବାବେଳେ କେବଳ ଭାରତକୁ ଛାଡ଼ି ପ୍ରତ୍ୟେକ ଦଳ ମ୍ୟାଚ୍ ଖେଳି ସାରିଛନ୍ତି। ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ସାଉଥାମ୍ପଟନର ଦି ରୋଜ୍ ବାଉଲ୍ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ହାଇଭୋଲ୍‌ଟେଜ ମ୍ୟାଚ୍ ଉପରେ ଏବେ ସମସ୍ତଙ୍କ ନଜର। ଯଦି ବିଶ୍ୱକପ୍‌ର ଇତିହାସକୁ ନଜର ପକାଯାଏ ତେବେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ୪ ମ୍ୟାଚ୍ ଖେଳି କେବଳ ଗୋଟିଏ ବିଜୟ ଲାଭ କରିଛି। ତିନୋଟି ମ୍ୟାଚ୍‌ରେ ଦଳକୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ଦୁଇ ଦେଶ ମଧ୍ୟରେ ଖେଳାଯାଇଥିବା ଏହି ୪ଟି ମ୍ୟାଚ୍ ଉପରେ ସଂକ୍ଷିପ୍ତ ନଜର...


ଡେଲ୍ ଷ୍ଟେଇନ

## ୩

### ୨୯ ମାର୍ଚ୍ଚ ୨୦୧୧(ନାଗପୁର)
### ଦକ୍ଷିଣ ଆଫ୍ରିକା ୩ ଉଇକେଟରେ ବିଜୟୀ

ଭାରତରେ ଅନୁଷ୍ଠିତ ୨୦୧୧ ବିଶ୍ୱକପ୍‌ରେ ଉଭୟ ଦଳ ୩ୟଥର ପାଇଁ ପରସ୍ପରକୁ ଭେଟିଥିଲେ। ଏହି ମ୍ୟାଚ୍‌ରେ ମଧ୍ୟ ଦକ୍ଷିଣ ଆଫ୍ରିକା ବାଜିମାତ୍ କରିଥିଲା। ଗ୍ରୁପ୍-ବି'ର ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ୪୮.୪ ଓଭରରେ ୨୯୬ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଭାରତ ଏକଦା ଦୁଇ ଓପନର ବୀରେନ୍ଦ୍ର ସେହ୍ୱାଗ (୭୩) ଓ ସଚିନ ତେନ୍ଦୁଲକର (୧୧୧)ଙ୍କ ଉଇକେଟ୍ ହରାଇ ୪୦ ଓଭରରେ ୨୬୮ ରନ କରିଥିଲା। କିନ୍ତୁ ଗୌତମ ଗମ୍ଭୀର (୬୯) ୪୧ତମ ଓଭରର ପ୍ରଥମ ବଲରେ ଆଉଟ୍ ହେବାପରେ ଦଳର ବ୍ୟାଟିଂ ଲାଇନ୍‌ଅପ୍ ପୂରା ଭୁଶୁଡ଼ି ପଡ଼ିଥିଲା। ୟୁସୁଫ୍ ପଠାନ (୦), ଯୁବରାଜ ସିଂ (୧୨), ଧୋନୀ (୧୨) ଓ ବିରାଟ କୋହଲି (୧) ପ୍ରମୁଖ ବିଫଳ ହୋଇଥିଲେ। ଡେଲ୍ ଷ୍ଟେଇନଙ୍କୁ ସର୍ବାଧିକ ୫ଟି ଉଇକେଟ୍ ମିଳିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୪୯.୪ ଓଭରରେ ୭ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ହାସିମ ଅମ୍‌ଲା (୬୧), ଜ୍ୟାକ୍ କାଲିସ (୬୯), ଏବି ଡି ଭିଲର୍ସ (୫୨) ଅର୍ଦ୍ଧଶତକ ହାସଲ କରିଥିଲେ। ହରଭଜନ ସିଂ ୩ ଓ ମୁନାଫ ପଟେଲ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଦମ୍‌ଦାର ବୋଲିଂ ପାଇଁ ଷ୍ଟେଇନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ।




ଶିଖର ଧାୱନ

## ୪

### ୨୨ ଫେବୃୟାରୀ ୨୦୧୫
### ଭାରତ ୧୩୦ ରନରେ ବିଜୟୀ

ଶେଷଥରପାଇଁ ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକା ୨୦୧୫ ବିଶ୍ୱକପ୍‌ରେ ପରସ୍ପରକୁ ଭେଟିଥିଲେ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ପ୍ରାରମ୍ଭରୁ ରୋହିତ୍ ଶର୍ମା (୦)ଙ୍କ ଉଇକେଟ୍ ହରାଇଥିଲା। ତେବେ ଅନ୍ୟତମ ଓପନର୍ ଶିଖର ଧାୱନ (୧୩୭ ରନ) ଶତକ ସାଙ୍ଗକୁ ବିରାଟ କୋହଲି (୪୬) ଓ ଅଜିଙ୍କ୍ୟ ରାହାଣେ (୭୯)ଙ୍କ ଉପଯୋଗୀ ବ୍ୟାଟିଂ ସହାୟତାରେ ୫୦ ଓଭରରେ ୭ ଉଇକେଟ୍ ହରାଇ ୩୦୭ ରନ କରିଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ମର୍ନେ ମୋର୍କେଲ ୨ଟି ଉଇକେଟ୍ ନେଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ନିୟମିତ ବ୍ୟବଧାନରେ ଉଇକେଟ୍ ହରାଇ ୪୦.୨ ଓଭରରେ ୧୭୭ ରନରେ ସୀମିତ ରହିଥିଲା। ଫାଫ୍ ଡୁ ପ୍ଲେସି (୫୫) ଓ ଏବି ଡି ଭିଲର୍ସ (୩୦)ଙ୍କ ଛାଡ଼ି ଦେଲେ ଅନ୍ୟକୌଣସି ବ୍ୟାଟ୍ସମ୍ୟାନ ପ୍ରଭାବୀ ପ୍ରଦର୍ଶନ କରି ପାରି ନ ଥିଲେ। ବିଜୟୀ ଦଳ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ୩ ଏବଂ ମୋହିତ୍ ଶର୍ମା ଓ ମହମ୍ମଦ ସାମି ୨ଟି ଲେଖାଏ ଉଇକେଟ୍ ନେଇଥିଲେ।


ସୌରଭ ଗାଙ୍ଗୁଲି


ପିଟର କର୍ଷ୍ଟେନ

## ୧

### ୧୫ ମାର୍ଚ୍ଚ ୧୯୯୨ (ଆଡିଲେଡ୍)
### ଦକ୍ଷିଣ ଆଫ୍ରିକା ୬ ଉଇକେଟରେ ବିଜୟୀ

ଆଇସିସି ବିଶ୍ୱକପ୍‌ର ୧୯୯୨ ସଂସ୍କରଣ ଭିନ୍ନ କାରଣରୁ ସ୍ୱତନ୍ତ୍ର ରହିଥିଲା। ପ୍ରଥମଥର ଲାଗି ରଙ୍ଗିନ ଡ୍ରେସ, ଧଳା ବଲ୍ ବିଶ୍ୱକପ୍‌ରେ ବ୍ୟବହାର ହୋଇଥିଲା। ସେହିଭଳି ଦକ୍ଷିଣ ଆଫ୍ରିକା ଓ ଭାରତ କ୍ରିକେଟର ମହାକୁମ୍ଭରେ ପରସ୍ପରକୁ ପ୍ରଥମ ଥର ଲାଗି ଭେଟିଥିଲେ। ରାଉଣ୍ଡ-ରବିନ ପର୍ଯ୍ୟାୟର ଏହି ଅନ୍ତିମ ମ୍ୟାଚ୍ ବର୍ଷା ଲାଗି ପ୍ରାରମ୍ଭରୁ ବାଧାପ୍ରାପ୍ତ ହୋଇଥିଲା। ଫଳରେ ମ୍ୟାଚ୍‌କୁ ୩୦ ଓଭର ବିଶିଷ୍ଟ କରାଯାଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇ ମହମ୍ମଦ ଆଝାରୁଦ୍ଦିନଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପ୍ରାରମ୍ଭରୁ କ୍ରିଷ୍ଣମାଚାରୀ ଶ୍ରୀକାନ୍ତ (୦)ଙ୍କ ଉଇକେଟ୍ ହରାଇଥିଲା। ତେବେ ସଞ୍ଜୟ ମଞ୍ଜରେକର (୨୮), ଆଝାରୁଦ୍ଦିନ (୭୯) ଓ କପିଳ ଦେବ (୪୨)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ଦଳ ୬ ଉଇକେଟ୍ ହରାଇ ୧୮୦ ରନ୍ ସଂଗ୍ରହ କରିଥିଲା। ସଚିନ ତେନ୍ଦୁଲକର ୧୪ ରନ କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ଦୁଇ ଓପନର୍ ଆଣ୍ଡ୍ରୁ ହଡ୍‌ସନ (୫୩) ଓ ପିଟର କର୍ଷ୍ଟେନ (୮୪)ଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ ୪ଟି ଉଇକେଟ୍ ହରାଇ ୫ ବଲ୍ ପୂର୍ବରୁ ମ୍ୟାଚ୍‌କୁ କବ୍‌ଜା କରିନେଇଥିଲା। କର୍ଷ୍ଟେନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

## ୨

### ୧୫ ମେ ୧୯୯୯ (ହୋଭ୍)
### ଦକ୍ଷିଣ ଆଫ୍ରିକା ୪ ଉଇକେଟରେ ବିଜୟୀ

ସାତ ବର୍ଷର ବ୍ୟବଧାନ ପରେ ଦୁଇ ଦଳ ଇଂଲଣ୍ଡରେ ଅନୁଷ୍ଠିତ ୧୯୯୯ ବିଶ୍ୱକପ୍‌ରେ ପରସ୍ପରକୁ ୨ୟ ଥର ପାଇଁ ଭେଟିଥିଲେ। ଏହି ମ୍ୟାଚ୍‌ରେ ଟସ୍ ଜିତି ଭାରତୀୟ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନଙ୍କ ମିଳିତ ସଫଳତା ବଳରେ ଭାରତ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ୍ ହରାଇ ୨୫୩ ରନ କରିଥିଲା। ଓପନିଂ କରିବାକୁ ଆସିଥିବା ସୌରଭ ଗାଙ୍ଗୁଲି ୯୭ ରନରେ ରନ୍‌ଆଉଟ୍ ହୋଇ ଶତକରୁ ବଞ୍ଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଚିନ ତେନ୍ଦୁଲକର ୨୮, ରାହୁଲ ଦ୍ରାବିଡ୍ ୫୪, ଆଝାରୁଦ୍ଦିନ ୨୪, ଅଜୟ ଜାଡେଜା ୧୬ ରନ କରିଥିଲେ। ଲାନ୍ସ କ୍ଲୁଜନରଙ୍କୁ ୩ଟି ଉଇକେଟ୍ ମିଳିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ପ୍ରାରମ୍ଭରୁ ହର୍ଶେଲ ଗିବ୍ସ (୭) ଓ ଗ୍ୟାରି କ୍ରିଷ୍ଟେନ (୩)ଙ୍କ ଉଇକେଟ୍ ହରାଇଥିଲେ ମଧ୍ୟ ଜ୍ୟାକ୍ କାଲିସଙ୍କ ୯୬ ରନ ବଳରେ ୪୭.୨ ଓଭରରେ ୬ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିଥିଲା। ଜଣ୍ଟି ରୋଡ୍ସ (୩୯*), ମାର୍କ ବାଉଚର (୩୪) ଓ ଅଧିନାୟକ ହାନ୍ସି କ୍ରୋନ (୨୭)ଉପଯୋଗୀ ବ୍ୟାଟିଂ କରିଥିଲେ। ଜାଭାଗଲ ଶ୍ରୀନାଥଙ୍କୁ ୨ଟି ଉଇକେଟ୍ ମିଳିଥିଲା। କାଲିସଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଦ୍ରାବିଡ୍ ଏହି ଟୁର୍ଣ୍ଣାମେଣ୍ଟର ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ରହିଥିଲେ।

# ବିଶ୍ୱକପ୍‌ରୁ ଷ୍ଟେଇନ୍ ଆଉଟ୍

**ହେଣ୍ଡ୍ରିକ୍ସଙ୍କୁ ଡାକରା**

ସାଉଥାମ୍ପଟନ୍, ୪।୬(ପି.ଟି.)

ଆଇସିସି ବିଶ୍ୱକପ୍‌ରେ ଭାରତ ବିପକ୍ଷ ମ୍ୟାଚ୍ ପୂର୍ବରୁ ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଦଳକୁ ମଙ୍ଗଳବାର ଶକ୍ତ ଧକ୍କା ଲାଗିଛି। ଦଳର ପ୍ରମୁଖ ତଥା ଅଭିଜ୍ଞ ଦ୍ରୁତ ବୋଲର ଡେଲ୍ ଷ୍ଟେଇନ୍ ଆଘାତଜନିତ ସମସ୍ୟା ଲାଗି ପୂରା ବିଶ୍ୱକପ୍‌ରୁ ବାଦ୍ ପଡ଼ିଛନ୍ତି। ପୂର୍ବରୁ କହୁଣିରେ ଆଘାତ ଲାଗିଥିବାରୁ ଷ୍ଟେଇନ ଦକ୍ଷିଣ ଆଫ୍ରିକାର ପ୍ରଥମ ଦୁଇ ବିଶ୍ୱକପ ମ୍ୟାଚ ଖେଳି ପାରି ନ ଥିଲେ। ଭାରତ ବିପକ୍ଷରେ ବୁଧବାର ଖେଳାଯିବାକୁ ଥିବା ମ୍ୟାଚ୍ ବେଳକୁ ସେ ସୁସ୍ଥ ହୋଇଯାଇଥିବେ ବୋଲି ଟିମ୍ ମ୍ୟାନେଜମେଣ୍ଟ ଆଶା ରଖିଥିଲା। କିନ୍ତୁ ସେ ସୁସ୍ଥ ହୋଇପାରି ନାହାନ୍ତି। ଫଳରେ ତାଙ୍କ ବଦଳ ଖେଳାଳି ଭାବେ ବାମହାତୀ ଦ୍ରୁତ ବୋଲର ବେଉରାନ ହେଣ୍ଡ୍ରିକ୍ସଙ୍କୁ ବିଶ୍ୱକପ୍‌ର ବଳକା ମ୍ୟାଚ୍ ଲାଗି ଦକ୍ଷିଣ ଆଫ୍ରିକା ଦଳରେ ସାମିଲ କରାଯାଇଛି। 'ଆଇସିସି ପୁରୁଷ ବିଶ୍ୱକପ୍‌ର ଇଭେଣ୍ଟ ଟେକ୍‌ନିକାଲ କମିଟି ଷ୍ଟେଇନ୍‌ଙ୍କ ବଦଳ ଖେଳାଳିଭାବେ ହେଣ୍ଡ୍ରିକ୍ସଙ୍କୁ ଦଳରେ ସାମିଲ କରିବାକୁ ଅନୁମତି ଦେଇଛି ବୋଲି ଦକ୍ଷିଣ ଆଫ୍ରିକା ପକ୍ଷରୁ ଏକ ମିଡିଆ ରିଲିଜରେ କୁହାଯାଇଛି। ୩୫ ବର୍ଷୀୟ ଷ୍ଟେଇନ ଆଇପିଏଲ୍‌ର ଗତ ସଂସ୍କରଣରେ ଖେଳୁଥିବାବେଳେ କହୁଣିରେ ଆଘାତ ପାଇଥିଲେ। ସେ ବାଙ୍ଗାଲୋର ପାଇଁ କେବଳ ୨ଟି ମ୍ୟାଚ୍ ଖେଳିପାରିଥିଲେ। ଆଘାତ ସତ୍ତ୍ୱେ ତାଙ୍କୁ ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ଦଳରେ ସାମିଲ କରାଯାଇଥିଲା। କିନ୍ତୁ ସେ ସୁସ୍ଥ ନ ହେବାରୁ ତାଙ୍କୁ ଶେଷରେ ଦଳରୁ ବାଦ୍ ଦିଆଯାଇଛି। ଫଳରେ ଏହି ମହାନ ବୋଲରଙ୍କ ଅବସର ନେଇ ଏବେ ଆଲୋଚନା ହେଉଛି।

# ପ୍ରକୃତ ଲଢ଼େଇ ଆରମ୍ଭ

ସୌରଭ ଗାଙ୍ଗୁଲି

ଚଳିତ ବିଶ୍ୱକପରେ ଭାରତ ଏହାର ଅଭିଯାନ ଆରମ୍ଭ କରିବାକୁ ଯାଉଛି। ଅନ୍ୟ ଦଳଗୁଡ଼ିକ ଗୋଟିଏ କିମ୍ବା ଏକାଧିକ ମ୍ୟାଚ ଖେଳି ସାରିଲେଣି। ଭାରତର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ଦକ୍ଷିଣ ଆଫ୍ରିକାର ଏହା ହେବ ତୃତୀୟ ମ୍ୟାଚ। ଲୋକମାନେ ଦକ୍ଷିଣ ଆଫ୍ରିକାର ଦୁର୍ବଳ ବ୍ୟାଟିଂକୁ ନେଇ ଚର୍ଚ୍ଚା କରୁଛନ୍ତି, ମାତ୍ର ମୁଁ ଭାବୁଛି ଏହି ଦଳର ବୋଲିଂ ମଧ୍ୟ ପ୍ରଭାବହୀନ ରହିଛି। ଏନଗିଡି ଆହତ ହେବା ଏବଂ ଡେଲ୍ ଷ୍ଟେଇନ ବାହାରେ ରହିବାଦ୍ୱାରା ଏହାର ବୋଲିଂ ବିଭାଗ ବିଶେଷ କିଛି କରି ପାରୁନାହିଁ।

୧୯୯୯ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ମୁଁ ମୋର ପ୍ରଥମ ବିଶ୍ୱକପ ମ୍ୟାଚ ଖେଳିବାକଥା ଏବେ ମଧ୍ୟ ମନେ ଅଛି। ସେତେବେଳେ ଟିମ୍ ବହୁତ ଶକ୍ତିଶାଳୀ ଥିଲା। ଆମେ ସେହି ମ୍ୟାଚରେ ୨୬୦ ରନ କରି ଚ୍ୟାଲେଞ୍ଜ ଦେଇଥିଲୁ। ମାତ୍ର ଲୋୟର ଅର୍ଡର ପର୍ଯ୍ୟନ୍ତ ଖେଳାଳିଙ୍କର ବ୍ୟାଟିଂ ଦକ୍ଷତା ଯୋଗୁ ଦକ୍ଷିଣ ଆଫ୍ରିକା ସେହି ମ୍ୟାଚ ଜିତିଯାଇଥିଲା। ପୋଲକ ଓ କ୍ଲୁଜନରଙ୍କ ପରି ଖେଳାଳି କେବଳ ଘାତକ ଫାଷ୍ଟ ବୋଲର ନ ଥିଲେ, ଲୋୟର ଅର୍ଡରରେ ବ୍ୟାଟିଂ କରି ଚାପ ପରିସ୍ଥିତିରେ ଶତକ ହାସଲ କରିବାର ଦକ୍ଷତା ମଧ୍ୟ ରଖିଥିଲେ। ସେଭଳି ଖେଳାଳି ଗୋଟିଏ ଦଳରେ ସବୁ ଜେନେରେଶନରେ ରହିବା ସମ୍ଭବ ବୋଲି ଭାବିବା ଠିକ୍ ନୁହେଁ।

ୱାର୍ମଅପ୍ ମ୍ୟାଚ ଖେଳିବାର ଦୀର୍ଘ ବ୍ୟବଧାନ ପରେ ଭାରତ ଏହି ଗେମ୍ ଖେଳିବାକୁ ଯାଉଛି। ପ୍ରଥମ ମ୍ୟାଚ ସବୁବେଳେ ଗୁରୁତ୍ୱପୂର୍ଣ୍ଣ। ଜୁନ୍‌ରେ ଇଂଲଣ୍ଡରେ ଥଣ୍ଡା ପଡ଼ିଥାଏ ଏବଂ ଅଳ୍ପମାତ୍ରାରେ ବର୍ଷା ମଧ୍ୟ ହୋଇଥାଏ। ଏଣୁ ଅଧିକାଂଶ ଅଧିନାୟକ ଟସ୍ ଜିତିଲେ ପ୍ରଥମେ ବୋଲିଂ କରିବାକୁ ପସନ୍ଦ କରିଥାନ୍ତି, ମାତ୍ର ସବୁ କ୍ଷେତ୍ରରେ ଏହା କାମ ଦେଇ ନ ଥାଏ। ଉଭୟ ଦଳରେ ଅନେକ ଦୁର୍ବଳତା ରହିଛି। ଭାରତର ମିଡଲ ଅର୍ଡର ଏପର୍ଯ୍ୟନ୍ତ ପରୀକ୍ଷା ହୋଇନାହିଁ। ଲୋକେଶ ରାହୁଲ ଓ ମହେନ୍ଦ୍ର ସିଂ ଧୋନୀ ୱାର୍ମଅପ୍‌ରେ ଚମତ୍କାର ପ୍ରଦର୍ଶନ କରିଥିଲେ। ତେବେ ଦକ୍ଷିଣ ଆଫ୍ରିକା ପେସ୍ ଆକ୍ରମଣ ବିପକ୍ଷରେ ଏହା ଅଧିକ ପରୀକ୍ଷା ହୋଇପାରିବ। ଲୋକେଶ ଜଣେ ଚମତ୍କାର ଖେଳାଳି। ତେଣୁ ସେ ହିଁ ଭାରତର ୪ ନମ୍ବର ପାଇଁ ଉପଯୁକ୍ତ ବ୍ୟକ୍ତି ବୋଲି ମୋର ବ୍ୟକ୍ତିଗତ ମତ। ଏହି ଟୁର୍ଣ୍ଣାମେଣ୍ଟ ତାଙ୍କ କ୍ୟାରିୟରରେ ଭିନ୍ନ ମୋଡ଼ ଆଣିପାରେ। ଭାରତ ଟପ୍-୩ ବ୍ୟାଟ୍ସମ୍ୟାନଙ୍କ ଉପରେ ଅନେକ ନିର୍ଭର କରିବ, ମାତ୍ର ସେମାନେ ୱାର୍ମଅପ୍‌ରେ ବିଫଳ ହୋଇଥିଲେ। ଆଇପିଏଲ ଖେଳିବାଦ୍ୱାରା ବୋଧହୁଏ ସେମାନେ କ୍ଳାନ୍ତ ହୋଇ ପଡ଼ିଥିଲେ। ମାତ୍ର ଏବେ ଦୀର୍ଘ ସମୟ ପାଇଥିବାରୁ ସେମାନେ ଟଚ୍‌କୁ ଫେରିବା ଆଶା। ୫୦ ଓଭର ଫର୍ମାଟରେ ଭାରତର ରେକର୍ଡ ଭଲ। ୨୦୧୩ ଓ ୨୦୧୫ ଚାମ୍ପିୟନ୍ସ ଟ୍ରଫିରେ ଭାରତର ସଫଳତା ଏହାର ଉଦାହରଣ।

ଭାରତର ବ୍ୟାଟିଂ ବିଭାଗକୁ ନେଇ ବିଶ୍ୱବ୍ୟାପୀ ଚର୍ଚ୍ଚା ହେଉଛି। ମାତ୍ର ମୋ ମତରେ ବୋଲିଂ ବିଭାଗ ମୁଖ୍ୟ ଭୂମିକା ଗ୍ରହଣ କରିବ। ମହମ୍ମଦ ସାମି ଏବେ ଚମତ୍କାର ବୋଲିଂ କରୁଛନ୍ତି, କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲ ଭଲ ଫର୍ମରେ ଅଛନ୍ତି। ସେମାନେ ଭାରତକୁ ବିଶ୍ୱକପ ଜିତାଇବାର ଦକ୍ଷତା ରଖିଛନ୍ତି। ମୁଁ ନିଶ୍ଚିତ ଯେ ଅନ୍ୟ ଦଳ ଗୁଡ଼ିକ ଅପେକ୍ଷା ବିରାଟ କୋହଲି ନିଜ ସ୍ପିନରଙ୍କୁ ଅଧିକ ବ୍ୟବହାର କରିବେ। ବିଶ୍ୱକପ ମେ ୩୦ରୁ ଆରମ୍ଭ ହୋଇଥିଲେ ହେଁ ସମ୍ଭବତଃ ଭାରତ ପଡ଼ିଆକୁ ଓହ୍ଲାଇବାଠାରୁ ହିଁ ପ୍ରକୃତ ଲଢ଼େଇ ଆରମ୍ଭ ହେବ। ଏବେ ଇଂଲଣ୍ଡରେ ଥିବା ଭାରତୀୟ ପ୍ରଶଂସକମାନେ ଉତ୍କଣ୍ଠାର ସହ ଭାରତର ଅଭିଯାନକୁ ଅପେକ୍ଷା କରି ରହିଛନ୍ତି।

-(ଗେମ୍ ପ୍ଲାନ)

SEAGRAM'S
ROYAL STAG
MEGA MUSIC CDs

“ଚଳିତ ଆଇସିସି ବିଶ୍ୱକପ୍‌ରେ ପାକିସ୍ତାନ ନିକଟରୁ ପରାଜୟବରଣ କରିବା ଅନ୍ୟତମ ମୁଖ୍ୟ କାରଣ ହେଉଛି ମ୍ୟାଚରେ ଆମର ଦୁର୍ବଳ ଫିଲ୍ଡିଂ ।

–ଇଅନ ମୋର୍ଗାନ, ଇଂଲଣ୍ଡ କ୍ରିକେଟ ଅଧିନାୟକ



“କ୍ରମାଗତ ପରାଜୟ ସତ୍ତ୍ୱେ କୋଚ୍ ମିକି ଆର୍ଥର ଆମ ଉପରେ ଭରସା ରଖିଥିବାରୁ ଆମେ ବିଶ୍ୱକପ୍ ଫେଭରାଇଟ୍ ଇଂଲଣ୍ଡକୁ ପରାସ୍ତ କରିପାରିଲୁ ।

–ହସନ ଅଲି, ପାକିସ୍ତାନ ପେସ୍ ବୋଲର



## ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ

# ‘ରିଡ୍‌ଙ୍କ ଆଚରଣ ବନ୍ଧୁତ୍ୱପୂର୍ଣ୍ଣ’

ଭୁବନେଶ୍ୱର,୪।୬(ସ୍ପୋର୍ଟ୍ସ ବ୍ୟୁରୋ)

ଆଉ ମାତ୍ର ଗୋଟିଏ ଦିନ ପରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସରେ ଆରମ୍ଭ ହେବାକୁ ଯାଉଛି ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ସିରିଜ ଫାଇନାଲ୍ସ। ୨୦୨୦ ଟୋକିଓ ଅଲିମ୍ପିକ୍ସର ଯୋଗ୍ୟତା ହାସଲ କରିବାକୁ ଏହି ଟୁର୍ନାମେଣ୍ଟ ଭାରତ ପାଇଁ ପ୍ରଥମ ପାହାଚ ବିବେଚିତ ହେଉଛି। ଭାରତ ଏହି ଟୁର୍ନାମେଣ୍ଟରେ ଦମ୍‌ଦାର ପ୍ରଦର୍ଶନ କରି ଚାମ୍ପିୟନ ହେବ ବୋଲି ଅଧିନାୟକ ମନପ୍ରୀତ ସିଂ କହିଛନ୍ତି। ମଙ୍ଗଳବାର ଖବରଦାତା ସମ୍ମିଳନୀରେ ଯୋଗଦେଇ



ମନ୍‌ପ୍ରିତ୍ ସିଂ।

ମନପ୍ରୀତ୍‌ଙ୍କ ସମେତ ଅନ୍ୟ ୭ ଦଳର ଅଧିନାୟକ ତଥା ଖେଳାଳିମାନେ ନିଜନିଜ ଦଳର ପ୍ରଦର୍ଶନ ଓ ଯୋଜନା ନେଇ ମତ ରଖିଥିଲେ। ନୂଆ କୋଚ୍ ଗ୍ରାହାମ ରିଡଙ୍କ ସହ ଦଳର ସବୁ ଖେଳାଳି ବେଶ୍ ସହଜ ମନେ କରୁଛନ୍ତି। ରିଡ୍‌ଙ୍କ ବନ୍ଧୁତ୍ୱପୂର୍ଣ୍ଣ ଆଚରଣ ସବୁ ଖେଳାଳିଙ୍କ ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିଛି। ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ହାସଲ ପାଇଁ ଏହି ଟୁର୍ନାମେଣ୍ଟ ଆମ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି ବୋଲି ସେ କହିଛନ୍ତି। ୬ ତାରିଖ ଅର୍ଥାତ୍ ଗୁରୁବାର ଋଷିଆ ବିପକ୍ଷରୁ ଭାରତ ଅଭିଯାନ ଆରମ୍ଭ କରିବ। ନୂଆ କୋଚ୍ ରିଡ୍‌ଙ୍କ ତତ୍ତ୍ୱାବଧାନରେ ଭାରତ ପ୍ରଥମଥର ପାଇଁ କୌଣସି ବଡ଼ ଟୁର୍ନାମେଣ୍ଟ ଖେଳିବାକୁ ଯାଉଛି। ରିଡ୍ ଖେଳାଳିଙ୍କ ସହ ବନ୍ଧୁ ଭଳି ବ୍ୟବହାର କରିଥାନ୍ତି ଓ ତାଙ୍କ ମୁହଁରେ ସବୁବେଳେ ହସ ଥାଏ। ସବୁ ଖେଳାଳିଙ୍କ ସହ ସେ ଖୋଲାଖୋଲି ଭାବେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥାନ୍ତି। ଗ୍ରାଉଣ୍ଡରେ ଅଧିନାୟକଙ୍କ ସମେତ ସବୁ ଖେଳାଳି ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ ବୋଲି ରିଡ ବିଚାର କରିଥାନ୍ତି। ଯଦି କୌଣସି ଖେଳାଳି ଭଲ ପ୍ରଦର୍ଶନ କରି ନ ଥାନ୍ତି ତାହେଲେ ତାଙ୍କୁ ସେ ମୋଟିଭେଟ୍ କରିଥାନ୍ତି ଓ ଲୟକୁ ଫେରାଇ ଆଣିବା ପାଇଁ ପ୍ରୟାସ କରିଥାନ୍ତି ବୋଲି ମନପ୍ରୀତ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି।

ଭିନ୍ନ ଭିନ୍ନ କୋଚ୍‌ଙ୍କ ଶୈଳୀ ଅଲଗା ହୋଇଥାଏ। ତେଣୁ ପୂର୍ବ କୋଚ୍ ହରେନ୍ଦ୍ର ସିଂଙ୍କଠାରୁ ରିଡ ଶୈଳୀ ଅଲଗା ବୋଲି ମନପ୍ରୀତ କହିଛନ୍ତି। ମ୍ୟାଚ୍‌କୁ ପଢିବା ଓ ହୃଦୟଙ୍ଗମ କରିବା ଓ ସେହି ଅନୁଯାୟୀ ରଣନୀତି ପ୍ରସ୍ତୁତ କରିବାର ଶୈଳୀ ସବୁ କୋଚ୍‌ମାନଙ୍କର ଅଲଗା ଅଲଗା ରହିଥାଏ। ସେହିପରି ହରେନ୍ଦ୍ରଙ୍କଠାରୁ ରିଡ୍ ଶୈଳୀ ଭିନ୍ନ। ରିଡ୍‌ଙ୍କ ସହ ସବୁ ଖେଳାଳି ବେଶ୍ ସହଜ ମନେ କରୁଛନ୍ତି। ତେଣୁ ଏହାର ସକାରାତ୍ମକ ପ୍ରଭାବ ଦଳର ପ୍ରଦର୍ଶନ ଉପରେ ପଡିବ ବୋଲି ମନପ୍ରୀତ କହିଛନ୍ତି।

ପ୍ରଥମ ମ୍ୟାଚ୍‌ରେ ଭାରତ ଋଷିଆକୁ ଭେଟିବାପରେ ପୋଲାଣ୍ଡ ଓ ଉଜ୍‌ବେକିସ୍ତାନକୁ ଭେଟିବ। ଏହି ଟୁର୍ନାମେଣ୍ଟ ସବୁ ଦଳ ପାଇଁ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ଭାରତ ଘରୋଇ ପରିବେଶରୁ ଫାଇଦା ଉଠାଇବା ଓ ଅନ୍ୟ ଦଳଗୁଡିକଠାରୁ ପାଦେ ଆଗରେ ରହିବ। ଏହି ଟୁର୍ନାମେଣ୍ଟ ନେଇ ଆମେ ବେଶ୍ ଉତ୍ସାହିତ ଅଛୁ। ସବୁ ଦଳ ଅଲିମ୍ପିକ୍ସ ଖେଳିବାକୁ ଚାହୁଁଛନ୍ତି। ତେଣୁ କୌଣସି ଦଳକୁ ହେୟ ମନେ କରିହେବ ନାହିଁ। ଯେକୌଣସି ଦଳ ସେମିଫାଇନାଲରେ ପ୍ରବେଶ କରିପାରିବ।

ଭୁବନେଶ୍ୱରର ଦର୍ଶକ କେବଳ ଭାରତ ନୁହଁ ବାକି ସବୁ ଦଳକୁ ସମର୍ଥନ କରିବେ ବୋଲି ମନପ୍ରୀତ କହିଛନ୍ତି। ଓଡ଼ିଶାରେ ଖେଳିବା ସବୁବେଳେ ଆନନ୍ଦଦାୟକ ହୋଇଥାଏ। ଶ୍ରେଷ୍ଠ ପ୍ରଦର୍ଶନ କରି ଆମେ ଫାଇନାଲରେ ପ୍ରବେଶ କରିବୁ। ଗତ ଏସିଆନ ଗେମ୍ସରେ ଭାରତ ସେମିଫାଇନାଲରେ ମାଲେସିଆଠାରୁ ହାରି ବିଦାୟ ନେଇଥିଲା। ଏହା ନିଶ୍ଚିତ ଭାବେ କଷ୍ଟ ଦେଇଛି। ତେବେ ଏହାକୁ ପଛରେ ପକାଇ ଆମକୁ ଆଗକୁ ଯିବାକୁ ହେବ।

ହେଡ୍ କୋଚ୍ ରିଡ୍‌ଙ୍କୁ ବାଦଦେଲେ ଭାରତ ପାଇଁ ଅନାଲିଟିକାଲ କୋଚ୍ କ୍ରିସ୍ ସିରିଏଲୋ, ସପୋର୍ଟ ଷ୍ଟାଫ୍ ହିସାବରେ ପୀୟୂଷ ଦୁବେ ଓ ପୂର୍ବତନ ଷ୍ଟ୍ରାଇକର ଶିବେନ୍ଦ୍ର ସିଂ କାର୍ଯ୍ୟ କରୁଛନ୍ତି। ପେନାଲ୍ଟି କନଭର୍ସନ ଓ ଅନ୍ତିମ ମୁହୂର୍ତ୍ତରେ ଗୋଲ ବରଣ କରିବାର ଭାରତର ପୁରୁଣା ସମସ୍ୟା ରହିଛି। ଏଥିରେ ସୁଧାର ଆଣିବାକୁ ପ୍ରୟାସ କରିବୁ ବୋଲି ମନପ୍ରୀତ କହିଛନ୍ତି।

ମନପ୍ରୀତଙ୍କ ସମେତ ଜାପାନ ଅଧିନାୟକ ମନାବୁ ୟାମାସିଟା, ପୋଲାଣ୍ଡ ଟିମ୍ ଗୋଲକିପର ମାଟେଉଜ୍ ପୋପିଓଲକୋଓ୍ୱସ୍କି, ଦକ୍ଷିଣ ଆଫ୍ରିକା ଟିମ୍ ଗୋଲକିପର ରାସି ପିଟର୍ସ, ଋଷିଆର ପାଭେଲ ଗୋଲୁବେଭ, ଆମେରିକା ଅଧିନାୟକ ଅଜଇ ଧାଡଓ୍ୱାଲ, ଉଜ୍‌ବେକିସ୍ତାନ ଅଧିନାୟକ ଗୋଲିବ କାଲାଣ୍ଡାରୋଭ ଓ ମେକ୍ସିକୋ ଅଧିନାୟକ ମିଗୁଏଲ ଲେଅନ ନିଜ ରଣନୀତି ଓ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଟୁର୍ନାମେଣ୍ଟରେ ଭାରତ ଫେଭରାଇଟ୍ ମନେହେଉଥିଲେ ମଧ୍ୟ ଆମେ ଫାଇନାଲରେ ପ୍ରବେଶ କରିବାକୁ ସବୁ ମତେ ପ୍ରୟାସ କରିବୁ ବୋଲି ଏମାନେ କହିଥିଲେ।

### ଟିମ୍ ଇଣ୍ଡିଆର ନୂଆ ଜର୍ସି

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୬ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ସିରିଜ ଫାଇନାଲ୍ସରେ ଭାଗ ନେବାକୁ ଯାଉଥିବା ଘରୋଇ ଭାରତୀୟ ଦଳର ନୂଆ ଜର୍ସି ଉନ୍ମୋଚିତ ହୋଇଛି। ହକି ଇଣ୍ଡିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲିନା ନର୍ମାନ କ୍ରୀଡ଼ା ସଚିବ ବିଶାଳ ଦେବଙ୍କୁ ପ୍ରଦାନ କରିଛନ୍ତି। ଏହି ଜର୍ସି ବେଶ୍ ସୁନ୍ଦର ଓ ଆକର୍ଷଣୀୟ ହୋଇଛି। ଟିମ୍ ଇଣ୍ଡିଆର ଅଫିସିଆଲ କିଟିଂ ପାର୍ଟନର ଶିବ ନରେଶ ଏହି ଜର୍ସି ପ୍ରସ୍ତୁତ କରିଛନ୍ତି। ଜର୍ସିର ରଙ୍ଗ ଗାଢ ନୀଳ ରହିଛି। ଏହା ଭାରତୀୟ ଦଳର ଆକ୍ରମଣାତ୍ମକ ଆଭିମୁଖ୍ୟକୁ ସୂଚାଉଛି। ଏହା ବେଶ ହାଲକା ମନେହେଉଛି। ମିଡ୍‌ଫିଲ୍ଡର ମନପ୍ରୀତ ସିଂଙ୍କ ନେତୃତ୍ୱରେ ଭାରତୀୟ ଖେଳାଳିମାନେ ଏହି ନୂଆ ଜର୍ସି ପରିଧାନ କରି ପଡିଆକୁ ଓହ୍ଲାଇବେ। ଏହି ଟୁର୍ନାମେଣ୍ଟ ୧୫ ତାରିଖା ଶେଷ ହେବ। ଟୋକିଓରେ ଆୟୋଜନ ହେବାକୁ ଯାଉଥିବା ୨୦୨୦ ଅଲିମ୍ପିକ୍ସ ଲାଗି ଏହି ଟୁର୍ନାମେଣ୍ଟ ଭାରତ ପାଇଁ ଯୋଗ୍ୟତା ହାସଲ କରିବାର ପ୍ରଥମ ପାହାଚ ସଦୃଶ ହେବ। ପୁଲ୍ ଏ’ରେ ଭାରତ ସମେତ ପୋଲାଣ୍ଡ, ଋଷିଆ ଓ ଉଜ୍‌ବେକିସ୍ତାନ ସ୍ଥାନ ପାଇଛନ୍ତି। ସେହିପରି ପୁଲ୍ ବି’ରେ ଦକ୍ଷିଣ ଆଫ୍ରିକା, ଜାପାନ, ଆମେରିକା ଓ ମେକ୍ସିକୋ ସ୍ଥାନ ପାଇଛନ୍ତି।




ହକି ଇଣ୍ଡିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲିନା ନର୍ମାନ ଓ କ୍ରୀଡ଼ା ସଚିବ ବିଶାଳ ଦେବ ଭାରତର ଜର୍ସି ଉନ୍ମୋଚନ କରୁଛନ୍ତି।

# ଶ୍ରୀଲଙ୍କା ବିଜୟୀ



ଉଇକେଟ ହାସଲ ପରେ ନୂଆନ ପ୍ରଦୀପ (ବାମ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

କାର୍ଡିଫ୍,୪।୬(ଏଏଫ୍‌ପି)

ଚଳିତ ଆଇସିସି ବିଶ୍ୱକପ୍ ଦ୍ୱାଦଶ ସଂସ୍କରଣର ବର୍ଷା ବାଧାପ୍ରାପ୍ତ ସପ୍ତମ ମ୍ୟାଚ୍‌ରେ ଶ୍ରୀଲଙ୍କା ଡକ୍‌ୱର୍ଥ/ ଲୁଇସ୍ ନିୟମରେ ୩୪ ରନରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ସ୍ଥାନୀୟ ସୋଫିଆ ଗାର୍ଡେନ୍ସରେ ମଙ୍ଗଳବାର ଖେଳାଯାଇଥିବା ଲୋ- ସ୍କୋରିଂ ମ୍ୟାଚ୍‌ରେ ଟସ୍ ଜିତି ଆଫଗାନିସ୍ତାନ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମ ବ୍ୟାଟିଂ କରି ଶ୍ରୀଲଙ୍କା ୩୬.୫ ଓଭରରେ ୨୦୧ ରନ କରି ଅଲଆଉଟ ହୋଇଥିଲା। ବର୍ଷା ଯୋଗୁ ମ୍ୟାଚ୍ ବାଧାପ୍ରାପ୍ତ ହେବା ଫଳରେ ଆଫଗାନିସ୍ତାନ ସମ୍ମୁଖରେ ୪୧ ଓଭରରେ ପୁନଃନିର୍ଦ୍ଧାରିତ ୧୮୭ ରନର ଟାର୍ଗେଟ ଧାର୍ଯ୍ୟ କରାଯାଇଥିଲା। ଜବାବରେ ଆଫଗାନିସ୍ତାନ ୩୨.୪ ଓଭରରେ ମାତ୍ର ୧୫୨ ରନକରି ଅଲଆଉଟ ହୋଇଯାଇଥିଲା। ଆଫଗାନିସ୍ତାନ ତରଫରୁ ନାଜିବୁଲ୍ଲା ଜଦ୍ରାନ ସର୍ବାଧିକ ୪୩, ହଜରତୁଲ୍ଲା ଜାଜାଇ ୩୦, ଅଧିନାୟକ ଗୁଲବଦିନ ନାଇବ ୨୩ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଶ୍ରୀଲଙ୍କାର ନୂଆନ ପ୍ରଦୀପ ସର୍ବାଧିକ ୪, ଲସିଥ୍ ମାଲିଙ୍ଗା ୩, ଇସୁରୁ ଉଡାନା ଓ ଥିସାରା ପେରେରା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଟୁର୍ନାମେଣ୍ଟରେ ଶ୍ରୀଲଙ୍କା ପ୍ରଥମ ବିଜୟ ହାସଲ କରିଥିବାବେଳେ ଆଫଗାନିସ୍ତାନ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି।

ଶ୍ରୀଲଙ୍କା ଏକଦା ବିନାକ୍ଷତିରେ ୯୨ ରନ ସଂଗ୍ରହ କରି ଭଲ ଆରମ୍ଭ କରିଥିଲେ ମଧ୍ୟ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଓ ଟେଲ ଏଣ୍ଡରଙ୍କ ବିଫଳତା ଯୋଗୁ ବଡ଼ ସ୍କୋର କରିପାରି ନ ଥିଲା। ଓପନର କୁଶଲ ପେରେରା ସର୍ବାଧିକ ୭୮, ଅଧିନାୟକ ଦିମୁଥ କରୁଣାରତ୍ନେ ୩୦ ରନ କରି ଦଳକୁ ଭଲ ଆରମ୍ଭ ପ୍ରଦାନ କରିଥିଲେ। ପ୍ରଥମ ଉଇକେଟ ଯୋଡିରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୯୨ ରନ ସଂଗ୍ରହ କରିଥିଲେ। ୬ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଆଫଗାନିସ୍ତାନ ତରଫରୁ ଅଫ୍‌ସ୍ପିନର ମହମ୍ମଦ ନବୀ ସର୍ବାଧିକ ୪, ଦଲତ ଜଦ୍ରାନ ଓ ରସିଦ୍ ଖାଁ ଦୁଇଟି ଲେଖାଏ, ହମିଦ ହାସନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

- ଶ୍ରୀଲଙ୍କା ୩୬.୫ ଓଭରରେ ୨୦୧ ଅଲଆଉଟ (କୁଶଲ ପେରେରା- ୭୮, କରୁଣାରତ୍ନେ- ୩୦, ଥିରିମାନେ- ୨୫, ନବି- ୪/୩୦, ଜଦ୍ରାନ- ୨/୩୪, ରସିଦ- ୨/୧୭)।
- ଆଫଗାନିସ୍ତାନ ୩୨.୪ ଓଭରରେ ୧୫୨ ଅଲଆଉଟ୍ (ଜଦ୍ରାନ- ୪୩, ଜାଜାଇ- ୩୦, ଗୁଲବଦିନ- ୨୩, ପ୍ରଦୀପ- ୪/୩୧, ମାଲିଙ୍ଗା- ୩/୩୯)।



କଳିଙ୍ଗ ଷ୍ଟାଡ଼ିୟମ୍‌ରେ ମଙ୍ଗଳବାର ଦକ୍ଷିଣ ଆଫ୍ରିକା ହକି ଦଳର ଅଭ୍ୟାସ।

## ଭାରତକୁ ଚତୁଃରାଷ୍ଟ୍ରୀୟ ଟାଇଟଲ

ଡବ୍ଲିନ୍ (ଆୟର୍ଲାଣ୍ଡ), ୪।୬ (ପି.ଟି.)

ଭାରତୀୟ ଜୁନିୟର ମହିଳା ହକି ଦଳ କ୍ୟାଣ୍ଟର ଫିଜରଲାଡ୍ ୨୧ ବର୍ଷରୁ କମ୍ ଚତୁଃରାଷ୍ଟ୍ରୀୟ ମହିଳା ହକି ଟାଇଟଲ ହାସଲ କରିଛି। ଦଳ ମଙ୍ଗଳବାର ଅନୁଷ୍ଠିତ ଫାଇନାଲରେ ଆୟର୍ଲାଣ୍ଡକୁ ୧–୦ ଗୋଲରେ ପରାସ୍ତ କରିଛି। ଭାରତ ପକ୍ଷରୁ ଗଗନଦୀପ କୌର ଖେଳର ତୃତୀୟ କ୍ୱାର୍ଟରରେ ଗୋଲଟିକୁ ସ୍କୋର କରିଥିଲେ। ଫାଇନାଲ କ୍ୱାର୍ଟରରେ ଆୟର୍ଲାଣ୍ଡ ୩ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ଗୋଲରେ ପରିଣତ କରିବାରେ ସକ୍ଷମ ହୋଇ ପାରି ନ ଥିଲା। ଚାରୋଟି ଗେମ୍‌ରେ ୩ଟି ଗୋଲ ସ୍କୋର କରି ମମ୍‌ତାଜ ଖାଁ ଟୁର୍ନାମେଣ୍ଟର ସର୍ବାଧିକ ଗୋଲ ସ୍କୋରର ଖେଳାଳି ବିବେଚିତ ହୋଇଥିଲେ। ଭାରତ ଏହି ଟୁର୍ନାମେଣ୍ଟରେ ଅପରାଜେୟ ରହି ଟାଇଟଲ ଜିତିବା ଏକ ଉଲ୍ଲେଖନୀୟ ଘଟଣା।

### କିଟ୍ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲ

## ବୋନେଲି ଏଡୁଆର୍ଡୋ ଅଗ୍ରଣୀ

**ଭୁବନେଶ୍ୱର, ୪।୬ (କ୍ରୀଡ଼ା ପ୍ରତିନିଧି):** କିଟ୍ ପରିସରରେ ଚାଲିଥିବା ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲର ‘ଏ’ କାଟେଗୋରିରେ ମଙ୍ଗଳବାର ୨ ରାଉଣ୍ଡ ଖେଳ ଅନୁଷ୍ଠିତ ହୋଇଯାଇଛି। ୭ ରାଉଣ୍ଡ ଖେଳ ଶେଷସୁଦ୍ଧା ଭେନେଜୁଏଲା ଗ୍ରାଣ୍ଡମାଷ୍ଟର (ଜିଏମ୍) ଇଡିରିଜଗା ବୋନେଲି ଏଡୁଆର୍ଡୋ ଅଗ୍ରଣୀ ହାସଲ କରିଛନ୍ତି। ତାଜିକସ୍ତାନ ଜିଏମ୍ ଆମୋନାତୋଭ ଫାରୁଖ ଓ ଋଷିଆ ଜିଏମ୍ ମାକ୍ସିମ ଡୁରୋଭ ମଧ୍ୟ ୬ ପଏଣ୍ଟ ଲେଖାଏ ପାଇ ପ୍ରଥମ ୩ ସ୍ଥାନରେ ରହିଛନ୍ତି। ୯ ଖେଳାଳି ୫.୫ ପଏଣ୍ଟ ଲେଖାଏ ପାଇଛନ୍ତି। ଓଡ଼ିଶା ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ ୫ ପଏଣ୍ଟ ସହିତ ୨୫ତମ ସ୍ଥାନରେ ରହିଛନ୍ତି। ପ୍ରତିଯୋଗିତାର ‘ସି’ କାଟେଗୋରି ମ୍ୟାଚ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି।

## ବିବାହ କରିବେ ବବିତା

ନୂଆଦିଲ୍ଲୀ, ୪।୬ (ପି.ଟି.)

ପରିବାରର ସମ୍ମତି ମିଳିବା ପରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ରେସ୍‌ଲର ବବିତା କୁମାରୀ ଫୋଗତ ବିବେକ ସୁହାଗଙ୍କୁ ବିବାହ କରିବା ପକ୍କା ହୋଇଛି। ଏହି ପରିପ୍ରେକ୍ଷୀରେ ୨୯ବର୍ଷୀୟା ବବିତା ମଙ୍ଗଳବାର ତାଙ୍କ ଟୁଇଟର ପେଜ୍‌ରେ ଏକ ଫଟୋ ଶେୟାର କରିଛନ୍ତି। ବିଭାଘର ସମ୍ଭବତଃ ବର୍ଷ ଶେଷରେ ହେବ। ପ୍ରସିଦ୍ଧ ଫୋଗ୍ ଭଗିନୀ ଦ୍ୱୟଙ୍କ ମଧ୍ୟରେ ବବିତା ହେଉଛନ୍ତି ସାନ। ବଡ଼ ଭଉଣୀ ଗୀତାଙ୍କ ଉପରେ ସଫଳ ବଲିଉଡ୍ ଚଳଚ୍ଚିତ୍ର ‘ଦଙ୍ଗଲ’ ନିର୍ମିତ ହୋଇଛି।

## ଫେଡରର-ନାଡାଲ ସେମିଫାଇନାଲ

### କୋଣ୍ଟାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି

ପ୍ୟାରିସ, ୪।୬

ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ଦୁଇ ଷ୍ଟାର ଖେଳାଳି ସୁଇଜରଲାଣ୍ଡର ରୋଜର ଫେଡରର ଏବଂ ସ୍ପେନ୍‌ର ରାଫାଲ ନାଡାଲଙ୍କ ମଧ୍ୟରେ ମୁକାବିଲା ହେବ। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟରଫାଇନାଲରେ ଫେଡରର ନିଜ ଦେଶର ଷ୍ଟାନ ୱାରିଙ୍କାଙ୍କୁ ୭–୬(୭–୪), ୪–୬, ୭–୬(୭–୫), ୬–୪ ସେଟ୍‌ରେ ହରାଇ ଦେଇଛନ୍ତି। ଅନ୍ୟ ଏକ କ୍ୱାର୍ଟରଫାଇନାଲରେ ନାଡାଲ ଜାପାନର କେଇ ନିଶିକୋରିଙ୍କୁ ୬–୧, ୬–୧, ୬–୩ ସେଟ୍‌ରେ ପରାସ୍ତ କରିଛନ୍ତି। ମହିଳା ସିଙ୍ଗଲ୍ସରେ ଜୋହାନା କୋଣ୍ଟା ଅସାଧାରଣ ପ୍ରଦର୍ଶନ ଜାରି ରଖିଛନ୍ତି। ୧୯୮୩ ପରେ ସେ ପ୍ରଥମ ବ୍ରିଟିଶ ମହିଳା ଖେଳାଳି ହିସାବରେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏଠାରେ ୨୬ତମ ସିଡ୍‌ପ୍ରାପ୍ତ ବ୍ରିଟେନର ଏହି ନମ୍ବର ୱାନ ଖେଳାଳି ଆମେରିକାର ୭ମ ସିଡ୍ ସ୍ଲୋଏନ୍ ଷ୍ଟିଫେନ୍ସଙ୍କୁ ୬–୧, ୬–୪ ସେଟ୍‌ରେ ହରାଇ ଦେଇଛନ୍ତି। ୨୮ ବର୍ଷୀୟା କୋଣ୍ଟା ତିନୋଟି ସର୍ଭିସ ବ୍ରେକ୍ କରିଥିବାବେଳେ ତାଙ୍କ ସର୍ଭିସ ବେଳେ ମାତ୍ର ୧୩ ପଏଣ୍ଟ ବ୍ରେକ୍ କରିଥିଲେ। ବ୍ରିଟିଶ ମହିଳା ଟେନିସ ଖେଳାଳି ତାଙ୍କ ତୃତୀୟ ଗ୍ରାଣ୍ଡସ୍ଲାମ ସେମିଫାଇନାଲ ଖେଳିବେ। ପୂର୍ବରୁ ସେ ୨୦୧୬ ଅଷ୍ଟ୍ରେଲିଆନ ଓପନ ଏବଂ ୨୦୧୭ ୱିମ୍ବେଲଡନ ସେମିଫାଇନାଲରେ ପ୍ରବେଶ କରିପାରିଥିଲେ। ୩୬ ବର୍ଷ ପୂର୍ବେ ଜୋ ଡୁରି ଶେଷ ବ୍ରିଟେନ ଖେଳାଳି ହିସାବରେ ମହିଳା ସେମିଫାଇନାଲରେ ପ୍ରବେଶ କରିଥିଲେ।

# ଭାରତର ଅଭିଯାନ ଆଜିଠାରୁ

ସାଉଥାମ୍ପଟନ,୪।୬ (ପି.ଟି.)

ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣରେ ଭାରତର ଅଭିଯାନ ବୁଧବାରଠାରୁ ଆରମ୍ଭ ହେବ। ଭାରତର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ଦକ୍ଷିଣ ଆଫ୍ରିକା। ସାଉଥାମ୍ପଟନର ରୋଜ ବଲ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଖେଳାଳିଙ୍କ ଆଘାତ ଜନିତ ସମସ୍ୟାରେ ଥିଲେ ହେଁ ଭାରତକୁ କଡ଼ା ଚ୍ୟାଲେଞ୍ଜ ଦେବ ବୋଲି ଆଶା କରାଯାଉଛି। ଭାରତୀୟ ଅଧିନାୟକ ବିରାଟ କୋହଲି ତାଙ୍କ ଆନ୍ତର୍ଜାତିକ କ୍ୟାରିୟରର ନୂଆ ସୋପାନରେ ପାଦ ଦେବାକୁ ଯାଉଛନ୍ତି। ସେ ଚଳିତ ପିଢିର ସବୁଠାରୁ ଶ୍ରେଷ୍ଠ ଦିନିକିଆ ବ୍ୟାଟ୍ସମ୍ୟାନ ବିବେଚିତ ହେଉଛନ୍ତି। ତେବେ ଏହି ମେଗା ଇଭେଣ୍ଟରେ ସେ କେବଳ ବ୍ୟାଟ୍ସମ୍ୟାନ ନୁହଁନ୍ତି ଜଣେ ଅଧିନାୟକ ହିସାବରେ ପରୀକ୍ଷାର ସମ୍ମୁଖୀନ ହେବେ। ଭାରତୀୟ ଦଳରେ କୋହଲିଙ୍କ ସମେତ ଏକାଧିକ ମ୍ୟାଚ୍ ୱିନର ରହିଛନ୍ତି। ତାଙ୍କ ନେତୃତ୍ୱ, ଧୋନୀଙ୍କ ଦିଶାନିର୍ଦ୍ଦେଶ ଓ କୋଚ ରବି ଶାସ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଭାରତ ଗ୍ରୁପ୍ ପର୍ଯ୍ୟାୟରେ ୯ଟି ମ୍ୟାଚ୍‌ରୁ ୬ଟିରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିବ ବୋଲି ଆଶା କରାଯାଉଛି। ଗ୍ରୁପ୍ ପର୍ଯ୍ୟାୟରେ ବାକି ସବୁ ଦଳ ଦୁଇଟି ମ୍ୟାଚ୍ ଖେଳିସାରିଥିବା ବେଳେ ଭାରତ ତା’ର ପ୍ରଥମ ମ୍ୟାଚ୍ ଖେଳିବାକୁ ଯାଉଛି। ତେଣୁ ଭାରତୀୟ ଖେଳାଳିମାନେ ଆବଶ୍ୟକ ବିଶ୍ରାମ ନେଇଛନ୍ତି।

ଗ୍ରୁପ୍ ପର୍ଯ୍ୟାୟରେ ଦକ୍ଷିଣ ଆଫ୍ରିକା କ୍ରମାଗତ ଦୁଇଟି ମ୍ୟାଚ୍‌ରେ ପରାଜୟ ବରଣ କରିଛି। ପ୍ରଥମେ ଇଂଲଣ୍ଡ ଓ ପରେ ବାଂଲାଦେଶଠାରୁ ପରାସ୍ତ ହେବା ପରେ ଦଳର ଆତ୍ମବିଶ୍ୱାସରେ ଅବନତି ହୋଇଥିବ। ପୁଣି ଅଭିଜ୍ଞ ଦ୍ରୁତ ବୋଲର ଡେଲ ଷ୍ଟେଇନ୍ କାନ୍ଧରେ ଆଘାତ ସମସ୍ୟା କାରଣରୁ ବିଶ୍ୱକପ୍‌ରୁ ବାଦ ପଡିଛନ୍ତି। ଫଳରେ ଦକ୍ଷିଣ ଆଫ୍ରିକାର ସମସ୍ୟା ଦ୍ୱିଗୁଣିତ ହୋଇଛି। ତାଙ୍କ ବଦଳରେ ବାମହାତୀ ଦ୍ରୁତ ବୋଲର ବେଉରାନ ହେଣ୍ଡ୍ରିକ୍ସଙ୍କୁ ଦଳରେ ସାମିଲ କରାଯାଇଛି। ଦ୍ରୁତ ବୋଲର ଲୁନ୍‌ଗି ଏନ୍‌ଗିଡି ହାମଷ୍ଟ୍ରିଂ ଇଞ୍ଜୁରି କାରଣରୁ ଭାରତ ବିପକ୍ଷ ମ୍ୟାଚ୍‌ରେ ନ ଖେଳିବା ସ୍ପଷ୍ଟ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଇଂଲଣ୍ଡ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କ ବଲ ହାସିମ ଆମଲାଙ୍କ ହେଲମେଟ୍‌ରେ ବାଜିଥିଲା। ସେଥିପାଇଁ ଆମଲା ସମ୍ପୂର୍ଣ୍ଣ ଫିଟ୍ ନାହାନ୍ତି। ତେଣୁ ଦକ୍ଷିଣ ଆଫ୍ରିକା ସାମାନ୍ୟ ଦୁର୍ବଳ ହୋଇଛି ବୋଲି କହିଲେ ଭୁଲ ହେବନାହିଁ। ତେବେ କୌଣସି ପ୍ରକାର ପରିସ୍ଥିତିରେ ଦକ୍ଷିଣ ଆଫ୍ରିକାକୁ ଆଦୌ ହେୟ ମନେ କରିହେବ ନାହିଁ ବୋଲି ଭାରତୀୟ କୋଚ୍ ରବି ଶାସ୍ତ୍ରୀ ସତର୍କ କରାଇଦେଇଛନ୍ତି।

**ଆଜିର ମ୍ୟାଚ୍**

ଭାରତ
ବନାମ
ଦକ୍ଷିଣ ଆଫ୍ରିକା
ସ୍ଥାନ: ସାଉଥାମ୍ପଟନ
ସମୟ: ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ନ୍ୟୁଜିଲାଣ୍ଡ
ବନାମ
ବାଂଲାଦେଶ
ସ୍ଥାନ: ଲଣ୍ଡନ
ସମୟ: ସନ୍ଧ୍ୟା ୬ଟା

Birthday Wish



R.KAJOL
Age–22
DOB: 05.06.1997
HAPPY BIRTHDAY to KAJOL
D-12809

ପ୍ରଥମ ଜନ୍ମଦିନ ଶୁଭେଚ୍ଛା



ଶ୍ରେୟାଲିନ୍ (ମାମା)
ଇମାମ ନଗର, ଜଗତ୍‌ପୁର, କଟକ
ତୋର ପ୍ରଥମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଭଲରେ ରଖନ୍ତୁ।
ଶୁଭେଚ୍ଛା ସହ: ଅଜା, ଆଈ, ମାମୁ (ନହରକଣ୍ଟା), ଜେଜେ, ମା, ମମି, ପାପା, ଦାଦା ଓ ପରିବାର ବର୍ଗ।
ଧ-୧୨୮୦୧

ଜନ୍ମଦିନ ଶୁଭେଚ୍ଛା



ଆଶୁତୋଷ ପାଲଟାସିଂ (ଅଭି)
ଝାରପଡ଼ା, ଭୁବନେଶ୍ୱର
ତୋର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଭଲରେ ରଖନ୍ତୁ।
ଶୁଭେଚ୍ଛା ସହ: ମା, ପୂଜା, ଚନ୍ଦନ, କୁଇନ୍, ମାମୁନି, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୮୩୬

### ରାଜ୍ୟ କ୍ୟାବିନେଟ୍‌ରେ ଏସ୍‌ସି, ଏସ୍‌ଟି, ଓବିସି କଲ୍ୟାଣ ମନ୍ତ୍ରୀ ରହିବା ପ୍ରସଙ୍ଗ

## ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କଲେ ଶ୍ରୀକାନ୍ତ



**ଭୁବନେଶ୍ୱର,୪।୬(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନବଗଠିତ କ୍ୟାବିନେଟ୍ ଅସାମ୍ବିଧାନିକ। ମନ୍ତ୍ରିମଣ୍ଡଳ ଚୟନ ପୂର୍ବରୁ ଏକ ଗୁରୁତର ତ୍ରୁଟି କରାଯାଇଛି ବୋଲି କିଛିଦିନ ତଳେ ଅଭିଯୋଗ କରିଥିଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା। ଏ ସମ୍ପର୍କରେ ଶ୍ରୀକାନ୍ତ ମଙ୍ଗଳବାର ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଭେଟି ଦୃଷ୍ଟି ଆକର୍ଷଣ କରିଛନ୍ତି। ଶ୍ରୀକାନ୍ତ କହିଛନ୍ତି, ସମ୍ବିଧାନର ଧାରା ୧୬୪ ଅନୁଯାୟୀ ରାଜ୍ୟପାଳଙ୍କ ସହ ପରାମର୍ଶ କରି ମୁଖ୍ୟମନ୍ତ୍ରୀ ମନ୍ତ୍ରୀମାନଙ୍କୁ ନିଯୁକ୍ତି କରିପାରିବେ। ନିୟମାନୁଯାୟୀ ଓଡ଼ିଶା, ବିହାର, ଝାଡ଼ଖଣ୍ଡ ଏବଂ ମଧ୍ୟପ୍ରଦେଶ କ୍ଷେତ୍ରରେ ରାଜ୍ୟ କ୍ୟାବିନେଟ୍‌ରେ ଏସ୍‌ସି, ଏସ୍‌ଟି ଏବଂ ଓବିସି କଲ୍ୟାଣ ଦାୟିତ୍ୱ ଦିଆଯିବା କଥା। ଜଣେ କ୍ୟାବିନେଟ୍ ମନ୍ତ୍ରୀ ମଧ୍ୟ ଏହାର ଅତିରିକ୍ତ ଦାୟିତ୍ୱରେ ରହିପାରିବେ। ହେଲେ ନବୀନଙ୍କ ନେତୃତ୍ୱାଧୀନ ସରକାର ଏସ୍‌ସି, ଏସ୍‌ଟି, ଓବିସି କଲ୍ୟାଣ ଭଳି ବିଭାଗକୁ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) ଦାୟିତ୍ୱ ପ୍ରଦାନ କରିଛି। ତେଣୁ ଏହି ତ୍ରୁଟିକୁ ସଜାଡିବା ପାଇଁ କ୍ୟାବିନେଟ୍ ଦାୟିତ୍ୱରେ ଥିବା ଜଣେ ମନ୍ତ୍ରୀଙ୍କୁ ଏହି ବିଭାଗ ଦାୟିତ୍ୱ ପ୍ରଦାନ କରାଯାଉ। ନଚେତ ବିଭାଗ ଦିଆଯାଇଥିବା ମନ୍ତ୍ରୀଙ୍କୁ କ୍ୟାବିନେଟ୍ ପାହ୍ୟାକୁ ପଦୋନ୍ନତି କରାଯାଉ ବୋଲି ଶ୍ରୀକାନ୍ତ କହିଛନ୍ତି। ରାଜ୍ୟପାଳଙ୍କ ସହ ସାମ୍ବିଧାନିକ ତ୍ରୁଟି ସମ୍ପର୍କରେ ବିଶଦ୍‌ଭାବେ ଆଲୋଚନା କରିବା ସହ ସମସ୍ତ ଦିଗକୁ ତର୍ଜମା କରି ପଦକ୍ଷେପ ନେବାକୁ ଶ୍ରୀକାନ୍ତ ଅନୁରୋଧ କରିଛନ୍ତି।

# ଅଣନିଃଶ୍ୱାସୀ କରୁଛି ଆବର୍ଜନା ବୋଝ

## ଫନୀ ପରେ ପୁରୀ ଜିଲା

**ପୁରୀ ଅଫିସ, ୪।୬**

ବାତ୍ୟା 'ଫନୀ' ପରେ ବିଗିଡ଼ିଛି ପୁରୀ ଜିଲାର ପରିମଳ ବ୍ୟବସ୍ଥା। ଜଳ, ବାୟୁ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଇଛି। ଆବର୍ଜନା ବୋଝରେ ଅଣନିଃଶ୍ୱାସୀ ହୋଇପଡ଼ିଛି ପୁରୀ ସହର। ଏବେ ସହରରୁ ପୂର୍ବାପେକ୍ଷା ଦୈନିକ ୧୦ଗୁଣ ଅଧିକ ଆବର୍ଜନା ବାହାରୁଛି। ସେହିପରି ଜଳ ପ୍ରଦୂଷଣ ଯୋଗୁ ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପିଲାଣି। କିଛିଦିନ ତଳେ ବଳିଆପଣ୍ଡା ଅଞ୍ଚଳରେ ଝାଡ଼ାବାନ୍ତିରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବାବେଳେ ଏବେ ବସ୍ତିଅଞ୍ଚଳରେ ଚର୍ମରୋଗ ବ୍ୟାପିଛି। ଫଳରେ ପ୍ରଦୂଷଣକୁ ନେଇ ସହରବାସୀ ଛାନିଆ ହୋଇପଡ଼ିଛନ୍ତି। ଇତିମଧ୍ୟରେ ଫନୀକୁ ମାସେ ପୂରିଯାଇଛି। ବାତ୍ୟାରେ ପୁରୀ ଜିଲାରେ ଲକ୍ଷ ଲକ୍ଷ ଗଛ ଏବଂ ଘର ଧରାଶାୟୀ ହୋଇଥିଲା। ଏଥିପାଇଁ ଆବର୍ଜନାର ପରିମାଣ ବୃଦ୍ଧି ପାଇଥିବାବେଳେ ପରିବେଶ ସନ୍ତୁଳନ ହରାଇଛି। ବାଲୁଖଣ୍ଡ ଅଭୟାରଣ୍ୟ ହେଉ କି ଜିଲାର ବିଭିନ୍ନ ସଂରକ୍ଷିତ ଜଙ୍ଗଲ ଯୋଗୁ ଲୋକେ ମୁକ୍ତ ବାୟୁ ଓ ଶୀତଳତା ପାଇ ପାରୁଥିଲେ। ମାତ୍ର ବାତ୍ୟାରେ ବାଲୁଖଣ୍ଡ ଅଭୟାରଣ୍ୟ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବା ବେଳେ ଜିଲାର ପ୍ରାୟ ସବୁ ଅଞ୍ଚଳରେ ଗଛ ଭାଙ୍ଗିପଡ଼ିଛି। ଏଥିଯୋଗୁ ପୂର୍ବାପେକ୍ଷା ତାପମାତ୍ରା ଓ ଗୁଳୁଗୁଳି ଅସହ୍ୟ ହେଉଛି। ସେହିପରି ପରିବେଶକୁ ଅଧିକ ବିଗାଡୁଛି କୁଢ କୁଢ ଆବର୍ଜନା। ପୁରୀ ସହର କଥା ବିଚାର କଲେ ଆବର୍ଜନା ଏବେ ପୌରସଂସ୍ଥା ପାଇଁ ବୋଝ ପାଲଟିଛି। ଗୋଟିଏ ପଟେ ବାତ୍ୟାରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ଭାଙ୍ଗି ପଡ଼ିଥିବାବେଳେ ଏପଟେ ସହରରୁ ଦୈନିକ ଶହ ଶହ ଟ୍ରିପ୍ ଅଳିଆ ଆବର୍ଜନା ବାହାରୁଛି। ଏହା କେଉଁଠାରେ ଜମା କରାଯିବ ତାହା ଚିନ୍ତାର ବିଷୟ ହୋଇଛି। ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପରେ ପାହାଡ଼ ଉଚ୍ଚର ଆବର୍ଜନା ଜମିଗଲାଣି। ସହରର ଆହୁରି ୩/୪ଟି ଖୋଲା ଜାଗାରେ ଆବର୍ଜନା ଗଦା କରୁଛି ପୌରସଂସ୍ଥା। ଏଗୁଡ଼ିକ ବି ପୂରିଗଲାଣି। ଆଗକୁ ଆହୁରି ଅଧିକ ଅଳିଆ ଆବର୍ଜନା ବାହାରିବାକୁ ଥିବାରୁ ତାହାକୁ ଗଦା କରିବା ଲାଗି ସ୍ଥାନାଭାବ ଦେଖାଦେଇଛି। ଏତେ ପରିମାଣର ଆବର୍ଜନା ପରିବେଶ ପାଇଁ ମାରାତ୍ମକ ହେବ ବୋଲି କୁହାଯାଉଛି। ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶଙ୍କ ସୂଚନା ମୁତାବକ, ବାତ୍ୟା ପରେ ସହରରୁ ବହୁ ପରିମାଣରେ ଆବର୍ଜନା ବାହାରୁଛି।



ମଙ୍ଗଳା ନଦୀ ଘାଟ ନିକଟରେ ଗଦା ହୋଇଥିବା ଆବର୍ଜନା।

- ଦୈନିକ ବାହାରୁଛି ୧୦ ଗୁଣ ଅଧିକ ଅଳିଆ
- ଜମା କରିବାକୁ ଜାଗା ଅଭାବ, ବିଗୁଡୁଛି ପରିବେଶ
- ଜଳ ପ୍ରଦୂଷଣ ଯୋଗୁ ବ୍ୟାପିଲାଣି ଝାଡ଼ାବାନ୍ତି, ଚର୍ମରୋଗ



ଏହି ମାସକ ମଧ୍ୟରେ ୮,୭୨୮ ଟ୍ରିପ୍ ଅର୍ଥାତ୍ ୧୭,୪୫୬ ଟନ୍ ଅଳିଆ ବାହାରିଛି। ବାତ୍ୟା ପୂର୍ବରୁ ଦୈନିକ ପୁରୀ ସହରରୁ ପ୍ରାୟ ୬୦ ଟନ୍ ଆବର୍ଜନା ବାହାରୁଥିବାବେଳେ ବର୍ତ୍ତମାନ ଦୈନିକ ୧୦ଗୁଣ ଅଧିକ ବାହାରୁଛି। ଏହାକୁ ଜମା କରିବା ବଡ଼ ସମସ୍ୟା ହୋଇଛି। କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ବାତ୍ୟାରେ ଭାଙ୍ଗିରୁଜି ଯାଇଛି। ସେଠାରେ ପାହାଡ଼ ଭଳି ଆବର୍ଜନା ଜମିଲାଣି। ସହରର ପ୍ରାୟ ୩/୪ଟି ଜାଗାରେ ଅଳିଆ ଜମା ହେଉଥିଲା। ତାହା ମଧ୍ୟ ପୂର୍ଣ୍ଣ ହୋଇଗଲାଣି। ଦୁଇ ପର୍ଯ୍ୟାୟରେ ସହରର ପ୍ରତ୍ୟେକ ୱାର୍ଡ ଏବଂ ବସ୍ତି ଅଞ୍ଚଳରୁ ଅଳିଆ ବୁହା ସରିଲାଣି। ତଥାପି ଆହୁରି ବାହାରୁଛି। କ୍ଷୟକ୍ଷତି ଆକଳନ ପରେ ଲୋକେ ଘର ସଜାଡ଼ିବାରେ ବ୍ୟସ୍ତ। ତେଣୁ ଆହୁରି ଆବର୍ଜନା ବାହାରିବ। ତାହାକୁ କେଉଁଠାରେ ଜମା କରାଯିବ ସେନେଇ ଚିନ୍ତା ବଢିଲାଣି ବୋଲି ଦାଶ ପ୍ରକାଶ କରିଛନ୍ତି। ପୁରୀର ବିଭିନ୍ନ ଅଞ୍ଚଳରେ ଜଳ ଓ ବାୟୁ ପ୍ରଦୂଷିତ ହେବାରେ ଲାଗିଛି। ବିଭିନ୍ନ ସ୍ଥାନରେ ଜମା ଥିବା ଆବର୍ଜନାକୁ ଲୋକେ ପୋଡ଼ି ଦେଉଛନ୍ତି। ଫଳରେ ପ୍ରବଳ ମାତ୍ରାରେ ନିଆଁ ଓ ଧୂଆଁ ଯୋଗୁ ପରିବେଶ ପ୍ରଦୂଷିତ ହେଉଛି। ସହରରୁ ଟ୍ରାକ୍ଟରରେ ବୁହାହେଉଥିବା ଅଳିଆରେ ବିଭିନ୍ନ ପ୍ରକାର ଲୁହା ସାମଗ୍ରୀ ରହୁଛି। ସେଗୁଡ଼ିକୁ ଉଦ୍ଧାର କରି ବିକିବା ପାଇଁ କେତେଜଣ ବ୍ୟକ୍ତି ଆବର୍ଜନାରେ ନିଆଁ ଲଗାଉଥିବା ପୌରସଂସ୍ଥା ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ଜଳ ପ୍ରଦୂଷଣ ଯୋଗୁ ବଳିଆପଣ୍ଡା ଅଞ୍ଚଳରେ ଚର୍ମରୋଗ ଓ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ତେଣୁ ଏବେଠୁ ପରିବେଶ ପ୍ରଦୂଷଣ ପ୍ରତି ସତର୍କ ନ ହେଲେ ଆଗକୁ ଜଳ ପ୍ରଦୂଷଣଜନିତ ରୋଗ ଭୟାବହ ପରିସ୍ଥିତି ସୃଷ୍ଟି କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।




### ଏସ୍‌ସିବିରେ ସଫଳ ଅସ୍ତ୍ରୋପଚାର

## ମହିଳାଙ୍କ ମଳଦ୍ୱାରରୁ ବାହାରିଲା ବୋତଲ ମୁହଁ

**କଟକ ଅଫିସ, ୪।୬**

ଚୁଲିରେ ରୋଷେଇ କରୁଥିବା ବେଳେ ଚୁଲି ଭିତରେ ହଠାତ୍ ବିସ୍ଫୋରଣ ହୋଇଥିଲା। କୌଣସି ପ୍ରକାରେ ଚୁଲି ଭିତରେ ଏକ କାଚ ବୋତଲ ରହି ଯାଇଥିଲା। ଚୁଲିରେ ଜାଳ ସଂଯୋଗ ପରେ ବୋତଲଟି ଫାଟିଥିଲା। ବୋତଲର ଅଗ୍ରଭାଗ ରୋଷେଇ କରୁଥିବା ମହିଳାଙ୍କ ମଳଦ୍ୱାର ଭିତରେ ପଶି ଯାଇଥିଲା। ମହିଳା ଜଣକ ରକ୍ତାକ୍ତ ହୋଇ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ପରିବାର ଲୋକେ ଚିକିତ୍ସା ନିମନ୍ତେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ବୋତଲ ପଶିଥିବା ଜାଗାକୁ ସିଲେଇ କରିବା ସହିତ ଡ୍ରେସିଂ କରି ଛାଡ଼ି ଦେଇଥିଲେ। ଘା ଶୁଖି ଯାଇଥିଲା। ମାତ୍ର କିଛିଦିନ ପରେ ପୁନର୍ବାର ବୋତଲ ମୁହଁ ପଶିଥିବା ଜାଗାଟି ଯନ୍ତ୍ରଣା ଦେବା ସହିତ ସେଠାରୁ ପୁଜରକ୍ତ ବାହାରିଥିଲା। ପରିବାର ଲୋକେ ସମ୍ପୃକ୍ତ ମହିଳାଙ୍କୁ ୩ ଦିନ ତଳେ ଏସ୍‌ସିବି ମେଡିକାଲକୁ ଆଣିଥିଲେ। ମେଡିକାଲର ସର୍ଜରୀ ବିଭାଗରେ ସମ୍ପୃକ୍ତ ମହିଳାଙ୍କୁ ଭର୍ତ୍ତି କରାଯାଇଥିଲା। ବିଭାଗୀୟ ସହଯୋଗୀ ପ୍ରଫେସର ଡାକ୍ତର ଶ୍ରୀକାନ୍ତ ପଣ୍ଡା ବିଭିନ୍ନ ପରୀକ୍ଷା ନିରୀକ୍ଷା କରିବା ପରେ ମହିଳାଙ୍କ ମଳଦ୍ୱାର ଭିତରେ ଏକ କାଚବୋତଲ ମୁହଁ ଥିବା ଜାଣିବାକୁ ପାଇଥିଲେ। ଏହା ପରେ ଅପରେଶନ ପାଇଁ ଡାକ୍ତର ପଣ୍ଡା ପ୍ରସ୍ତୁତି ଆରମ୍ଭ କରିଥିଲେ। ଡାକ୍ତର ପଣ୍ଡାଙ୍କ ସହିତ ଡାକ୍ତର ରାଜେଶ ଦୋରା ଓ ଡାକ୍ତର ଚିତ୍ତ ପାଣିଗ୍ରାହୀଙ୍କୁ ନେଇ ଏକ ୮ ଜଣିଆ ଡାକ୍ତରୀ ଟିମ୍ ଗଠିତ ହୋଇଥିଲା। ମଙ୍ଗଳବାର ସମ୍ପୃକ୍ତ ମହିଳାଙ୍କ ଅପରେଶନ କରାଯାଇଥିଲା। ୨ ଘଣ୍ଟାର ଅପରେଶନ ପରେ ମହିଳାଙ୍କ ମଳଦ୍ୱାରରେ ଅଢେଇ ଇଞ୍ଚ ଗୋଲେଇର କାଚବୋତଲ ମୁହଁଟି ବାହାର କରାଯାଇଥିଲା। ମହିଳା ଜଣକ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଡାକ୍ତର ପଣ୍ଡା ସୂଚନା ଦେଇଛନ୍ତି। ସମ୍ପୃକ୍ତ ମହିଳାଙ୍କ ଘର ବାଲେଶ୍ୱର ଜିଲା ଔପଦା ଅଞ୍ଚଳରେ। ଗତ ନଭେମ୍ବର ମାସରେ ସେ ରୋଷେଇ କରୁଥିବା ବେଳେ ଏହି ଅଘଟଣଟି ଘଟିଥିଲା।

**ରୋଷେଇ ବେଳେ ବୋତଲ ଫାଟି ଘଟିଥିଲା ଅଘଟଣ**

### ବିଜେପୁର ଉପନିର୍ବାଚନ

## ପ୍ରାର୍ଥୀ ଚୟନକୁ ନେଇ ବଢୁଛି ଚିନ୍ତା

**ଭୁବନେଶ୍ୱର, ୪।୬(ବ୍ୟୁରୋ)**

ରାଜ୍ୟ ରାଜନୀତିରେ ପୁଣିଥରେ ବିଜେପୁର ଆସନକୁ ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି। ଦ୍ୱିତୀୟ ଥର ଲାଗି ପଶ୍ଚିମ ଓଡ଼ିଶା ରାଜନୀତିରେ ବିଜେଡି ଓ ଭାଜପା ମଧ୍ୟରେ ଜୋର୍‌ଦାର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ଏହି ଅଞ୍ଚଳଗୁଡିକରେ ଭଲ ପ୍ରଦର୍ଶନ କରିବା ପରେ ଏଥର ନିର୍ବାଚନରେ ଦୁଇ ପାଦ ଆଗକୁ ବଢିଛି। ତଥାପି ବିଜେଡି ସହ ମୁକାବିଲା କରିବାରେ ଭାଜପା ଶତପ୍ରତିଶତ ସଫଳ ହୋଇପାରି ନାହିଁ। ଗତ ସାଧାରଣ ନିର୍ବାଚନରେ ଭାଜପା ପଶ୍ଚିମ ଓଡ଼ିଶାର ୫ଟି ଯାକ ଲୋକ ସଭା ଆସନ ନିଜ ଅକ୍ତିଆରକୁ ନେଇପାରିଛି, ବିଧାନସଭା କ୍ଷେତ୍ରରେ ଦେଖିଲେ ବିଜେଡିକୁ ଅଧିକ ସଫଳତା ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ନିର୍ବାଚନରେ ରାଜ୍ୟର ଦୁଇଟି ଆସନରୁ ଏକକାଳୀନ ଲଢିଥିଲେ। ହିଞ୍ଜିଳି ଓ ବିଜେପୁର ଆସନରୁ ଲଢି ମୁଖ୍ୟମନ୍ତ୍ରୀ ଉଭୟରେ ବାଜିମାରି ନେଇଥିଲେ। ଇତି ମଧ୍ୟରେ ମୁଖ୍ୟମନ୍ତ୍ରୀ ବିଜେପୁର ଆସନ ଛାଡ଼ିବା ପାଇଁ ଘୋଷଣା କରିଛନ୍ତି। ଏ ସମ୍ପର୍କିତ ଇସ୍ତଫା ପତ୍ର ରବିବାର ବାଚସ୍ପତିଙ୍କ ନିକଟରେ ସେ ଦାଖଲ ମଧ୍ୟ କରିସାରିଛନ୍ତି। ବର୍ତ୍ତମାନ ଏହି ଆସନରେ ଉପନିର୍ବାଚନ ହେବ। ତେଣୁ ପୁନର୍ବାର ବିଜେଡି ଓ ଭାଜପା ମଧ୍ୟରେ ଏହି ଆସନରେ କଡ଼ା ମୁକାବିଲା ଦେଖିବାକୁ ମିଳିବ। ହେଲେ ବିଜେଡି ପାଇଁ ଏଥର ବିଜେପୁର ଦଖଲ କରିବା କଷ୍ଟକର ହୋଇପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି।

ବିଗତଦିନରେ ବିଜେପୁରରେ ୨ଥର ଉପନିର୍ବାଚନ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ତୃତୀୟ ଥରଲାଗି ଏହି ଆସନରେ ଉପନିର୍ବାଚନ ହେବାକୁ ଯାଉଛି। ବିଧାୟକ ନିକୁଞ୍ଜ ବିହାରୀ ସିଂଙ୍କ ଦେହାନ୍ତ ପରେ ଏହି ଆସନରେ ପ୍ରଥମଥର ଲାଗି ୧୯୯୨ରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୧୯୯୦ରେ ଜନତା ଦଳରୁ ଲଢି ବିଜୟୀ ହୋଇଥିଲେ ନିକୁଞ୍ଜ। କିନ୍ତୁ ୧୯୯୧ରେ ତାଙ୍କର ଦେହାନ୍ତ ହୋଇଥିଲା। ଏହାପରେ ଦ୍ୱିତୀୟ ଥର ଲାଗି ୨୦୧୮ରେ ଏହି ଆସନରେ ଉପନିର୍ବାଚନ ହେଲା। କଂଗ୍ରେସ ବିଧାୟକ ସୁବଳ ସାହୁଙ୍କ ଦେହାନ୍ତ ପରେ ଏହି ଆସନରେ ଉପନିର୍ବାଚନ ହୋଇଥିଲା। ସୁବଳଙ୍କ ସ୍ତ୍ରୀ ବିଜେଡିରେ ଯୋଗଦେଇ ପ୍ରାର୍ଥୀ ହେଲେ। ଫଳରେ ବିଜେଡି ସହଜରେ ଏହି ଆସନରେ ବିଜୟ ଲାଭ କରିଥିଲା। ରୀତା ସାହୁ ୪୦ହଜାର ଭୋଟରେ ବିଜୟୀ ହୋଇଥିଲେ। ବର୍ତ୍ତମାନ ପୁନର୍ବାର ବିଜେପୁର ଆସନରେ ଉପନିର୍ବାଚନ ହେବାକୁ ଯାଉଛି। ଏଥର ବିଜେଡି ପାଇଁ ବିଜେପୁର ଆସନ ଦଖଲ କରିବା ଯେତିକି କଷ୍ଟ ନୁହେଁ ପ୍ରାର୍ଥୀ ଚୟନ ଦଳ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ ବୋଲି କୁହାଯାଉଛି।

ମୁଖ୍ୟମନ୍ତ୍ରୀ ଗତ ନିର୍ବାଚନ ପୂର୍ବରୁ ମହିଳା ପ୍ରାର୍ଥୀଙ୍କୁ ବିଶେଷ ଗୁରୁତ୍ୱ ଦେଉଥିବା ଯୋଗୁ ରୀତା ସାହୁଙ୍କୁ ବିଜେଡି ପୁଣିଥରେ ପ୍ରାର୍ଥୀ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ପଶ୍ଚିମ ଓଡ଼ିଶାରେ ଭାଜପାର ଗତିକୁ ରୋକିବା ପାଇଁ ମୁଖ୍ୟମନ୍ତ୍ରୀ ନିଜେ ବିଜେପୁର ଆସନରୁ ଲଢିଥିଲେ ବୋଲି ସେତେବେଳେ ଚର୍ଚ୍ଚା ହେଉଥିଲା। ହେଲେ ତାଙ୍କ ପ୍ରତିଦ୍ୱନ୍ଦ୍ୱିତା ସତ୍ତ୍ୱେ ଭାଜପାକୁ ଭଲ ଫଳ ମିଳିଲା। ଗୋଟିଏ ଲୋକ ସଭା ଆସନ ଅନ୍ତର୍ଗତ ୭ଟି ବିଧାନସଭା କ୍ଷେତ୍ରରେ ବିଜେଡି ବିଜୟୀ ହେବାପରେ ମଧ୍ୟ ଏମ୍‌ପି ଭାଜପା ପ୍ରାର୍ଥୀ ହେଲେ। ତେଣୁ ନବୀନ ପଟ୍ଟନାୟକଙ୍କ ମ୍ୟାଜିକ୍ ଯେ ପୂରା କାମ କରିଛି ତାହା କହିବା ଠିକ୍ ହେବନାହିଁ। ଏଭଳି ସ୍ଥିତିରେ ବିଜେଡିରୁ ପ୍ରାର୍ଥୀ ହେବାକୁ ଅନେକ ଆଶାୟୀ ଚାହିଁ ବସିଛନ୍ତି। ଗତ ଉପନିର୍ବାଚନ ବେଳେ ରୀତା କଂଗ୍ରେସରୁ ଆସି ପ୍ରାର୍ଥୀ ହେବାପରେ ଦଳରେ ଦୀର୍ଘଦିନ ଧରି ପଡି ରହିଥିବା ଆଗ ଧାଡିର ନେତାମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ହେଲେ ସେମାନଙ୍କୁ ଦଳ ପକ୍ଷରୁ ବୁଝାଇ ସୁଝାଇ ରଖିବାରେ ଏକ ପ୍ରକାର ସମର୍ଥ ହୋଇଥିଲା। ହେଲେ ଏଥର ସେମାନେ ଆଉ ଚୁପ୍ ବସିବା ସ୍ଥିତିରେ ନାହାନ୍ତି ବୋଲି ଶୁଣିବାକୁ ମିଳୁଛି। ଅନ୍ୟପଟେ ଗତ ନିର୍ବାଚନରେ ଭାଜପା ଓ କଂଗ୍ରେସ ଉପରେ ଅସନ୍ତୋଷ ହୋଇ ବିଜେଡିରେ ଯୋଗ ଦେଇଥିବା ନେତାମାନେ ମଧ୍ୟ ପ୍ରାର୍ଥୀ ହେବାକୁ ଚାହିଁ ବସିଛନ୍ତି।

୨୦୦୯ରେ ବିଜେଡି ପ୍ରାର୍ଥୀ ହୋଇଥିବା ପ୍ରଭାତ ଆଦିତ୍ୟ ମିଶ୍ର ୨୦୧୮ ଉପନିର୍ବାଚନ ଠାରୁ ପ୍ରାର୍ଥୀ ହେବାକୁ ଚାହିଁ ବସିଛନ୍ତି ବୋଲି ମଧ୍ୟ ଶୁଣିବାକୁ ମିଳୁଛି। ଗତ ୧୦ବର୍ଷ ହେଲା ତାଙ୍କୁ ଦଳ ପ୍ରାର୍ଥୀ କରିନାହିଁ। ସେହିପରି ଭାଜପାରୁ ଆସି ବିଜେଡିରେ ମିଶିଥିବା ସୁବାସ ଚୌହାନଙ୍କୁ ଦଳ ପ୍ରାର୍ଥୀ କରିବାର ସମ୍ଭାବନା ଥିବା କେତେଜଣ କହୁଛନ୍ତି। ଅନ୍ୟପଟେ ଗତ ଉପନିର୍ବାଚନରେ ପ୍ରାର୍ଥୀ ନ ହେବାରୁ ଭାଜପା ଉପରେ ଅସନ୍ତୁଷ୍ଟ ହୋଇ ବିଜେଡିକୁ ଆସିଥିବା ନାରାୟଣ ସାହୁ ମଧ୍ୟ ଗୋଟିଏ ମାଧ୍ୟମ ଦେଇ ପ୍ରାର୍ଥୀ ହେବା ଲାଗି ଲବି ଚଳାଇଥିବା କୁହାଯାଉଛି। ସେହିପରି କଂଗ୍ରେସରୁ ଗତଥର ପ୍ରାର୍ଥୀ ହୋଇଥିବା ପ୍ରଣୟ ସାହୁଙ୍କ ନାମ ମଧ୍ୟ ଚର୍ଚ୍ଚା ତାଲିକାରେ ରହିଛି। ତେବେ ଏମାନଙ୍କ ମଧ୍ୟରୁ ରୀତାଙ୍କ ନାମ ଆଗରେ ଥିବାବେଳେ ରାଜଧାନୀରେ ବସିଥିବା ଦଳର କିଛି ଆଗ ଧାଡିର ନେତା କିନ୍ତୁ ରୀତାଙ୍କ ପ୍ରାର୍ଥୀତ୍ୱ ସେତେଟା ନିଶ୍ଚିତ ନୁହେଁ ବୋଲି କହୁଛନ୍ତି।

ସେହିପରି ଭାଜପା ମଧ୍ୟ ଏହି ଉପନିର୍ବାଚନ ପୂରା ଦମ୍‌ରେ ଲଢିବ ବୋଲି କହିଚାଲିଛି। ଦଳ ପଶ୍ଚିମ ଓଡ଼ିଶାରେ ସମସ୍ତ ୫ଟି ଲୋକ ସଭା ଆସନ ସମ୍ପୂର୍ଣ୍ଣ ପୋଛିନେବା ସହ ବହୁ ଟାଣୁଆ ନେତା ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ବିଜେପୁର ଛାଡିବାପରେ ତାହା ଭାଜପାକୁ ଅଧିକ ସୁହାଇବ ବୋଲି ଭାଜପା ଯୁକ୍ତି ବାଢୁଛି। ଗତ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ପ୍ରାର୍ଥୀ ହୋଇ ସନତ ଗଡତିଆ ୫୦ହଜାରରୁ ଅଧିକ ଭୋଟ ପାଇଥିଲେ। ଏବେ ଦଳ ତାଙ୍କୁ ପ୍ରାର୍ଥୀ କରିବାର ସମ୍ଭାବନା ରହିଛି। ସେହିପରି ଭାଜପାର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ମଧ୍ୟ ଏହି ତାଲିକାରେ ଥିବା ଚର୍ଚ୍ଚା ହେଉଛି। ଗତ ନିର୍ବାଚନରେ ପଦ୍ମପୁର ଆସନରୁ ହାରିବା ପରେ ପ୍ରଦୀପଙ୍କୁ ଦଳ ସୁଯୋଗ ଦେଇପାରେ ବୋଲି କୁହାଯାଉଛି। ପଶ୍ଚିମ ଓଡ଼ିଶାରେ ପ୍ରଦୀପଙ୍କ ଦବ୍‌ଦବା ରହିଛି। ଅନ୍ୟପଟେ ଅଶୋକ ପାଣିଗ୍ରାହୀଙ୍କୁ ମଧ୍ୟ ଦଳ ପ୍ରାର୍ଥୀ କରିବା ଦିଗରେ ଚିନ୍ତା କରୁଥିବା କୁହାଯାଉଛି। ଏଥର ବିଜେପୁର ଆସନ ଦଖଲ ଲାଗି ବିଜେଡି ଓ ଭାଜପା ମଧ୍ୟରେ ଜୋର୍‌ଦାର ଲଢେଇ ଦେଖିବାକୁ ମିଳିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଭଗବାନଙ୍କ ନାମ ଜପିଲେ ମିଣଷର ଦେହ, ମନ ସବୁ ଶୁଦ୍ଧ ହୋଇଯାଏ ।

-ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ବଦଳି ବାତିଲ ଦାବି
## ବିଇଓଙ୍କ କାର୍ଯ୍ୟାଳୟରେ ଶିକ୍ଷକଙ୍କ ଧାରଣା

**ନିଶ୍ଚିନ୍ତକୋଇଲି,୪।୬ (ସ୍ୱ.ପ୍ର/ଡି.ଏନ.ଏ.)** : ନିଶ୍ଚିନ୍ତକୋଇଲି ଶିକ୍ଷାମଣ୍ଡଳ ଅଧୀନରେ କାର୍ଯ୍ୟ କରୁଥିବା ଶିକ୍ଷକ ସୀତାକାନ୍ତ ସାମଲଙ୍କ ନିକଟରେ ତରତ ହରଚଣ୍ଡି ବିଦ୍ୟାଳୟକୁ ବଦଳି ହୋଇଛି। ଏହାର ପ୍ରତିବାଦରେ ସେ ପରିବାର ସହ ମଙ୍ଗଳବାର ନିଶ୍ଚିନ୍ତକୋଇଲି ବିଇଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ପରେ ବ୍ଲକ ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ ଆସି ତାଙ୍କୁ ବୁଝାଶୁଝା କରିବା ସହ ଅଭିଯୋଗକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ବିଚାର ପାଇଁ ପଠାଇଥିବା ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସେ ଧାରଣାରୁ ଓହରି ଯାଇଥିଲେ। ସୂଚନାଯୋଗ୍ୟ, ଶିକ୍ଷକ ସୀତାକାନ୍ତ ପାଟପାରି ନୋଡାଲ ବଦ୍ୟାଳୟରେ ଥିଲେ। ସେଠାରେ ଜଣେ ଦଳିତ ଶିକ୍ଷକଙ୍କୁ ଆପତ୍ତିଜନକ ବ୍ୟବହାର କରି ନିଲମ୍ବିତ ହୋଇଥିଲେ। ନିଲମ୍ବନ ଆଦେଶ ଉଠିବା ପରେ ତାଙ୍କୁ କଳିଙ୍ଗ ନୋଡାଲ ବିଦ୍ୟାଳୟକୁ ପଠାଯାଇଥିଲା। ସେଠାରେ ତାଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ସେ ବଦଳି ବାତିଲ କରିବାକୁ ଦାବି କରିଥିଲେ। ଏହାପରେ ତାଙ୍କୁ ହରଚଣ୍ଡି ବିଦ୍ୟାଳୟକୁ ପଠା ଯାଇଥିଲା। ଏବେ ସେ ସେଠାରୁ ବଦଳି ହେବାକୁ ଦାବି କରିଛନ୍ତି।

## ମୋହରିରଙ୍କ ବିୟୋଗରେ ତହସିଲରେ ଶୋକସଭା



**ନିଶ୍ଚିନ୍ତକୋଇଲି,୪।୬(ସ୍ୱ.ପ୍ର./ଡି.ଏନ.ଏ.)** : ନିଶ୍ଚିନ୍ତକୋଇଲି ତହସିଲରେ କାର୍ଯ୍ୟରତ ମୋହରିର ଅଭିରାମ ମଲ୍ଲିକଙ୍କ ସୋମବାର ହୃଦ୍‌ଘାତରେ ମୃତ୍ୟୁଘଟିଛି। ତାଙ୍କ ବିୟୋଗରେ ମଙ୍ଗଳବାର ନିଶ୍ଚିନ୍ତକୋଇଲି ରେଭିନ୍ୟୁବାର ଆସୋସିଏଶନ ଓ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଛି। ରେଭିନ୍ୟୁବାର ଆସୋସିଏଶନ ସଭାପତି ଅଶୋକ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ତହସିଲଦାର ଜିତେନ୍ଦ୍ର ପାତ୍ର ଓ ଅତିରିକ୍ତ ତହସିଲଦାର ନିହାର ରଞ୍ଜନ ମଲିକ ଯୋଗଦେଇ ମଲିକ ଏକାଧାରରେ ଦକ୍ଷ ମୋହରିର, ପ୍ରତିଷ୍ଠିତ କଳାକାର ଓ ଜଣେ ମିଷ୍ଟଭାଷୀ ସୁସଙ୍ଗଠକ ଥିଲେ ବୋଲି ପ୍ରକାଶ କରିଥିଲେ। ଆସୋସିଏଶନ ସମ୍ପାଦକ ଅଶୋକ ସାହୁ, ସହସମ୍ପାଦକ ବିରଞ୍ଚି ନାରାୟଣ ମଲ୍ଲିକ, ଦେବରାଜ ନାୟକ, ନୋଟାରୀ ସୁରେନ୍ ଷଡ଼ଙ୍ଗୀ, ବିରିଷ୍ଠ ମୋହରିର ବିରଞ୍ଚିନାରାୟଣ ବେଜ, ସେକ ରାଜାକ୍ ଓ ସାମାଜିକ କର୍ମୀ ରମେଶ ଚନ୍ଦ୍ର ସ୍ୱାଇଁପ୍ରମୁଖ ଯୋଗଦେଇ ମଲ୍ଲିକଙ୍କ ଜୀବନ ଚର୍ଯ୍ୟା ଉପରେ ଆଲୋକପାତ କରିଥିଲେ। ପରେ ବାର ଆସୋସିଏସନର ଏକ ବୈଠକ ହୋଇଥିଲା। ବୈଠକରେ ଆର୍ଥିକ ସହାୟତା ପ୍ରଦାନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ସେହିପରି ନିଶ୍ଚିନ୍ତକୋଇଲି ପଞ୍ଚାୟତ ପକ୍ଷରୁ ସରପଞ୍ଚ ରବୀନ୍ଦ୍ର ସେଠୀ, ଅଶୋକ ଓଝା, ବିଭିନ୍ନ କାଳାକାର ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ ପରିବାରକୁ ସମବେଦନା ଜଣାଇଥିଲେ।

### ଫନୀ ପ୍ରଭାବରେ ଜେ.ଏନ୍. ମହାବିଦ୍ୟାଳୟର ବ୍ୟାପକ କ୍ଷତି

# ଭାଙ୍ଗିଛି ଗୃହ, ଉଜୁଡ଼ିଛି ବନାଞ୍ଚଳ



ବାତ୍ୟା ଫନୀ ପ୍ରଭାବାରେ ମହାବିଦ୍ୟାଳୟର ଶ୍ରେଣୀଗୃହ ଗୁଡିକ ଭାଙ୍ଗିଯାଇଛି।



ମହାବିଦ୍ୟାଳୟ ପରିସରରେ ଥିବା ବୃକ୍ଷସବୁ ଉପୁଡ଼ି ପଡିଛି।

- ବଟାନିକାଲ ଗାର୍ଡେନ୍ କ୍ଷତିଗ୍ରସ୍ତ
- ପାଠ ପଢ଼ା ପ୍ରଭାବିତ ହେବା ଆଶଙ୍କା
- ଶୀଘ୍ର ପୁନରୁଦ୍ଧାର କରିବାକୁ ଦାବି

**ମାହାଙ୍ଗା,୪।୬(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅଞ୍ଚଳରେ ଥିବା ମହାବିଦ୍ୟାଳୟଗୁଡିକ ମଧ୍ୟରୁ ଜେ.ଏନ୍ (ଜବାହରଲାଲ ନେହେରୁ) ମହାବିଦ୍ୟାଳୟ ଅନ୍ୟତମ। ବାତ୍ୟା ଫନୀ ପ୍ରଭାବରେ ଏହି ମହାବିଦ୍ୟାଳୟର ପ୍ରଭୂତ କ୍ଷତି ହୋଇଥିବା ଦେଖିବାକୁ ମିଳିଛି। ମହାବିଦ୍ୟାଳୟର ଅନେକ ଗୃହ ଭାଙ୍ଗିଥିବା ବେଳେ ଏହାର ବଟାନିକାଲ ଗାର୍ଡେନ୍ ଓ ବନାଞ୍ଚଳ ସମ୍ପୂର୍ଣ୍ଣ ଉଜୁଡ଼ିଯାଇଛି। ଏହି ମହାବିଦ୍ୟାଳୟରେ ଯୁକ୍ତ ୨ ଓ ଯୁକ୍ତ ୩ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗ ଥିବା ବେଳେ ଏଠାରେ ୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ଉକ୍ତ ମହାବିଦ୍ୟାଳୟଟି ୧୯୮୨ ମସିହାରେ ସ୍ଥାପନ କରାଯାଇଥିଲା। ସ୍ଥାପନ ଦିନ ଏଠାରେ ଲଗା ହୋଇଥିବା କଦମ୍ବ ବୃକ୍ଷଟି ଗତ ୧୯୯୯ ମସିହା ମହାବାତ୍ୟାରେ କୌଣସି କ୍ଷତି ହୋଇ ନ ଥିବା ବେଳେ ଫନୀ ବାତ୍ୟାରେ ଉପୁଡ଼ି ପଡ଼ିବାରୁ କଲେଜରେ ଥିବା ବହୁ ଶ୍ରେଣୀ ଭାଙ୍ଗିପଡ଼ିଛି।

ସେହିପରି ଷ୍ଟାଫ୍ କମନରୁମ, ବଏଜ୍ କମନ ରୁମ୍, ଏନ୍‌ଏସ୍‌ଏସ୍ ଗୃହ, ଶିକ୍ଷା ବିଭାଗ ଗୃହ, ଯୁବ ରେଡକ୍ରସ ଗୃହ, କ୍ରୀଡ଼ା ବିଭାଗ ଗୃହ, ଗୃହ ବିଜ୍ଞାନ ଶ୍ରେଣୀ କକ୍ଷ ଓ ଜିମ୍ ଗୃହ ସହିତ ସାଇକେଲ ଷ୍ଟାଣ୍ଡ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ମହାବିଦ୍ୟାୟ ପରିସରରେ ସବୁଜ ବଳୟ ସୃଷ୍ଟି କରିଥିବା ବିଭିନ୍ନ ମୂଲ୍ୟବାନ ବୃକ୍ଷଗୁଡିକ ୧୯୯୯ ମସିହା ବାତ୍ୟାରେ ଯେତିକି କ୍ଷତି ହୋଇ ନ ଥିଲା ତାଠାରୁ ଅଧିକ କ୍ଷତି ଏହି ବାତ୍ୟାରେ ହୋଇଛି। ବିଜ୍ଞାନ ବିଭାଗ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ବଟାନିକାଲ ଗାର୍ଡେନ୍ ଛାରଖାର ହୋଇଯାଇଥିବା ଦେଖିବାକୁ ମିଳିଛି। ଆଗକୁ ଏହି ମହାବିଦ୍ୟାଳୟରେ ପାଠ ପଢା ଆରମ୍ଭ ହେବାକୁ ଥିବା ବେଳେ ବହୁ ନୂତନ ଛାତ୍ରୀଛାତ୍ର ନାମ ଲେଖାଇବେ। ଯଦି ତୁରନ୍ତ ମହାବିଦ୍ୟାଳୟର ବିଭିନ୍ନ ଗୃହକୁ ମରାମତି କରା ନ ଯାଏ ତେବେ ପାଠ ପଢାରେ ଘୋର ସମସ୍ୟା ସୃଷ୍ଟି ହେବ। ତେଣୁ ତୁରନ୍ତ ମହାବିଦ୍ୟାଳୟର ପୁନରୁଦ୍ଧାର କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ କଲେଜ ଅଧକ୍ଷ ପଲ୍ଲବ କୁମାର ଚକ୍ରବର୍ତ୍ତୀ କହିଛନ୍ତି, ୩୭ ବର୍ଷ ଧରି ଏହି ମହାବିଦ୍ୟାଳୟରେ ଯେଉଁ ଉନ୍ନତି ହୋଇଥିଲା ତାହା ଗୋଟିଏ ଦିନରେ ଛାରଖାର ହୋଇଗଲା। ମହାବିଦ୍ୟାଳୟର ପ୍ରାୟ ୯୪ ଲକ୍ଷ ଟଙ୍କାର କ୍ଷୟକ୍ଷତି ହୋଇଥିବା ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି। ସେହିପରି ମହାବିଦ୍ୟାଳୟରେ ଥିବା ସବୁଜ ବଳୟର ଯେଉଁ କ୍ଷତି ହୋଇଛି ତାହା କିପରି ଫେରି ଆସିବ ସେଥିପାଇଁ ଚେଷ୍ଟା କରାଯିବ ବୋଲି କହିଥିଲେ।

# ଆଜି ଇଦ୍: ଚଳଚଞ୍ଚଳ ପଙ୍କାଳ, କରଡ଼ାପଲ୍ଲୀ

**ତିଗିରିଆ,୪।୬(ଡି.ଏନ.ଏ.)**

ମୁସଲମାନମାନଙ୍କ ରମଜାନ ମାସର ଉପବାସ ପରେ ବୁଧବାର ଇଦ୍-ଉଲ-ଫିତର ପର୍ବ ପାଳନ ହେବ। ଏଥିଲାଗି ତିଗିରିଆ ବ୍ଲକର ଦୁଇ ଜମାତ ଅହମ୍ମଦିୟା ପଙ୍କାଳ ଓ କରଡ଼ାପଲ୍ଲୀ ଚଳଚଞ୍ଚଳ ହୋଇଉଠିଛି। ପର୍ବ ପାଳନର ଅବ୍ୟବହିତ ପୂର୍ବରୁ ଗ୍ରାମ ଯୁବପିଢ଼ିଙ୍କ ଦ୍ୱାରା ଗ୍ରାମ ସଫେଇଠାରୁ ଆରମ୍ଭ କରି ବିଭିନ୍ନ ସେବା କାର୍ଯ୍ୟ ଅନୁଷ୍ଠିତ ହୋଇଛି। ଏବେ ଉଭୟ ଗ୍ରାମରେ ପ୍ରତିଟି ପରିବାର କିଭଳି ଆନନ୍ଦ ଉଲ୍ଲାସର ସହିତ ପର୍ବକୁ ପାଳନ କରିବେ ସେନେଇ ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି। ବିଭିନ୍ନ ପ୍ରାନ୍ତରେ ବୃତ୍ତିଗତ କାର୍ଯ୍ୟରେ ବ୍ୟସ୍ତ ଥିବା ପରିବାରର ସଦସ୍ୟ, ବନ୍ଧୁ ପରିଜନ ଏବେ ଗାଁ ମୁହାଁ ହୋଇଛନ୍ତି। ପରିବାରର ସଦସ୍ୟ ସାଥୀ ହୋଇ ବଜାରରେ ନୂଆ ପୋଷାକ କିଣିବା ସହିତ ବିଭିନ୍ନ ଖାଦ୍ୟ ସାମଗ୍ରୀ କିଣୁଥିବା ଦେଖିବାକୁ ମିଳିଛି। ପୂର୍ବାହ୍ନରେ ଇଦ୍ ନମାଜ ପାଠପରେ ପରସ୍ପରକୁ ଅଭିନନ୍ଦନ ଜଣାଇବେ। ବନ୍ଧୁ ପରିଜନ ଓ ସାହି ପଡ଼ିଶାରେ ଘରକୁ ଘର ବୁଲି ଇଦ୍ ଅଭିନନ୍ଦନ ଜଣାଇ ସ୍ୱାଦିଷ୍ଟ ଖାଦ୍ୟ ପ୍ରଦାନ କରିବେ। ଇଦ୍-ଉଲ୍-ଫିତର ଅବସରରେ ପଙ୍କାଳର ଇଦ୍‌ଗା ପଡ଼ିଆ ଏବଂ କରଡ଼ାପଲ୍ଲୀର ଜାମା ମସଜିଦ୍‌ଠାରେ ସାମୂହିକ ନମାଜ ପାଠ ହେବ। ଏଥିଲାଗି ସମସ୍ତ ପ୍ରସ୍ତୁତିରେ ଗ୍ରାମ ପରିଚାଳନା କମିଟି ସଦସ୍ୟମାନେ ଲାଗି ପଡ଼ିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ବିଶ୍ୱଶାନ୍ତି ଲାଗି ଜମାତ ଅହମ୍ମଦିୟା ପଙ୍କାଳ ଓ କରଡ଼ାପଲ୍ଲୀରେ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ଏହାପରେ ଜମାତ ଅହମ୍ମଦିୟାର ମୁଖ୍ୟ ହଜରତ ମିର୍ଜା ମସରୁର ଅହମ୍ମଦ (୫ମ ଖଲିଫା)ଙ୍କ ଲଣ୍ଡନରୁ ପ୍ରସାରିତ ବିଶ୍ୱଶାନ୍ତି ବାର୍ତ୍ତାର ସିଧାପ୍ରସାରଣକୁ ସମସ୍ତ ଗ୍ରାମବାସୀ ଦେଖିଥିଲେ।

# କୋର୍ଟ ପରିସରରେ ଚାରାରୋପଣ

**ନରସିଂହପୁର,୪।୬(ଡି.ଏନ.ଏ.)**

ନରସିଂହପୁର କୋର୍ଟ ପରିସରରେ ପଶ୍ଚିମାଞ୍ଚଳ ବନ ବିଭାଗ ସହଯୋଗରେ ମଙ୍ଗଳବାର ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜୁଡିସିଆଲ ମାଜିଷ୍ଟ୍ରେଟ ମାନସ ରଞ୍ଜନ ସାମନ୍ତରାୟ ଯୋଗ ଦେଇଥିଲେ। ବନ ବିଭାଗ ଅଧିକାରୀ ବିଭୂରଞ୍ଜନ ରାୟ, ବନପାଳ ପ୍ରଶାନ୍ତ ବେହେରା, ବନରକ୍ଷୀ ସଙ୍ଗୀତା ସେଠୀ, ଆଇନଜୀବୀ ତ୍ରିଲୋଚନ ମହାପାତ୍ର, ରବୀନ୍ଦ୍ରନାଥ ସାହୁ, ଓକିଲ ସଂଘ ସମ୍ପାଦକ ବିଭୂଦତ୍ତ ମିଶ୍ର, ଉପସଭାପତି ଗୋଲକ ବିହାରୀ ସାହୁ, ମାନ ବେହେରା, ନରନାରାୟଣ ବାରିକ, ପ୍ରକାଶ ମହାପାତ୍ର ଓ ଜୟନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଅଗଷ୍ଟ ୧୮ରୁ ପାରାଦୀପରେ ଆର୍ମି ନିଯୁକ୍ତି ରାଲି

**କଟକ ଅଫିସ,୪।୬**

**ଜୁନ ୧୯ରୁ ଅନ୍‌ଲାଇନରେ ନାମ ପଞ୍ଜୀକରଣ**

ଅଗଷ୍ଟ ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ କଟକ ଆର୍ମି ନିଯୁକ୍ତି କାର୍ଯ୍ୟାଳୟ ଆନୁକୂଲ୍ୟରେ ପାରାଦୀପସ୍ଥିତ ଗୋପବନ୍ଧୁ ଷ୍ଟାଡିୟମଠାରେ ଆର୍ମି ନିଯୁକ୍ତି ରାଲି ଅନୁଷ୍ଠିତ ହେବ। ସୋଲଜର ଜେନେରାଲ ଡ୍ୟୁଟି, ସୋଲଜର ଟେକ୍ନିକାଲ, ସୋଲଜର ଟେକ୍ନିକାଲ (ନର୍ସିଂ ଆସିଷ୍ଟାଣ୍ଟ), ସୋଲଜର ଟେକ୍ନିକାଲ (ଏ ଏମ୍‌ଏନ୍ ଏକ୍‌ଜାମିନର), ସୋଲଜର (କ୍ଲର୍କ), ଷ୍ଟୋରକିପର ଏବଂ ସୋଲଜର ଟ୍ରେଡସ୍‌ମ୍ୟାନ ପଦବୀ ପାଇଁ ଏହି ରାଲି ଅନୁଷ୍ଠିତ ହେବ। ଏହି ନିଯୁକ୍ତି ରାଲିରେ କେନ୍ଦ୍ରାଞ୍ଚଳ ଅନ୍ତର୍ଗତ କଟକ, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ନୟାଗଡ଼, ବାଲେଶ୍ୱର, ଖୋର୍ଦ୍ଧା, ଯାଜପୁର, ପୁରୀ ଓ ଭଦ୍ରକ ଆଦି ଜିଲାର ଯୋଗ୍ୟ ବିବେଚିତ ପ୍ରାର୍ଥୀମାନେ ଅଂଶଗ୍ରହଣ କରିପାରିବେ। ଏଥିପାଇଁ ପ୍ରାର୍ଥୀମାନେ ଜୁନ ୧୯ଠାରୁ ଅଗଷ୍ଟ ୨ତାରିଖ ପର୍ଯ୍ୟନ୍ତ ଆର୍ମି ନିଯୁକ୍ତି ନିର୍ଦ୍ଦେଶାଳୟ ୱେବସାଇଟ୍ http://joinindianarmy.nic.inକୁ ଯାଇ ନିଜ ନାମ ପଞ୍ଜୀକରଣ କରିବାକୁ ଆର୍ମି ନିଯୁକ୍ତି କାର୍ଯ୍ୟାଳୟ ନିର୍ଦ୍ଦେଶକ କର୍ନେଲ ଆଶିଷ ମୋହନ ତ୍ରିଖା ସୂଚନା ଦେଇଛନ୍ତି। ପଞ୍ଜୀକରଣ ଓ ଅନ୍‌ଲାଇନ ଆବେଦନ କରିବା ପରେ ପ୍ରାର୍ଥୀମାନେ ନିଜର ବ୍ୟବହାରକାରୀଙ୍କ ନାମ (ୟୁଜର ନେମ୍) ଓ ପାସ୍‌ୱାର୍ଡ ବ୍ୟବହାର କରି ପ୍ରବେଶପତ୍ର ବା ଆଡମିଟ କାର୍ଡ ଡାଉନଲୋଡ କରି ପ୍ରିଣ୍ଟଆଉଟ ବାହାର କରିବେ। ସ୍ପଷ୍ଟ ଦେଖାଯିବା ପାଇଁ ଏ-୪ ସାଇଜ୍ କାଗଜରେ ଏହି ଆଡମିଟ୍ କାର୍ଡର ପ୍ରିଣ୍ଟ ଆଉଟ୍ ପ୍ରାର୍ଥୀମାନେ ବାହାର କରି ନିଯୁକ୍ତି ରାଲିରେ ଯୋଗଦେଇପାରିବେ ବୋଲି ଆର୍ମି ନିଯୁକ୍ତି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ।

# ଏମ୍‌ପି, ବିଧାୟକଙ୍କୁ ସମ୍ବର୍ଦ୍ଧନା

**ନରସିଂହପୁର,୪।୬(ଡି.ଏନ.ଏ.)**

ନରସିଂହପୁର ବ୍ଲକ ବିଜେଡି ପକ୍ଷରୁ ମଙ୍ଗଳବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଏଥିରେ ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର, କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଉଭୟଙ୍କୁ ବାଇକ୍ ଶୋଭାଯାତ୍ରାରେ ସଭାସ୍ଥଳକୁ ଅଣାଯାଇଥିଲା। ନରସିଂହପୁର ଟାଉନରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ସମୟରେ ରାସ୍ତାର ବିଭିନ୍ନ ସ୍ଥାନରେ ଲୋକେ ଉଭୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ। ବ୍ଲକରେ କୁଲୁଥା ସମାଜ, ଦଳଖଣ୍ଡାୟତ ସମାଜ, ମଧୁବଶ୍ୟସମାଜ, ନିଆଳି କୈବର୍ତ୍ତ ସମାଜ, ସୂଳି କୈବର୍ତ୍ତ ସମାଜ, ସୈନିକ ସଂଘ, ବଣିକ ସଂଘଷ ଯୁବ ଅନୁଷ୍ଠାନ, ବୟୋଜେଷ୍ଠ ନାଗରିକ ସମାଜ, ନରସିଂହପୁର ବିକାଶ ପରିଷଦ, ବିଭିନ୍ନ ଗ୍ରାମ୍ୟ କମିଟି, ନିର୍ବାଚିତ ଜନ ପ୍ରତିନିଧି ଓ ଓକିଲ ସଂଘ ପକ୍ଷରୁ ଫଲତୋଡା, ଉତ୍ତରୀୟ ଦିଆଯାଇ ଏମ୍‌ପି ଓ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଭୟ ନେତା ନରସିଂହପୁର ଅଞ୍ଚଳର ବିକାଶର ଧାରାକୁ ଆଗେଇ ନେବା ପ୍ରତିଶ୍ରୁତି ଦେଇଥିଲେ।

## ଢ଼ଁସର ବିବେକାନନ୍ଦ ଷ୍ଟଡି ସର୍କଲର ବାର୍ଷିକ ଉତ୍ସବ

**ବାଙ୍କୀ,୪।୬(ବି.ପ୍ର.)**

ବାଙ୍କୀ ଢ଼ଁସର ଗ୍ରାମସ୍ଥିତ ସ୍ୱାମୀ ବିବେକାନନ୍ଦ ଷ୍ଟଡି ସର୍କଲର ୪ର୍ଥ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଶ୍ରୀମଦ୍ ସ୍ୱାମୀ ଜ୍ଞାନାତୀତାନନ୍ଦଜୀ ମହାରାଜା, ମୁଖ୍ୟବକ୍ତା ଶ୍ରୀମଦ୍ ସ୍ୱାମୀ ଅଦ୍ୱୟାନନ୍ଦଜୀ ମହାରାଜ, ସମ୍ମାନିତ ଅତିଥି ବସୁପ୍ରଦାନନ୍ଦଜୀ ମହାରାଜ, ସ୍ୱାମୀ ଜୀବନାଥାନନ୍ଦଜୀ ମହାରାଜ ଓ ସତ୍ୟରୂପା ସଦ୍‌ଭାବନା ପରିଚାଳନା ଟ୍ରଷ୍ଟି ପ୍ରଫୁଲ୍ଲ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଯେଉଁ ଦେଶର ନାରୀ ଯେତେ ସମୃଦ୍ଧ, ସେ ଦେଶ ସେତେ ବିକଶିତ ବୋଲି ଅତିଥି ସେମାନଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏଥିସହିତ ବିବେକାନନ୍ଦ ହିଁ ଛାତ୍ର ଓ ଯୁବ ସମାଜର ଆଦର୍ଶ ବୋଲି କହିଥିଲେ। ବିବେକାନନ୍ଦ ଷ୍ଟଡି ସର୍କଲର ସମ୍ପାଦକ ରମାକାନ୍ତ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ରମାକାନ୍ତ ଭଞ୍ଜ ବାର୍ଷିକ ବିବରଣୀ ପାଠ କରିଥିଲେ। ଷ୍ଟଡି ସର୍କଲର ବରିଷ୍ଠ ସଦସ୍ୟ ଏବଂ ଆଦର୍ଶ ଶିକ୍ଷକ ସନ୍ତୋଷ ଜେନାଙ୍କ ସଂଯୋଜନାରେ ଉତ୍ସବ ସଞ୍ଚାଳିତ ହୋଇଥିଲା। ସ୍ୱର୍ଣ୍ଣପ୍ରଭା ମହାନ୍ତି, ତପନ ବେହେରା, ଲକ୍ଷ୍ମୀପ୍ରିୟା ରାଉତ ସ୍ୱଦେଶ ମନ୍ତ୍ର ପାଠ କରିଥିଲା ବେଳେ ଷ୍ଟଡି ସର୍କଲର ବିଦ୍ୟାର୍ଥୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ଛାତ୍ର ଜୀବନରେ ସ୍ୱାମୀଜୀଙ୍କ ପ୍ରାସଙ୍ଗିକତା ଉପରେ ଛାତ୍ର ଦୀପକ ସାହୁ ଓ ଜ୍ୟୋତିର୍ମୟୀ ପଣ୍ଡା ବକ୍ତବ୍ୟ ରଖିଥିଲେ। ମଞ୍ଚରେ ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଦସ୍ୟ ପ୍ରତାପ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ବାଲିବୋଝେଇ ହାଇୱା ଧକ୍କାରେ ବ୍ୟବସାୟୀଙ୍କ ମୃତ୍ୟୁ

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ



ରାସ୍ତା ଅବରୋଧ ସ୍ଥଳରେ ପୋଲିସ ଓ ପ୍ରଶାସନିକ ଅଧିକାରୀ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛି।

**ବାଙ୍କୀ,୪।୬(ସ୍ୱ.ପ୍ର./ବି.ପ୍ର.)**

ହାଇୱା ଧକ୍କାରେ ମଙ୍ଗଳବାର ବାଙ୍କୀ-ଖୋର୍ଦ୍ଧା ରାସ୍ତାର ତୁଳସୀପୁର ସରସ୍ୱତୀ ଶିଶୁମନ୍ଦିର ନିକଟରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁଘଟିଛି। ସେ ହେଲେ ବାଙ୍କୀ ଥାନା ଅନ୍ତର୍ଗତ ନରଗାଙ୍ଗ ଗ୍ରାମର ମାଛ ବ୍ୟବସାୟୀ ସୁଲ୍‌ତାନ୍ ଖାଁ(୫୩)। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ରାସ୍ତା ଅବରୋଧ କରିଥିଲେ। ଫଳରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ି ମୋଟର ଅଟକି ରହିଥିଲା। ଖବର ପାଇ ବାଙ୍କୀ ଥାନା ଆଇଆଇସି, ବାଘମାରୀ ଫାଣ୍ଡି ଅଧିକାରୀ ଓ ବେଗୁନିଆ ତହସିଲଦାର ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ କ୍ଷତିପୂରଣ ପ୍ରଦାନ କରାଯିବାର ପ୍ରତିଶ୍ରୁତି ଦେଇଥିଲା। ଏହାପରେ ରାସ୍ତା ଅବରୋଧ ହଟିଥିଲା। ସୂଚନା ଅନୁସାରେ, ଦିନ ପ୍ରାୟ ୧୧ଟା ସମୟରେ ବାଘମାରୀ ଦିନିଆରୀ ଛକଠାରୁ ବ୍ୟବସାୟ ସାରି ସୁଲତାନ୍ ସାଇକେଲ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ସୀମର ଆଡୁ ଆସୁଥିବା ହାଇୱା ସହ ତାଙ୍କର ମୁହାଁମୁହିଁ ଧକ୍କା ଦେଇଥିଲା। ସେ ତଳେ ପଡ଼ିଯିବାରୁ ହାଇୱା ତାଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସୁଲ୍‌ତାନ୍ ସବୁଦିନ ସାଇକେଲ୍‌ରେ ଗାଁଗାଁ ବୁଲି ମାଛ ଓ ଶୁଖୁଆ ବ୍ୟବସାୟ କରନ୍ତି। ତାଙ୍କର ଏଭଳି ମୃତ୍ୟୁକୁ ନେଇ ସ୍ଥାନୀୟ ଲୋକେ ବାଙ୍କୀ-ଖୋର୍ଦ୍ଧା ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ। ଖବର ପାଇ ବାଙ୍କୀ ଥାନା ଆଇଆଇସି ସମୀର କୁମାର ପଣ୍ଡା ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁର୍ଘଟଣା ଘଟିଥିବା ସ୍ଥାନ ଖୋର୍ଦ୍ଧା ଜିଲା ଅନ୍ତର୍ଗତ ହୋଇଥିବାରୁ ବାଘମାରୀ ଫାଣ୍ଡି ଅଧିକାରୀ ଓ ବେଗୁନିଆ ତହସିଲଦାରଙ୍କୁ ବାଙ୍କୀ ଥାନା ଅଧିକାରୀ ଜଣାଇଥିଲେ। ପରେ ବାଘମାରୀ ଫାଣ୍ଡି ଅଧିକାରୀ ଓ ବେଗୁନିଆ ତହସିଲଦାର ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତକ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ଉପଯୁକ୍ତ ସହାୟତା ଯୋଗାଇ ଦେବାପାଇଁ ଲୋକେ ଦାବି କରିଥିଲେ। ତହସିଲଦାର ତାଙ୍କ ପରିବାରର ଭରଣପୋଷଣ ପାଇଁ ୨୦ହଜାର ଟଙ୍କା ଓ ଗାଡିମାଲିକ ୫୫ ହଜାର ଟଙ୍କା ଦେବେବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତା ଅବରୋଧ ହଟିଥିଲା। ବାଘମାରୀ ଫାଣ୍ଡି ଅଧିକାରୀ ହାଇୱାକୁ ଜବତ କରି ତଦନ୍ତ ଜାରି ରଖିଛନ୍ତି।





ରାଜ୍ୟ ସରକାରଙ୍କ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍‌କୁ ବିରୋଧ କରି କଟକ ରାଜସ୍ୱ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ନମ୍ବର ପ୍ଲେଟ୍ ଓ ଷ୍ଟିକର ଆସୋସିଏଶନ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

### ନରସିଂହପୁର ଶ୍ରୀରଘୁନାଥଜୀଉ କୃଷକ ସଂଘ ବୈଠକ

# କୃଷି ବିଜ୍ଞାନ କେନ୍ଦ୍ର, ଶୀତଳ ଭଣ୍ଡାର ପ୍ରତିଷ୍ଠା ଦାବି

**ନରସିଂହପୁର,୪।୬(ଡି.ଏନ.ଏ.)**

କେନ୍ଦ୍ର ଓ ରାଜ୍ୟ ସରକାର କୃଷି ଏବଂ କୃଷକଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ମାତ୍ର କଟକ ଜିଲା ନରସିଂହପୁର ବ୍ଲକରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ବ୍ଲକ ଅଞ୍ଚଳର ୮୦ ଭାଗ ଲୋକ କୃଷି ଉପରେ ନିର୍ଭର କରିଛନ୍ତି। ହେଲେ କୃଷି କ୍ଷେତ୍ର ପାଇଁ ଜଳସେଚନ ନ ଥିବା ବେଳେ ଫସଲ କରିବା ପାଇଁ ପରାମର୍ଶ ଦିଆଯାଉ ନାହିଁ। ଏଠାରେ ଥିବା କୃଷି ବିଭାଗ କେବଳ ନାମକୁ ମାତ୍ର କାମ କରୁଛି। ଚାଷୀ ନିଜର ପାରମ୍ପରିକ ପଦ୍ଧତିରେ କାର୍ଯ୍ୟ ଚଳାଇଛନ୍ତି। ଫଳରେ ଯେତିକି ହାରରେ ଫସଲ ଉତ୍ପାଦିତ ହେବା କଥା ତା'ରୁ ଢେର କମ୍ ଉତ୍ପାଦନ ହେଉଛି। ବ୍ଲକର ମହାନଦୀ ଅବବାହିକାରେ ଚାଷୀ ଫସଲ କରୁଛନ୍ତି। ବିଶେଷଭାବେ ହରିପୁର, ରଣିପଡା, କାଞ୍ଚିଆପଦା, ପଦାମାଳ, ଏକଡାଳ, ବରମ୍ଭୁରା ଫୁଲପଡା, କାକୁଡିଆ, କାଠଖୁଣ୍ଟ, ସୁବଳା, ବାଲିସାହି, ମନ୍ଦାଣିଆ, ସାନଗାଁ, ରେଗେଡା, କମଳାଡହି ଅଞ୍ଚଳର ଚାଷୀ ଧାନ ଫସଲ ସହିତ ବିଭିନ୍ନ ପରିବା ଫସଲ କରୁଛନ୍ତି। ଏପରି କି କମଳାଡିହ ଅଞ୍ଚଳରୁ ନରସିଂହପୁର ସହିତ ପ୍ରତ୍ୟହ ଭୁବନେଶ୍ୱରକୁ ବହୁ ପରିବାଯାଉଛି। ଏଠାରେ ଚାଷୀ ବିଭିନ୍ନ ସମସ୍ୟାରେ କାର୍ଯ୍ୟ ଚଳାଉଛନ୍ତି। ମହାନଦୀରେ କେତୋଟି ଉଠାଜଳ ସେଚନ ପଏଣ୍ଟକୁ ଛାଡି ଚାଷୀ ନିଜ ଉଦ୍ୟମରେ ଜଳସେଚନ କରୁଛନ୍ତି। ଚାଷୀ କେତେକ ମଞ୍ଜି, ସାର, ଦୋକାନୀ ପରାମର୍ଶରେ ଚାଷ କାମ କରୁଛନ୍ତି ବୋଲି ମଙ୍ଗଳବାର ନରସିଂହପୁର ଶ୍ରୀରଘୁନାଥଜୀଉ କୃଷକ ସଂଘ ବୈଠକରେ କୁହାଯାଇଛି। ସଂଘର ସଭାପତି ସନାତନ ସ୍ୱାଇଁ କହିଥିଲେ, ନରସିଂହପୁର ବ୍ଲକରେ କୃଷି ବିଜ୍ଞାନ କେନ୍ଦ୍ର ଓ ଏକ ଶୀତଳ ଭଣ୍ଡାରର ଆବଶ୍ୟକତା ରହିଛି। ୨୦୧୬ରୁ ବ୍ଲକର ବ୍ରହ୍ମପୁରାସ୍ଥିତ ଉଦ୍ୟାନ ବିଭାଗର ଫାର୍ମ ମଧ୍ୟରେ କୃଷି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ଲାଗି ପ୍ରସ୍ତାବ ଆସିଥିଲା। ମାତ୍ର ରାଜନୈତିକ ଅଭିସନ୍ଧି ରଖି ଏହା ହୋଇପାରିନାହିଁ। ଏହିକେନ୍ଦ୍ର କାର୍ଯ୍ୟକାରୀ ହେଲେ କଟକ ଜିଲା ସହିତ ପଡୋଶୀ ଢେଙ୍କାନାଳ, ଅନୁଗୋଳ, ନୟାଗଡ ଜିଲାର ଚାଷୀ ଉପକୃତ ହୋଇପାରିବ। ଚାଷୀଙ୍କୁ ରୋଗ ପୋକ ନିୟନ୍ତ୍ରଣ ସମ୍ପର୍କରେ ସବିଶେଷ କୌଶଳ ଶିକ୍ଷା ପ୍ରଦାନ ହୋଇପାରବ। ସେହିପରି ଚାଷୀ ଉତ୍ପାଦନ ସମୟରେ ଫସଲକୁ ଶାଗ ମାଛ ଦରରେ ବିକ୍ରି କରୁଥିବାରୁ ଚାଷ ଖର୍ଚ୍ଚ ଉଠି ପାରୁନାହିଁ। ଫଳରେ ଚାଷୀର ମେରୁଦଣ୍ଡ ଭାଙ୍ଗି ପଡୁଛି। କୃଷି ବିଭାଗ ନରସିଂହପୁର ପାଇଁ ପ୍ରସ୍ତାବିତ କୃଷି ବିଜ୍ଞାନ କେନ୍ଦ୍ର ଏବଂ ଏକ ଶୀତଳ ଭଣ୍ଡାର ନିର୍ମାଣ କରାଇଲେ ଚାଷୀ ଉପକୃତ ହେବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏ ଦିଗରେ ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହୋଇଛି।



ଭଗବାନଙ୍କ ନାମ ଜପିଲେ ମଣିଷର ଦେହ, ମନ ସବୁ ଶୁଦ୍ଧ ହୋଇଯାଏ ।
- ରାମକୃଷ୍ଣ ପରମହଂସ



## ଆଜି କ'ଣ କେଉଁଠି

କଟକ

- ଓଡ଼ିଶା ପ୍ରୋଜେକ୍ଟ ଆଣ୍ଡ ମାର୍କେଟିଂ ଡେଭଲପମେଣ୍ଟ ସେଣ୍ଟର ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ, ଆଇଟିଆଇ, ଖପୁରିଆ, ପୂର୍ବାହ୍ନ ୧୧ଟା ।

■ ଏସ୍‌ସିବି ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ

# ଅସହାୟ ରୋଗୀଙ୍କ ନାଁରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ

କଟକ ଅଫିସ,୪।୬

ଏସ୍‌ସିବିକୁ ଆସୁଥିବା ଅପରିଚିତ ଅସହାୟ ରୋଗୀଙ୍କୁ ନେଇ ଏନ୍‌ଏଚ୍‌ଆର୍‌ସି, ଓଏଚ୍‌ଆର୍‌ସିରେ ରହିଛି ଅନେକ ମାମଲା । ଏହି ରୋଗୀମାନଙ୍କୁ ଆବଶ୍ୟକ ସେବା ଓ ଚିକିତ୍ସା ମିଳୁ ନ ଥିବା ଦର୍ଶାଇ ବହୁ ସାମାଜିକ ସଙ୍ଗଠନ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତବର୍ଷ ତତ୍କାଳୀନ ରାଜ୍ୟ ମାନବାଧିକାର କମିଶନ ଏସ୍‌ସିବିକୁ ଆସି ଅସହାୟ ରୋଗୀଙ୍କ ଅବସ୍ଥା ଦେଖି ଉଦ୍‌ବେଗ ପ୍ରକାଶ କରିଥିଲେ। କିନ୍ତୁ ପରିସ୍ଥିତିରେ ସୁଧାର ଆସି ନ ଥିଲା। ଅସହାୟ ରୋଗୀଙ୍କ ମୃତ୍ୟୁ ପରେ ମେଡିକାଲରେ ଘଣ୍ଟା ଘଣ୍ଟା ଧରି ମୃତଦେହ ପଡ଼ିଥିବାକୁ ନେଇ ବିବାଦ ଉପୁଜିଛି। ଅସହାୟ ରୋଗୀଙ୍କ ସେବା ବାବଦରେ ଏସ୍‌ସିବି ୩୧ଲକ୍ଷ ୨୮ହଜାର ୮୫୦ଟଙ୍କା ଗତ ୨୦୧୮-୧୯ ବର୍ଷରେ ଖର୍ଚ୍ଚ କରିଛି। ୪୫ ଜଣ ଡେଷ୍ଟିଚ୍ୟୁଟ ଆଟେଣ୍ଡାଣ୍ଟଙ୍କୁ ୧୫୦ଟଙ୍କା ମଜୁରିରେ ଏହି ଅର୍ଥ ପ୍ରଦାନ କରାଯାଇଥିବା ମେଡିକାଲ ପକ୍ଷରୁ ଦର୍ଶାଯାଇଛି। ସେହିପରି ମେଡିକାଲର ୧୫ଟି ସ୍ଥାନରେ ଲିଫ୍‌ଟ ଥିଲେ ମଧ୍ୟ ଅଧିକାଂଶ ସମୟରେ ଅଚଳ ରହୁଛି। ୨୦୧୮-୧୯ ବର୍ଷରେ ୩୫ ଜଣ ଲିଫ୍‌ଟ ଅପରେଟର ଓ ଜଣେ ସୁପରଭାଇଜରଙ୍କୁ ୨୧ଲକ୍ଷ ୬୪ହଜାର ୯୭୨ଟଙ୍କା ଦିଆଯାଇଛି। କେବଳ ସେତିକି ନୁହେଁ ତତ୍କାଳୀନ ଆର୍‌ଡିସି ଅରବିନ୍ଦ ଅଗ୍ରୱାଲଙ୍କ ବାରଣ ସତ୍ତ୍ୱେ ମଧ୍ୟ ଅଧିକାରୀମାନଙ୍କ ଗାଡ଼ି ଚଢ଼ା ବାବଦରେ ୨ ଲକ୍ଷ ୧ହଜାର ୧୬୧ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଓପିଡି ଟିକେଟ ବାବଦକୁ ୩୮ ଲକ୍ଷ ୧୮ହଜାର ୨୬୯ ଟଙ୍କା ଖର୍ଚ୍ଚ କରାଯାଇଛି। ୨୦୧୮-୧୯ ମସିହାରେ ୟୁଜର୍ସ ଫିଁରୁ ୧୮ କୋଟି ୨୪ ଲକ୍ଷ ୨୧ହଜାର ୪୫୭ ଟଙ୍କା ଖର୍ଚ୍ଚ ହୋଇଛି। ମଙ୍ଗଳବାର ଏସ୍‌ସିବି ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକରୁ ଏହି ତଥ୍ୟ ମିଳିଛି। କେନ୍ଦ୍ରାଞ୍ଚଳ ଆର୍‌ଡିସି ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଗତ ବର୍ଷର ଖର୍ଚ୍ଚ ଓ ୨୦୧୯-୨୦ ଆର୍ଥିକବର୍ଷ ପାଇଁ ବଜେଟ୍ ପ୍ରସ୍ତୁତ କରାଯାଇଛି। ବିଗତ ବର୍ଷର ଖର୍ଚ୍ଚର ବାସ୍ତବତାକୁ ନେଇ ସାମାଜିକ କର୍ମୀମାନେ ପ୍ରଶ୍ନ ଉଠାଇଛନ୍ତି। ସାମାଜିକ ସଙ୍ଗଠନ ସେବକର ସମ୍ପାଦକ ଅଚ୍ୟୁତ କୁମାର ସାହୁ କୁହନ୍ତି, ରୋଗୀଙ୍କଠାରୁ ଆଦାୟ ହୋଇଥିବା ଟଙ୍କାକୁ ମେଡିକାଲ କର୍ତ୍ତୃପକ୍ଷ ବେପରୁଆ ଭାବେ ଖର୍ଚ୍ଚ କରିଛନ୍ତି। ଏହାର ଭିଜିଲାନ୍ସସ୍ତରୀୟ ତଦନ୍ତ କରାଗଲେ ଦୁର୍ନୀତି ପଦାକୁ ଆସିପାରିବ। ବୈଠକରେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ୧୭କୋଟି ୯୦ଲକ୍ଷ ୪୦ହଜାର ୪୦୦ ଟଙ୍କାର ବଜେଟ୍ ଆକଳନ କରାଯାଇଛି। ବଜେଟ୍‌ରେ ସରକାରୀ ଧାର୍ଯ୍ୟ ଅନୁଯାୟୀ ମଜୁରି ନିର୍ଦ୍ଧାରଣ କରାଯାଇଛି। ଏହି ଅନୁଯାୟୀ ଏସ୍‌ସିବିରେ କାର୍ଯ୍ୟରତ ଘରୋଇ ସଂସ୍ଥାମାନଙ୍କୁ ଅଧିକ ଲାଭ ପହଞ୍ଚାଇବାକୁ ଯୋଜନା ହୋଇଛି। ଅସହାୟ ରୋଗୀଙ୍କ ସେବା ପାଇଁ ଚଳିତବର୍ଷ ୫୦ଲକ୍ଷ ଟଙ୍କାର ବଜେଟ୍ ପ୍ରସ୍ତୁତ ହୋଇଥିବା ବେଳେ ଡିଜି ସେଟ୍ ଅପରେଟରଙ୍କ ପାଇଁ ୧୦ଲକ୍ଷ ୯୪ହଜାର ୪୦୦ଟଙ୍କା ଧାର୍ଯ୍ୟ କରାଯାଇଛି। ମାତ୍ର ଏକ ସମ୍ବେଦନଶୀଳ ପ୍ରସଙ୍ଗ ପ୍ରତି ମେଡିକାଲ କର୍ତ୍ତୃପକ୍ଷ ୨ ବର୍ଷ ହେବ ଆଖି ବୁଜି ଦେଇଛନ୍ତି। ୨୦୧୭ ଜୁନ ୨୦ରେ ହୋଇଥିବା ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକରେ ୪୦ଟି ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ରୋଗୀଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରାଯାଉଥିବା ରୋଷେଇଶାଳକୁ ନେଇ ବୈଠକରେ ଆପତ୍ତି ଉଠିଥିଲା। ତତ୍କାଳୀନ ଆର୍‌ଡିସି ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରୋଗୀଙ୍କୁ ଉକ୍ତ ରୋଷେଇ ଘରୁ ଖାଦ୍ୟ ରନ୍ଧାଯାଇ ଦିଆଯାଉଥିବା କହିଥିଲେ। କେତେକ ଘରୋଇ ସ୍ୱାସ୍ଥ୍ୟ ଅନୁଷ୍ଠାନକୁ ପରିଦର୍ଶନ କରି ସେଠାରେ କେଉଁଭଳି ପରିବେଶରେ ରୋଗୀଙ୍କୁ ଖାଦ୍ୟ ରନ୍ଧାଯାଇ ଦିଆଯାଉଛି ତାହାର ଅନୁଧ୍ୟାନ କରିବାକୁ ମେଡିକାଲ ଅଧୀକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ୨ବର୍ଷ ବିତିଯାଇଥିଲେ ମଧ୍ୟ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଖାଦ୍ୟ ରନ୍ଧା ଯାଉଥିବା ବୈଠକରୁ ଜଣାପଡ଼ିଛି। ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ୨୦୧୭ ଅକ୍ଟୋବର ୨୩ରେ ଏ ନେଇ ଚିଠି ହୋଇଛି। ଏକ ନିରାପଦ ଘର ଏବଂ ସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରୋଷେଇ ଘର ପ୍ରସ୍ତୁତ କରିବା ପାଇଁ କୁହାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିବା ମେଡିକାଲ କର୍ତ୍ତୃପକ୍ଷ ଦର୍ଶାଇଛନ୍ତି। ସେହିପରି ୨ ବର୍ଷ ତଳୁ ଏସ୍‌ସିବିର ତୃତୀୟ ଗେଟ୍ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ କେନ୍ଦ୍ର ସାମ୍ନାରେ ଖୋଲିବା ପାଇଁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ। ଅଦ୍ୟାବଧି ମେଡିକାଲରେ ବାର୍ କୋଡ୍ ସିଷ୍ଟମ୍‌କୁ କାର୍ଯ୍ୟକାରୀ କରାଯାଇ ନ ଥିବାବେଳେ ମେଡିକାଲରେ ରୋଗୀ ଓ ଆଟେଣ୍ଡାଣ୍ଟମାନଙ୍କ ପାଇଁ ୩ଟି ଶୌଚାଳୟ ନିର୍ମାଣ ହୋଇପାରି ନାହିଁ। ୨୦୧୭ରେ ପାରିତ ପ୍ରସ୍ତାବ କାର୍ଯ୍ୟକାରୀ ହୋଇ ନ ଥିବାବେଳେ ୨୦୧୯-୨୦ ପାଇଁ ମେଡିକାଲ ପକ୍ଷରୁ ଲମ୍ବା ଚିଠା ପ୍ରସ୍ତୁତ କରାଯାଇଛି। ରୋଗୀ ପରିବହନ ପାଇଁ ମେଡିକାଲରେ ବ୍ୟାଟ୍ରି ଆମ୍ବୁଲାନ୍ସ ବାବଦରେ ଗତବର୍ଷ ୭୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ପୁଣି ଷ୍ଟ୍ରେଚର ବୋହିବା ପାଇଁ ୮୦ଜଣ ଷ୍ଟ୍ରେଚର୍ ବାହକଙ୍କୁ ନିଯୁକ୍ତି ଦେବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏ ସମସ୍ତ ଘଟଣା ନେଇ ଅଧୀକ୍ଷକ ପ୍ରଫେସର ସିବିକେ ମହାନ୍ତି କହିଛନ୍ତି, ୨୦୧୭ ବୈଠକରେ ଯେଉଁ ସବୁ ପ୍ରସ୍ତାବ ଗୃହୀତ ହୋଇଥିଲା ସେଥିରୁ ଅଧିକାଂଶ କାର୍ଯ୍ୟକାରୀ ହୋଇଛି। ୟୁଜର୍ସ ଫି ଖର୍ଚ୍ଚରେ କୌଣସି ଅନିୟମିତତା ହୋଇନାହିଁ।




■ ଲିଫ୍‌ଟ ଅଚଳ, ଅଯଥା ପୋଷା ହେଉଛନ୍ତି ଅପରେଟର

■ ଅସ୍ୱାସ୍ଥ୍ୟକର ପରିବେଶରେ ରୋଷେଇଶାଳ

## ଓଡ଼ିଶା ନାରୀ ସେବା ସଂଘ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**କଟକ ଅଫିସ,୪।୬:** ଓଡ଼ିଶା ନାରୀ ସେବା ସଂଘ ସଭାନେତ୍ରୀ ଡ. ମନୋରମା ମହାପାତ୍ରଙ୍କ ନେତୃତ୍ୱରେ ପାରିବାରିକ ପରାମର୍ଶ ଜନିତ ସଚେତନତା କାର୍ଯ୍ୟକ୍ରମ ରାଣୀହାଟ ଶିକାରୀ ସାହି ଅଞ୍ଚଳରେ ଅନୁଷ୍ଠିତ ହୋଇଯାଇଛି। ସମାଜ ପରିବାରରୁ ସୃଷ୍ଟି ହୋଇଥାଏ। ପରିବାରରେ ଉତ୍ତମ ବୁଝାମଣା ରହିବ ତେବେ ସେହି ପରିବାରରେ ଅନେକ ପାରିବାରିକ ସମସ୍ୟାର ସମାଧାନ ପାଇଁ ବାଟ ଖୋଲିପାରିବ। ଉତ୍ତମ ସମ୍ପର୍କ ତଥା ବୁଝାମଣା ଅଭାବରୁ ପରିବାର ଗୁଡିକ ଆଜି ଭାଙ୍ଗିଯାଇ ସମାଜ ଅବକ୍ଷୟ ଆଡକୁ ଗତିକରୁଛି। ଏନେଇ ନାରୀ ସେବା ସଂଘ ପକ୍ଷରୁ ସମସ୍ୟା ଭୋଗୁଥିବା ମହିଳାମାନଙ୍କୁ ଉତ୍ତମ ପରିବାର ଗଢ଼ିବା ପାଇଁ ସଚେତନ କରାଇଥିଲେ। ସଂଘ ସମ୍ପାଦିକା ଆଭା କାନୁନ୍‌ଗୋ, ସହ ସମ୍ପାଦିକା ଇନ୍ଦିରା ଅରୋରା, ସହ ସମ୍ପାଦିକା ମଞ୍ଜୁ ସିଂ, ନମିତା ପଣ୍ଡା, ବୈଜୟନ୍ତି ମାଳା ଖଟୁଆ, ଅଧ୍ୟାପିକା ମୀରା ବେଉରା ପାରିବାରିକ ପରାମର୍ଶ ଦାତ୍ରୀ ସରୋଜିନୀ ଓଝା, ଅମ୍ବିକାରାଣୀ ପଲାଇ, ଜ୍ୟୋତିର୍ମୟ ନନ୍ଦୀ ପ୍ରମୁଖ ଉପସ୍ଥିତ ରହି ମହିଳାମାନଙ୍କୁ ସଚେତନ କରି କେଶଗୁଡିକୁ ସମାଧାନ କରିବା ପାଇଁ ପରାମର୍ଶ ଦେଇଥିଲେ। ସାହି ମୁରବି ସଚ୍ଚି ବେହେରା, ଶ୍ରୀଧର ସେନାପତି, ସମ୍ଭୁନାଥ ବେହେରା, ଇତିଶ୍ରୀ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

## ଯଯାତି କେଶରୀ କ୍ଲବର ବାର୍ଷିକୋତ୍ସବ

ଚୌଦ୍ୱାର,୪।୬(ଡି.ଏନ୍.ଏ.)

ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ଲେବର ଟେନାମେଣ୍ଟସ୍ଥିତ ଯଯାତି କେଶରୀ କ୍ଲବ୍‌ର ୪୦ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। କ୍ଲବ ସଭାପତି ଶୁଭେନ୍ଦୁ ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ପୌରାଧ୍ୟକ୍ଷ ପ୍ରେମଚାନ୍ଦ ନାୟକ, ପୂର୍ବତନ ଉପାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ପୂର୍ବତନ କାଉନସିଲର କରୁଣାକର ସାହୁ, ବିଷ୍ଣୁଚରଣ ପରିଡ଼ା, ଜେଲର ହେମନ୍ତ କୁମାର ସେଠୀ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସମ୍ପାଦକ ଭବାନୀ ଶଙ୍କର ମହାରଣା ଧନ୍ୟବାଦ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ସୌଭିକ୍ ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ଲବ୍‌ର ବିକାଶ ପାଇଁ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପୌରନିର୍ବାହୀ ଅଧିକାରୀ ସତ୍ୟବ୍ରତ ମନ୍ତ୍ରୀ, ଆଇଆଇସି ପଦ୍ମନାଭ ପ୍ରଧାନ, ମହେନ୍ଦ୍ର ଦାସ, ସୁବ୍ରତ ସାମଲ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ପ୍ରକାଶ ନାୟକଙ୍କ ନିର୍ଦ୍ଦେଶନାରେ 'ଖରାପ ଝିଅର ଗପ' ଓ ଅକ୍ଷୟ ରଥଙ୍କ ନିର୍ଦ୍ଦେଶନାରେ 'ସବୁ ପର ଏଠି ଲୁହ ନିଜର' ନାଟକ ପରିବେଷିତ ହୋଇଥିଲା।

## ଜିଲା କୃଷି କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କମିଟି ବୈଠକ

କଟକ ଅଫିସ,୪।୬: ୨୦୧୯ ଖରିଫ୍ ଋତୁରେ ଜିଲାରେ ୧ ଲକ୍ଷ ୮୮ହଜାର ୧୫୦ ହେକ୍ଟର ଜମିରେ ଚାଷ କରାଯିବ। ଧାନ, ମକା ଖାଦ୍ୟ ଶସ୍ୟ ପାଇଁ ୧ ଲକ୍ଷ ୩୬ ହଜାର ୬୦୦ ହେକ୍ଟର, ଡାଲି ଜାତୀୟ ଶସ୍ୟ ପାଇଁ ୧ହଜାର ୩୫ ହେକ୍ଟର, ତୈଳବୀଜ ଜାତୀୟ ଶସ୍ୟ ନିମନ୍ତେ ୧ହଜାର ୩୦ ହେକ୍ଟର, ଫାଇବର ଜାତୀୟ ପାଇଁ ୧ହଜାର ୩୦୬ ହେକ୍ଟର, ପରିବା ପାଇଁ ୪୨ ହଜାର ୩୯୭ ହେକ୍ଟର, ମସଲା ପାଇଁ ୨ହଜାର ୮୦୦ ହେକ୍ଟର ଓ ଆଖୁ ୨ହଜାର ୯୮୨ ହେକ୍ଟର ଜମି ନିର୍ଦ୍ଧାରଣ କରାଯାଇଛି। ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା କୃଷି କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କମିଟି ବୈଠକରୁ ଏହା ଜଣାପଡ଼ିଛି। ଅତିରିକ୍ତ ଜିଲାପାଳ ଶ୍ରୀକାନ୍ତ ତରାଇଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଜଳ ପରିଚାଳନା, ଫାର୍ମ ମେକାନାଇଜେଶନ ପଦ୍ଧତି, ଜଳନିଧି ଯୋଜନାରେ ଉଠାଜଳସେଚନ ମାଧମରେ ଭୂତଳ ଜଳର ବ୍ୟବହାର, ସୋଲାର ପାଣିପମ୍ପ ଦ୍ୱାରା ଜଳସେଚନ ଉପରେ ଗୁରୁତ୍ୱ ଦିଆଯାଇଛି। ଏହିପରି ବୈଷୟିକ ଜ୍ଞାନକୌଶଳ ବ୍ୟବହାର ସହ କମ ଖର୍ଚ୍ଚରେ ଫସଲ ଅମଳ ବୃଦ୍ଧି କରିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଖରିଫରେ ହେକ୍ଟର ପିଛା ୮୦ କିଲୋ ସାର ବ୍ୟବହାର, ୧୬ ହଜାର ହେକ୍ଟର ଚାଷ ଜମିରେ ଆଧୁନିକ ଜ୍ଞାନକୌଶଳ, ଆଇପିଏମ (ଇଣ୍ଟିଗ୍ରେଟେଡ୍ ପେଷ୍ଟ ମ୍ୟାନେଜମେଣ୍ଟ) ମାଧମରେ ବିହନ ବିଶୋଧନ ତଥା (ଇ ପେଷ୍ଟ ସର୍ବେକ୍ଷଣ ଜରିଆରେ) ରୋଗ ପୋକ ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା କରାଯାଇଛି। ଖରିଫ୍ ଋତୁ ପାଇଁ ସମବାୟ ବ୍ୟାଙ୍କ ମାଧମରେ କୃଷି ଋଣ ପ୍ରଦାନ କରାଯିବା ପାଇଁ ସ୍ଥିର କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପିଡି ଡିଆରଡିଏ ସରୋଜକାନ୍ତ ମହାନ୍ତି, କୃଷି ଉପ ନିର୍ଦ୍ଦେଶକ ପରେଶ ଚନ୍ଦ୍ର ସାହୁ, ସଦର ଉପ ଜିଲାପାଳ ସୁକାନ୍ତ ପ୍ରଧାନ, ନାବାର୍ଡ ଏଜିଏମ୍ ସିଦ୍ଧାର୍ଥ ପଣ୍ଡା, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ବୈଷ୍ଣବ ଚରଣ ବାରିକଙ୍କ ସମେତ ଜିଲା ଏବଂ ବ୍ଲକ୍‌ସ୍ତରୀୟ କୃଷି ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




ରାଜ୍ୟ ସରକାରଙ୍କ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟକୁ ବିରୋଧ କରି କଟକ ରାଜସ୍ୱ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଓଡ଼ିଶା ନମ୍ବର ପ୍ଲେଟ ଓ ଷ୍ଟିକରିଂ ଆର୍ଟିଷ୍ଟ ଆସୋସିଏଶନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

# ସିଏମ୍‌ସି, ଘରୋଇ ସଂସ୍ଥା ଦୋଷ ଲଦାଲଦି

କଟକ ଅଫିସ,୪।୬

**ଫନୀ ପରେ ଆଲୋକୀକରଣ ଫେଲ**

ଗତ ଜୁନ ପହିଲାରେ କଟକ ମହାନଗର ନିଗମ (ସିଏମ୍‌ସି) କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା ଫନୀ ପରବର୍ତ୍ତୀ ସମୀକ୍ଷା ବୈଠକ। ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କ୍ଷତିଗ୍ରସ୍ତ ସହରର ଅବସ୍ଥାରେ ତୁରନ୍ତ ସୁଧାର ଅଣାଯାଉ ବୋଲି ନିଷ୍ପତ୍ତି ହୋଇଥିଲା। ପରିମଳ ବ୍ୟବସ୍ଥାଠାରୁ ଆଲୋକୀକରଣ ବ୍ୟବସ୍ଥା ପର୍ଯ୍ୟନ୍ତ ସମସ୍ତ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକକୁ ତିନି ଦିନ ବିତିଲାଣି, କିନ୍ତୁ ଆଲୋକୀକରଣ ବ୍ୟବସ୍ଥାର ଟେଣ୍ଡର ନେଇଥିବା ଘରୋଇ ସଂସ୍ଥା ଚୁପ ବସିଛି। ସଂସ୍ଥା ନିଜ ଦାୟିତ୍ୱ ଠିକ ଭାବେ ତୁଲାଉ ନାହିଁ ବୋଲି ସିଏମ୍‌ସିର ବରିଷ୍ଠ ଅଧିକାରୀମାନେ ଅଭିଯୋଗ କରୁଥିବାବେଳେ ସଂସ୍ଥା ଅଧିକାରୀଙ୍କ ମତ କିନ୍ତୁ ଭିନ୍ନ। ଉକ୍ତ ସଂସ୍ଥାର ମ୍ୟାନେଜର ସୌମ୍ୟରଞ୍ଜନ ସାମଲ କୁହନ୍ତି, ସିଏମ୍‌ସି ଅଧିକାରୀଙ୍କ ଅଭିଯୋଗ ଭିତ୍ତିହୀନ। ଅକ୍ଟୋବର ଶେଷ ସୁଦ୍ଧା ସହରର ସମସ୍ତ ଆଲୋକ ସମସ୍ୟା ଦୂର ହେବ ବୋଲି କହିଛନ୍ତି।

ଫନୀ ପରେ ଅନ୍ଧାର ଘେରରେ ରହିଛି ଅନେକ ଅଞ୍ଚଳ। ବୈଠକରେ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଇଛି ସେନେଇ ପଚାରି ବୁଝିବା ସହ ଏମ୍‌ପି ଲାଇଟ ଲଗାଇବା କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ଏହାକୁ ନେଇ ଅସନ୍ତୁଷ୍ଟ ବ୍ୟକ୍ତ କରିଥିଲେ।

# ରଥଯାତ୍ରା ପରିଚାଳନାରେ ୧୧ ଆଇପିଏସ୍ ଅଧିକାରୀ

କଟକ ଅଫିସ, ୪।୬

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ଜୁଲାଇ ୪ରେ। ରଥଯାତ୍ରାକୁ କିପରି ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରାଯିବ ସେଥିପାଇଁ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ରୋଡ ମ୍ୟାପ ପ୍ରସ୍ତୁତି କରିଛନ୍ତି। ପରିଚାଳନା ଦାୟିତ୍ୱରେ ୧୧ ଆଇପିଏସ୍ ଅଧିକାରୀଙ୍କ ସମେତ ୫ ଓପିଏସ୍ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ସୂଚାରରୂପେ ସମସ୍ତ କାର୍ଯ୍ୟ ହେବ ସେଥିପାଇଁ ବରିଷ୍ଠ ଅଧିକାରୀମାନଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଛି। ଏନେଇ ମଙ୍ଗଳବାର ଓଡ଼ିଶା ପୋଲିସ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

ରଥଯାତ୍ରା ପାଇଁ ସମ୍ପୂର୍ଣ୍ଣ ପୋଲିସ ପରିଚାଳନା ଏଡିଜି ସଞ୍ଜୀବ ପଣ୍ଡାଙ୍କ ଉପରେ ନ୍ୟସ୍ତ କରାଯାଇଛି। ତାଙ୍କୁ ସହଯୋଗ କରିବା ପାଇଁ ଆଇଜି ଏସ୍.କେ. ପ୍ରିୟଦର୍ଶୀ ଏବଂ ପୁରୀ ଜିଲା ଏସ୍‌ପି ଉମାଶଙ୍କର ମିଶ୍ରଙ୍କୁ କୁହାଯାଇଛି। ସୁରକ୍ଷା ଏବଂ ସ୍ୱତନ୍ତ୍ର ବ୍ରାଞ୍ଚ ପରିଚାଳନା ଦାୟିତ୍ୱ ଗୋଇନ୍ଦା ବିଭାଗ ଆଇଜି ଆର୍.କେ.ଶର୍ମାଙ୍କୁ ଦିଆଯାଇଛି। ସେହିପରି ଟ୍ରାଫିକ ପରିଚାଳନା ଦାୟିତ୍ୱ ଆଇଜି ଅମିତାଭ ଠାକୁରଙ୍କୁ ଦିଆଯାଇଛି। ଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ ଭଳି ଜନଗହଳି ହେବାକୁ ଥିବା ଦିନଗୁଡ଼ିକରେ ଟ୍ରାଫିକ ପରିଚାଳନା ଦାୟିତ୍ୱ ତାଙ୍କ ଉପରେ ରହିବ। ତାଙ୍କୁ ସହଯୋଗ କରିବା ପାଇଁ କ୍ରାଇମବ୍ରାଞ୍ଚ ଏସ୍‌ପି ମଡକର ସନ୍ଦୀପ ସମ୍ପତ, ଏସ୍‌ଟିଏଫ୍ ଏସ୍‌ପି ରାହୁଲ ପି.ଆର୍.ଙ୍କୁ କୁହାଯାଇଛି। ରେଲୱେ ପୋଲିସ ପରିଚାଳନା ଦାୟିତ୍ୱ ଏଡିଜି ପ୍ରାଣବିନ୍ଧୁ ଆଚାର୍ଯ୍ୟଙ୍କୁ ଦିଆଯାଇଛି। କିପରି କେଉଁ ଜାଗାରେ ଆର୍‌ପିଏଫ୍ ଅଫିସର, କର୍ମଚାରୀମାନେ କାର୍ଯ୍ୟ କରିବେ ତାହା ତାଙ୍କ ତତ୍ତ୍ୱାବଧାନରେ ହେବ। ସେହିପରି ମନ୍ଦିର ଭିତର ସୁରକ୍ଷା ଦାୟିତ୍ୱ ଆଇଜି ଏସ୍.କେ. ପ୍ରିୟଦର୍ଶୀଙ୍କୁ ଦିଆଯାଇଛି। ତାଙ୍କୁ ମନ୍ଦିର ପ୍ରଶାସନ ଏବଂ ସେବାୟତ ନିୟୋଗଙ୍କ ସହ ଆଲୋଚନା କରି ମନ୍ଦିର ଭିତରର ସୁରକ୍ଷା ଦାୟିତ୍ୱ ସମ୍ଭାଳିବାକୁ କୁହାଯାଇଛି। ବିଶେଷକରି ନବଯୌବନ ଦର୍ଶନଠାରୁ ନିଳାଦ୍ରୀବିଜେ ପର୍ଯ୍ୟନ୍ତ ମନ୍ଦିର ସୁରକ୍ଷା ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରାଯାଇଛି। ଜନଗହଳି ପରିଚାଳନା ଦାୟିତ୍ୱ ଆଇଜି ଅସୀତ କୁମାର ପାଣିଗ୍ରାହୀଙ୍କୁ ପ୍ରଦାନ କରାଯାଇଛି। ରଥଯାତ୍ରା, ସନ୍ଧ୍ୟା ଦର୍ଶନ, ବାହୁଡ଼ା ଯାତ୍ରା, ସୁନାବେଶ ଭଳି ଗୁରୁତ୍ୱପୂର୍ଣ୍ଣ ଦିନରେ ଭିଡ଼ ପରିଚାଳନା ଦାୟିତ୍ୱରେ ସେ ରହିବେ। ତାଙ୍କୁ ଏଥିରେ ଆଇଜି ବିବେକାନନ୍ଦ ଶର୍ମା ସହଯୋଗ କରିବେ। କର୍ଡନ ପରିଚାଳନା ଦାୟିତ୍ୱ ଆଇଜି ଅରୁଣ ବୋଥ୍ରାଙ୍କୁ ଦିଆଯାଇଛି। ବିଶେଷକରି ୩ଟି ରଥର କର୍ଡନ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରାଯାଇଛି। ଯୋଗାଯୋଗ ପରିଚାଳନା ଦାୟିତ୍ୱ ଓପିଏସ୍ ଅଧିକାରୀ ବି.ଏନ୍. ଦାସଙ୍କୁ ଦିଆଯାଇଛି। ଆବଶ୍ୟକତା ଅନୁଯାୟୀ ଫୋର୍ସ ଯୋଗାଇଦେବାକୁ କୁହାଯାଇଛି। କ୍ୟାମ୍ପ କମାଣ୍ଡାଣ୍ଟ ଦାୟିତ୍ୱ କମାଣ୍ଡାଣ୍ଟ ବି.କେ. ନନ୍ଦଙ୍କୁ ପ୍ରଦାନ କରାଯାଇଛି। ସେ ସମସ୍ତ ଫୋର୍ସମାନଙ୍କର ଯିବା ଆସିବା ଏବଂ ରିପୋର୍ଟିଂ କରିବାରେ ସମୟ ନିର୍ଦ୍ଧାରଣ କରିବେ। କିପରି ଫୋର୍ସମାନେ ଠିକ୍ ସମୟରେ କାର୍ଯ୍ୟରେ ଯୋଗଦେବେ ତା'ର ଦାୟିତ୍ୱ ତାଙ୍କୁ ଦିଆଯାଇଛି।

ଭିଆଇପିମାନଙ୍କ ସୁରକ୍ଷା ଦାୟିତ୍ୱ କମାଣ୍ଡାଣ୍ଟ ଆର୍.କେ. ସାହୁଙ୍କୁ ପ୍ରଦାନ କରାଯାଇଛି। ପୁରୀକୁ ଆସୁଥିବା ସମସ୍ତ ଭିଆଇପିମାନଙ୍କ ସୁରକ୍ଷା ବ୍ୟବସ୍ଥା ତାଙ୍କ ଉପରେ ନ୍ୟସ୍ତ କରାଯାଇଛି। କଣ୍ଟ୍ରୋଲ ରୁମ୍ ଦାୟିତ୍ୱରେ ଓପିଏସ୍ ଅଧିକାରୀ ଏସ୍.ସି. ପାହୀଙ୍କୁ ଦିଆଯାଇଛି। ପୁରୀ ଟାଉନର କଣ୍ଟ୍ରୋଲ ରୁମ୍ ଦାୟିତ୍ୱରେ ତାଙ୍କୁ ରଖାଯାଇଛି। ତେବେ ମୋଟ ଉପରେ ପୋଲିସ ପରିଚାଳନା ଦାୟିତ୍ୱ ପୁରୀ ଏସ୍‌ପି ଉମାଶଙ୍କର ଦାସଙ୍କ ଉପରେ ନ୍ୟସ୍ତ ଥିବା ବେଳେ ପରିଚାଳନା କ୍ଷେତ୍ରରେ ବରିଷ୍ଠ ଅଧିକାରୀମାନଙ୍କ ପରାମର୍ଶ ନେବାକୁ କୁହାଯାଇଛି।



ମଙ୍ଗଳବାର କଟକ ଶହୀଦ ଭବନରେ ଦୟାନିଧି ସ୍ମୃତି କଳା ପରିଷଦର ବାର୍ଷିକ ଉତ୍ସବରେ ଅନୁଷ୍ଠିତ ଚିତ୍ରକଳା ପ୍ରଦର୍ଶନୀକୁ ବୁଲି ଦେଖୁଥିବା ପିଲାମାନେ।

## ରାମଲୀଳା ଉଦ୍‌ଯାପିତ

**ଚୌଦ୍ୱାର/ଖୁଣ୍ଟୁଣୀ,୪।୬(ଡି.ଏନ୍.ଏ.):** ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୧୫ନଂ. ୱାର୍ଡର ଚିତ୍ରେଶ୍ୱର ଗ୍ରାମସ୍ଥିତ ପ୍ରସିଦ୍ଧ ଗନ୍ଧର୍ବନାଥ ମନ୍ଦିର ପରିସରରେ ରାମଲୀଳା ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ଗ୍ରାମର କଳାକାରମାନେ ଭାଗନେଇ ୯ଦିନ ବ୍ୟାପି ରାମାୟଣର ବିଭିନ୍ନ କଥାବସ୍ତୁ ପରିବେଷଣ କରିଥିଲେ। ମନୋଜ ପଣ୍ଡା, ଶ୍ରୀକାନ୍ତ ମହାପାତ୍ର, ରମେଶ ନାୟକ, ସନାତନ ମହାପାତ୍ର ଅଭିନୟ କରିଥିବା ବେଳେ ସୁଶାନ୍ତ ମହାପାତ୍ର, ନନ୍ଦ କିଶୋର ଦାସ, ତ୍ରିଲୋଚନ ପଣ୍ଡା, ରବୀନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ଆଠଗଡ଼ ବ୍ଲକ ରାଧାଶ୍ୟାମପୁର ଗ୍ରାମର ସୀତାରାମପୁର କଳାନିକେତନ ପକ୍ଷରୁ ବାର୍ଷିକ ରାମଲୀଳା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ୪ଦିନ ଧରି ଚାଲିଥିବା ରାମଲୀଳାରେ ନିରଞ୍ଜନ, ବିଜୟ, ଅର୍ଜୁନ, ଚନ୍ଦନ, ଗୋପୀନାଥ, ମାୟାଧର, ଅକ୍ଷୟ, ଅଜୟ, ସମୀର, ବିଭୁତି, ବ୍ରହ୍ମାନନ୍ଦ, କାର୍ତ୍ତିକ, କୁନା, ମୁନା କଳାକାର ଅଭିନୟ କରିଥିଲେ।

**ଜୁନ ୧୯ରୁ ଅନ୍‌ଲାଇନରେ ନାମ ପଞ୍ଜୀକରଣ**

## ଅଗଷ୍ଟ ୧୮ରୁ ପାରାଦୀପରେ ଆର୍ମି ନିଯୁକ୍ତି ରାଲି

କଟକ ଅଫିସ,୪।୬

ଅଗଷ୍ଟ ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ କଟକ ଆର୍ମି ନିଯୁକ୍ତି କାର୍ଯ୍ୟାଳୟ ଆନୁକୂଲ୍ୟରେ ପାରାଦୀପସ୍ଥିତ ଗୋପବନ୍ଧୁ ଷ୍ଟାଡିୟମଠାରେ ଆର୍ମି ନିଯୁକ୍ତି ରାଲି ଅନୁଷ୍ଠିତ ହେବ। ସୋଲଜର ଜେନେରାଲ ଡ୍ୟୁଟି, ସୋଲଜର ଟେକ୍ନିକାଲ, ସୋଲଜର ଟେକ୍ନିକାଲ (ନର୍ସିଂ ଆସିଷ୍ଟାଣ୍ଟ), ସୋଲଜର ଟେକ୍ନିକାଲ (ଏ ଏମ୍‌ଏନ୍ ଏକ୍‌ଜାମିନର), ସୋଲଜର (କ୍ଲର୍କ), ଷ୍ଟୋରକିପର ଏବଂ ସୋଲଜର ଟ୍ରେଡସ୍‌ମ୍ୟାନ ପଦବୀ ପାଇଁ ଏହି ରାଲି ଅନୁଷ୍ଠିତ ହେବ। ଏହି ନିଯୁକ୍ତି ରାଲିରେ କେନ୍ଦ୍ରାଞ୍ଚଳ ଅନ୍ତର୍ଗତ କଟକ, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ନୟାଗଡ଼, ବାଲେଶ୍ୱର, ଖୋର୍ଦ୍ଧା, ଯାଜପୁର, ପୁରୀ ଓ ଭଦ୍ରକ ଆଦି ଜିଲାର ଯୋଗ୍ୟ ବିବେଚିତ ପ୍ରାର୍ଥୀମାନେ ଅଂଶଗ୍ରହଣ କରିପାରିବେ। ଏଥିପାଇଁ ପ୍ରାର୍ଥୀମାନେ ଜୁନ ୧୯ଠାରୁ ଅଗଷ୍ଟ ୨ତାରିଖ ପର୍ଯ୍ୟନ୍ତ ଆର୍ମି ନିଯୁକ୍ତି ନିର୍ଦ୍ଦେଶାଳୟ ୱେବସାଇଟ୍ http://joinindianarmy.nic.inକୁ ଯାଇ ନିଜ ନାମ ପଞ୍ଜୀକରଣ କରିବାକୁ ଆର୍ମି ନିଯୁକ୍ତି କାର୍ଯ୍ୟାଳୟ ନିର୍ଦ୍ଦେଶକ କର୍ନେଲ ଆଶିଷ ମୋହନ ତ୍ରିଖା ସୂଚନା ଦେଇଛନ୍ତି। ପଞ୍ଜୀକରଣ ଓ ଅନ୍‌ଲାଇନ ଆବେଦନ କରିବା ପରେ ପ୍ରାର୍ଥୀମାନେ ନିଜର ବ୍ୟବହାରକାରୀଙ୍କ ନାମ (ୟୁଜର ନେମ୍) ଓ ପାସ୍‌ୱାର୍ଡ ବ୍ୟବହାର କରି ପ୍ରବେଶପତ୍ର ବା ଆଡମିଟ କାର୍ଡ ଡାଉନଲୋଡ କରି ପ୍ରିଣ୍ଟଆଉଟ ବାହାର କରିବେ। ସ୍ପଷ୍ଟ ଦେଖାଯିବା ପାଇଁ ଏ-୪ ସାଇଜ୍ କାଗଜରେ ଏହି ଆଡମିଟ୍ କାର୍ଡର ପ୍ରିଣ୍ଟ ଆଉଟ୍ ପ୍ରାର୍ଥୀମାନେ ବାହାର କରି ନିଯୁକ୍ତି ରାଲିରେ ଯୋଗଦେଇପାରିବେ ବୋଲି ଆର୍ମି ନିଯୁକ୍ତି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ହତ୍ୟାକୁ ଦୁର୍ଘଟଣା ରୂପ ଦେଉଛି ପୋଲିସ

କଟକ ଅଫିସ, ୪।୬

**ଏସ୍‌ପିଙ୍କ ନିକଟରେ ଅଭିଯୋଗ କଲେ ପରିବାର ଲୋକ**



ମୋ ପୁଅକୁ ହତ୍ୟା କରାଯାଇଛି। ତା ଦେହରେ କୌଣସି ଧାରୁଆ ଅସ୍ତ୍ରରେ ହଣାହୋଇଥିବାର ଚିହ୍ନ ମଧ୍ୟ ରହିଛି। ହେଲେ ପୋଲିସ ଘଟଣାକୁ ଚପାଇ ଦେଇ ଏହାକୁ ଦୁର୍ଘଟଣାର ରୂପ ଦେବାକୁ ଚେଷ୍ଟା କରୁଛି। ଏଭଳି ଅଭିଯୋଗ କରିଛନ୍ତି କିଶୋର ନଗର ଥାନା ଅନ୍ତର୍ଗତ କମରପଦା ଅଞ୍ଚଳର ମୃତ ସୁଜିତ୍ ବାରିକ୍‌ଙ୍କ ପରିବାର ଲୋକ। ଏନେଇ ସେମାନେ ମଙ୍ଗଳବାର କଟକ ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଏସ୍‌ପି ଆର୍.ବି.ପାଣିଗ୍ରାହୀ ଘଟଣାର ପୁନଃ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଗତ ମେ ୨୨ ତାରିଖରେ ସୁଜିତ୍‌ଙ୍କୁ ଗୁରୁତର ଅବସ୍ଥାରେ କମରପଦା ଅଞ୍ଚଳର ଏକ ପେଟ୍ରୋଲ ପମ୍ପ ନିକଟରୁ ସ୍ଥାନୀୟ ଲୋକ ଉଦ୍ଧାର କରି ଏସ୍‌ସିବି ମେଡିକାଲ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ କିଶୋରନଗର ପୋଲିସ ମୃତଦେହ ବ୍ୟବଚ୍ଛେଦ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ଏବେ ପୋଲିସ ଏହାକୁ ଏକ ଦୁର୍ଘଟଣା ବୋଲି ଦର୍ଶାଇ ମାମଲା ବନ୍ଦ କରିଦେବାକୁ ଚେଷ୍ଟା କରୁଥିବା ସୁଜିତ୍‌ଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ସୁଜିତ୍‌ଙ୍କୁ ୨୨ ତାରିଖରେ ଏକ ଫୋନ୍ କଲ ଆସିବା ପରେ ସେ ସକାଳୁ ଘରୁ ବାହାରି ଯାଇଥିଲେ। ଅପରାହ୍ନ ସୁଦ୍ଧା ତାଙ୍କ ସହ କୌଣସି ଯୋଗାଯୋଗ ହୋଇ ନ ପାରିବାରୁ ପରିବାର ଲୋକ ସ୍ଥାନୀୟ ଅଞ୍ଚଳରେ ଖୋଜାଖୋଜି କରିଥିଲେ। ହେଲେ ତାଙ୍କ ବିଷୟରେ କେହି ସୂଚନା ଦେଇ ପାରି ନ ଥିଲେ। ସେହିଦିନ ରାତି ୯ଟା ବେଳେ ପେଟ୍ରୋଲ ପମ୍ପ ନିକଟରେ ଏକ ଦୁର୍ଘଟଣା ଘଟିଥିବା ବେଳେ ଜଣେ ଯୁବକଙ୍କୁ ଏସ୍‌ସିବି ପଠାଯାଇଛି ବୋଲି ତାଙ୍କ ପରିବାର ଲୋକ ସୂଚନା ପାଇଥିଲେ। ସେମାନେ ଏସ୍‌ସିବି ଆସି ଦେଖିବାରୁ ସୁଜିତ୍‌ଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କୁ ଧରିବାକୁ ଦାବି କରିଛନ୍ତି।



ଭଗବାନଙ୍କ ନାମ ଜପିଲେ ମଣିଷର ଦେହ, ମନ ସବୁ ଶୁଦ୍ଧ ହୋଇଯାଏ ।
-ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଦୁର୍ଘଟଣାରେ ସାଇକେଲ ଆରୋହୀ ମୃତ

**ଖୋର୍ଦ୍ଧା ଅଫିସ,୪।୬:** ସିମର-ବାଙ୍କୀ ରାସ୍ତାର ତୁଳସୀପୁର ନିକଟରେ ହାଇୱା ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଙ୍କୀ ଥାନା ନରଗାଙ୍ଗପୁର ଗାଁର ଏମଡି ସୁଲତାନ ଖାଁ (୫୦)। ଏମ୍‌ଡି ସୁଲତାନ ତୁଳସୀପୁରରୁ ଗାଁକୁ ଫେରୁଥିଲେ। ଓଡି୦୨ଏଏଫ ୬୪୨୬ ନଂର ବାଲି ବୋଝେଇ ହାଇୱା ସହ ମୁହାଁମୁହିଁ ଧକ୍କା ହୋଇ ପଛପାଖ ଚକା ଭିତରେ ସାଇକେଲ ସହ ଆରୋହୀ ପଶି ଯାଇଥିଲା। ବାଘାମରୀ ଥାନା ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ଦଫା ୨୭୯, ୩୦୪(ଏ)ରେ ନଂ. ୨୧ /୧୯ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ମିଛ କହି ଫସିଲେ ଯୁବକ
### ଅପହରଣ ନାଟକର ପରିସମାପ୍ତି

**ଖୋର୍ଦ୍ଧା ଅଫିସ,୪।୬:** ନିଜକୁ ନିଜେ ବାହାନା କରି ଅପହରଣ ନାଟକ ରଚି ମିଛ କହି ଜଣେ ଯୁବକ ଜେଲ ଯାଇଛନ୍ତି। ସମ୍ପୃକ୍ତ ଯୁବକ ହେଲେ ଜଙ୍କିଆ ଥାନା ମଳିପଡା ଗାଁର ବିଶ୍ୱଜିତ୍ ବିଶ୍ୱାଳ ଓରଫ କାହ୍ନା(୨୨)। ମିଳିଥିବା ସୂଚନା ଅନୁଯାୟୀ, ବିଶ୍ୱଜିତ ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ଏହି ଘଟଣାକୁ ନେଇ ପରିବାର ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ପରିବାର ଲୋକେ କାହ୍ନାଙ୍କୁ ସିଲିଗୁଡି ପଠାଇ ଦେଇଥିଲେ। ୨ ବର୍ଷ ରହିବା ପରେ କିଛିଦିନ ତଳେ ଗାଁକୁ ଆସିଥିଲେ। ଗତ ୧ ତାରିଖରେ ପୁଣି ପରିବାର ଲୋକେ ତାଙ୍କୁ ସିଲିଗୁଡି ଯିବାକୁ କହିଥିଲେ। ହେଲେ କାହ୍ନା ନିଜ ଭଉଣୀଙ୍କୁ ଫୋନ ଯୋଗେ ଗତ ୧ ତାରିଖରେ ଜଣାଇଥିଲେ ପ୍ରେମିକାଙ୍କ ପରିବାର ଲୋକେ ତାଙ୍କୁ ପିତାପଲ୍ଲୀ ଛକରୁ ଅପହରଣ କରି ନେଇଛନ୍ତି। ୧ ଲକ୍ଷ ଟଙ୍କା ନ ଦେଲେ ଛାଡିବେ ନାହିଁ ପରେ ୨ ଲକ୍ଷ ଟଙ୍କା କହିଥିଲେ। ପରିବାର ଲୋକେ ଭୟଭୀତ ହୋଇ ଖୋର୍ଦ୍ଧା ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ମୋବାଇଲ ଟାକ୍ରିଂ କରି ଜାଣି ପାରିଥିଲା କାହ୍ନା ମିଛ କହି ଅପହରଣ ନାଟକ ରଚିଛି। ଏହା ପରେ କାହ୍ନାଙ୍କୁ ମଙ୍ଗଳବାର ଚନ୍ଦକା ଥାନା ଅଞ୍ଚଳରୁ ଗିରଫ କରିଥିଲା। ଶିକ୍ଷାଞ୍ଚଳ ଫାଣ୍ଡି ଏଏସ୍‌ଆଇ ଫକୀର ବରାଳଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଦଫା ୩୮୭, ୬୬(ଡି) ଆଇଟି ଆକ୍ଟରେ ନଂ. ୧୬୫/୧୯ରେ ମାମଲା ରୁଜୁ କରି ମଙ୍ଗଳବାର କାହ୍ନାଙ୍କୁ କୋର୍ଟ ଚାଲାଣ କରିଥିଲା।

### ଯାତ୍ରୀଙ୍କୁ ସରବତ ବଣ୍ଟନ

**ବୋଲଗଡ଼,୪।୬(ଡି.ଏନ.ଏ.)-** ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଗେଡିଆପଲ୍ଲୀଠାରେ ଯୁବକମାନେ ମଙ୍ଗଳବାର ପଥିକଙ୍କୁ ଦହି ସରବତ ବଣ୍ଟନ କରିଛନ୍ତି। ବାଘମାରୀ-କଣ୍ଟିଲୋ ରାସ୍ତାରେ ଯାତାୟାତ କରୁଥିବା ପଥିକମାନଙ୍କୁ ବାଣ୍ଟିଛନ୍ତି। ଏଥିରେ ସଞ୍ଜୟ କୁମାର ବଳିୟାରସିଂହ, ପ୍ରସନ୍ନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

■ ଖୋର୍ଦ୍ଧା ଜିଲା କୃଷି ନିର୍ଦ୍ଧାରଣ କମିଟି ବୈଠକ

# ଚାଷୀଙ୍କୁ ଭେଟିବେ କର୍ମଚାରୀ

**ପ୍ରସ୍ତୁତ ହେବ ୫୦ ପ୍ରତିଶତ କ୍ଷତିଗ୍ରସ୍ତ ଚାଷୀଙ୍କ ତାଲିକା**

**ଖୋର୍ଦ୍ଧା ଅଫିସ,୪।୬**

ଖୋର୍ଦ୍ଧା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଖୋର୍ଦ୍ଧା ଜିଲା କୃଷି ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲାପାଳ ତଥା କମିଟିର ଅଧ୍ୟକ୍ଷ ଭୂପିନ୍ଦର ସିଂ ପୁନିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତ ଖରିଫ ଚାଷର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଥିଲା। ଚାଷୀମାନେ ସହଜ ଉପାୟରେ ଋଣ, ବିହନ ଯେପରି ପାଇବେ ସେଥିପ୍ରତି ଜିଲାପାଳ ପୁନିଆ ଗୁରୁତ୍ୱ ଦେଇଛନ୍ତି। ସାର, ବିହନ ଗଚ୍ଛିତ ରଖିବା, କ୍ଷେତ୍ର କର୍ମଚାରୀମାନେ ପରିଭ୍ରମଣ ସହ ସକାଳେ ଓ ସନ୍ଧ୍ୟାରେ ଚାଷୀଙ୍କୁ ଭେଟିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା ଫନୀରେ ୫୦ ପ୍ରତିଶତ କ୍ଷତିଗ୍ରସ୍ତ ଚାଷୀଙ୍କ ତାଲିକା ପ୍ରସ୍ତୁତ ସହ ଏଲଆଇ ପଏଣ୍ଟ ଓ କେନାଲ ବନ୍ଧର ପୁନରୁଦ୍ଧାର ପାଇଁ କହିଛନ୍ତି। ଏମଜିଏନଆରଇଜିଏସ୍‌ରେ ବ୍ଲକସ୍ତରୀୟ କାଜୁ, ଆମ୍ବ ପ୍ଲାଣ୍ଟେସନ ପାଇଁ ଉପଦେଶ ଦେଇଛନ୍ତି। ଜଟଣୀ ରେକ୍ ପଏଣ୍ଟରେ ଅଧିକ ରେକ୍ ଆଣି ଅଧିକ ସାର ଯୋଗାଇ ଦେବା ପାଇଁ ମାର୍କଫେଡ୍, ଇଫ୍‌କୋ ପ୍ରତିନିଧି ଓ ଉପପ୍ରବନ୍ଧକ ଖୋର୍ଦ୍ଧାକୁ ଉପଯୁକ୍ତ ସହଯୋଗ ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଖୋର୍ଦ୍ଧା ଜିଲାରେ ଥିବା ୧ଲକ୍ଷ ୩୮, ୩୨୧ ହେକ୍ଟର ଚାଷ ଉପଯୋଗୀ ଜମିରୁ ଚଳିତ ଖରିଫ ଋତୁରେ ୧ ଲକ୍ଷ ୨୦,୨୫୦ ହେକ୍ଟର ଜମିରେ ଚାଷ କରାଯିବ। ଏଥି ମଧ୍ୟରୁ ୧ଲକ୍ଷ ୬,୧୫୦ ହେକ୍ଟର ଜମିରେ ଧାନ ଫସଲ କରାଯାଇ ୪ଲକ୍ଷ ୪୫, ୮୧୩ ମେଟ୍ରିକ୍ ଟନ ଧାନ ଉତ୍ପାଦନ କରାଯିବାର ଲକ୍ଷ୍ୟ ରହିଛି। ଖରିଫ ଫସଲ ପାଇଁ ଖୋର୍ଦ୍ଧା ବ୍ଲକର ଚାଷୀଙ୍କୁ ୩୨ କୋଟି ଟଙ୍କା, ବେଗୁନିଆକୁ ୪୮ କୋଟି, ଟାଙ୍ଗୀ ପାଇଁ ୨୫ କୋଟି, ବୋଲଗଡକୁ ୬୦ କୋଟି, ବାଣପୁରକୁ ୩୫ କୋଟି, ଚିଲିକାକୁ ୩୫ କୋଟି, ଜଟଣୀକୁ ୧୦ କୋଟି, ଭୁବନେଶ୍ୱରକୁ ୧୦କୋଟି, ବାଲିଅନ୍ତା ପାଇଁ ୩୦ କୋଟି, ବାଲିପାଟଣା ବ୍ଲକ ପାଇଁ ୩୦କୋଟି ଟଙ୍କା ଏପରି ମୋଟରେ ୩୧୫ କୋଟି ଟଙ୍କାର ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ଋଣ ଯୋଗାଇ ଦିଆଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ତେବେ ବାଣିଜ୍ୟିକ ବ୍ୟାଙ୍କଗୁଡିକ ପାଇଁ କୌଣସି ଲକ୍ଷ୍ୟଧାର୍ଯ୍ୟ ନାହିଁ। ଚଳିତ ଖରିଫରେ ଜିଲାରେ ୧ ଲକ୍ଷ ୧, ୭୫୦ ହେକ୍ଟର ଅଧିକ ଅମଳକ୍ଷମ ଧାନ, ଦେଶୀଧାନ ୪୪୦୦ ହେକ୍ଟର ଧାନ, ୧ ଲକ୍ଷ ୬,୪୦୦ ଶଷ୍ୟ ଜାତୀୟ ଫସଲ, ୨୩୫୦ ହେକ୍ଟର ଡାଲି ଜାତୀୟ, ୫୦ ହେକ୍ଟର ତୈଳଜାତୀୟ, ୧୦୫୦ ହେକ୍ଟର ଜମିରେ ମସଲା ଜାତୀୟ ଫସଲ, ୧୦,୧୬୪ ହେକ୍ଟର ଜମିରେ ବିଭିନ୍ନ ପନିପରିବା, ୨୩୬ ହେକ୍ଟର ଆଖୁ ଫସଲ ଚାଷ କରାଯିବାକୁ ଅନୁରୂପ ଭାବେ ସ୍ଥିର ହୋଇଛି। ଧାନ ସମେତ ଅନ୍ୟ ଫସଲ ପାଇଁ ୧୦, ୨୫୫ କୁଇଣ୍ଟାଲ ବିହନର ଆବଶ୍ୟକତା ରହିଛି। ଏଥିମଧ୍ୟରୁ ୯୩୮୦ କୁଇଣ୍ଟାଲ ଧାନ, ୮୦୦ କୁଇଣ୍ଟାଲ ଧନିଚା, ୫୦ କୁଇଣ୍ଟାଲ ବିରି, ୫ କୁଇଣ୍ଟାଲ ମୁଗ, ୨୦ କୁଇଣ୍ଟାଲ ରାଶି ବିହନ ଦରକାର। ଗତବର୍ଷ ହେକ୍ଟର ପିଛା ୭୦.୦୪ କେଜି ହିସାବରେ ସାର ବ୍ୟବହାର କରାଯାଇଥିଲା। ମାତ୍ର ଚଳିତବର୍ଷ ହେକ୍ଟର ପିଛା ୭୧.୫୫ କେଜି କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ହିସାବରେ ଚଳିତ ଖରିଫ ଲାଗି ୧୬, ୭୦୦ ହଜାର ମେଟ୍ରିକ ଟନ୍ ସାର ଆବଶ୍ୟକତା ରହିଥିବା ବୈଠକରେ ଆଲୋଚନା ହୋଇଥିଲା। ରୋଗପୋକ ଦାଉରୁ ଫସଲକୁ ରକ୍ଷା କରିବାକୁ ଚଳିତବର୍ଷ ଅଧିକ ଗୁରୁତ୍ୱ ଦିଆଯାଇଛି। ଜିଲାରେ ଥିବା ୧ଲକ୍ଷ ୨୦,୨୫୦ ହେକ୍ଟର ଚାଷ ଉପଯୋଗୀ ଜମି ମଧ୍ୟରୁ ଖରିଫ ଋତୁରେ ୫୭, ୩୦୫ ହେକ୍ଟର ଜମିରେ ଜଳସେଚନର ସୁବିଧା ରହିଛି। ତେବେ ଅଧିକ ଜଳସେଚନ ସକାଶେ ଜଳନିଧି ଓ ସୌର ଜଳନିଧି ଯୋଜନାରେ ଜିଲାରେ ୧୦୦ଟି ବୋରୱେଲ(ଗଭୀର ନଳକୂପ), ୧୪୦ ଶହ ସାଲୋ ଟ୍ୟୁବୱେଲ୍(ନଳକୂପ), ୧୫୦ଟି ଡଗ୍ ୱେଲ (କୂପ)ଖୋଳାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସରକାରୀ ଉଠା ଜଳସେଚନ ପଏଣ୍ଟଗୁଡିକୁ ତ୍ୱରିତ ସଚଳ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କୃଷି ନିର୍ଦ୍ଧାରଣ କମିଟି ବୈଠକରେ ଖୋର୍ଦ୍ଧା କୃଷି ଉପନିର୍ଦ୍ଦେଶକ ଭାସ୍କର ବାରିକଙ୍କ ସମେତ କୃଷି, ଜଳସେଚନ, ଉଦ୍ୟାନ କୃଷି, ଡିଆରସିଏସ ଏବଂ ସମବାୟ ବ୍ୟାଙ୍କର ଅଧିକାରୀ, ସାର କମ୍ପାନୀର ବାଣିଜ୍ୟିକ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ଜିଲା କୃଷି ଅଧିକାରୀ ଶିଶିର ପଣ୍ଡା ଧନ୍ୟବାଦ ଦେଇଥିଲେ।



ଅବକାରୀ ଇନ୍ସପେକ୍ଟରଙ୍କ ଅଫିସରେ କଣ୍ଟାବାଡ ପଞ୍ଚାୟତର ମହିଳାମାନେ ଗୁହାରି କରୁଛନ୍ତି।

■ ମିଳୁନି ପୋଲିସ, ଅବକାରୀ ବିଭାଗ ସହଯୋଗ

# ମହିଳାଙ୍କ ବିରୋଧ ସତ୍ତ୍ୱେ ବିକ୍ରି ହେଉଛି ମଦ

**ଖୋର୍ଦ୍ଧା ଅଫିସ,୪।୬:** ବେଗୁନିଆ ବ୍ଲକ କଣ୍ଟାବାଡ ପଞ୍ଚାୟତରେ ଦେଶୀ ଓ ବିଦେଶୀ ମଦ ଅବାଧରେ ବିକ୍ରି ହେଉଛି। ଗାଁର ମହିଳାମାନେ ମଦ ବିକ୍ରିକୁ ବନ୍ଦ କରାଇଲେ ସୁଫଳ ମିଳୁନି। ଗତ ୨୧ ତାରିଖରେ ଗାଁର ମହିଳାମାନେ ଓ ମହିଳା ସଂଘର କର୍ମକର୍ତ୍ତା ଏକଜୁଟ୍ ହୋଇ ମଦ ବିକ୍ରି ବନ୍ଦ ଓ ମଦ ନ ପିଇବାକୁ ସଚେତନତା ସୃଷ୍ଟି କରିଥିଲେ। ଏପରି କି ଗତ ୨୮ ତାରିଖରେ ୫ ପେଟି ମଦ ଜବତ କରି ବେଗୁନିଆ ଥାନା ଅଧିକାରୀଙ୍କୁ ହସ୍ତାନ୍ତର କରିଥିଲେ। ତେବେ ପୋଲିସ ସହଯୋଗ କରିବ ବୋଲି କହି ଚୁପ ରହିଛି। ଅବକାରୀ ବିଭାଗର ପଦକ୍ଷେପ ନାହିଁ। ଏଭଳିସ୍ଥଳେ ଗାଁର ମହିଳାମାନେ ମଙ୍ଗଳବାର ଜିଲାପାଳ ଓ ଅବକାରୀ ଇନ୍ସପେକ୍ଟର ଖୋର୍ଦ୍ଧାଙ୍କୁ ଭେଟି ମଦ ବିକ୍ରି ବନ୍ଦ କରିବାକୁ ନିବେଦନ କରିଛନ୍ତି।

# ଅଗଷ୍ଟ ୧୮ରୁ ପାରାଦୀପରେ ଆର୍ମି ନିଯୁକ୍ତି ରାଲି

**ଜୁନ ୧୯ରୁ ଅନ୍‌ଲାଇନରେ ନାମ ପଞ୍ଜୀକରଣ**

**କଟକ ଅଫିସ,୪।୬-** ଅଗଷ୍ଟ ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ କଟକ ଆର୍ମି ନିଯୁକ୍ତି କାର୍ଯ୍ୟାଳୟ ଆନୁକୂଲ୍ୟରେ ପାରାଦୀପସ୍ଥିତ ଗୋପବନ୍ଧୁ ଷ୍ଟାଡିୟମଠାରେ ଆର୍ମି ନିଯୁକ୍ତି ରାଲି ଅନୁଷ୍ଠିତ ହେବ। ସୋଲଜର ଜେନେରାଲ ଡ୍ୟୁଟି, ସୋଲଜର ଟେକ୍ନିକାଲ, ସୋଲଜର ଟେକ୍ନିକାଲ (ନର୍ସିଂ ଆସିଷ୍ଟାଣ୍ଟ), ସୋଲଜର ଟେକ୍ନିକାଲ (ଏ ଏମ୍‌ଏନ୍ ଏକ୍‌ଜାମିନର), ସୋଲଜର (କ୍ଲର୍କ), ଷ୍ଟୋରକିପର ଏବଂ ସୋଲଜର ଟ୍ରେଡସ୍‌ମ୍ୟାନ ପଦବୀ ପାଇଁ ଏହି ରାଲି ଅନୁଷ୍ଠିତ ହେବ। ଏହି ନିଯୁକ୍ତି ରାଲିରେ କେନ୍ଦ୍ରାଞ୍ଚଳ ଅନ୍ତର୍ଗତ କଟକ, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ନୟାଗଡ଼, ବାଲେଶ୍ୱର, ଖୋର୍ଦ୍ଧା, ଯାଜପୁର, ପୁରୀ ଓ ଭଦ୍ରକ ଆଦି ଜିଲାର ଯୋଗ୍ୟ ବିବେଚିତ ପ୍ରାର୍ଥୀମାନେ ଅଂଶଗ୍ରହଣ କରିପାରିବେ । ଏଥିପାଇଁ ପ୍ରାର୍ଥୀମାନେ ଜୁନ ୧୯ଠାରୁ ଅଗଷ୍ଟ ୨ତାରିଖ ପର୍ଯ୍ୟନ୍ତ ଆର୍ମି ନିଯୁକ୍ତି ନିର୍ଦ୍ଦେଶାଳୟ ୱେବସାଇଟ http://joinindianarmy.nic.inକୁ ଯାଇ ନିଜ ନାମ ପଞ୍ଜୀକରଣ କରିବାକୁ ଆର୍ମି ନିଯୁକ୍ତି କାର୍ଯ୍ୟାଳୟ ନିର୍ଦ୍ଦେଶକ କର୍ଣ୍ଣେଲ ଆଶିଷ ମୋହନ ତ୍ରିଖା ସୂଚନା ଦେଇଛନ୍ତି। ପଞ୍ଜୀକରଣ ଓ ଅନ୍‌ଲାଇନ ଆବେଦନ କରିବା ପରେ ପ୍ରାର୍ଥୀମାନେ ନିଜର ବ୍ୟବହାରକାରୀଙ୍କ ନାମ (ୟୁଜର ନେମ୍) ଓ ପାସ୍‌ୱାର୍ଡ ବ୍ୟବହାର କରି ପ୍ରବେଶପତ୍ର ବା ଆଡମିଟ କାର୍ଡ ଡାଉନଲୋଡ କରି ପ୍ରିଣ୍ଟଆଉଟ ବାହାର କରିବେ। ସ୍ୱଷ୍ଟ ଦେଖାଯିବା ପାଇଁ ଏ-୪ ସାଇଜ୍ କାଗଜରେ ଏହି ଆଡମିଟ୍ କାର୍ଡର ପ୍ରିଣ୍ଟ ଆଉଟ୍ ପ୍ରାର୍ଥୀମାନେ ବାହାର କରି ନିଯୁକ୍ତି ରାଲିରେ ଯୋଗଦେଇପାରିବେ ବୋଲି ଆର୍ମି ନିଯୁକ୍ତି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ।

■ ଜଟଣୀ ବ୍ଲକର ବହୁ ସ୍କୁଲ କ୍ଷତିଗ୍ରସ୍ତ

# ଗ୍ରୀଷ୍ମଛୁଟି ସରିବ, ପୁନରୁଦ୍ଧାର ହେଲାନି

**ଜଟଣୀ,୪।୬(ଡି.ଏନ.ଏ.):**

ବାତ୍ୟା ଫନୀ ଯୋଗୁ ଜଟଣୀ ବ୍ଲକ ଓ ମ୍ୟୁନିସିପାଲିଟି ଅଞ୍ଚଳରେ ବହୁ ଶିକ୍ଷାନୁଷ୍ଠାନ କ୍ଷତିଗ୍ରସ୍ତ ହୋଇଛି। ଗ୍ରୀଷ୍ମଛୁଟି ସରିବାକୁ ଆଉ ଅଳ୍ପଦିନ ରହିଲା। ତା’ ପୂର୍ବରୁ କ୍ଷତିଗ୍ରସ୍ତ ଶିକ୍ଷାନୁଷ୍ଠାନଗୁଡିକର ପୁନରୁଦ୍ଧାର ହେବା ସମ୍ଭାବନା ଦେଖାଯାଉନାହିଁ। ଫଳରେ କ୍ଷତିଗ୍ରସ୍ତ ହୋଇଥିବା ୧୦୦ ପାଖାପାଖି ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ କିପରି ହେବ ତାହାକୁ ନେଇ ବିଦ୍ୟାର୍ଥୀ ଓ ଅଭିଭାବକ ଚିନ୍ତା ପ୍ରକଟ କରିଛନ୍ତି। ଅପରପକ୍ଷରେ ଛୁଟି ପରେ ଯନେତେନ ପ୍ରକାର ସ୍କୁଲ ଚଳାଇବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଧାନ ଶିକ୍ଷକମାନଙ୍କୁ ଡାକି କହିସାରିଲେଣି। କେଉଁଠି ଆଜବେଷ୍ଟସ୍ ଉଡିଯାଇଛି ତ ଆଉ କେଉଁଠି ଗଛ ପଡ଼ିରହିଛି। ଅନେକ ବିଦ୍ୟାଳୟରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇନାହିଁ। ଏପରି ପରିବେଶରେ ଛାତ୍ରୀଛାତ୍ର କିପରି ପାଠ ପଢ଼ିବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବ୍ଲକ ଅନ୍ତର୍ଗତ ପୋଡ଼ପଡ଼ା ୟୁଜି ୟୁପି ସ୍କୁଲର ୮ଟି



ଭାଙ୍ଗି ପଡିଥିବା ସ୍କୁଲ ଗୃହ ମରାମତି ହୋଇନାହିଁ ।

**ଚିନ୍ତାରେ ବିଦ୍ୟାର୍ଥୀ, ଅଭିଭାବକ**

ଶ୍ରେଣୀ ଗୃହରୁ ୫ଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ସ୍କୁଲ ପରିସରରେ ଏବେ ବି ଭାଙ୍ଗିଥିବା ଗଛ ପଡି ରହିଥିବା ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି କେଦାରନାଥ ସାହୁ କହିଛନ୍ତି। ସ୍କୁଲ ଖୋଲିବା ପରେ ଛାତ୍ରୀଛାତ୍ର କିପରି ପାଠ ପଢ଼ିବେ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ତୁରନ୍ତ ଏଥିପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି। ବ୍ଲକ,ମ୍ୟୁନିସିପାଲିଟି ଅଞ୍ଚଳରେ ଏହିପରି ଅବସ୍ଥାରେ ରହିଛି ଅନେକ ସ୍କୁଲ। ଜଟଣୀ ବ୍ଲକ ବିଇଓ ସୋନାମିକା ରାୟ କୁହନ୍ତି, ୭୬ଟି ସ୍କୁଲ କ୍ଷତିଗ୍ରସ୍ତ ହୋଇଛି। ଏଥିରୁ ୧୫ଟି ଅଧିକ କ୍ଷତିଗ୍ରସ୍ତ ହୋଇଛି। ତେବେ ଶିକ୍ଷାଦାନରେ ଯେପରି ବାଧା ସୃଷ୍ଟି ନ ହୁଏ ସେଥିପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ପୁନରୁଦ୍ଧାର ନ ହେବାଯାଏ ଆବଶ୍ୟକ ପଡ଼ିଲେ ୨ଟି ଶିଫ୍ଟରେ ଶିକ୍ଷାଦାନ ବ୍ୟବସ୍ଥା କରାଯିବା ନେଇ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ପରାମର୍ଶ ଦିଆଯାଇଛି। ଆବଶ୍ୟକ ପଡ଼ିଲେ ସ୍କୁଲ ପରିଚାଳନା କମିଟି ଓ ସରପଞ୍ଚମାନଙ୍କର ସହାୟତା ନିଆଯିବ ବୋଲି ସେ କହିଥିଲେ।

### ଶିବ ବିବାହ ଉତ୍ସବ ପାଇଁ ପ୍ରସ୍ତୁତି

**ବୋଲଗଡ଼,୪।୬(ଡି.ଏନ.ଏ.)**

ଶୀତଳ ଷଷ୍ଠୀ ତିଥିରେ ଶିବ ବିବାହ ଉତ୍ସବ ପାଇଁ ମଙ୍ଗଳବାର ବୋଲଗଡ଼ ବ୍ଲକ ଅଞ୍ଚଳର ବିଭିନ୍ନ ଶିବାଳୟଗୁଡିକରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସାଲତରାସ୍ଥିତ ବାଲୁଙ୍କେଶ୍ୱରଦେବଙ୍କ ବିବାହ ଉତ୍ସବ ମହାଆଡମ୍ବରେ ଅନୁଷ୍ଠିତ ହେବା ନିମନ୍ତେ ପ୍ରତିବର୍ଷ ଭଳି ମନ୍ଦିର କମିଟି ତଥା ଗ୍ରାମବାସୀଙ୍କ ପକ୍ଷରୁ ନିମନ୍ତ୍ରଣ ପତ୍ର ବଣ୍ଟନ ଆରମ୍ଭ ହୋଇଯାଇଛି। ସେହିପରି ସାଗରଗାଁ, କାଉଁରୀପାଟଣା ଓ ବଡ଼କୁମାରୀସ୍ଥିତ ନୀଳକଣ୍ଠେଶ୍ୱରଦେବଙ୍କ ବିବାହ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବାଙ୍କୋଇସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀତାରେଶ୍ୱରଦେବଙ୍କ ପୀଠ ସମେତ ବ୍ଲକ ଅଞ୍ଚଳର ବିଭିନ୍ନ ଶିବାଳୟଗୁଡିକରେ ଶିବ ବିବାହ ପାଇଁ ବେଶ୍ ଉତ୍ସାହର ସହ ଆୟୋଜକ ଓ ଶ୍ରଦ୍ଧାଳୁମାନେ ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି।

### ଜିଲାସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ ୬ରେ

**ଖୋର୍ଦ୍ଧା ଅଫିସ,୪।୬:** ସ୍ଥାନୀୟ ଗୀତାଭବନ ପଡିଆରେ ଆସନ୍ତା ୬ ତାରିଖରେ ଜିଲାସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ ପାଳନ ହେବ। ଏଥିରେ ଖୋର୍ଦ୍ଧା ଜିଲାର ୮ଟି ବିଧାନସଭାର ୮ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯିବ। ନିୟୁ ଥିଙ୍କର୍ସ ଫୋରମ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ସନ୍ଧ୍ୟା ୬ଟାରେ କରାଯିବ ବୋଲି କୁହଯାଇଛି।

■ ଡାକଘର ସ୍ଥାନାନ୍ତର ସତ୍ତ୍ୱେ ଅବ୍ୟବସ୍ଥା

# ଇଣ୍ଟରନେଟ୍ ଆଣ୍ଟିନା ସ୍ଥାପନ ଦାବି

**ଟାଙ୍ଗୀ(ଖୋର୍ଦ୍ଧା),୪।୬(ଡି.ଏନ୍.ଏ)-** ଭୁଷଣ୍ଡପୁର ରେଳଷ୍ଟେଶନ ନିକଟସ୍ଥ ସାନରାଉତପଡ଼ା ପଞ୍ଚାୟତସ୍ଥ ସିଙ୍ଗିପୁରଠାରେ ଦୀର୍ଘବର୍ଷ ଧରି ଡାକ କାର୍ଯ୍ୟାଳୟଟି କାର୍ଯ୍ୟକ୍ଷମ ରହିଥିଲା। ତେବେ ଏଠାରେ ଇଣ୍ଟର୍‌ନେଟ୍ ସମସ୍ୟା ନେଇ ଜନସାଧାରଣ ବାରମ୍ବାର ଅଭିଯୋଗ କରିଆସୁଥିଲେ। ଏଥିଯୋଗୁ ଉପଭୋକ୍ତାମାନେ ବିଭିନ୍ନ ପ୍ରକାର ଡାକସେବା ପାଇବାରୁ ବଞ୍ଚିତ ହେଉଥିଲେ। ତେଣୁ ଗ୍ରାହକ ଯେପରି ସୁବିଧାରେ ଡାକସେବା ପାଇପାରିବେ ସେଥିନିମନ୍ତେ ଏହି ଡାକଘରକୁ ୧ କି.ମି.ଦୂର କନ୍ତଳବାଇ ପଞ୍ଚାୟତକୁ ସ୍ଥାନାନ୍ତର କରାଗଲା। ତେବେ ସେଠାରେ ମଧ୍ୟ ଅବ୍ୟବସ୍ଥା ଦେଖାଦେଇଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କାରଣ ସ୍ଥାନାନ୍ତର ସତ୍ତ୍ୱେ ନେଟ୍ ସମସ୍ୟା ଲାଗି ରହିଥିବାରୁ ଉପଭୋକ୍ତାମାନେ କହୁଛନ୍ତି ଆମେ ମହରଗରୁ ଆସି କାନ୍ତାରରେ ପଡ଼ିଲୁ। ସୂଚନାଯୋଗ୍ୟ, ସିଙ୍ଗିପୁରସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଏପରି ନେଟ୍ ସମସ୍ୟା ନ ଥିବା କୁହାଯାଇଛି। ଡାକ କାର୍ଯ୍ୟାଳୟରେ ଇଣ୍ଟରନେଟ୍ ସୁଗମ ନିମନ୍ତେ ସ୍ୱତନ୍ତ୍ର ଆଣ୍ଟିନା ବ୍ୟବହାର କରାଯାଉ ନ ଥିବାରୁ ଏଭଳି ସମସ୍ୟା ଦେଖାଦେଇଥିବା ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ସିଙ୍ଗିପୁର ଡାକଘରେ ଆଣ୍ଟିନା ସ୍ଥାପନ ପୂର୍ବକ ନେଟ୍ ସମସ୍ୟା ଦୂର କରିବା ଦିଗରେ ବିହିତ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

■ ପୋଲିସ ପକ୍ଷରୁ ରଥଯାତ୍ରା ପ୍ରସ୍ତୁତି

# ବରିଷ୍ଠ ଅଧିକାରୀଙ୍କୁ ବିଭାଗ ବଣ୍ଟନ

**କଟକ ଅଫିସ, ୪।୬-** ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ଆସନ୍ତା ଜୁଲାଇ ୪ ତାରିଖରେ ଆରମ୍ଭ ହେବ। ରଥଯାତ୍ରା ପୂର୍ବରୁ ଆସନ୍ତା ୧୭ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା, ଜୁଲାଇ ୨ ତାରିଖରେ ନେତ୍ରୋ ଉତ୍ସବ ଓ ନବଯୌବନ ଦର୍ଶନ, ଜୁଲାଇ ୪ ତାରିଖରେ ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହେବ। ଜୁଲାଇ ୧୧ ତାରିଖରେ ନବମୀ ସନ୍ଧ୍ୟା ଦର୍ଶନ, ୧୨ ତାରିଖରେ ବାହୁଡ଼ା ଯାତ୍ରା, ୧୩ ତାରିଖରେ ସୁନାବେଶ, ୧୫ ତାରିଖରେ ନିଳାଦ୍ରୀବିଜେ ଭଳିବହୁ କାର୍ଯ୍ୟକ୍ରମ ରହିଛି। ତେବେ ସମ୍ପୂର୍ଣ୍ଣ ରଥଯାତ୍ରାକୁ କିପରି ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରାଯିବ ସେଥିପାଇଁ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ରୋଡ ମ୍ୟାପ ପ୍ରସ୍ତୁତି କରିଛନ୍ତି। ପରିଚାଳନା ଦାୟିତ୍ୱରେ ୧୧ ଆଇପିଏସ୍ ଅଧିକାରୀଙ୍କ ସମେତ ୫ ଓପିଏସ୍ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ସୁଚାରରୂପେ ସମସ୍ତ କାର୍ଯ୍ୟ ହେବ ସେଥିପାଇଁ ବରିଷ୍ଠ ଅଧିକାରୀମାନଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଛି। ଏନେଇ ମଙ୍ଗଳବାର ଓଡ଼ିଶା ପୋଲିସ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ରଥଯାତ୍ରା ପାଇଁ ସମ୍ପୂର୍ଣ୍ଣ ପୋଲିସ ପରିଚାଳନା ଏଡିଜି ସଞ୍ଜୀବ ପଣ୍ଡାଙ୍କ ଉପରେ ନ୍ୟସ୍ତ କରାଯାଇଛି। ତାଙ୍କୁ ସହଯୋଗ କରିବା ପାଇଁ ଆଇଜି ଏସ୍.କେ. ପ୍ରିୟଦର୍ଶୀ ଏବଂ ପୁରୀ ଜିଲା ଏସ୍‌ପି ଉମାଶଙ୍କର ମିଶ୍ରଙ୍କୁ କୁହାଯାଇଛି। ସୁରକ୍ଷା ଏବଂ ସ୍ୱତନ୍ତ୍ର ବ୍ରାଞ୍ଚ ପରିଚାଳନା ଦାୟିତ୍ୱ ଗୋଇନ୍ଦା ବିଭାଗ ଆଇଜି ଆର୍.କେ.ଶର୍ମାଙ୍କୁ ଦିଆଯାଇଛି। ସେହିପରି ଟ୍ରାଫିକ ପରିଚାଳନା ଦାୟିତ୍ୱ ଆଇଜି ଅମିତାଭ ଠାକୁରଙ୍କୁ ଦିଆଯାଇଛି। ଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ ଭଳି ଜନଗହଳି ହେବାକୁ ଥିବା ଦିନଗୁଡ଼ିକରେ ଟ୍ରାଫିକ ପରିଚାଳନା ଦାୟିତ୍ୱ ତାଙ୍କ ଉପରେ ରହିବ। ତାଙ୍କୁ ସହଯୋଗ କରିବା ପାଇଁ କ୍ରାଇମବ୍ରାଞ୍ଚ ଏସ୍‌ପି ମଡକର ସନ୍ଦୀପ ସମ୍ପତ, ଏସ୍‌ଟିଏଫ୍ ଏସ୍‌ପି ରାହୁଲ ପି.ଆର୍.ଙ୍କୁ କୁହାଯାଇଛି। ରେଲୱେ ପୋଲିସ ପରିଚାଳନା ଦାୟିତ୍ୱ ଏଡିଜି ପ୍ରାଣବିନ୍ଦୁ ଆଚାର୍ଯ୍ୟଙ୍କୁ ଦିଆଯାଇଛି। କିପରି କେଉଁ ଜାଗାରେ ଆର୍‌ପିଏଫ୍ ଅଫିସର, କର୍ମଚାରୀମାନେ କାର୍ଯ୍ୟ କରିବେ ତାହା ତାଙ୍କ ତତ୍ତ୍ୱାବଧାନରେ ହେବ। ସେହିପରି ମନ୍ଦିର ଭିତର ସୁରକ୍ଷା ଦାୟିତ୍ୱ ଆଇଜି ଏସ୍.କେ. ପ୍ରିୟଦର୍ଶୀଙ୍କୁ ଦିଆଯାଇଛି। ତାଙ୍କୁ ମନ୍ଦିର ପ୍ରଶାସନ ଏବଂ ସେବାୟତ ନିୟୋଗଙ୍କ ସହ ଆଲୋଚନା କରି ମନ୍ଦିର ଭିତରର ସୁରକ୍ଷା ଦାୟିତ୍ୱ ସମ୍ଭାଳିବାକୁ କୁହାଯାଇଛି। ବିଶେଷକରି ନବଯୌବନ ଦର୍ଶନଠାରୁ ନିଳାଦ୍ରୀବିଜେ ପର୍ଯ୍ୟନ୍ତ ମନ୍ଦିର ସୁରକ୍ଷା ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରାଯାଇଛି। ଜନଗହଳି ପରିଚାଳନା ଦାୟିତ୍ୱ ଆଇଜି ଅସୀତ କୁମାର ପାଣିଗ୍ରାହୀଙ୍କୁ ପ୍ରଦାନ କରାଯାଇଛି। ରଥଯାତ୍ରା, ସନ୍ଧ୍ୟା ଦର୍ଶନ, ବାହୁଡ଼ା ଯାତ୍ରା, ସୁନାବେଶ ଭଳି ଗୁରୁତ୍ୱପୂର୍ଣ୍ଣ ଦିନରେ ଭିଡ଼ ପରିଚାଳନା ଦାୟିତ୍ୱରେ ସେ ରହିବେ। ତାଙ୍କୁ ଏଥିରେ ଆଇଜି ବିବେକାନନ୍ଦ ଶର୍ମା ସହଯୋଗ କରିବେ। କର୍ଡନ ପରିଚାଳନା ଦାୟିତ୍ୱ ଆଇଜି ଅରୁଣ ବୋଥ୍ରାଙ୍କୁ ଦିଆଯାଇଛି। ବିଶେଷକରି ୩ଟି ରଥର କର୍ଡନ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରାଯାଇଛି। ଯୋଗାଯୋଗ ପରିଚାଳନା ଦାୟିତ୍ୱ ଓପିଏସ୍ ଅଧିକାରୀ ବି.ଏନ୍. ଦାସଙ୍କୁ ଦିଆଯାଇଛି। ଆବଶ୍ୟକତା ଅନୁଯାୟୀ ଫୋର୍ସ ଯୋଗାଇଦେବାକୁ କୁହାଯାଇଛି। କ୍ୟାମ୍ପ କମାଣ୍ଡାଣ୍ଟ ଦାୟିତ୍ୱ କମାଣ୍ଡାଣ୍ଟ ବି.କେ. ନନ୍ଦଙ୍କୁ ପ୍ରଦାନ କରାଯାଇଛି। ସେ ସମସ୍ତ ଫୋର୍ସମାନଙ୍କର ଯିବା ଆସିବା ଏବଂ ରିପୋର୍ଟିଂ କରିବାରେ ସମୟ ନିର୍ଦ୍ଧାରଣ କରିବେ। କିପରି ଫୋର୍ସମାନେ ଠିକ୍ ସମୟରେ କାର୍ଯ୍ୟରେ ଯୋଗଦେବେ ତା’ର ଦାୟିତ୍ୱ ତାଙ୍କୁ ଦିଆଯାଇଛି। ଭିଆଇପିମାନଙ୍କ ସୁରକ୍ଷା ଦାୟିତ୍ୱ କମାଣ୍ଡାଣ୍ଟ ଆର୍.କେ. ସାହୁଙ୍କୁ ପ୍ରଦାନ କରାଯାଇଛି। ପୁରୀକୁ ଆସୁଥିବା ସମସ୍ତ ଭିଆଇପିମାନଙ୍କ ସୁରକ୍ଷା ବ୍ୟବସ୍ଥା ତାଙ୍କ ଉପରେ ନ୍ୟସ୍ତ କରାଯାଇଛି। କଣ୍ଟ୍ରୋଲ ରୁମ୍ ଦାୟିତ୍ୱରେ ଓପିଏସ୍ ଅଧିକାରୀ ଏସ୍.ସି. ପାହୀଙ୍କୁ ଦିଆଯାଇଛି। ପୁରୀ ଟାଉନର କଣ୍ଟ୍ରୋଲ ରୁମ୍ ଦାୟିତ୍ୱରେ ତାଙ୍କୁ ରଖାଯାଇଛି। ତେବେ ମୋଟ ଉପରେ ପୋଲିସ ପରିଚାଳନା ଦାୟିତ୍ୱ ପୁରୀ ଏସ୍‌ପି ଉମାଶଙ୍କର ଦାସଙ୍କ ଉପରେ ନ୍ୟସ୍ତ ଥିବା ବେଳେ ପରିଚାଳନା କ୍ଷେତ୍ରରେ ବରିଷ୍ଠ ଅଧିକାରୀମାନଙ୍କ ପରାମର୍ଶ ନେବାକୁ କୁହାଯାଇଛି।

# ୧୦ କାଠି ଠାକୁରାଣୀ, ୩୮ ଶମ୍ଭୁ ମହାମିଳନ



ବିମାନରେ ଥିବା ଶମ୍ଭୁ ଠାକୁରଙ୍କୁ ତଳେ ରଖି ପୂଜାର୍ଚ୍ଚନା କରାଯାଉଛି ।



ମେଳଣରେ ସାମିଲ ହୋଇଥିବା କାଠି ଠାକୁରାଣୀ।

**ଖୋର୍ଦ୍ଧା ଅଫିସ/ବାଲୁଗାଁ, ୪।୬(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକର ହରିପୁରଶାସନ ଗାଁରେ ପୂଜା ପାଉଛନ୍ତି ପଶ୍ଚିମାଭିମୁଖୀ ମହାଶମ୍ଭୁ ଶ୍ରୀପ୍ରତାପେଶ୍ୱର ଦେବ। ଏଠାରେ ୭ ଦିନ ଧରି ରୁଦ୍ର ମହାଯଜ୍ଞରେ ତର୍ପଣ, ମାର୍ଜନ, ଭାଗବତ ପାରାୟଣ, ସନ୍ଧ୍ୟାରେ ସାଧୁସନ୍ଥଙ୍କର ପ୍ରବଚନ, ସାଂସ୍କୃତିକ କାର୍ଯ୍ୟକ୍ରମ ଲାଗି ରହିଥିଲା। ସେହିଭଳି ଠାକୁରଙ୍କ ବେଶ ଓ ଚତୁର୍ଦ୍ଦଶୀ ବେଢ଼ା, ପଞ୍ଚାଭିଷେକ ଓ ସାବିତ୍ରୀ ବ୍ରତ ପୂଜା ଏବଂ ଆରମ୍ଭ ଦିବସରେ ୧୦୦୮ ପୂର୍ଣ୍ଣ କଳସ ଆବାହନ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି। ମଙ୍ଗଳବାର ୭ମ ଦିବସ ପୂର୍ଣ୍ଣାହୁତିରେ ଶକ୍ତି ସ୍ୱରୂପା ୧୦ କାଠି ଠାକୁରାଣୀ, ୩୮ ମହାଶମ୍ଭୁ, ୫ ବିଷ୍ଣୁ, ଶ୍ରୀରାମ, ସ୍ଥାନୀୟ ଅଞ୍ଚଳର ୧୦ ଠାକୁର ମହାମିଳନ ଭାଗ ନେଇଥିଲେ। ସେହିଭଳି ପାରିକୁଦ ବାଲିଜଗନ୍ନାଥପୁର ଶାସନର ଗୋପୀନାଥ ଦେବ, ଚିଲିକା ହରିପୁରର ଗୋପୀନାଥ, ରଘୁନାଥ, ବୃନ୍ଦାବନ ଓ ରାଧାମୋହନ ଦେବ ସାମିଲ୍ ମଧ୍ୟ ହୋଇଥିଲେ। ଚଳିତବର୍ଷ ନୂଆକରି କେସିଙ୍ଗାର ଆରଧ୍ୟା ଦେବୀ ମା’ ଯୋଗମାୟା ଯାତ୍ରାରେ ସାମିଲ ହୋଇଛନ୍ତି। ମଙ୍ଗଳବାର ଅନ୍ତିମ ଦିବସରେ ହରିପୁର ଗାଁ ମୁଣ୍ଡରେ ଠାକୁର ଠାକୁରାଣୀ ଅସ୍ଥାନରେ ବସନ୍ତି। ପୂର୍ବାହ୍ନରେ ବାଲୁଙ୍କେଶ୍ୱର ସମସ୍ତ ଠାକୁରାଣୀଙ୍କୁ ନିଜ ନିଜ ଆସ୍ଥାନରେ ବିଜେ ହେବକୁ ପୁଣି ନିମନ୍ତ୍ରଣ କରିଥିଲେ। ପ୍ରଥମେ ପୁରୀ ଜିଲା ପାରିକୁଦ ସିଆଁଡି ଜଗତେଶ୍ୱରଦେବ ଓ ଶେଷରେ ମା’ ରାମଚଣ୍ଡୀ ଦେବୀ ବିଜେ ଗୋତପଲୀ ବାଣପୁର ବିଜେ କରିଥିଲେ। ରାତିତମାମ ଆତସବାଜି ପ୍ରତିଯୋଗିତା ହୋଇଛି। ମଙ୍ଗଳବାରଠାରୁ ୪ ଦିନ ପର୍ଯ୍ୟନ୍ତ ଅପେରା ଚାଲୁ ରହିବ।

### ଆଧ୍ୟାତ୍ମିକ ପରିବେଶ ହରିପୁରରେ

ରୁଦ୍ର ମହାଯଜ୍ଞ ଗତ ୨୯ ତାରିଖରୁ ହରିପୁର ଗାଁରେ ଆରମ୍ଭ ହୋଇଛି। ପ୍ରଥମ, ୨ୟ, ସାବିତ୍ରୀ ଅମାବାସ୍ୟା ଓ ଶେଷ ଦିବସକୁ ଛାଡି ଦେଲେ ଅନ୍ୟ ୩ ଦିନରେ ୨ ଲକ୍ଷ ୫୦ ହଜାର ନିଖୁଣ ବେଲପତ୍ର ବାବା ପ୍ରତାପେଶ୍ୱର ଦେବଙ୍କୁ ଲାଗି ହୋଇଛି। ଲାଗି ହେଉଥିବା ବେଲପତ୍ରରେ କର୍ପୁର ମିଶ୍ରିତ ଚନ୍ଦନରେ ଶ୍ରୀରାମ ଲେଖାଯାଇଥାଏ। ବେଲପତ୍ର ଲାଗି କରିବାର ସୁଯୋଗ ସମସ୍ତ ଭକ୍ତ ପାଇଥାନ୍ତି। ତେବେ ଯେଉଁ ଭକ୍ତ ମହାଶମ୍ଭୁ ପ୍ରତାପେଶ୍ୱର ଦେବଙ୍କ ଆଜୀବନ ସଦସ୍ୟ ସେମାନେ ୧୦୦୮ ବେଲପତ୍ର ଲାଗି କରିଥାନ୍ତି। ଏଣୁ ବେଲପତ୍ର ସଂଗ୍ରହ ଲାଗି ଆବାଳ ବୃଦ୍ଧ ବନିତା ଲାଗି ପଡିଥାନ୍ତି। ଫଳରେ ହରିପୁର ଗାଁ ବେଲପତ୍ର ଓ ଚନ୍ଦନ ବାସ୍ନାରେ ମହକି ଉଠେ। ମେଳଣର ପରମ୍ପରା ପ୍ରାୟ ୨୦ବର୍ଷ ଧରି ହୋଇଆସୁଛି। ରୋଗରୁ ମୁକ୍ତି, ପ୍ରାକୃତିକ ଦୁର୍ବିପାକ ନ ହେବା ଓ ସମାଜର କଲ୍ୟାଣ ପାଇଁ ଯଜ୍ଞ ଉଦ୍ଦିଷ୍ଟ ରହିଛି। ମହନ୍ତ ମହାରାଜ ଶ୍ରୀଶ୍ରୀ ରାମମୋହନ ଦାସଜୀ ମହାରାଜଙ୍କ ସମେତ ହରିପୁର ଗ୍ରାମବାସୀ ଏହାର ପରିଚାଳନା କରୁଛନ୍ତି। ଗାଁରେ ଏହା ଭାଇଚାରା ସୃଷ୍ଟି କରିଥାଏ। ଏହା ଦେଖିବାକୁ ଲକ୍ଷାଧିକ ଭକ୍ତଙ୍କ ଭିଡ ଜମିଛି। ଅନ୍ୟପକ୍ଷେ ଶ୍ରୀପ୍ରତାପେଶ୍ୱର ଦେବଙ୍କ ପାର୍ଶ୍ୱ ଦେବତା ରୂପେ ଭାଇ ବାଲୁଙ୍କେଶ୍ୱର ପୂଜିତ। ରୁଦ୍ର ମହାଯଜ୍ଞର ଅନ୍ତିମ ଦିବସରେ ଶମ୍ଭୁ ମିଳନ କାର୍ଯ୍ୟକ୍ରମ ପାଇଁ ପ୍ରତାପେଶ୍ୱର ଦେବଙ୍କ ପକ୍ଷରୁ ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ନୟାଗଡ, କଳାହାଣ୍ଡି ଓ କଟକ ଆଦି ୬ ଟି ଜିଲାର ୫୪ ଠାକୁରାଣୀ ଠାକୁରଙ୍କୁ ଅକ୍ଷୟ ତୃତୀୟାଠାରୁ ନିମନ୍ତ୍ରଣ କରାଯାଏ।



ଭଗବାନଙ୍କ ନାମ ଜପିଲେ ମଣିଷର ଦେହ, ମନ ସବୁ ଶୁଦ୍ଧ ହୋଇଯାଏ।
-ରାମକୃଷ୍ଣ ପରମହଂସ



## ଆଜି କ'ଣ କେଉଁଠି

ପୁରୀ
- ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶୋଭାଯାତ୍ରା,ସିଂହଦ୍ୱାର,ସକାଳ ୭ଟା।
- ଶାନ୍ତି ପକ୍ଷରୁ ଶୀତଳ ବାର୍ଣ୍ଣସେବା, ପୌର ସଦନ ଛକ, ପୂର୍ବାହ୍ନ ୧୦ଟା।

## ଦୟାନଦୀରେ ମହିଳା ନିଖୋଜ

**କଣାସ, ୪।୬(ଡି.ଏନ୍.ଏ.):** କଣାସ ଥାନା ଅନ୍ତର୍ଗତ ତ୍ରିଲୋଚନପୁର ପଞ୍ଚାୟତର କାତପଡା ଗ୍ରାମର ଚିନୁ ସାହୁ(୭୫) ଦୟାନଦୀରେ ଗାଧୋଇବାକୁ ଯାଇ ନିଖୋଜ ହୋଇଯାଇଛନ୍ତି। ସେ ନଦୀକୁ ସକାଳ ୮ଟାରେ ଗାଧୋଇବା ପାଇଁ ଯାଇ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ନ ଫେରିବାରୁ ପରିବାରଲୋକେ ଖୋଜା ଖୋଜି କରିଥିଲେ। ମାତ୍ର ସେ ନ ମିଳିବାରୁ ପୁଅ ନକୁଳ ସାହୁ କଣାସ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି। ଯଦି କୌଣସି ବ୍ୟକ୍ତି ଚିନୁଙ୍କ ସନ୍ଧାନ ପାଆନ୍ତି ତେବେ ନିକଟସ୍ଥ ଥାନାରେ ଜଣାଇବାକୁ ପୁତ୍ର ନକୂଳ ଅନୁରୋଧ କରିଛନ୍ତି।

## ଆବର୍ଜନା ପକାଇ ରାସ୍ତା ଅବରୋଧ କଲେ ଜରିମାନା

**ପୁରୀ ଅଫିସ, ୪।୬:** ପୁରୀ ସହରର ଅନେକ ଗଳିକନ୍ଦିରେ ଆବର୍ଜନା ଗଦା ହୋଇଛି। ଅଧିକାଂଶ ଲୋକ ସେମାନଙ୍କ ଘରୁ ବାହାରୁଥିବା ଆବର୍ଜନା ଆଣି ଘର ଆଗରେ ଜମା କରୁଛନ୍ତି। ଏହାଦ୍ୱାରା ରାସ୍ତା ଅବରୋଧ ହେଉଛି। ଯାତାୟାତ କରିବାରେ ଜନସାଧାରଣ ଅସୁବିଧା ଭୋଗୁଛନ୍ତି। ତେଣୁ ଏଣିକି ରାସ୍ତାରେ ଆବର୍ଜନା ପକାଇ ଅବରୋଧ କରୁଥିବା ଘର ମାଲିକଙ୍କଠାରୁ ଜରିମାନା ଆଦାୟ ହେବ। ଏ ନେଇ ପୁରୀ ପୌରସଂସ୍ଥାକୁ ଜିଲାପାଳ ବଳବନ୍ତ ସିଂ ନିର୍ଦ୍ଦେଶ ଦେଇଛନ୍ତି। ରାସ୍ତାରେ ଘର ନିର୍ମାଣ ସାମଗ୍ରୀର ବଳକା ଅଂଶ ଏବଂ ଭଗ୍ନାବଶେଷ ପକାଯାଉଥିବାରୁ ଏହାକୁ ହଟାଇବା ପାଇଁ ପୌରସଂସ୍ଥାକୁ ଅତିରିକ୍ତ ବ୍ୟୟ କରିବାକୁ ପଡୁଛି। ତେଣୁ ଏହି ସାମଗ୍ରୀ ହଟେଇବା ଖର୍ଚ୍ଚ ସହ ସମ୍ପୃକ୍ତ ଗୃହ ମାଲିକଙ୍କଠାରୁ ଅତିରିକ୍ତ ଜରିମାନା ଆଦାୟ କରାଯିବାକୁ ଏ ସଂକ୍ରାନ୍ତ ବୈଠକରେ ସ୍ଥିର ହୋଇଛି। ରାସ୍ତାକଡ଼ରେ ଖାଦ୍ୟ ସାମଗ୍ରୀ ବିକ୍ରି କରୁଥିବା ଦୋକାନୀ ଡଷ୍ଟବିନ୍ ରଖିବା ପାଇଁ ପୌରସଂସ୍ଥାକୁ କୁହାଯାଇଛି। ବାରମ୍ବାର ସଚେତନତା ସତ୍ତ୍ୱେ ଏହାକୁ ପାଳନ ନ କଲେ ସମ୍ପୃକ୍ତ ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ପୌରସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସହରରେ ଡ୍ରେନ୍ ସଫେଇକୁ ନେଇ ଆଲୋଚନା କରାଯାଇଥିଲା। ବିଭିନ୍ନ ଟିମ୍ ଗଠନ କରାଯାଇ ସଫେଇ ଜୋର୍‌ଦାର ଚାଲିଛି। ଅଧିକାରୀମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। ସେମାନେ ସଫେଇ କାର୍ଯ୍ୟର ତଦାରଖ କରୁଥିବାବେଳେ ଏହାର ରିପୋର୍ଟ ଦେଉଛନ୍ତି। ଏହି ବୈଠକରେ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ଜିଲା ଜରୁରୀକାଳିନ ଅଧିକାରୀ ଇତିଶ୍ରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ବାତ୍ୟା ମାସକ ପରେ ପୁରୀର ସ୍ଥିତି

## ପ୍ରଶାସନିକ ଦାୟିତ୍ୱବୋଧ ଉପରେ ଆଲୋଚନା

**ପୁରୀ ଅଫିସ,୪।୬:** ବାତ୍ୟା ଫନୀକୁ ଏକମାସ ପୂରିଯାଇଛି। ବର୍ତ୍ତମାନ ପୁରୀର ବାସ୍ତବ ସ୍ଥିତି, ରିଲିଫ୍ ବଣ୍ଟନ, ବାତ୍ୟା ପରବର୍ତ୍ତୀ ଥଇଥାନ ଏବଂ ଏସବୁ କ୍ଷେତ୍ରରେ ସାମାଜିକ ଓ ପ୍ରଶାସନିକ ଦାୟିତ୍ୱବୋଧ ଶୀର୍ଷକ ଆଲୋଚନାଚକ୍ର ସୋମବାର ନାୟକ ପ୍ଲାଜା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପୁରୀ ବିକାଶ ମଞ୍ଚ ଏବଂ ସ୍ରୋତ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ଆଲୋଚନାଚକ୍ରରେ ବିଭିନ୍ନ ବର୍ଗର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ବାତ୍ୟା ପରବର୍ତ୍ତୀ ଥଇଥାନ ଓ ସାମାଜିକ ସଚେତନତା ସମ୍ପର୍କରେ ନିଜ ନିଜ ମତ ରଖିଥିଲେ। ଏଥିରେ ରୋଟାରିଆନ ଦେବୀ ପ୍ରସନ୍ନ ନନ୍ଦ ଅଧକ୍ଷତା କରିଥିଲେ। ଅବସରପ୍ରାପ୍ତ ପ୍ରଶାସକ ବିଜୟ କୁମାର ନନ୍ଦ, ଗ୍ରନ୍ଥକାର ବିଶ୍ୱରଞ୍ଜନ, କଥାକାର ବଦ୍ରି ମିଶ୍ର, କବି ଶଙ୍କର୍ଷଣ ପରିଡ଼ାଙ୍କ ସମେତ ବହୁ ଖବରଦାତା, ବୁଦ୍ଧିଜୀବୀ, ସେବାୟତ, ସାମାଜିକ କର୍ମୀ ଭାଗନେଇ ବାତ୍ୟା ପରବର୍ତ୍ତୀ ରିଲିଫ୍ ବଣ୍ଟନରେ ସରକାରୀ ଅବହେଳା, ମାସାଧିକ ସମୟ ବିତିବା ପରେ ମଧ ବିଦ୍ୟୁତ ସମସ୍ୟାର ସମାଧାନ ନ ହେବା, ପାନୀୟଜଳ, ସ୍ୱାସ୍ଥ୍ୟସେବା ଓ ଶିକ୍ଷା ବ୍ୟବସ୍ଥାର ପୁନରୁଦ୍ଧାର ସମ୍ପର୍କରେ ମତ ରଖିଥିଲେ। ଆଇନଜୀବୀ ଦେବାଶିଷ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମହେନ୍ଦ୍ର ବିଶୋଇ ଧନ୍ୟବାଦ ଦେଇଥିଲେ। ଦେବ ପ୍ରଧାନ, ରାଜେଶ ସାହୁ, ଚିତ୍ତରଞ୍ଜନ ବେହେରା ପରିଚାଳନାରେ ସହଯୋଗ କରିଥିଲେ।

# ପ୍ଲାଷ୍ଟିକ, ପଲିଥିନ କଟକଣା ପ୍ରହସନ

ପୁରୀ ଅଫିସ,୪।୬

### ଆଜି ବିଶ୍ୱ ପରିବେଶ ଦିବସ



ଏବେ ପରିବେଶ ବିଗିଡ଼ିଯାଇଛି। ଫଳରେ ମଣିଷ ସମାଜ ପରିବେଶ ପ୍ରଦୂଷଣ ଭଳି ଭୟଙ୍କର ପରିସ୍ଥିତିର ସମ୍ମୁଖୀନ ହୋଇଛି। ପ୍ରଦୂଷଣ ବଳୟରେ ସମସ୍ତେ ରୁନ୍ଧି ହୋଇଯାଉଥିଲେ ବି ଚେତା ପଶୁନି। ପରିବେଶ ପାଇଁ ମାରାତ୍ମକ କୁହାଯାଉଥିବା ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ଉପରେ ପ୍ରଶାସନର କଟକଣାକୁ କେହି ମାନୁନାହାନ୍ତି। ଭବିଷ୍ୟତରେ ଏହା ମଣିଷ ସମାଜ ପାଇଁ ଘାତକ ପାଲଟିବାକୁ ଯାଉଥିବା ଜାଣିସୁଦ୍ଧା ଏଥିରୁ କେହି ମୁହଁ ଫେରାଉନାହାନ୍ତି। ପୁରୀ ସହରରେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କଟକଣା କେବଳ ପ୍ରହସନ ପାଲଟିଛି। ରାଜ୍ୟ ସରକାର ଗତବର୍ଷ ଗାନ୍ଧୀ ଜୟନ୍ତୀରୁ ୫ଟି ମହାନଗର (ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର) ସମେତ ପୁରୀ ସହରରେ ପ୍ଲାଷ୍ଟିକ ବ୍ୟବହାରକୁ ନିଷିଦ୍ଧ ଘୋଷଣା କରିଥିଲେ। ଏହି ୬ଟି ସ୍ଥାନରେ ପ୍ଲାଷ୍ଟିକ୍‌ର ବିକ୍ରି, ଉତ୍ପାଦନ, ଆମଦାନୀ, ରପ୍ତାନୀ କିମ୍ବା ବଣ୍ଟନ ଉପରେ କଟକଣା ଲଗାଇଥିଲା ଜଙ୍ଗଲ ଏବଂ ପରିବେଶ ବିଭାଗ। କେବଳ କମ୍ପୋଷ୍ଟେବୁଲ ପଲିଥିନ କ୍ୟାରି ବ୍ୟାଗ୍ ବ୍ୟବହାରକୁ ଅନୁମତି ରହିଛି। ନଭେମ୍ବର ୩ରୁ ଏହାକୁ କଡ଼ାକଡ଼ି ଭାବେ ଲାଗୁ କରାଯାଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ପୁରୀ ପୌରସଂସ୍ଥା ପକ୍ଷରୁ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚଢାଉ କରାଯାଇଥିଲା। ମାତ୍ର ଧରପଗଡ଼ ଶିଥିଳ ହୋଇପଡ଼ିବା ପରେ ପୁଣି ପଲିଥିନ ଓ ପ୍ଲାଷ୍ଟିକ କାରବାର ବ୍ୟାପକ ମାତ୍ରାରେ ଚାଲିଛି। ଅଧିକାଂଶ ସମୟରେ ପ୍ଲାଷ୍ଟିକ ଓ ପଲିଥିନ ଯୋଗୁ ଡ୍ରେନ୍ ଚୋକ୍ ହୋଇଯାଉଛି। ଫଳରେ ବର୍ଷା ହେଲେ ପୁରୀ ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ପୁରୀ ସହରରେ ପଲିଥିନର ବହୁଳ ବ୍ୟବହାର ଚାଲିଛି। ପୌରସଂସ୍ଥା ପକ୍ଷରୁ ଧରପଗଡ଼ ହେଉନାହିଁ। ଏ ନେଇ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ କହିଛନ୍ତି, ପୌରସଂସ୍ଥା ପକ୍ଷରୁ ବିଭିନ୍ନ ସମୟରେ ଚଢାଉ କରାଯାଉଛି। ରଥଯାତ୍ରା ପୂର୍ବରୁ ଚଢାଉକୁ ଆହୁରି ଜୋର୍‌ଦାର କରାଯିବ। ଯେପରି ଆଗକୁ କୌଣସି ବ୍ୟବସାୟୀ ନିଷିଦ୍ଧ ପଲିଥିନ ବ୍ୟବହାର ନ କରିବେ ସେଥିଲାଗି ପଦକ୍ଷେପ ନିଆଯିବ।

# ରଥଯାତ୍ରା ପରିଚାଳନାରେ ୧୧ ଆଇପିଏସ୍ ଅଧିକାରୀ

କଟକ ଅଫିସ, ୪।୬

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ଆସନ୍ତା ଜୁଲାଇ ୪ ତାରିଖରେ ଆରମ୍ଭ ହେବ। ରଥଯାତ୍ରା ପୂର୍ବରୁ ଆସନ୍ତା ୧୭ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା, ଜୁଲାଇ ୨ ତାରିଖରେ ନେତ୍ରୋ ଉତ୍ସବ ଓ ନବଯୌବନ ଦର୍ଶନ, ଜୁଲାଇ ୪ ତାରିଖରେ ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହେବ। ଜୁଲାଇ ୧୧ ତାରିଖରେ ନବମୀ ସନ୍ଧ୍ୟା ଦର୍ଶନ, ୧୨ ତାରିଖରେ ବାହୁଡ଼ା ଯାତ୍ରା, ୧୩ ତାରିଖରେ ସୁନାବେଶ, ୧୫ ତାରିଖରେ ନିଳାଦ୍ରୀବିଜେ ଭଳି ବହୁ କାର୍ଯ୍ୟକ୍ରମ ରହିଛି। ତେବେ ସମ୍ପୂର୍ଣ୍ଣ ରଥଯାତ୍ରାକୁ କିପରି ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରାଯିବ ସେଥିପାଇଁ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ରୋଡ ମ୍ୟାପ ପ୍ରସ୍ତୁତି କରିଛନ୍ତି। ପରିଚାଳନା ଦାୟିତ୍ୱରେ ୧୧ ଆଇପିଏସ୍ ଅଧିକାରୀଙ୍କ ସମେତ ୫ ଓପିଏସ୍ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ସୂଚାରରୂପେ ସମସ୍ତ କାର୍ଯ୍ୟ ହେବ ସେଥିପାଇଁ ବରିଷ୍ଠ ଅଧିକାରୀମାନଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଛି। ଏନେଇ ମଙ୍ଗଳବାର ଓଡ଼ିଶା ପୋଲିସ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

ରଥଯାତ୍ରା ପାଇଁ ସମ୍ପୂର୍ଣ୍ଣ ପୋଲିସ ପରିଚାଳନା ଏଡିଜି ସଞ୍ଜୀବ ପଣ୍ଡାଙ୍କ ଉପରେ ନ୍ୟସ୍ତ କରାଯାଇଛି। ତାଙ୍କୁ ସହଯୋଗ କରିବା ପାଇଁ ଆଇଜି ଏସ୍.କେ. ପ୍ରିୟଦର୍ଶୀ ଏବଂ ପୁରୀ ଜିଲା ଏସ୍‌ପି ଉମାଶଙ୍କର ଦାଶଙ୍କୁ କୁହାଯାଇଛି। ସୁରକ୍ଷା ଏବଂ ସ୍ୱତନ୍ତ୍ର ବ୍ରାଞ୍ଚ ପରିଚାଳନା ଦାୟିତ୍ୱ ଗୋଇନ୍ଦା ବିଭାଗ ଆଇଜି ଆର୍.କେ.ଶର୍ମାଙ୍କୁ ଦିଆଯାଇଛି। ସେହିପରି ଟ୍ରାଫିକ ପରିଚାଳନା ଦାୟିତ୍ୱ ଆଇଜି ଅମିତାଭ ଠାକୁରଙ୍କୁ ଦିଆଯାଇଛି। ଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ ଭଳି ଜନଗହଳି ହେବାକୁ ଥିବା ଦିନଗୁଡ଼ିକରେ ଟ୍ରାଫିକ ପରିଚାଳନା ଦାୟିତ୍ୱ ତାଙ୍କ ଉପରେ ରହିବ। ତାଙ୍କୁ ସହଯୋଗ କରିବା ପାଇଁ କ୍ରାଇମବ୍ରାଞ୍ଚ ଏସ୍‌ପି ମଡକର ସନ୍ଦୀପ ସମ୍ପତ, ଏସ୍‌ଟିଏଫ୍ ଏସ୍‌ପି ରାହୁଲ ପି.ଆର୍.ଙ୍କୁ କୁହାଯାଇଛି। ରେଲୱେ ପୋଲିସ ପରିଚାଳନା ଦାୟିତ୍ୱ ଏଡିଜି ପ୍ରାଣବିନ୍ଦୁ ଆଚାର୍ଯ୍ୟଙ୍କୁ ଦିଆଯାଇଛି। କିପରି କେଉଁ ଜାଗାରେ ଆର୍‌ପିଏଫ୍ ଅଫିସର, କର୍ମଚାରୀମାନେ କାର୍ଯ୍ୟ କରିବେ ତାହା ତାଙ୍କ ତତ୍ତ୍ୱାବଧାନରେ ହେବ। ସେହିପରି ମନ୍ଦିର ଭିତର ସୁରକ୍ଷା ଦାୟିତ୍ୱ ଆଇଜି ଏସ୍.କେ. ପ୍ରିୟଦର୍ଶୀଙ୍କୁ ଦିଆଯାଇଛି। ତାଙ୍କୁ ମନ୍ଦିର ପ୍ରଶାସନ ଏବଂ ସେବାୟତ ନିଯୋଗଙ୍କ ସହ ଆଲୋଚନା କରି ମନ୍ଦିର ଭିତରର ସୁରକ୍ଷା ଦାୟିତ୍ୱ ସମ୍ଭାଳିବାକୁ କୁହାଯାଇଛି। ବିଶେଷକରି ନବଯୌବନ ଦର୍ଶନଠାରୁ ନିଳାଦ୍ରୀବିଜେ ପର୍ଯ୍ୟନ୍ତ ମନ୍ଦିର ସୁରକ୍ଷା ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରାଯାଇଛି। ଜନଗହଳି ପରିଚାଳନା ଦାୟିତ୍ୱ ଆଇଜି ଅସୀତ କୁମାର ପାଣିଗ୍ରାହୀଙ୍କୁ ପ୍ରଦାନ କରାଯାଇଛି। ରଥଯାତ୍ରା, ସନ୍ଧ୍ୟା ଦର୍ଶନ, ବାହୁଡ଼ା ଯାତ୍ରା, ସୁନାବେଶ ଭଳି ଗୁରୁତ୍ୱପୂର୍ଣ୍ଣ ଦିନରେ ଭିଡ଼ ପରିଚାଳନା ଦାୟିତ୍ୱରେ ସେ ରହିବେ। ତାଙ୍କୁ ଏଥିରେ ଆଇଜି ବିବେକାନନ୍ଦ ଶର୍ମା ସହଯୋଗ କରିବେ। କର୍ଡନ ପରିଚାଳନା ଦାୟିତ୍ୱ ଆଇଜି ଅରୁଣ ବୋଥ୍ରାଙ୍କୁ ଦିଆଯାଇଛି। ବିଶେଷକରି ୩ଟି ରଥର କର୍ଡନ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରାଯାଇଛି। ଯୋଗାଯୋଗ ପରିଚାଳନା ଦାୟିତ୍ୱ ଓପିଏସ୍ ଅଧିକାରୀ ବି.ଏନ୍. ଦାସଙ୍କୁ ଦିଆଯାଇଛି। ଆବଶ୍ୟକତା ଅନୁଯାୟୀ ଫୋର୍ସ ଯୋଗାଇଦେବାକୁ କୁହାଯାଇଛି। କ୍ୟାମ୍ପ କମାଣ୍ଡାଣ୍ଟ ଦାୟିତ୍ୱ କମାଣ୍ଡାଣ୍ଟ ବି.କେ. ନନ୍ଦଙ୍କୁ ପ୍ରଦାନ କରାଯାଇଛି। ସେ ସମସ୍ତ ଫୋର୍ସମାନଙ୍କର ଯିବା ଆସିବା ଏବଂ ରିପୋର୍ଟିଂ କରିବାରେ ସମୟ ନିର୍ଦ୍ଧାରଣ କରିବେ। କିପରି ଫୋର୍ସମାନେ ଠିକ୍ ସମୟରେ କାର୍ଯ୍ୟରେ ଯୋଗଦେବେ ତା'ର ଦାୟିତ୍ୱ ତାଙ୍କୁ ଦିଆଯାଇଛି।

ଭିଆଇପିମାନଙ୍କ ସୁରକ୍ଷା ଦାୟିତ୍ୱ କମାଣ୍ଡାଣ୍ଟ ଆର୍.କେ. ସାହୁଙ୍କୁ ପ୍ରଦାନ କରାଯାଇଛି। ପୁରୀକୁ ଆସୁଥିବା ସମସ୍ତ ଭିଆଇପିମାନଙ୍କ ସୁରକ୍ଷା ବ୍ୟବସ୍ଥା ତାଙ୍କ ଉପରେ ନ୍ୟସ୍ତ କରାଯାଇଛି। କଣ୍ଟ୍ରୋଲ ରୁମ୍ ଦାୟିତ୍ୱରେ ଓପିଏସ୍ ଅଧିକାରୀ ଏସ୍.ସି. ପାହୀଙ୍କୁ ଦିଆଯାଇଛି। ପୁରୀ ଟାଉନର କଣ୍ଟ୍ରୋଲ ରୁମ୍ ଦାୟିତ୍ୱରେ ତାଙ୍କୁ ରଖାଯାଇଛି। ପୋଲିସ ପରିଚାଳନା ଦାୟିତ୍ୱ ପୁରୀ ଏସ୍‌ପି ଉମାଶଙ୍କର ଦାଶଙ୍କ ଉପରେ ନ୍ୟସ୍ତ ଥିବା ବେଳେ ପରିଚାଳନା କ୍ଷେତ୍ରରେ ବରିଷ୍ଠ ଅଧିକାରୀମାନଙ୍କ ପରାମର୍ଶ ନେବାକୁ କୁହାଯାଇଛି।

## ମାନିଲେ ତହସିଲଦାର ତଦନ୍ତରେ ଅନିୟମିତତା ହୋଇଛି

ଗୋପ, ୪।୬(ଡି.ଏନ୍.ଏ.)

ସାମୁଦ୍ରିକ ଝଡ଼ ଫନୀରେ ଗୋପ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ଘରଭଙ୍ଗା ତଦନ୍ତରେ ଅନିୟମିତତା ଅଭିଯୋଗ ଆସିଥିଲା। ପରେ ମଙ୍ଗଳବାର ଗୋପ ବ୍ଲକ ସଭା ଗୃହରେ ଗୋପ ବିଡିଓ ଦୀପ୍ତିରାଣୀ ଦାସ ତହସିଲଦାର ପୃଥ୍ୱୀରାଜ ମଣ୍ଡଳଙ୍କ ଉପସ୍ଥିତିରେ ଜନ ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ କରିଥିଲେ। ଏହି ବୈଠକରେ ଜନ ପ୍ରତିନିଧିମାନେ ଘରଭଙ୍ଗା ତଦନ୍ତରେ ବ୍ୟାପକ ଅନିୟମିତତା ନେଇ ଅଭିଯୋଗ ଉଠେଇବା ପରେ ତହସିଲଦାର ମଣ୍ଡଳ ଏହାକୁ ସ୍ୱୀକାର କରିବା ସହ ସୁଧାରିବା ଲାଗି ଆପଣମାନଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ବାତ୍ୟାରେ ଗୋପ ବ୍ଲକର ୩୧ଟି ପଞ୍ଚାୟତରେ ପ୍ରାୟ ୭୦ ହଜାରରୁ ଉର୍ଦ୍ଧ୍ୱ ଘର ଭାଙ୍ଗିଥିବାବେଳେ ଏପର୍ଯ୍ୟନ୍ତ ଗୋପ ତହସିଲ ପକ୍ଷରୁ ୧୬ ହଜାର ଭଙ୍ଗା ଘରର ତଦନ୍ତ ସରିଥିବା ତହସିଲ ପକ୍ଷରୁ କୁହାଯାଇଥିଲା। ତଦନ୍ତରେ ତହସିଲ ପକ୍ଷରୁ ୩୪ ଗୋଟି ଟିମ୍ ସାମିଲ ହୋଇଥିଲେ।

## ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ନିମାପଡ଼ା,୪।୬(ଡି.ଏନ୍.ଏ.)

ପବିତ୍ର ରମଜାନ ମାସ ଅବସରରେ ନିମାପଡ଼ା ବ୍ଲକ ଅନ୍ତର୍ଗତ କଳାପାଞ୍ଚଣ ପଞ୍ଚାୟତର କଳାପାଞ୍ଚଣ ମୁସଲିମ ବସ୍ତିରେ ମଙ୍ଗଳବାର ଇଫତାର ପାର୍ଟି ଆୟୋଜିତ ହୋଇଥିଲା। ଏଥିରେ ନିମାପଡ଼ା ବିଧାୟକ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ହଜାର ହଜାର ସଂଖ୍ୟାରେ ମୁସଲିମ ଓ ହିନ୍ଦୁ ଭଉଣୀ ଓ ଭାଇମାନେ ମନ୍ତ୍ରୀ ଦାଶଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଅତିଥିଭାବେ ଖାଜେ ଜାକିର, ସେକ ମହସିନ, ଖାଜେ ମେହେବୁବ, କାସିମ ଖାଁ, ଅଭିମନ୍ୟୁ ପଣ୍ଡା, ସୁନୀତା ସିଂ, ପ୍ରଭାତ ଦାଶ ଓ ଦୀନବନ୍ଧୁ ସାହୁ ପ୍ରମୁଖ ମନ୍ତ୍ରୀଙ୍କୁ ସଭାସ୍ଥଳକୁ ପାଛୋଟି ଆଣିଥିଲେ। ତାଙ୍କୁ ଚଳିତ ନିର୍ବାଚନରେ ବିଜୟୀ କରିଥିବାରୁ ମନ୍ତ୍ରୀ କଳାପାଞ୍ଚଣ ପଞ୍ଚାୟତବାସୀଙ୍କୁ କୃତଜ୍ଞତା ଜଣାଇଥିଲେ।

### ଯୌତୁକ ପାଇଁ ବଧୂଙ୍କୁ ପୋଡ଼ି ହତ୍ୟା ଘଟଣା

## ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ: ଜେଲ ଗଲେ ସ୍ୱାମୀ, ଶ୍ୱଶୁର

ଭୁବନେଶ୍ୱର, ୪।୬(ବ୍ୟୁରୋ)

ଯୌତୁକ ପାଇଁ ଗତ ରବିବାର ରାତିରେ ପୁରୀ ଜିଲା ନିମାପଡା ଥାନା ଅନ୍ତୁଆର ପଞ୍ଚାୟତର ତରଡାପଡା ଜେନାସାହିରେ ଦୀପ୍ତିମୟୀ ଜେନା ନାମ୍ନୀ ବଧୂଙ୍କୁ ଶାଶୁ ଘର ଲୋକେ ପୋଡି ହତ୍ୟା କରିଥିଲେ। ସାବିତ୍ରୀ ବ୍ରତ ପୂର୍ବ ରାତିରେ ଏଭଳି ଏକ ନୃଶଂସ ହତ୍ୟା ଘଟିଥିବାରୁ ଗ୍ରାମରେ ଏକ ପ୍ରକାର ଚାପା ଉତ୍ତେଜନା ଦେଖିବାକୁ ମିଳୁଛି। ଏପରିକି ହତ୍ୟା କରିଥିବା ଶାଶୁଘର ଲୋକଙ୍କୁ ତୁରନ୍ତ ଗିରଫ କରିବା ସହ କଡା କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ପୋଲିସ ନିକଟରେ ଦାବି କରିଥିଲେ। ଅନ୍ୟପକ୍ଷରେ ଏହାକୁ ନେଇ ମଙ୍ଗଳବାର ଜାତୀୟ ମାନବାଧିକାର କମିଶନର(ଏନ୍‌ଏଚ୍‌ଆରସି)ଙ୍କ ନିକଟରେ ଏକ ପିଟିଶନ୍ ହୋଇଛି। ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଏହି ପିଟିସନ୍ କରିଛନ୍ତି। ପିଟିଶନ୍‌କୁ କମିଶନର କାର୍ଯ୍ୟାଳୟ ଗୁରୁତର ସହ ନେଇ ଗ୍ରହଣ କରିଥିବା ଜଣାପଡିଛି। ଅନ୍ୟପକ୍ଷରେ ଗିରଫ ହୋଇଥିବା ଶ୍ୱଶୁର ରବୀନ୍ଦ୍ର ଜେନା ଏବଂ ସ୍ୱାମୀ କୃଷ୍ଣଚନ୍ଦ୍ରଙ୍କୁ ନିମାପଡା ପୋଲିସ ଗିରଫ କରିଥିଲା। ପୋଲିସ ସେମାନଙ୍କ ନଂ. ୧୪୦/୧୯ କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଜାମିନ୍ ନାମଞ୍ଜୁର ହେବାରୁ ଜେଲ୍‌କୁ ପଠାଇ ଦିଆଯାଇଛି। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଶାଶୁ ମଞ୍ଜୁଲତା ଓ ଦିଅର ଧନେଶ୍ୱର ଫେରାର ରହିଛନ୍ତି। ସେମାନଙ୍କୁ ଧରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

କୋଣାର୍କ ଥାନା ଗୋଲରାଗଡ ଗ୍ରାମର ଦୀପ୍ତିମୟୀ ୨୦୧୫ରେ ତରଡାପଡା ଗ୍ରାମର କୃଷ୍ଣଚନ୍ଦ୍ରଙ୍କୁ ବିବାହ କରିଥିଲେ। ବିବାହ ବେଳେ ଦାବି ମୁତାବକ ଯୌତୁକ କନ୍ୟା ଘର ଲୋକେ ଦେଇଥିଲେ। ବାହାଘରର କିଛିମାସ ପରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ଦୀପ୍ତିମୟୀଙ୍କୁ ନିର୍ଯାତନା ଦେଉଥିବାରୁ ସେ ବାପଘରଙ୍କୁ ଜଣାଇଥିଲେ। ହେଲେ ରବିବାର ରାତିରେ ଶାଶୁଘର ଲୋକେ ଯୌତୁକ ଲୋଭରେ ଦୀପ୍ତିମୟୀଙ୍କ ଦେହରେ ନିଆଁ ଲଗାଇ ଦେଇଥିଲେ। ରାତିରେ ରବୀନ୍ଦ୍ରଙ୍କ ଘରେ ନିଆଁ ଜଳୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚିବା ବେଳକୁ ଦିପ୍ତୀମୟୀଙ୍କ ମୃତ୍ୟୁ ଘଟି ସାରିଥିଲା। ଅଧା ପୋଡା ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ହସ୍ପିଟାଲକୁ ପଠାଇଥିଲା। ସେହିଦିନ ରାତିରେ ପୋଲିସ ଶ୍ୱଶୁର ଏବଂ ସ୍ୱାମୀକୁ କାବୁ କରି ଥାନାରେ ଅଟକ ରଖିଥିଲେ।

## ଦିବ୍ୟାଙ୍ଗଙ୍କୁ ରିଲିଫ୍ କିଟ୍ ବଣ୍ଟନ

ସାକ୍ଷୀଗୋପାଳ, ୪।୬(ଡି.ଏନ୍.ଏ.)

ବାତ୍ୟାରେ କ୍ଷତିଗ୍ରସ୍ତ ସତ୍ୟବାଦୀ ବ୍ଲକ ୨୪ ପଞ୍ଚାୟତର ୧୭୦୦ ଦିବ୍ୟାଙ୍ଗମାନଙ୍କୁ ବ୍ଲକ କାର୍ଯ୍ୟାଳୟ ପରିସରରେ ରିଲିଫ୍ କିଟ୍ ବଣ୍ଟନ କରାଯାଇଛି। ସାମାଜିକ ନିରାପତ୍ତା ଓ ଭିନ୍ନକ୍ଷମ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ବ୍ଲକ ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ବିଡିଓ ସରୋଜ କୁମାର ଦତ୍ତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ପ୍ରତେକ ଭିନ୍ନକ୍ଷମଙ୍କୁ ରିଲାଏନ୍ସ ଫାଉଣ୍ଡେସନ ପକ୍ଷରୁ ଗୋଟିଏ ବାଲଟି, ମଗ, ଅଟା, ତେଲ, ବ୍ରସ, ପେଷ୍ଟ, ଡାଲି, ଚାଉଳ, ଫିନାଇଲ୍, ସାବୁନ, ମଶାଧୂପ, ଦିଆସିଲ ଆଦି ଯୋଗାଇ ଦେଇଥିବା ବେଳେ ମନ୍ତ୍ରୀ ମଶାରୀ ଯୋଗାଇ ଦେଇଥିଲେ।



ମନ୍ତ୍ରୀ ଏବଂ ବିଧାୟକ ରିଲିଫ୍ ବଣ୍ଟନ କରୁଛନ୍ତି।

### ଅପରାଧ ନିୟନ୍ତ୍ରଣ ସମୀକ୍ଷା ବୈଠକ

## ଅପରାଧୀଙ୍କ ତାଲିକା ପ୍ରସ୍ତୁତି ନିର୍ଦ୍ଦେଶ

### ବାତ୍ୟାରେ ସବୁ ସିସିଟିଭି କ୍ୟାମେରା ନଷ୍ଟ ଯୋଗୁ ପୋଲିସର ଚିନ୍ତା

ପୁରୀ ଅଫିସ, ୪।୬

ପୁରୀ ସହରର ଆଇନଶୃଙ୍ଖଳା ଏବଂ ଅପରାଧ ନିୟନ୍ତ୍ରଣ ଲାଗି ବିଭିନ୍ନ ସ୍ଥାନରେ ୨୧୦ଟି ସିସିଟିଭି କ୍ୟାମେରା ଲଗାଯାଇଥିଲା। ବାତ୍ୟାରେ ସମସ୍ତ ସିସିଟିଭି କ୍ୟାମେରା ନଷ୍ଟ ହୋଇଯାଇଥିବା ଏସ୍‌ପି ଡା. ଉମାଶଙ୍କର ଦାଶ ମଙ୍ଗଳବାର ଅପରାଧ ନିୟନ୍ତ୍ରଣ ସମୀକ୍ଷା ବୈଠକରେ ସୂଚନା ଦେଇଛନ୍ତି। ଫଳରେ ଅପରାଧ ନିୟନ୍ତ୍ରଣ ନେଇ ପୋଲିସର ମୁଣ୍ଡବ୍ୟଥା ବଢିଛି। ତୁରନ୍ତ ସିସିଟିଭି କ୍ୟାମେରାଗୁଡ଼ିକୁ କାର୍ଯ୍ୟକ୍ଷମ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ଆଗକୁ ରଥଯାତ୍ରା ଥିବାରୁ ସମସ୍ତ ଥାନା ଅଧିକାରୀ ସଜାଗ ରହିବା ସହ ଜେଲ ଫେରନ୍ତା ଅପରାଧୀଙ୍କ ତାଲିକା ପ୍ରସ୍ତୁତି କରିବାକୁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ଯାନବାହନ ଚେକିଂ, ରାତ୍ରିକାଳୀନ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ କହିଛନ୍ତି। ପୁରୀ ସହରର ସିସିଟିଭି ସର୍ଭେଲାନ୍ସ ସମ୍ପର୍କରେ ଆଲୋଚନା ହୋଇଥିଲା। ବଡ଼ଦାଣ୍ଡ, ସ୍ୱର୍ଗଦ୍ୱାର, ବେଳାଭୂମି, କୋର୍ଟ ଛକ, ପୌର ସଦନ ଛକ, ମେଡିକାଲ ଛକ, ଗୁଣ୍ଡିଚା ମନ୍ଦିର, ଅଠରନଳା, ପୁରୀ ପ୍ରବେଶ ପଥ ପ୍ରଭୃତି ଜନଗହଳି ସ୍ଥାନରେ ଲାଗିଥିବା ସିସିଟିଭି କ୍ୟାମେରା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ପ୍ରାୟ ୨କୋଟି ଟଙ୍କାର ସିସିଟିଭି କ୍ଷତିଗ୍ରସ୍ତ ହୋଇଛି। ରଥଯାତ୍ରା ପୂର୍ବରୁ ଏହାକୁ ପୁନଃ କାର୍ଯ୍ୟକ୍ଷମ କରାଯିବ ବୋଲି ଏସ୍‌ପି କହିଛନ୍ତି।

# ଅଗଷ୍ଟ ୧୮ରୁ ପାରାଦୀପରେ ଆର୍ମି ନିଯୁକ୍ତି ରାଲି

କଟକ ଅଫିସ,୪।୬

### ଜୁନ ୧୯ରୁ ଅନ୍‌ଲାଇନରେ ନାମ ପଞ୍ଜୀକରଣ

ଅଗଷ୍ଟ ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ କଟକ ଆର୍ମି ନିଯୁକ୍ତି କାର୍ଯ୍ୟାଳୟ ଆନୁକୂଲ୍ୟରେ ପାରାଦୀପସ୍ଥିତ ଗୋପବନ୍ଧୁ ଷ୍ଟାଡିୟମଠାରେ ଆର୍ମି ନିଯୁକ୍ତି ରାଲି ଅନୁଷ୍ଠିତ ହେବ। ସୋଲଜର ଜେନେରାଲ ଡ୍ୟୁଟି, ସୋଲଜର ଟେକ୍ନିକାଲ, ସୋଲଜର ଟେକ୍ନିକାଲ (ନର୍ସିଂ ଆସିଷ୍ଟାଣ୍ଟ), ସୋଲଜର ଟେକ୍ନିକାଲ (ଏ ଏମ୍‌ଏନ୍ ଏକ୍‌ଜାମିନର), ସୋଲଜର (କ୍ଲର୍କ), ଷ୍ଟୋରକିପର ଏବଂ ସୋଲଜର ଟ୍ରେଡସ୍‌ମ୍ୟାନ ପଦବୀ ପାଇଁ ଏହି ରାଲି ଅନୁଷ୍ଠିତ ହେବ। ଏହି ନିଯୁକ୍ତି ରାଲିରେ କେନ୍ଦ୍ରାଞ୍ଚଳ ଅନ୍ତର୍ଗତ କଟକ, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ନୟାଗଡ଼, ବାଲେଶ୍ୱର, ଖୋର୍ଦ୍ଧା, ଯାଜପୁର, ପୁରୀ ଓ ଭଦ୍ରକ ଆଦି ଜିଲାର ଯୋଗ୍ୟ ବିବେଚିତ ପ୍ରାର୍ଥୀମାନେ ଅଂଶଗ୍ରହଣ କରିପାରିବେ। ଏଥିପାଇଁ ପ୍ରାର୍ଥୀମାନେ ଜୁନ ୧୯ଠାରୁ ଅଗଷ୍ଟ ୨ତାରିଖ ପର୍ଯ୍ୟନ୍ତ ଆର୍ମି ନିଯୁକ୍ତି ନିର୍ଦ୍ଦେଶାଳୟ ୱେବସାଇଟ୍ http://joinindianarmy.nic.inକୁ ଯାଇ ନିଜ ନାମ ପଞ୍ଜୀକରଣ କରିବାକୁ ଆର୍ମି ନିଯୁକ୍ତି କାର୍ଯ୍ୟାଳୟ ନିର୍ଦ୍ଦେଶକ କର୍ଣ୍ଣେଲ ଆଶିଷ ମୋହନ ତ୍ରିଖା ସୂଚନା ଦେଇଛନ୍ତି। ପଞ୍ଜୀକରଣ ଓ ଅନ୍‌ଲାଇନ ଆବେଦନ କରିବା ପରେ ପ୍ରାର୍ଥୀମାନେ ନିଜର ବ୍ୟବହାରକାରୀଙ୍କ ନାମ (ୟୁଜର ନେମ୍) ଓ ପାସ୍‌ୱାର୍ଡ ବ୍ୟବହାର କରି ପ୍ରବେଶପତ୍ର ବା ଆଡମିଟ କାର୍ଡ ଡାଉନଲୋଡ କରି ପ୍ରିଣ୍ଟଆଉଟ ବାହାର କରିବେ। ସ୍ପଷ୍ଟ ଦେଖାଯିବା ପାଇଁ ଏ-୪ ସାଇଜ୍ କାଗଜରେ ଏହି ଆଡମିଟ୍ କାର୍ଡର ପ୍ରିଣ୍ଟ ଆଉଟ୍ ପ୍ରାର୍ଥୀମାନେ ବାହାର କରି ନିଯୁକ୍ତି ରାଲିରେ ଯୋଗଦେଇପାରିବେ ବୋଲି ଆର୍ମି ନିଯୁକ୍ତି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

## ବାହାର ଔଷଧ ଲେଖିଲେ କାର୍ଯ୍ୟାନୁଷ୍ଠାନ ହେଉ

### ସିଡିଏମ୍‌ଓଙ୍କୁ ଭେଟିଲା ରୋଗୀ ସୁରକ୍ଷା ଓ ଅଧିକାର ମଞ୍ଚ

ପୁରୀ ଅଫିସ, ୪।୬

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ପ୍ରସଙ୍ଗକୁ ନେଇ ରୋଗୀ ସୁରକ୍ଷା ଓ ଅଧିକାର ମଞ୍ଚର ଏକ ପ୍ରତିନିଧି ଦଳ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ) ଅମରେନ୍ଦ୍ର ମହାନ୍ତିଙ୍କୁ ଭେଟିଛନ୍ତି। ସାଧାରଣ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତରଣ ବନ୍ଦ କରିବା, ରୋଗୀଙ୍କ ପ୍ରତି ଡାକ୍ତରମାନେ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା, ଶଯ୍ୟା ସଂଖ୍ୟା ବୃଦ୍ଧି ସହ ବିଦ୍ୟୁତ ଏବଂ ପରିମଳ ବ୍ୟବସ୍ଥା ଉପରେ ମଞ୍ଚ କର୍ମକର୍ତ୍ତାମାନେ ସିଡିଏମ୍‌ଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନିରାମୟ ଯୋଜନାରେ ରୋଗୀଙ୍କୁ ଔଷଧ ମିଳୁନାହିଁ। କେତେଜଣ ଡାକ୍ତର ନିୟମିତ ଭାବେ ବାହାର ଔଷଧ ଲେଖୁଛନ୍ତି। ଫଳରେ ଗରିବ ରୋଗୀ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ବାହାର ଔଷଧ ଲେଖୁଥିବା ଡାକ୍ତରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ମଞ୍ଚ ପକ୍ଷରୁ ଦାବି ହୋଇଛି। ରଥଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଏହି ଦୃଷ୍ଟିରୁ ପର୍ଯ୍ୟାପ୍ତ ପରିମାଣର ରକ୍ତ ସଂଗ୍ରହ ସହ ମହଜୁଦ ରଖିବା ଲାଗି ମଞ୍ଚ କର୍ମକର୍ତ୍ତା ସିଡିଏମ୍‌ଓଙ୍କୁ ଅନୁରୋଧ କରିଛନ୍ତି। ମୁଖ୍ୟ ଚିକିତ୍ସାଳୟ ପରିସରରେ ପାର୍କିଂ ସ୍ଥାନ ଚିହ୍ନଟ କରାଯିବାକୁ ଦାବି ହୋଇଛି। ଚିକିତ୍ସାଳୟରେ ଶଯ୍ୟା ସଂଖ୍ୟା ବଢାଇବା ସହ ଆହାର କେନ୍ଦ୍ରକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବାକୁ ପ୍ରସ୍ତାବ ଦେଇଛି ମଞ୍ଚ। ଏହି ଅବସରରେ ମଞ୍ଚ ସଭାପତି ଆଦିତ୍ୟ ମିଶ୍ର, ଆବାହକ ସୁରେନ୍ଦ୍ରନାଥ ଦାଶ, ସମ୍ପାଦକ ବିରେନ୍ଦ୍ର ଭୂଷଣ ହୋତା, ଶରତ ରଥ, ବିଦ୍ୟୁଲତା ଆଚାର୍ଯ୍ୟ,ବାଳକୃଷ୍ଣ ମହାପାତ୍ର, ସୁପ୍ରିୟା ପାତ୍ର, ଶରତ ରାୟଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

### ଘରଭଙ୍ଗା ତଦନ୍ତରେ ଅନିୟମିତତାର ପ୍ରତିବାଦ

# ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଲେ ବିପନ୍ନ

ଗୋପ, ୪।୬(ଡି.ଏନ୍.ଏ.)

ଗୋପ ବ୍ଲକ ଅଧୀନ ତରକୋର ଗ୍ରାମ ପଞ୍ଚାୟତରେ ଘରଭଙ୍ଗା ତଦନ୍ତରେ ବ୍ୟାପକ ଅନିୟମିତତା ଅଭିଯୋଗ ଆସିଛି। ପ୍ରତିବାଦରେ ମଙ୍ଗଳବାର ତରକୋର ଗ୍ରାମର ସୁଶାନ୍ତ କୁମାର ଜେନାଙ୍କ ନେତୃତ୍ୱରେ ୧୦୦ରୁ ଉର୍ଦ୍ଧ୍ୱ ବିପନ୍ନ ଗୋପ ବ୍ଲକ ସମ୍ମୁଖରେ ଧାରଣା ଦେଇଥିଲେ। ଦୀର୍ଘ ଦୁଇ ଘଣ୍ଟା ପରେ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ା ଏହି ପଞ୍ଚାୟତରେ ପୁନଃ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତରକୋର ପଞ୍ଚାୟତକୁ ତଦନ୍ତ ପାଇଁ ଯାଉଥିବା ଅଧିକାରୀମାନେ ଠିକ୍ ଭାବରେ ତଦନ୍ତ କରି ନ ଥିବା ବିଷ୍ଣୁ ବେହେରା, ଦିଲୀପ ପ୍ରଧାନ, ଶ୍ରୀଧର ସ୍ୱାଇଁ, ବାବାଜି ଶାଶମଲ, ରଶ୍ମିରଞ୍ଜନ ବରାଳ, ଶିବ ନାରାୟଣ ମୁଦୁଲି, ଯଶୋବନ୍ତ ସାମଲଙ୍କ ସହିତ ଆଉ କେତେକ ବିପନ୍ନ ବ୍ଲକ୍ ଆଗରେ ଧାରଣା ଦେଇଥିଲେ। ଅଙ୍ଗନୱାଡ଼ି କର୍ମୀ ଓ ଗ୍ରାମରୋଜଗାର ସେବକ ମିଶି ଏପରି ପକ୍ଷପାତିତା କରିଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଥିବାବେଳେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ବିପନ୍ନମାନେ ଦାବି କରିଥିଲେ। ଏ ସମ୍ପର୍କରେ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ପଚାରିବାରେ ଅଭିଯୋଗ ହୋଇଛି। ଅଭିଯୋଗ ସମ୍ପର୍କରେ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ନେବି ବୋଲି ସେ କହିଥିଲେ।



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିପନ୍ନମାନେ ଧାରଣା ଦେଉଛନ୍ତି।